**ସଂକ୍ଷେପରେ**

## ମଣିପୁର ହିଂସା ବନ୍ଦ ପାଇଁ ୟୁରୋପୀୟ ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ

**ନୂଆଦିଲ୍ଲୀ, ୧୪ା୭:** ମଣିପୁର ହିଂସା ବନ୍ଦ ସାଙ୍ଗକୁ ଧର୍ମୀୟ ସଂଖ୍ୟାଲଘୁ ବିଶେଷ କରି ଖ୍ରୀଷ୍ଟିୟାନମାନଙ୍କ ସୁରକ୍ଷା ଲାଗି ଭାରତ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ ଦେଇ ୟୁରୋପୀୟ ପାର୍ଲାମେଣ୍ଟରେ ଗୁରୁବାର ପ୍ରସ୍ତାବ ଗୃହୀତ ହୋଇଛି। ୫ ରାଜନୈତିକ ସଂଗଠନ ପକ୍ଷରୁ ୟୁରୋପୀୟ ପାର୍ଲାମେଣ୍ଟରେ ପ୍ରସ୍ତାବ ଅଣାଯାଇଥିଲା। ମଣିପୁର ଜାତିଆଣ ସଂଘର୍ଷରେ ୧୨୦ ଲୋକଙ୍କ ଜୀବନ ଯିବା ଓ ୫୦ ହଜାର ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେବା ଘଟଣାରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଭାରତର ଆଭ୍ୟନ୍ତରୀଣ ମାମଲାରେ ୟୁରୋପୀୟ ପାର୍ଲାମେଣ୍ଟର ହସ୍ତକ୍ଷେପ ଗ୍ରହଣୀୟ ନୁହେଁ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି। ଏଥିରୁ ଉପନିବେଶୀୟ ମାନସିକତା ପ୍ରତିଫଳିତ ହେଉଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି।

## ପୂର୍ବତନ ଏମ୍‌ପି, ସଚିବ ଦୋଷୀ

**କୋଇଲା ଦୁର୍ନୀତି ମାମଲା**

**ନୂଆଦିଲ୍ଲୀ, ୧୪ା୭ :** ଛତିଶଗଡ଼ରେ କୋଇଲା ବ୍ଲକ୍ ଆବଣ୍ଟନରେ ଅନିୟମିତତା ମାମଲାରେ ଦିଲ୍ଲୀର ଏକ ସ୍ୱତନ୍ତ୍ର ଅଦାଲତ ପୂର୍ବତନ ରାଜ୍ୟ ସଭା ସଦସ୍ୟ ବିଜୟ ଦର୍ଦା, ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତା ଓ ଅନ୍ୟ ୭ ଜଣଙ୍କୁ ଗୁରୁବାର ଦୋଷୀସାବ୍ୟସ୍ତ କରିଛନ୍ତି। କୋଇଲା ଦୁର୍ନୀତି ମାମଲାରେ ଏହା ୧୩ତମ ଦୋଷୀସାବ୍ୟସ୍ତ। ସ୍ୱତନ୍ତ୍ର ବିଚାରପତି ସଞ୍ଜୟ ବଂଶଲ ଏହି ରାୟ ପ୍ରଦାନ କରିଛନ୍ତି। ଦୋଷୀସାବ୍ୟସ୍ତ ହୋଇଥିବା ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ଦାର୍ଦାଙ୍କ ପୁଅ ଦେବେନ୍ଦ୍ର ଦର୍ଦା, ଦୁଇ ବରିଷ୍ଠ ପ୍ରଶାସନିକ ଅଧିକାରୀ କେ.ଏସ୍. କ୍ରୋଫା ଏବଂ କେ.ସି. ସମ୍ରିଆ, ଜେଏଲ୍‌ଡି ୟାଭାତମାଲ ଏନର୍ଜି ପ୍ରା.ଲିଃ ଏବଂ ଏହାର ନିର୍ଦ୍ଦେଶକ ମନୋଜ କୁମାର ଜୟସ୍ୱାଲ। ଆସନ୍ତା ୧୮ରେ ଅଦାଲତ ଦଣ୍ଡାଦେଶ ଶୁଣାଇବେ।

## ଆସାମର ୬୨ ସୀମାନ୍ତ ଗ୍ରାମକୁ ନିଜର କହିଲା ମିଜୋରାମ

**ଆଇଜଲ୍, ୧୪ା୭:** ଆସାମ ସୀମାରେ ଥିବା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବସ୍ଥିତ ୬୨ ଗ୍ରାମ ମିଜୋରାମ ଅଞ୍ଚଳ ମଧ୍ୟରେ ବୋଲି ଏହାର ଗୃହମନ୍ତ୍ରୀ ଲାଲ୍‌ଚାମଲିଆନା ଶୁକ୍ରବାର କହିଛନ୍ତି। ୧୮୭୫ ବେଙ୍ଗଲ ଇଷ୍ଟର୍ନ ଫ୍ରଣ୍ଟିୟର ରେଗୁଲେଶନ ଅନୁଯାୟୀ ସଂରକ୍ଷିତ ଜଙ୍ଗଲର ଇନର ଲାଇନ ଏହାର ପ୍ରକୃତ ସୀମା ହୋଇଥିବାରୁ ମିଜୋରାମ ଦୀର୍ଘବର୍ଷ ଧରି ୧,୩୧୮ ବର୍ଗକିଲୋମିଟର ଅଞ୍ଚଳକୁ ନିଜ ଦାବି କରିଆସୁଛି। ଅନ୍ୟପକ୍ଷରେ ୧୯୩୩ର ସର୍ଭେ ଅଫ୍ ଇଣ୍ଡିଆ ମାନଚିତ୍ରରେ ଦର୍ଶାଯାଇଥିବା ସୀମାକୁ ସାମ୍ବିଧାନିକ ସୀମା ବୋଲି ଆସାମ ଦାବି କରୁଛି। ମିଜୋରାମର ୩ ଜିଲାର ୧୬୪.୬ କିଲୋମିଟର ସୀମାକୁ ଲାଗି ଆସାମର ୩ ଜିଲା ରହିଛି। ସୀମାନ୍ତ ଗ୍ରାମଗୁଡ଼ିକ ଉପରେ ଦାବି ଜଣାଇ ମିଜୋରାମ ଗତ ଫେବୃୟାରୀରେ ଆସାମ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିଥିଲା ଓ ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଉଛି ବୋଲି ଲାଲଚମଲିଆନା କହିଛନ୍ତି।

# ଦେଶରେ ବିପତ୍ତି, ବିଦେଶରେ ମୋଦି

## ମଣିପୁରରେ ନିଆଁ, ଦିଲ୍ଲୀରେ ବନ୍ୟା, ପ୍ୟାରିସ୍‌ରେ ଫଟୋଅପ୍








**ଭାଜପା ଶାସିତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁର ପ୍ରାୟ ଅଢ଼େଇ ମାସ ଧରି ଜଳୁଛି। ଜାତିଆଣ ହିଂସାରେ ପାଖାପାଖି ୨୦୦ ଜଣଙ୍କ ଜୀବନ ଗଲାଣି। କେନ୍ଦ୍ର ସରକାର ଅଦ୍ୟାବଧି ଏହି ରାଜ୍ୟକୁ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ପଠାଇପାରି ନାହାନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ମଣିପୁର ଗସ୍ତ ଶାନ୍ତି ଫେରାଇ ଆଣିବାରେ ବିଫଳ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗରେ ମୁହଁ ଖୋଲୁ ନାହାନ୍ତି। ଲଗାଣ ବର୍ଷା ଯୋଗୁ ଆସାମ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ଗୁଜରାଟ ଓ ହିମାଚଳ ପ୍ରଦେଶରେ ପ୍ରଳୟଙ୍କରୀ ବନ୍ୟା ବହୁ ଧନଜୀବନ ହାନିର କାରଣ ପାଲଟିଛି। ଦିଲ୍ଲୀରେ ଯମୁନା ନଦୀ ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଲାଲକିଲ୍ଲାଠୁ ନେଇ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଯୁଆଡ଼େ ଚାହିଁଲେ ପାଣି ହିଁ ପାଣି ଦେଖାଯାଉଛି। ବନ୍ୟାଜଳରେ ଜାତୀୟ ରାଜଧାନୀ ଦିଲ୍ଲୀ ଏକପ୍ରକାର ବୁଡ଼ିଗଲାଣି। କିନ୍ତୁ ମୋଦିଙ୍କୁ ଏସବୁ ଆଦୌ ପ୍ରଭାବିତ କରୁ ନ ଥିବା ମନେହେଉଛି। କାରଣ ଦେଶର ଏତେ ବଡ଼ ବିପତ୍ତି ବେଳେ ମୋଦି ଫ୍ରାନ୍ସ ଗସ୍ତ କରି ଫଟୋ ପାଇଁ ପୋଜ୍ ଦେବାରେ ବ୍ୟସ୍ତ ଅଛନ୍ତି।**

**ଇମ୍ଫାଲ/ନୂଆଦିଲ୍ଲୀ/ପ୍ୟାରିସ୍, ୧୪ା୭**
**(ପ୍ରସ୍ତୁତିଃ ଦୁର୍ଯ୍ୟୋଧନ ମିଶ୍ର)**

୨୦୨୩ ଏପ୍ରିଲରେ ମଣିପୁର ହାଇକୋର୍ଟ ମେଇତି ସମ୍ପ୍ରଦାୟର ଲୋକଙ୍କୁ ୪ ସପ୍ତାହ ମଧ୍ୟରେ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ବର୍ଗରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇମ୍ଫାଲ ଉପତ୍ୟକାର ସଂଖ୍ୟାଗରିଷ୍ଠ ମେଇତି ସମ୍ପ୍ରଦାୟର ଦାବିକୁ ବିରୋଧ କରି ମେ' ୩ରେ ଅଲ୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟ ୟୁନିୟନ୍ ଅଫ୍ ମଣିପୁର (ଏଟିଏସ୍‌ୟୁଏମ୍) ପକ୍ଷରୁ ସମସ୍ତ ପାର୍ବତ୍ୟ ଜିଲାରେ ଆଦିବାସୀ ଏକତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଶୋଭାଯାତ୍ରା ବେଳେ ମେଇତିମାନେ କୁକି ଓ ନାଗା ସମ୍ପ୍ରଦାୟର ଲୋକଙ୍କୁ ଆକ୍ରମଣ କରିବାରୁ ଜାତିଆଣ ହିଂସା ଆରମ୍ଭ ହୋଇଥିଲା। ଏହି ସଂଘର୍ଷର ନିଆଁରେ ଜୁଲାଇ ୪ ସୁଦ୍ଧା ୧୪୨ ଜଣଙ୍କ ମୃତ୍ୟୁ ଘଟିଥିବା ଓ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସରକାରୀ ଭାବେ କୁହାଯାଇଥିଲା। ସେହିପରି ୫୪,୪୮୮ ଜଣ ବିସ୍ଥାପିତ ହୋଇଥିବା ରିପୋର୍ଟ କରାଯାଇଥିଲା। କିନ୍ତୁ ପ୍ରକୃତ ମୃତାହତ ଓ ବିସ୍ଥାପିତଙ୍କ ସଂଖ୍ୟା ଏଥିରୁ ବହୁ ଅଧିକ ହେବ ବୋଲି କୁହାଯାଉଛି। ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଭାରତୀୟ ସେନା ଓ ଅର୍ଦ୍ଧସାମରିକ ବଳର ୧୦,୦୦୦ରୁ ଊର୍ଦ୍ଧ୍ୱ ଯବାନଙ୍କୁ ମୁତୟନ କରାଯାଇଛି। ଗୁଜବ ରୋକିବା ଆଳରେ ଅନେକ ଦିନ ଧରି ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଉଛି। ଏପରି କି କର୍ଫ୍ୟୁ ଅମାନ୍ୟ କଲେ ଉଲ୍ଲଂଘନକାରୀଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ୫୩%ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ମେଇତି ସମ୍ପ୍ରଦାୟର ଲୋକେ ସଂଖ୍ୟାଲଘୁ କୁକି ଆଦିବାସୀଙ୍କ ଘରେ ନିଆଁ ଲଗାଇଦେଉଛନ୍ତି। ଜଳାପୋଡ଼ା, ଭଙ୍ଗାରୁଜା ଭିତରେ କେତେବେଳେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ତ ପୁଣି କେବେ ପୋଲିସ ଗୁଳିରେ ମୃତ୍ୟୁ। ମୃତକଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହିଂସା ଷଡ଼ଯନ୍ତ୍ରର ତଦନ୍ତ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସରକାର ମଧ୍ୟ ତଦନ୍ତ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି। କିନ୍ତୁ

**ହିଂସା ପ୍ରଭାବିତ ମଣିପୁର ହୁ ହୁ ହୋଇ ଜଳୁଥିବାବେଳେ ଜୁନ୍ ୨୩ରେ ମୋଦି ଆମେରିକା କଂଗ୍ରେସରେ ଭାଷଣ ଦେଉଥିଲେ, ଭାରତ ବଢ଼ିଲେ ବିଶ୍ୱର ଅଭିବୃଦ୍ଧି ଘଟିଥାଏ। ଏହା ପରେ ସେ ଇଜିପ୍ଟ ଯାଇଥିଲେ। ପ୍ରଧାନମନ୍ତ୍ରୀ ସେଠାରୁ ଫେରିବା ପରେ ଜୁନ୍ ୨୭ରେ ମଧ୍ୟପ୍ରଦେଶର ଭାଜପା କର୍ମୀମାନଙ୍କୁ ସମ୍ବୋଧିତ କରି ଏକକ ଦେୱାନୀ ସଂହିତା (ୟୁସିସି) ସପକ୍ଷରେ ଦୃଢ଼ ମତ ରଖି କହିଥିଲେ, ଗୋଟିଏ ପରିବାରରେ ଯେପରି ଭିନ୍ନ ଭିନ୍ନ ନିୟମ ଚାଲେନାହିଁ ସେହିପରି ଦେଶରେ ମଧ୍ୟ ୨ଟି ଆଇନ ଚାଲିପାରିବ ନାହିଁ। ଏହି ମନ୍ତବ୍ୟକୁ ନେଇ ଦେଶବ୍ୟାପୀ 'ୟୁସିସି ଝଡ଼' ସୃଷ୍ଟି ହୋଇଥିବାବେଳେ ତାଙ୍କ ଦଳର ନେତାମାନେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ରାମମନ୍ଦିର ନିର୍ମାଣ ଆରମ୍ଭ ଭଳି ଅଗଷ୍ଟ ୫ରେ ଏକକ ଦେୱାନୀ ସଂହିତା ଆରମ୍ଭ ହେବ ବୋଲି କହି ବୁଲୁଛନ୍ତି। ଗୁରୁବାର ଫ୍ରାନ୍ସ ଗସ୍ତ କରିଥିବା ମୋଦି ପ୍ରତ୍ୟାବର୍ତ୍ତନ ବେଳେ ଶନିବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କରିବେ। ସେଠାରେ ସେ ୟୁଏଇ ରାଷ୍ଟ୍ରପତି ତଥା ଆବୁଧାବି ଶାସକ ଶେଖ୍ ମହମ୍ମଦ ବିନ୍ ଅଲ୍ ନହ୍ୟାନ୍‌ଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମେ' ୧୯-୨୧ରେ ଜାପାନ ଗସ୍ତ କରି ହିରୋଶିମାରେ ଜି-୭ ସମ୍ମିଳନୀରେ ଯୋଗଦେଇଥିଲେ।**

ମଣିପୁରକୁ ଶାନ୍ତି ଫେରୁନାହିଁ। କାରଣ ମେଇତି ସମ୍ପ୍ରଦାୟ ରାଜନୈତିକ ଦୃଷ୍ଟିରୁ ଅଧିକ ପ୍ରଭାବଶାଳୀ। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ନେତୃତ୍ୱାଧୀନ ୬୦ ଆସନ ବିଶିଷ୍ଟ ମଣିପୁର ବିଧାନସଭାରେ ଭାଜପାର ୩୭ ବିଧାୟକ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣ ମେଇତି ସମ୍ପ୍ରଦାୟର। ବୀରେନ୍ ସିଂ ସରକାର ରାଜ୍ୟବାସୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଦର୍ଶାଇ ୧୦ କୁକି ବିଧାୟକ (ଯାହାଙ୍କ ମଧ୍ୟରୁ ୭ ଜଣ ଭାଜପାର) ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି କରିଥିବାବେଳେ ମେଇତି ବିଧାୟକମାନେ ଦିଲ୍ଲୀରେ ଶକ୍ତିପ୍ରଦର୍ଶନ କରିବାକୁ ପଛାଇ ନାହାନ୍ତି। ଏସବୁ ଭିତରେ ମଣିପୁରରେ ଇଣ୍ଟରନେଟ ଉପରୁ କଟକଣା ହଟାଇବା ପଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ରାଜ୍ୟ ସରକାର ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜୁଲାଇ ୧୭ରେ ଏହାର ଶୁଣାଣି କରାଯିବ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ସ୍ପଷ୍ଟ କରିଛନ୍ତି। ବିରୋଧୀଙ୍କ ମତରେ ମଣିପୁରରେ ଭାଜପାର ଡବଲ୍ ଇଞ୍ଜିନ ସରକାର ଲାଇନ୍‌ଚ୍ୟୁତ ହୋଇଯାଇଛି। ଅନ୍ୟପକ୍ଷେ ମୌସୁମୀର ବିଳମ୍ବିତ ଆଗମନ ଭାରତରେ ନାହିଁ ନ ଥିବା ସ୍ଥିତି ଉପୁଜାଇଛି। ଲଗାଣ ବର୍ଷା ଓ ତଦ୍‌ଜନିତ ବନ୍ୟା ସହ ଭୂସ୍ଖଳନ ଯୋଗୁ କେବଳ ଉତ୍ତର ଭାରତରେ ଜୁଲାଇ ୧୩ ସୁଦ୍ଧା ଅନ୍ୟୂନ ୧୦୫ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଉଛି, ଯଦିଓ ପ୍ରକୃତ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହୋଇପାରେ। ବାରମ୍ବାର ଭୂସ୍ଖଳନ ଯୋଗୁ ଅମରନାଥ ଯାତ୍ରାକୁ ବନ୍ଦ କରାଯାଇଛି। ବନ୍ୟା ଯୋଗୁ ଗଙ୍ଗା, ଯମୁନା ଓ ବ୍ରହ୍ମପୁତ୍ର ସମେତ ଦେଶର ଅନେକ ନଦୀ ଫୁଲି ଉଠିଛି। ଦିଲ୍ଲୀରେ ଯମୁନା ନଦୀର ଜଳସ୍ତର ୪୫ ବର୍ଷର ରେକର୍ଡ ଭାଙ୍ଗିଛି। ବାସହରା ଲୋକେ ରାସ୍ତାକଡ଼ରେ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ କରାଯାଇଛି। ବନ୍ୟା ପ୍ରଭାବିତଙ୍କ ପାଖରେ ସରକାରୀ ରିଲିଫ ପହଞ୍ଚିପାରୁ ନାହିଁ। ବନ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ୧୪୪ ଧାରା ଜାରି କରାଯାଇଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତ କରୁଛନ୍ତି।

## ସୁପ୍ରିମ୍‌କୋର୍ଟରେ ଯମୁନା ଜଳ

■ଆଇଟିଓ, ରାଜଘାଟ ଉବୁଟୁବୁ
■ପାଣିରେ ବୁଡ଼ି ୩ ଶିଶୁଙ୍କ ମୃତ୍ୟୁ

ଯମୁନା ନଦୀ ଜଳସ୍ତର କମୁଥିବା ସତ୍ତ୍ୱେ ରାଜଧାନୀ ଦିଲ୍ଲୀର ଅନେକ ଅଞ୍ଚଳ ବନ୍ୟାଜଳରେ ଉବୁଟୁବୁ। ବହୁ ଅଞ୍ଚଳ ପାଣିଘେରରେ ଥିବାରୁ ସ୍କୁଲ, କଲେଜ ବନ୍ଦ କରିଦିଆଯାଇଛି। ଗୁରୁବାର ରାତିରେ ଯମୁନା ଜଳସ୍ତର ୨୦୮.୬୬ ମିଟରରେ ପହଞ୍ଚିଥିବାବେଳେ ଶୁକ୍ରବାର ସକାଳେ ତାହା ୨୦୮.୪୬ ମିଟରକୁ ହ୍ରାସ ପାଇଥିଲା। ଆଇଟିଓ, ରାଜଘାଟ ପାଣିରେ ବୁଡ଼ି ରହିଥିବାବେଳେ ବନ୍ୟାପାଣି କେନ୍ଦ୍ରୀୟ ଦିଲ୍ଲୀର ତିଳକ ମାର୍ଗରେ ଥିବା ସୁପ୍ରିମକୋର୍ଟ ପାଖରେ ପହଞ୍ଚିଛି। ଉତ୍ତରପଶ୍ଚିମ ଦିଲ୍ଲୀର ମୁକୁନ୍ଦପୁର ଅଞ୍ଚଳ ନିକଟରେ ବନ୍ୟାପାଣିରେ ବୁଡ଼ିଯାଇ ୩ ପିଲାଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ବୟସ ୧୨ରୁ ୧୫ ବର୍ଷ ମଧ୍ୟରେ। ଦିଲ୍ଲୀ ବନ୍ୟାରେ ଏହା ପ୍ରଥମ ମୃତ୍ୟୁ ଘଟଣା। ଉପରାଜ୍ୟପାଳ ଭି.କେ. ସାକ୍ସେନା ଏବଂ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ଇନ୍ଦ୍ରପ୍ରସ୍ଥ ଜଳ ରେଗୁଲେଟରର ମରାମତି କାର୍ଯ୍ୟ ବୁଲିଦେଖିଥିଲେ। ଉକ୍ତ ରେଗୁଲେଟରରୁ ପାଣି ମାଡ଼ିଯାଇ ଆଇଟିଓ, ରାଜଘାଟ ସମେତ ଦିଲ୍ଲୀର ଅନେକ ଅଞ୍ଚଳ ବୁଡ଼ିଯାଇଛି। ସହର ମଧ୍ୟକୁ ଜଳପ୍ରବେଶ ରୋକିବା କାର୍ଯ୍ୟରେ ସେନା, ଏନ୍‌ଡିଆର୍‌ଏଫ୍ ସମେତ ବନ୍ୟା ନିୟନ୍ତ୍ରଣ ବିଭାଗ, ଦିଲ୍ଲୀ ଜଳ ବୋର୍ଡର କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ସ୍ଥିତି ଖୁବ୍‌ଶୀଘ୍ର ନିୟନ୍ତ୍ରଣକୁ ଆସିବ ବୋଲି ଉଭୟ ଉପରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ପଞ୍ଜାବ ଓ ହରିୟାଣାରେ ଲଗାଣ ବର୍ଷା ଜନିତ ବନ୍ୟାରେ ପାଖାପାଖି ୩୦ ଲୋକଙ୍କ ଜୀବନ ଗଲାଣି। ଲଗାଣ ବର୍ଷା ଯୋଗୁ ପଞ୍ଜାବର ବିଭିନ୍ନ ଜିଲାରେ ୨.୪୦ ଲକ୍ଷ ହେକ୍ଟର ଜମିରେ ଧାନ ଫସଲ ନଷ୍ଟ ହୋଇଥିବା କୁହାଯାଉଛି। ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶରେ ବର୍ଷା, ଭୂସ୍ଖଳନ ଓ ବନ୍ୟାରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି।





ନୂଆଦିଲ୍ଲୀସ୍ଥିତ ଆଇଏସ୍‌ବିଟି ନିକଟ ରାସ୍ତା ବନ୍ୟା ଜଳରେ ବୁଡ଼ିଯାଇଛି।

## ପ୍ରଧାନମନ୍ତ୍ରୀଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ସମ୍ମାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁକ୍ରବାର ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ଓ ସାମରିକ ସମ୍ମାନ ଗ୍ରାଣ୍ଡ କ୍ରସ୍ ଅଫ୍ ଦି ଲେଜିଅନ୍ ଅଫ୍ ଅନର ପ୍ରଦାନ କରାଯାଇଛି। ମୋଦିଙ୍କ ପ୍ୟାରିସ୍ ଗସ୍ତର ଦ୍ୱିତୀୟ ଦିନରେ ଏଲିସି ପ୍ୟାଲେସ୍‌ରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ତାଙ୍କୁ ଏହି ସମ୍ମାନ ଦେଇଛନ୍ତି। ଏହି ସମ୍ମାନ ଲାଭ କରିବାରେ ମୋଦି ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ। ଏଥିସହ ସେ ପୂର୍ବରୁ ଗ୍ରାଣ୍ଡ କ୍ରସ୍ ଅଫ୍ ଦି ଲେଜିଅନ୍ ଅଫ୍ ଅନର ପାଇଥିବା ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ୍ ମଣ୍ଡେଲା, ବ୍ରିଟେନ୍‌ର କିଙ୍ଗ୍ ଚାର୍ଲ୍ସ (ୱେଲ୍ସର ପ୍ରିନ୍ସ ଥିବାବେଳେ), ଜର୍ମାନୀର ପୂର୍ବତନ ଚାନ୍‌ସେଲର ଆଞ୍ଜେଲା ମର୍କେଲ, ଜାତିସଂଘର ପୂର୍ବତନ ମହାସଚିବ ବୁଟ୍ରୋସ୍ ବୁଟ୍ରୋସ୍-ଘାଲିଙ୍କ ଭଳି ବିଶ୍ୱନେତାଙ୍କ ର୍‍ୟାଙ୍କରେ ସାମିଲ ହୋଇଛନ୍ତି। ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ନିମନ୍ତ୍ରଣକ୍ରମେ ଫ୍ରାନ୍ସର ଜାତୀୟ ଦିବସ ବାଷ୍ଟିଲ୍ ଡେ'ରେ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିବା ପ୍ରଧାନମନ୍ତ୍ରୀ ମୋଦି ଏହି ଅବସରରେ ଭାରତୀୟ ସମୟ ଅପରାହ୍ନ ପ୍ରାୟ ୧ଟା ୪୦ରେ ଆୟୋଜିତ ପାରମ୍ପରିକ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଛନ୍ତି। ଭାରତର ୩ ସେନାର ୨୬୯ ସଦସ୍ୟ ବିଶିଷ୍ଟ କଣ୍ଟିଜେଣ୍ଟକୁ ମଧ୍ୟ ଗ୍ରାଣ୍ଡ ପରେଡ୍‌ରେ ସାମିଲ କରାଯାଇଛି। ବାୟୁସେନାର ରାଫାଲ ଯୁଦ୍ଧବିମାନ ଫରାସୀ ଜେଟ୍‌ଗୁଡ଼ିକ ସହ ଯୁଦ୍ଧକୌଶଳ ପ୍ରଦର୍ଶନ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି, ଶତାବ୍ଦୀ ପୁରୁଣା ଗୋଷ୍ଠୀଗତ ଭାବଧାରା ଦ୍ୱାରା ପ୍ରେରିତ ଭାରତ ବିଶ୍ୱରେ ଶାନ୍ତି ଓ ସମୃଦ୍ଧି ଆଣିବା ଦିଗରେ ଯଥାସମ୍ଭବ ଉଦ୍ୟମ କରିବ। ୧.୪ ନିୟୁତ ଭାରତୀୟ ଏକ ଦୃଢ଼ ଓ ବିଶ୍ୱସ୍ତ ସହଯୋଗୀ ରୂପେ ଫ୍ରାନ୍ସ ପ୍ରତି କୃତଜ୍ଞ। ଏହି ସମ୍ପର୍କ ଆହୁରି ମଜଭୁତ ହେଉ। ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରଁ ଟୁଇଟ୍ କରିଛନ୍ତି, ବିଶ୍ୱ ଇତିହାସରେ ଏକ ପ୍ରମୁଖ ରାଷ୍ଟ୍ର ଭାରତ ଏକ ରଣନୈତିକ ସହଯୋଗୀ ଓ ବନ୍ଧୁ ଭାବେ ଭବିଷ୍ୟତରେ ନିର୍ଣ୍ଣାୟକ ଭୂମିକା ନେବ। ଜୁଲାଇ ୧୪ ପରେଡ୍‌ରେ ଭାରତକୁ ଗେଷ୍ଟ ଅଫ୍ ଅନର ଭାବେ ସ୍ୱାଗତ କରି ଆମେ ଗର୍ବିତ।

## ମହାରାଷ୍ଟ୍ର ବାଚସ୍ପତିଙ୍କୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ, ୧୪ା୭**

ଗତବର୍ଷ ଜୁନ୍‌ରେ ତତ୍କାଳୀନ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ବିକାଶ ଅଘାଡ଼ି ସରକାରରୁ ଓହରିଯାଇ ଭାଜପା ସହ ମିଶି ସରକାର ଗଢ଼ିଥିବା ଏକନାଥ ଶିନ୍ଦେ ଓ ଅନ୍ୟ ଶିବସେନା ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଦାଏର ପିଟିଶନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ବିଧାନସଭା ବାଚସ୍ପତି ରାହୁଲ ନର୍ୱେକରଙ୍କୁ ନୋଟିସ ଜାରି କରିଛନ୍ତି। ଏନେଇ ବାଚସ୍ପତିଙ୍କ କାର୍ଯ୍ୟାଳୟରୁ ସର୍ବୋଚ୍ଚ ଅଦାଲତ ଜବାବ ଚାହିଁଛନ୍ତି। ଶିବସେନା (ୟୁବିଟି)ର



ରାହୁଲ ନର୍ୱେକର

ବିଧାୟକ ତଥା ଅବିଭକ୍ତ ଶିବସେନାର ମୁଖ୍ୟ ହୁଇପ୍ ସୁନୀଲ ପ୍ରଭୁ ମୁଖ୍ୟମନ୍ତ୍ରୀ ଶିନ୍ଦେ ଓ ଅନ୍ୟ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ଲାଗି ନିର୍ଦ୍ଦେଶ

**ଶିନ୍ଦେ, ସେନା ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ଆବେଦନ**

ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏହାର ଶୁଣାଣି କରି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବାଚସ୍ପତିଙ୍କ କାର୍ଯ୍ୟାଳୟରୁ ୨ ସପ୍ତାହ ମଧ୍ୟରେ ଜବାବ ଚାହିଁଛନ୍ତି। ଖଣ୍ଡପୀଠରେ ଜଷ୍ଟିସ ପି.ଏସ୍. ନରସିଂହ ଏବଂ ମନୋଜ ମିଶ୍ରା ରହିଛନ୍ତି।

## ଅଜିତ ପାୱାରଙ୍କୁ ଅର୍ଥ, ଯୋଜନା ବିଭାଗ

**ମୁମ୍ବାଇ, ୧୪ା୭**

ମହାରାଷ୍ଟ୍ରର ଏକନାଥ ଶିନ୍ଦେ ସରକାର ଶୁକ୍ରବାର ମନ୍ତ୍ରିମଣ୍ଡଳରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। କ୍ୟାବିନେଟ୍‌ରେ ନୂଆକରି ଉପମୁଖ୍ୟମନ୍ତ୍ରୀ ଭାବେ ଯୋଗଦେଇଥିବା ଏନ୍‌ସିପି ନେତା ଅଜିତ ପାୱାରଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ସହ ଯୋଜନା ମନ୍ତ୍ରଣାଳୟ ମିଳିଥିବାବେଳେ ଅନ୍ୟତମ ଏନ୍‌ସିପି ନେତା ଛଗନ ଭୁଜବଳଙ୍କୁ ଖାଦ୍ୟ ଓ ଯୋଗାଣ ବିଭାଗ ମିଳିଛି। ସେହିପରି ଦିଲୀପ ୱାଲ୍‌ସେ ପାଟିଲଙ୍କୁ ସହଯୋଗ ମନ୍ତ୍ରଣାଳୟ, ଧନଞ୍ଜୟ ମୁଣ୍ଡେଙ୍କୁ କୃଷି,

**ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳ**



ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର

ଅଦିତି ତାଟ୍‌କାରେଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିଛି। ସହଯୋଗ ମନ୍ତ୍ରଣାଳୟ ଭାଜପା ନେତା ଅତୁଲ ସାଭେ ଏବଂ କୃଷି ବିଭାଗ ଶିବସେନାର ଅବଦୁଲ ସତ୍ତାରଙ୍କ ହାତରେ ଥିଲା। ଅନିଲ ପାଟିଲଙ୍କୁ ରିଲିଫ, ପୁନର୍ବାସନ, ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିଛି। କ୍ୟାବିନେଟ ପୁନଃ ସମ୍ପ୍ରସାରଣକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଜୁଲାଇ ୧୭ରେ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ଏହା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ଆବଶ୍ୟକ ବୋଲି ଭାଜପା କହିଛି। ଅଜିତଙ୍କୁ ଅର୍ଥ ବିଭାଗ ଦିଆଯିବାକୁ ଭରତ ଗୋଗୱାଲେଙ୍କ ନେତୃତ୍ୱରେ ଶିବସେନା ବିଧାୟକମାନେ ଏବଂ ପ୍ରହାର ପାର୍ଟିର ବଚ୍ଚୁ କାଡୁ ପ୍ରବଳ ବିରୋଧ କରିଥିଲେ।

**ଭୁଜବଳ ପାଇଲେ ଖାଦ୍ୟ ଓ ଯୋଗାଣ**

କାରଣ ପୂର୍ବର ଏମ୍‌ଭିଏ ସରକାରରେ ଅର୍ଥ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ଅଜିତ ଅନ୍ୟ ବିଭାଗକୁ ପାଣ୍ଠି ଅଟକାଇବାରୁ ଉଦ୍ଧବ ଠାକ୍‌ରେ ସରକାରରୁ ସେମାନେ ଓହରିଯାଇଥିବା କହିଥିଲେ। ସୂଚନାଯୋଗ୍ୟ, ଗତ ୨ ତାରିଖରେ ଏନ୍‌ସିପି ନେତା ଅଜିତ ଓ ଦଳର ୮ ଜଣ ବିଧାୟକ ମହାରାଷ୍ଟ୍ର ସରକାରରେ ସାମିଲ ହୋଇଥିଲେ। ଫଳରେ ଶରଦ ପାୱାରଙ୍କ ଦଳରେ ବିଭାଜନ ସୃଷ୍ଟି ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁଲାଇ ୧୫/୨୦୨୩ Bhubaneswar, Saturday, July 15/2023 | ପୃଷ୍ଠା-୧



## ଫାଇନାଲରେ ଜୋକୋଭିଚ୍

ସର୍ବୀୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍ ୱିମ୍ବଲେଡନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୨

୧୧

## ପ୍ରେମରେ ପାଗଳ ବିଜୟ

ହିନ୍ଦୀ ଫିଲ୍ମ ଅଭିନେତା ବିଜୟ ବର୍ମା ନାୟିକା ତମନ୍ନା ଭାଟିଆଙ୍କ ପ୍ରେମରେ ପାଗଳ ପାଲଟିଥିବା ଏକ ସାକ୍ଷାତ୍କାରରେ କହିଛନ୍ତି।





ଶ୍ରୀହରିକୋଟାସ୍ଥିତି ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଏଲ୍‌ଭିଏନ୍ -୩ ରକେଟ୍ ଜରିଆରେ 'ଚନ୍ଦ୍ରୟାନ-୩'ର ଉତ୍କ୍ଷେପଣ କରାଯାଉଛି।

# ଭାରତର ରପ୍ତାନି ୨୨% ହ୍ରାସ

**ଗତବର୍ଷ ଜୁନ୍ ତୁଳନାରେ ଚଳିତ ବର୍ଷ ଜୁନ୍‌ରେ ଭାରତର ରପ୍ତାନୀ ୨୨% ହ୍ରାସ ପାଇଛି। ଏହା ଗତ ୩ ବର୍ଷ ଭିତରେ ସବୁଠୁ ଅଧିକ ମାସିକ ହ୍ରାସ। ଭାରତ ଅର୍ଥନୈତିକ ଅଭିବୃଦ୍ଧି ପଥେ ରହିଛି ବୋଲି ବାହୁସ୍ଫୋଟ ମରାଯାଉଥିବାବେଳେ ରପ୍ତାନୀର ହ୍ରାସକୁ ଦେଖିଲେ ଏବେ ଅର୍ଥନୀତିର ଦୁର୍ବଳ ଚିତ୍ର ସ୍ପଷ୍ଟ ହୋଇଯାଉଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତର ଆର୍ଥିକ ସ୍ଥିତି ଦୋହଲିଯାଉଛି ବୋଲି କେତେଜଣ ବିଶେଷଜ୍ଞଙ୍କ ମୁହଁରେ ବରିଷ୍ଠ ସରକାରୀ ଅଧିକାରୀ କୁହାଇ ଦେଉଥିବା ଭଳି ମନେହେଉଛି। ବାସ୍ତବପକ୍ଷେ ରପ୍ତାନୀ ଭିତ୍ତିଭୂମିକୁ ଅଣଦେଖା କରାଯାଉଥିବା ଅନେକେ ମତ ଦେଉଛନ୍ତି। ସେମାନେ ବେଙ୍ଗାଲୁରୁକୁ ଉଦାହରଣ ଦେଇ କିଭଳି କର୍ଣାଟକ ରପ୍ତାନୀ ପାଇଁ ଚେନ୍ନାଇ ଉପରେ ନିର୍ଭର କରୁଛି ତାହା ଦର୍ଶାଇଛନ୍ତି।**

## ଜୁନ୍‌ରେ ରପ୍ତାନି ୩ ବର୍ଷ ମଧ୍ୟରେ ସର୍ବନିମ୍ନ

**ନୂଆଦିଲ୍ଲୀ, ୧୪।୭(ପି.ଟି.)**

ବିଶ୍ୱ ବଜାର ବିଶେଷ କରି ଆମେରିକା, ୟୁରୋପ ଭଳି ପାଶ୍ଚାତ୍ୟ ବଜାରରେ ଚାହିଦା ହ୍ରାସ କାରଣରୁ ଭାରତର ରପ୍ତାନି ୨୨ ପ୍ରତିଶତ ହ୍ରାସ ପାଇଁ ଜୁନ୍‌ରେ ୩୨.୯୭ ବିଲିୟନ ଡଲାରରେ ପହଞ୍ଚିଛି। ଗତ ୩ ବର୍ଷ ମଧ୍ୟରେ ଏହା ସର୍ବାଧିକ ହ୍ରାସ। ବାଣିଜ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଆମଦାନି ଓ ରପ୍ତାନି ହ୍ରାସ ଯୋଗୁ ଜୁନ୍‌ରେ ବାଣିଜ୍ୟିକ ନିଅଣ୍ଟ ୨୦.୩ ବିଲିୟନ ଡଲାର ହୋଇଛି। ଗତବର୍ଷ ଏହି ମାସରେ ବାଣିଜ୍ୟିକ ନିଅଣ୍ଟ ପରିମାଣ ୨୨.୦୩ ବିଲିୟନ ଡଲାର ଥିଲା। ଜୁନ୍‌ରେ ଇନ୍‌ବାଉଣ୍ଡ ଶିପ୍‌ମେଣ୍ଟ ୧୭.୪୮ ପ୍ରତିଶତ ହ୍ରାସ ପାଇ ୫୩.୧୦ ବିଲିୟନ ଡଲାର ହୋଇଛି।

ରପ୍ତାନି ହ୍ରାସକୁ ନେଇ ବାଣିଜ୍ୟ ସଚିବ ସୁନୀଲ ବର୍ଥୱାଲ କହିଛନ୍ତି, ବାଣିଜ୍ୟ ସେକ୍ଟରର ଅଭିବୃଦ୍ଧି ବୈଶ୍ୱିକ କାରକଗୁଡ଼ିକ ଉପରେ ନିର୍ଭରଶୀଳ। ବିଶ୍ୱ ବାଣିଜ୍ୟରେ ମାନ୍ଦାବସ୍ଥା ଦେଖାଦେବା ନେଇ ଡବ୍ଲ୍ୟୁଟିଓ (ବିଶ୍ୱ ବାଣିଜ୍ୟ ସଂଗଠନ) ପୂର୍ବାନୁମାନ କରିଥିଲା। ବାଣିଜ୍ୟ ହ୍ରାସ ସମ୍ପର୍କରେ ବର୍ଥୱାଲ କହିଛନ୍ତି, ଆମେରିକା, ୟୁରୋପ ସମେତ ବୃହତ୍ ଅର୍ଥବ୍ୟବସ୍ଥାଗୁଡ଼ିକ ମାନ୍ଦାବସ୍ଥାର ସମ୍ମୁଖୀନ ହେବା ସହ ମୁଦ୍ରାସ୍ଫୀତିର ଚାପ ରହିଛି। ଧନୀ ରାଷ୍ଟ୍ରଗୁଡ଼କ ମୁଦ୍ରାନୀତିକୁ କଠୋର କରୁଥିବାରୁ ଉତ୍ପାଦନ ଓ ବ୍ୟବସାୟ ପ୍ରଭାବିତ ହେଉଛି, ଯାହା ମାନ୍ଦାବସ୍ଥାର ଅନ୍ୟତମ କାରଣ। ଆଗାମୀ ମାସଗୁଡ଼ିକରେ ଚାହିଦା ବୃଦ୍ଧି ପାଇବ ବୋଲି ରପ୍ତାନି ପ୍ରୋତ୍ସାହନ ପରିଷଦ ଆଶାବ୍ୟକ୍ତ କରିଛି।

ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍‌ରେ ରପ୍ତାନି ୧୫.୧୩ ପ୍ରତିଶତ ହ୍ରାସ ପାଇ ୧୦୨.୬୮ ବିଲିୟନ ଡଲାରରେ ପହଞ୍ଚିଥିବାବେଳେ ଆମଦାନୀ ୧୨.୬୭ ପ୍ରତିଶତ ହ୍ରାସ ପାଇ ୧୬୦.୨୮ ବିଲିୟନ ଡଲାର ହୋଇଥିଲା। ଏପ୍ରିଲରୁ ଜୁନ୍ ମଧ୍ୟରେ ବାଣିଜ୍ୟିକ ନିଅଣ୍ଟରେ ୭.୯ ପ୍ରତିଶତ ଉନ୍ନତି ହୋଇ ୫୭.୬ ବିଲିୟନ ଡଲାରରେ ପହଞ୍ଚିଛି। ଗତବର୍ଷ ଏହି ସମୟରେ ବାଣିଜ୍ୟିକ ନିଅଣ୍ଟ ପରିମାଣ ୬୨.୬ ବିଲିୟନ ଡଲାର ଥିଲା।

ଜୁନ୍‌ରେ ତୈଳ ଆମଦାନି ୩୩.୮ ପ୍ରତିଶତ ହ୍ରାସ ପାଇ ୧୨.୫୪ ବିଲିୟନ ଡଲାର ହୋଇଛି। ଏପ୍ରିଲ-ଜୁନ୍ ତ୍ରୈମାସିକରେ ଆମଦାନି ୧୮.୫୨ ପ୍ରତିଶତ ହ୍ରାସ ପାଇ ୪୩.୪ ବିଲିୟନ ଡଲାର ହୋଇଛି। ☞ପୃଷ୍ଠା-୨

# ଆର୍‌ବିଆଇରେ ଜାଲ୍ ନୋଟ୍ ଦେଇ ଯୁବକ ଗିରଫ

**ଭୁବନେଶ୍ୱର, ୧୪।୭ (ସତ୍ୟଜିତ୍ ରାଉତ)**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଭୁବନେଶ୍ୱର ବ୍ରାଞ୍ଚରେ ଜାଲ୍ ନୋଟ୍‌କୁ ଅସଲି କହି ବଦଳାଉଥିବାବେଳେ ଜଣେ ଯୁବକ ଧରାପଡିଛନ୍ତି। ଖବର ପାଇବା ପରେ ଖାରବେଳନଗର ଥାନା ପୋଲିସ ସେଠାରେ ପହଞ୍ଚି ସମ୍ପୃକ୍ତ ଯବକଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳର ବିକାଶ ବଳିଆରସିଂ (୩୨)। ତାଙ୍କଠାରୁ ପୋଲିସ ୫ଟି ୧୦୦ ଟଙ୍କିଆ ଜାଲ ନୋଟ୍ ଜବତ କରିଛି। ବିକାଶଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ବିକାଶ ଆର୍‌ବିଆଇର ଟୋକନ୍ ଇସ୍ୟୁ କାଉଣ୍ଟରକୁ ଯାଇ ଏକ ଟୋକେନ୍ ଜାରି କରିଥିଲେ। ଖରାପ ହୋଇଯାଇଥିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପ୍ରଶାସନିକ ମରୁଡ଼ି**

# ଲଣ୍ଡା ହୋଇ ଶପଥ କରିଥିଲେ ଗୋପାଳ

**ନବ ଦାସ ହତ୍ୟା ଘଟଣା**

■ **ରଦି କାଗଜ ଭଳି ଚାର୍ଜଶିଟ: ସୁରେଶ ପୂଜାରୀ**

**ସମ୍ବଲପୁର, ୧୪।୭(ଶୁଭାଶିଷ ପାଢୀ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ଗୁରୁବାର ଅଭିଯୁକ୍ତ ତଥା ପୂର୍ବତନ ପୋଲିସ ଏଏସ୍‌ଆଇ ଗୋପାଳ ଦାସଙ୍କୁ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ହଜାର କରିଥିଲା। ଏହାର ଦିନକ ପରେ ବରଗଡ଼ ଏମ୍‌ପି ତଥା ବରିଷ୍ଠ ଆଇନଜୀବୀ ସୁରେଶ ପୂଜାରୀ ସମ୍ବଲପୁରରେ ଖବରଦାତା ସମ୍ମିଳନୀ କରି କ୍ରାଇମ୍‌ବ୍ରାଞ୍ଚର ଚାର୍ଜଶିଟ୍‌ରେ ଥିବା ଚାଞ୍ଚଲ୍ୟକର ତଥ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ଗତ ମେ ୨୬ ତାରିଖରେ କ୍ରାଇମବ୍ରାଞ୍ଚ ଉକ୍ତ ୫୦୦ ପୃଷ୍ଠାର ଚାର୍ଜଶିଟ୍ କୋର୍ଟରେ ଦାଖଲ କରିଥିଲା। ସେଥିରେ ଉଲ୍ଲେଖ ରହିଛି ଯେ, ଗତ ପଞ୍ଚାୟତ ନିର୍ବାଚନ ବେଳେ ଝାରସୁଗୁଡା ବଡ଼ମାଲ ଅଞ୍ଚଳରେ ନବ ଓ ତାଙ୍କ ସମର୍ଥକଙ୍କ ଗାଡ଼ିକୁ ଗୋପାଳ ଯାଞ୍ଚ ପାଇଁ ଅଟକାଇଥିଲେ। ଏହି ସମୟରେ ସମର୍ଥକଙ୍କ ସହ ପାଟିତୁଣ୍ଡ ହେବାରୁ ସେ ଯାଞ୍ଚ ନ କରି ଫେରିଯାଇଥିଲେ। ନବଙ୍କ ଶକ୍ତିଶାଳୀ ବ୍ୟକ୍ତିତ୍ୱ ଓ ସମର୍ଥକଙ୍କ ଧମକ ପରେ ଗୋପାଳ ଡରିଯାଇଥିଲେ। ସେବେଠାରୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ଓ ନିକଟ ଭବିଷ୍ୟତରେ ନବଙ୍କ ସମର୍ଥକଙ୍କ ଦ୍ୱାରା ହତ୍ୟାର ଶିକାର ହେବେ ବୋଲି ସେ ଭାବିଥିଲେ। ନବ ତାଙ୍କୁ ହତ୍ୟା କରିବା ପୂର୍ବରୁ ସେ ନବଙ୍କୁ ମାରିବାକୁ ସ୍ଥିର କରିଥିଲେ। ଏଥିପାଇଁ ଗୋପାଳ ସମଲେଶ୍ୱରୀ ମନ୍ଦିରରେ ଲଣ୍ଡା ହୋଇ ଶପଥ ନେଇଥିଲେ। ପରବର୍ତ୍ତୀ ସମୟରେ ସେ ନବଙ୍କୁ ହତ୍ୟା କରିବା ପାଇଁ ବାରମ୍ବାର ପ୍ରୟାସ କରିଥିଲେ। ହେଲେ ସେଥିରେ ବିଫଳ ହୋଇଥିଲେ। ବ୍ରଜରାଜନଗରରେ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ବେଳେ ନବଙ୍କୁ ହତ୍ୟା ପାଇଁ ଯୋଜନା କରି ଫେଲ୍ ମାରିଥିଲେ। ସେହିଦିନଠୁ ନିଜ ସର୍ଭିସ୍ ପିସ୍ତଲରେ ସେ ଗୁଳି ଲୋଡ୍ କରି ରଖିଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ ଥିବା ପୂଜାରୀ ସୂଚନା ଦେବା ସହ କେତେକ ପ୍ରଶ୍ନ ଉଠାଇଛନ୍ତି। ଉକ୍ତ ଚାର୍ଜଶିଟକୁ ରଦି କାଗଜ ବୋଲି ପୂଜାରୀ କହିଛନ୍ତି। କାରଣ ଏଥିରେ ଅଭିଯୁକ୍ତ ଗୋପାଳ ଦାସଙ୍କୁ ଦଣ୍ଡିତ କରିବା ଭଳି କୌଣସି ଉପଯୁକ୍ତ ପ୍ରମାଣ ନାହିଁ। ସରକାର ସତ୍ୟ ଲୁଚାଇବାକୁ ଉଦ୍ୟମ କରିଛନ୍ତି। ଗୋପାଳରେ ତଦନ୍ତ ଆରମ୍ଭ କରି ଗୋପାଳରେ ଶେଷ କରାଯାଇଛି। ଅନ୍ୟ ଦିଗ କିମ୍ବା ବ୍ୟକ୍ତିବିଶେଷଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇନାହିଁ। ଗୋପାଳଙ୍କ ୧୫ ଦିନର ମୋବାଇଲ ଫୋନ କଲ୍ ରେକର୍ଡ ଯାଞ୍ଚ କରାଯାଇ ନାହିଁ ବୋଲି ପୂଜାରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ତଦନ୍ତ ଆରମ୍ଭରୁ ବାଟବଣା ହୋଇଥିବା ଜଣାପଡୁଥିଲା। ଆଜି ପର୍ଯ୍ୟନ୍ତ ହତ୍ୟାର ଉଦ୍ଦେଶ୍ୟ ଜଣାପଡ଼ିଲା ନାହିଁ। ଯାହା ଚାର୍ଜଶିଟରେ ଲେଖାଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ। ଚାର୍ଜଶିଟ ତଥ୍ୟ ଅନୁସାରେ ଗାଡ଼ି ପାର୍କିଂକୁ ନେଇ ନବ ଦାସଙ୍କ ସମର୍ଥକ ଓ ଗୋପାଳଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ହେଲେ କେବେ ସେହି ଘଟଣା ଘଟିଥିଲା ତାହା ଉଲ୍ଲେଖ ନାହିଁ। ଥାନାରେ ମଧ୍ୟ ଷ୍ଟେଶନ ଡାଏରି ହୋଇନାହିଁ। ପ୍ରାୟତଃ ଛୋଟ ବଚସାକୁ ନେଇ ହାଇ ପ୍ରୋଫାଇଲ୍ ହତ୍ୟାକାଣ୍ଡ ହୁଏ ନାହିଁ। ହତ୍ୟାକାଣ୍ଡର ସତ୍ୟାସତ୍ୟ ଜାଣିବା ପାଇଁ ଗୋପାଳ ଓ ନବଙ୍କ ମୋବାଇଲ୍ ଫୋନ ଟ୍ରାକ୍ କରାଯାଇ ନାହିଁ। ନବଙ୍କ ଶରୀର ଭେଦ କରିଥିବା ଗୁଳି ଏପର୍ଯ୍ୟନ୍ତ ନ ମିଳିବା ପ୍ରଶ୍ନବାଚୀ ☞ପୃଷ୍ଠା-୨

# 'ଚନ୍ଦ୍ରୟାନ-୩'ର ସଫଳ ଉତ୍କ୍ଷେପଣ

**ଇସ୍ରୋର ତୃତୀୟ ଚନ୍ଦ୍ରାଭିଯାନ**

**ଶ୍ରୀହରିକୋଟା, ୧୪।୭**

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତି ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଶୁକ୍ରବାର ଅପରାହ୍ନ ୨ଟା ୩୫ରେ ଭାରତର ତୃତୀୟ ମୁନ୍ ମିଶନ୍ 'ଚନ୍ଦ୍ରୟାନ-୩'ର ସଫଳ ଉତ୍କ୍ଷେପଣ କରାଯାଇଛି। ଅଗଷ୍ଟ ୨୩ ଅପରାହ୍ନ ୫ଟା ୪୭ରେ ଚନ୍ଦ୍ରପୃଷ୍ଠରେ ଲ୍ୟାଣ୍ଡର ବିକ୍ରମର ସଫ୍ଟ ଲ୍ୟାଣ୍ଡିଂ (ସୂକ୍ଷ୍ମ ଅବତରଣ) ନେଇ ଆଶା ରହିଥିବା ସ୍ପେସ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ପାଇଁ ଏହି ମିଶନ ୧୫ ବର୍ଷର ଏକ ଲମ୍ବା ଯାତ୍ରା ବୋଲି କୁହାଯାଉଛି। ସ୍ପେସ୍ ସେଣ୍ଟରର ଦ୍ୱିତୀୟ ଲଞ୍ଚ ପ୍ୟାଡ୍‌ରୁ ଇସ୍ରୋର 'ଫ୍ୟାଟ୍ ବୟ' ଏଲ୍‌ଭିଏମ୍‌୩-ଏମ୍-୪ ରକେଟ୍ କମଳା ରଙ୍ଗର ଧୂଆଁ ଛାଡ଼ି ଚନ୍ଦ୍ରପୃଷ୍ଠ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୩ ଲ୍ୟାଣ୍ଡର, ରୋଭର ପହଞ୍ଚିବା ଲାଗି ଏକ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିବ।

ଚନ୍ଦ୍ରୟାନ-୩ର ସଫ୍ଟ ଲ୍ୟାଣ୍ଡିଂକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ଚନ୍ଦ୍ରୟାନ-୨ ସମୟରେ ହୋଇଥିବା ତ୍ରୁଟିକୁ ନ ଦୋହରାଇବା ପାଇଁ ଇସ୍ରୋ ବୈଜ୍ଞାନିକମାନେ ସବୁପ୍ରକାର ଉଦ୍ୟମ କରିଥିଲେ। ଚନ୍ଦ୍ରୟାନ-୩ ଉତ୍କ୍ଷେପଣ ଲାଗି ଗୁରୁବାରଠାରୁ ୨୫.୩୦ ଘଣ୍ଟିଆ ଅବଗଣନା ଆରମ୍ଭ ☞ପୃଷ୍ଠା-୨

# ପ୍ରକାଶ ପାଇଲା ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା

■ **୧.୭୪ ଲକ୍ଷ ଛାତ୍ରୀଛାତ୍ର ମନୋନୀତ**

■ **କଳାରେ ଫକୀର ମୋହନ ଓ ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ, ବିଜ୍ଞାନରେ ଏସ୍‌ସିଏସ୍ ଏବଂ ବାଣିଜ୍ୟରେ ରେଭେନ୍‌ସା ପିଲାଙ୍କ ପ୍ରଥମ ପସନ୍ଦ**

**ଭୁବନେଶ୍ୱର, ୧୪।୭ (ଅନୁରାଧା ମହାରଣା)**

ଯୁକ୍ତ ୩ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ଓ ସେଲ୍ଫ ଫାଇନାନ୍‌ସିଂରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ୧୦୪୨ଟି ଡିଗ୍ରୀ କଲେଜର ୨ ଲକ୍ଷ ୭୦ହଜାର ୨୪୨ ସିଟ୍ ରହିଛି। ତେବେ ୨ ଲକ୍ଷ ୨୩ ହଜାର ୩୧୦ଜଣ ଛାତ୍ରୀଛାତ୍ର ଅନଲାଇନ୍ ପଞ୍ଜିକରଣ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇବାକୁ ୧ଲକ୍ଷ ୭୪ହଜାର ୧୯୫ଜଣ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧ଲକ୍ଷ ୫୭ ହଜାର ୧୦୩ ଜଣ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚଏସଇ) ପରିଚାଳିତ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ସର୍ବାଧିକ ୧ଲକ୍ଷ ୪୯ ହଜାର ୧୮୫ଜଣ ଆବେଦନ କରିଥିବାବେଳେ ୧ଲକ୍ଷ ୮ ହଜାର ୪୮୩ଜଣ ମନୋନୀତ ହୋଇଛନ୍ତି। ବାଣିଜ୍ୟରେ ୧୯ ହଜାର ୯୮୩ ଜଣ ଆବେଦନ କରିଥିବାବେଳେ ୧୭ ହଜାର ୨୧୭ ଜଣ ମନୋନୀତ ହୋଇଛନ୍ତି। ସେହିପରି ଫିଜିକାଲ ସାଇନ୍ସରେ ୩୯ ହଜାର ୯୮୨ଜଣ ଆବେଦନ କରିଥିବାବେଳେ ୨୪ ହଜାର ୩୩୯ଜଣ ମନୋନୀତ ହୋଇଛନ୍ତି। ଅନ୍ୟପଟେ ବାୟୋଲୋଜିକାଲ ସାଇନ୍ସରେ ୪୦ ହଜାର ୨୪୦ଜଣ ଆବେଦନ କରିଥିବାବେଳେ ୧୮ହଜାର ୯୧୯ ଜଣ ମନୋନୀତ ହୋଇଛନ୍ତି। ସେଲ୍ଫ ଫାଇନାନ୍ସିଂରେ ୬ ହଜାର ୭୭୧ଜଣ ଆବେଦନ କରିଥିବାବେଳେ ୧ହଜାର ୩୬୭ ଜଣ ମନୋନୀତ ହୋଇଛନନ୍ତି। ଉପଶାସ୍ତ୍ରୀ ବିଭାଗରେ ୫ ହଜାର ୬୭ ଜଣ ଆବେଦନ କରିଥିବାବେଳେ ୩ ହଜାର ୮୭୦ ଜଣ ମନୋନୀତ ହୋଇଛନ୍ତି। ☞ପୃଷ୍ଠା-୨

# କଟାମୁଣ୍ଡ ଯୋଡ଼ିଲେ ଇସ୍ରାଏଲ ଡାକ୍ତର

**ଜେରୁଜେଲମ୍, ୧୪।୭**

ଇସ୍ରାଏଲୀ ଡାକ୍ତର ଚିକିତ୍ସା ବିଜ୍ଞାନରେ ଚମତ୍କାରିତା ଦେଖାଇଛନ୍ତି। ଜଣେ ୧୨ ବର୍ଷର ବାଳକ ସାଇକେଲ ଚଳାଇ ଯାଉଥିବାବେଳେ ଏକ କାର୍ ଧକ୍କାଦେବାରୁ ତାଙ୍କ ମୁଣ୍ଡ ବେକରୁ ପ୍ରାୟତଃ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। ଇସ୍ରାଏଲର ଡାକ୍ତରମାନେ ଅତ୍ୟନ୍ତ ଜଟିଳ ତଥା ଅସାଧାରଣ ଅସ୍ତ୍ରୋପଚାର ବଳରେ କଟାମୁଣ୍ଡକୁ ପିଲା ଦେହରେ ସଫଳତାର ସହ ଲଗାଇଦେଇଛନ୍ତି।

ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସୁଲେମାନ ହାସନଙ୍କୁ କାର୍ ଧକ୍କା ଦେବାରୁ ତାଙ୍କ ମେରୁଦଣ୍ଡର ଶୀର୍ଷ ଅସ୍ଥିରୁ ଖପୁରି ଅଲଗା ହୋଇଯାଇଥିଲା। ବିଜ୍ଞାନ ଭାଷାରେ ଏଭଳି ସ୍ଥିତିକୁ ବାଏଲାଟେରାଲ ଆଟଲାଣ୍ଟୋ ଓସିପିଟାଲ ଜଏଣ୍ଟ ସିଡ୍‌ଲୋକେଶନ କୁହାଯାଏ। ଦୁର୍ଘଟଣା ପରେ ସୁଲେମାନଙ୍କୁ ବିମାନ ଯୋଗେ ହାଡାସା ମେଡିକାଲ ସେଣ୍ଟରକୁ ନିଆଯାଇ ଜରୁରୀ ଅସ୍ତ୍ରୋପଚାର କରାଯାଇଥିଲା। ଡାକ୍ତରଙ୍କ କହିବା ଅନୁଯାୟୀ ତାଙ୍କ ମୁଣ୍ଡ ବେକର ଆଧାରରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। ଅସ୍ତ୍ରୋପଚାର ପାଇଁ ଅନେକ ଘଣ୍ଟା ସମୟ ଲାଗିଥିଲା ଓ କ୍ଷତିଗ୍ରସ୍ତ ସ୍ଥାନରେ ନୂଆ ପ୍ଲେଟ୍ ଓ ଫିକ୍ସେଶନ ଲଗାଇବାକୁ ପଡ଼ିଥିଲା ବୋଲି ଅର୍ଥୋପେଡ଼ିକ୍ ସର୍ଜନ ଡା. ଓହାଡ୍ ଇନାଭ କହିଛନ୍ତି। ପିଲାଟିକୁ ବଞ୍ଚାଇବାରେ ଆମର ସାମର୍ଥ୍ୟ ହେଉଛି ଆମର ଜ୍ଞାନ ଏବଂ ଅସ୍ତ୍ରୋପଚାର ପ୍ରକୋଷ୍ଠରେ ଥିବା ଅତ୍ୟାଧୁନିକ ପ୍ରଯୁକ୍ତି। ପିଲାଟିର ଜୀବନ ବଞ୍ଚାଇବାକୁ ସମ୍ପୂର୍ଣ୍ଣ ଟିମ୍ ସଂଘର୍ଷ କରିଥିଲା ବୋଲି ଡା. ଇନାଭ କହିଛନ୍ତି। ପିଲାଟିର ବଞ୍ଚିବା ସମ୍ଭାବନା ମାତ୍ର ୫୦ ପ୍ରତିଶତ ଥିଲା। ତେଣୁ ଏହା ଚମତ୍କାରିତାଠାରୁ କିଛି କମ୍ ନୁହେଁ ବୋଲି ସର୍ଜନମାନେ କହିଛନ୍ତି।

ଗତ ମାସରେ ଏହି ଅସ୍ତ୍ରୋପଚାର ହୋଇଥିଲେ ମଧ୍ୟ ଜୁଲାଇ ପର୍ଯ୍ୟନ୍ତ ଡାକ୍ତରମାନେ ଏହାର ଫଳାଫଳକୁ ସର୍ବସାଧାରଣରେ ପ୍ରକାଶ କରି ନ ଥିଲେ। ସୁଲେମାନ ନିକଟରେ ସର୍ଭିକାଲ ସ୍ପ୍ଲିଣ୍ଟ (ବେକ ପଟି) ସହ ହସ୍ପିଟାଲରୁ ବାହାରିଛନ୍ତି। ତାଙ୍କର ସ୍ନାୟୁତନ୍ତ୍ରୀ କିମ୍ବା ଜ୍ଞାନେନ୍ଦ୍ରିୟରେ କୌଣସି କମି ନାହିଁ। ଦୀର୍ଘ ଅସ୍ତ୍ରୋପଚାର ପ୍ରକ୍ରିୟା ପରେ ମଧ୍ୟ ସେ ସ୍ୱାଭାବିକ ଭାବେ ସବୁ କାମ କରିପାରୁଛନ୍ତି ଏବଂ ବିନା ସହାୟତାରେ ଚାଲିପାରୁଛନ୍ତି ବୋଲି ଡା. ଇନାଭ ଗଣମାଧ୍ୟମକୁ କହିଛନ୍ତି।



ସୁଲେମାନ ହାସନଙ୍କ ସହ ଦୁଇ ଡାକ୍ତର।

# କୁନୋରେ ଆଉ ଏକ ଚିତାର ମୃତ୍ୟୁ

**୪ ମାସରେ ଗଲାଣି ୮ ଚିତାଙ୍କ ଜୀବନ**



**ଭୋପାଳ, ୧୪।୭**

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଶୁକ୍ରବାର ଆଉ ଏକ ଆଫ୍ରିକୀୟ ଚିତାର ମୃତ୍ୟୁ ଘଟିଛି। ଫଳରେ କେନ୍ଦ୍ର ସରକାରଙ୍କ ଭାରତକୁ ଚିତା ଆଣିବା କାର୍ଯ୍ୟକ୍ରମକୁ ଆଉ ଏକ ଧକ୍କା ଲାଗିଛି। ଶୁକ୍ରବାର ସକାଳେ ସୂରଯ ନାମକ ଅଣ୍ଡିରା ଚିତାର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଥିଲା। ଗତ ୪ ମାସ ମଧ୍ୟରେ ପ୍ରାଣ ହରାଇବାରେ ଏହା ଅଷ୍ଟମ ଚିତା। ସୂରଯ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଉଦ୍ୟମ କରାଯାଉଥିବା ଜାତୀୟ ଉଦ୍ୟାନ କର୍ତ୍ତୃପକ୍ଷ କହିଛନ୍ତି। ଗତ ମଙ୍ଗଳବାର ଜାତୀୟ ପାର୍କରେ ତେଜସ୍ ନାମକ ଅଣ୍ଡିରା ଚିତାର ମୃତ୍ୟୁ ହୋଇଥିଲା। ମାଈ ଚିତା ସହ ଲଢ଼େଇ ବେଳେ ତେଜସ୍ ଗୁରୁତର ଆଘାତ ପାଇଥିଲା, ଯେଉଁଥିରୁ ସେ ସୁସ୍ଥ ହେବା ସମ୍ଭବ ହୋଇ ନ ଥିଲା ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା।

ଗତ ମାର୍ଚ୍ଚ ୨୭ରେ ସାଶା ନାମକ ମାଈ ଚିତାର କିଡ୍‌ନୀ ଖରାପ କାରଣରୁ ମୃତ୍ୟୁ ହୋଇଥିଲା। କାର୍ଡିଓ-ପୁଲ୍‌ମୋନାରି ଫେଲ୍ୟୋର ଯୋଗୁ ଏପ୍ରିଲ ୨୩ରେ ଉଦୟ ପ୍ରାଣ ହରାଇଥିବାବେଳେ ମେ' ୯ରେ ପୁରୁଷ ଚିତା ସହ ସଂଘର୍ଷ ବେଳେ ଦାକ୍ଷା ନାମ୍ନୀ ମାଈ ଚିତାର ମୃତ୍ୟୁ ଘଟିଥିଲା। ମେ' ୨୫ରେ ଖରାପ ପାଗ ଏବଂ ଶରୀରରୁ ଜଳୀୟ ଅଂଶ ହ୍ରାସ ପାଇବାରୁ ଦୁଇଟି ଚିତା ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**
"ଶାସକ ଭାଜପାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଇଲେକ୍ଟୋରାଲ ବଣ୍ଡର ଯୋଜନା କରାଯାଇଛି। ନିର୍ବାଚନ ପାଣ୍ଠି ବ୍ୟବସ୍ଥାରେ ସ୍ୱଚ୍ଛତା ଅଣାଯିବା ଜରୁରୀ ହୋଇପଡ଼ିଛି। **-ପବନ ଖେରା, କଂଗ୍ରେସ ମୁଖପାତ୍ର**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛତିଆ ବିରିକି ପାମ୍ପରା ବଡ଼ି**
**ପିତା ଶୁଖୁଆକୁ ଲୁଣ**
**ଛୋପରି କାନ୍ଦୁଛି ଛୋପରା ଆଗରେ**
**କାନ୍ଦିବାର କେଉଁ ଗୁଣ ?**
ଗୁଣରେ ଏକୁ ଆରେକ। କେହି କାହାକୁ ଯେତେବେଳେ ମନ୍ଦ ନୁହନ୍ତି, ସେତେବେଳେ ଦେଖେଇ ଶିଖେଇ ହୋଇ କଥା କହିବାରେ କିଛି ମୂଲ୍ୟ ରହେନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଛାଇକୁ ଖୋଜେ ପାନ,**
**ଖରାକୁ ଖୋଜେ ଧାନ।**
ସାଧାରଣତଃ ଛାଇରେ ପାନ ଫସଲ ଭଲ ହୋଇଥାଏ । ସେହିପରି ଖରା ଯୋଗେ ଧାନ ଫସଲ ଠିକ୍ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ - ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା :ଲିଃ

# ପଶ୍ଚିମ ଓଡ଼ିଶାରେ 'ମୁଖ୍ୟମନ୍ତ୍ରୀ ସଭାଗୃହ'

**ଭୁବନେଶ୍ୱର,୧୪।୭(ଅନିଲ ଦାସ)**

- **କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**
- **ଖର୍ଚ୍ଚ ହେବ ୧୨୫ କୋଟି**
- **ନିର୍ମାଣ ହେବ ୨୦୦୦ ସଭାଗୃହ**
- **୩୩ କୋଟି ଟଙ୍କା ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିସ୍ଥାପନ**
- **ପଶ୍ଚିମ ଓଡ଼ିଶାର ବିକାଶରେ ଡବ୍ଲ୍ୟୁଓଡିସି ପ୍ରମୁଖ ଭୂମିକା ଗ୍ରହଣ କରିଛି : ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ପଶ୍ଚିମ ଓଡ଼ିଶାରେ 'ମୁଖ୍ୟମନ୍ତ୍ରୀ ସଭାଗୃହ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥିପାଇଁ ୧୨୫ କୋଟି ଟଙ୍କା ବିନିଯୋଗ କରାଯିବ। ଏହି ଯୋଜନାରେ ପଶ୍ଚିମ ଓଡ଼ିଶାର ପ୍ରାୟ ୨୦୦୦ କଲ୍ୟାଣ ମଣ୍ଡପ ଓ ସ୍ଥାନୀୟ ସଭାଗୃହଗୁଡ଼ିକର ନିର୍ମାଣ ହାତକୁ ନିଆଯିବ। ଏହାଦ୍ୱାରା ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନ ଆହୁରି ସକ୍ରିୟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୫-ଟି ଉପକ୍ରମରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଏହିସବୁ ଭିତ୍ତିଭୂମି କାମ ଠିକ୍ ସମୟରେ ଶେଷ ହେବ ଓ ଏହାର ଗୁଣାତ୍ମକ ମାନ ମଧ୍ୟ ବହୁତ ଭଲ ରହିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ୩୩.୫୮ କୋଟି ଟଙ୍କା ବିନିଯୋଗରେ ଅନେକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ସେ ସବୁବେଳେ ସ୍ୱତନ୍ତ୍ର ଧ୍ୟାନ ଦେଇଆସିଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବଜେଟ ୨ ଗୁଣ ବୃଦ୍ଧି ହେବା ସହିତ ଏହାର କାର୍ଯ୍ୟକ୍ରମ ମଧ୍ୟ ବୃଦ୍ଧି ପାଇଛି। ଜନପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ବିକାଶ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସେ ବିକାଶ ପରିଷଦକୁ ପରାମର୍ଶ ଦେଇଛନ୍ତି। ପଶ୍ଚିମ ଓଡ଼ିଶାର ବିକାଶ କ୍ଷେତ୍ରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଓଡ଼ିଶାର ବିକାଶରେ ପଶ୍ଚିମ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୃଷି, ଶିଳ୍ପ, ଖଣି, ଶିକ୍ଷା ଏବଂ କଳା ଓ ସଂସ୍କୃତିରେ ସମୃଦ୍ଧ ହେଉଛି ପଶ୍ଚିମ ଓଡ଼ିଶା। ପର୍ଯ୍ୟଟନର ବିକାଶ ପାଇଁ ମା' ସମଲେଶ୍ୱରୀ, ହରିଶଙ୍କର ଓ ନୃସିଂହନାଥ ମନ୍ଦିରର ରୂପାନ୍ତର କାମ ଚାଲିଛି। ଏଥିସହିତ ଆହୁରି ଅନେକ ମନ୍ଦିର ଓ ଭିତ୍ତିଭୂମି କାମ ପାଇଁ ମଧ୍ୟ ପଦକ୍ଷେପ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଜରିଆରେ ସବୁ କାମ ତଦାରଖ କରାଯାଉଛି। ପଶ୍ଚିମ ଓଡ଼ିଶା ଖୁବ୍‌ଶୀଘ୍ର ବିକାଶର ସବୁ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ସେ କହିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ଠାରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ବରଗଡଠାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ, ଦେବଗଡଠାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ପ୍ରମୁଖ ଯୋଗଦେଇ ପଶ୍ଚିମ ଓଡ଼ିଶାର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଯୋଜନାବଦ୍ଧ କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିଥିଲେ। ୫-ଟି ଉପକ୍ରମରେ ସବୁ କାର୍ଯ୍ୟକ୍ରମ ଠିକ୍ ସମୟରେ ଆରମ୍ଭ ହୋଇ ଶେଷ ହେବା ସହିତ ପଶ୍ଚିମ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହୋଇପାରୁଛି ବୋଲି ମତ ଦେଇଥିଲେ।

ବୈଠକରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଏହାର ସିଇଓ ଅଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟିତ ପ୍ରକଳ୍ପ ମଧ୍ୟରେ ବଲାଙ୍ଗୀର ଗଡିଆଜୋର ସେତୁ, ଟିଟିଲାଗଡ଼ ଟାଉନ ହଲ୍, ବରଗଡ ଇକୋ ଟୁରିଜମ୍, ଭିତ୍ତିଭୂମି, ଦେବଗଡ କଲେଜର ନୂଆ ଅଡିଟୋରିୟମ, କଳାହାଣ୍ଡି ବ୍ରଜମୋହନ ହାଇସ୍କୁଲର ନୂଆ ହଷ୍ଟେଲ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୂଆ ଅଡିଟୋରିୟମ ଓ କୁଚିଣ୍ଡା କଲେଜର ଅଡିଟୋରିୟମ ରହିଛି। ଭିତ୍ତିଭୂମି ରଖାଯାଇଥିବା ପ୍ରକଳ୍ପ ମଧ୍ୟରେ ବରଗଡ ଜନ୍ଦୋଲ ଗାଁର କମ୍ୟୁନିଟି ହଲ୍, ବରୋମୁଣ୍ଡା କଳାଗ୍ରାମ, କଟାବାହାଲ ପର୍ଯ୍ୟଟନ କେନ୍ଦ୍ର ଏବଂ କଳାହାଣ୍ଡିର ବିଭିନ୍ନ ଜଳାଶୟର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଏବଂ ସମ୍ବଲପୁର କେସିଆବାହାଲଠାରେ ନୂତନ ବହୁମୁଖୀ ହଲ୍ ନିର୍ମାଣ କାମ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶିକ୍ଷା, ସନ୍ତାନ, ଗବେଷଣା, ଲେଖାପଢ଼ା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। କିନ୍ତୁ ଚୁ-ନାମାକ୍ଷର ବ୍ୟକ୍ତି ମାନସିକ ଦ୍ୱନ୍ଦ୍ୱ ଓ ଆଶାଆଶଙ୍କା ମଧ୍ୟରେ ବ୍ୟସ୍ତ ରହିପାରନ୍ତି। ପରିବାରରେ ଆଲୋଚନା ଓ ସମାଲୋଚନା ଭିତରେ ଶାନ୍ତି ଫେରି ଆସିବ। ତଥାପି ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି, ଏଣୁ ସତର୍କ ରହିବା ଭଲ।

**ବୃଷ** ରାଶିରେ ଚନ୍ଦ୍ର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ଏବଂ ମନ ପ୍ରଫୁଲ୍ଲିତ ରହିବ। ବ-ନାମାକ୍ଷର ସକାଶେ ଛୋଟ କଥାକୁ କେନ୍ଦ୍ରକରି ଅଶାନ୍ତି ସୃଷ୍ଟି ହୋଇପାରେ। ପ୍ରକାଶନ, ପ୍ରଶାସନ, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ ହୁଅନ୍ତୁ, ସେମାନେ କହିବେ ବହୁତ କିନ୍ତୁ କଳା ବେଳକୁ ଦେଖା ମିଳି ନ ପାରେ।

**ମିଥୁନ** ଭୁଲ୍ ବୁଝାମଣା ହେତୁ ଟିକିଏ ଟିକିଏ କଥାରେ ପରିବାରରେ କଳହ ଲାଗିପାରେ। ଟଙ୍କା ପଇସା ସମ୍ପର୍କିତ ଝମେଲାର ସମ୍ଭାବନା ରହିଛି। ଆମଦାନୀ, ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ଉନ୍ନତ ଫଳ ମିଳିବ। କୁ-ନାମାକ୍ଷର ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

**କର୍କଟ** ବିଭିନ୍ନ ବାଟରୁ ଅର୍ଥ ପାଇବେ ସତ କିନ୍ତୁ ମାନସିକ ଶାନ୍ତି ହରାଇବେ। ମାନସିକ ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ କେତେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ହେ-ନାମାକ୍ଷର ସାଂଗଠନିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରୁ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶରେ ଗଡ଼ବଡ଼ ସୃଷ୍ଟି ହେବ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ବିଳମ୍ବରେ ପାଇଯିବେ। କର୍ମ କ୍ଷେତ୍ରରେ ସାମାନ୍ୟ ବାଧା ଉପୁଜିଲେ ମଧ୍ୟ କାମ ଅଟକିବ ନାହିଁ। ମ-ନାମାକ୍ଷର ପାଇଁ ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ।

**କନ୍ୟା** ଦୀର୍ଘଦିନର ଚେଷ୍ଟା ପରେ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ପ୍ରତିଦ୍ୱନ୍ଦ୍ୱୀଙ୍କ ଅସନ୍ତୋଷଜନକ କାର୍ଯ୍ୟ ହେତୁ ବାଣିଜ୍ୟରେ ପ୍ରତିବନ୍ଧକ ଓ ଯାତ୍ରାରେ ସମସ୍ୟା ହେତୁ ଦୁଶ୍ଚିନ୍ତା ବଢ଼ିପାରେ। ପୁ-ନାମାକ୍ଷର ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତାରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ତୁଳା** ଜଣେ ବିଶିଷ୍ଟବ୍ୟକ୍ତିଙ୍କ ଛତ୍ରଛାୟାରେ ଅସମ୍ଭବ କାମକୁ ସମ୍ଭବ କରିପାରିବେ। ତ-ନାମାକ୍ଷର ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ସଫଳତା ପାଇବା କଷ୍ଟକର ହେବ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆର୍ଥିକ ଅଭିବୃଦ୍ଧି ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି।

**ବିଛା** କର୍ମକ୍ଷେତ୍ର ନିରଙ୍କୁଶ ରହିଲେ ମଧ୍ୟ ସମସ୍ୟା ପିଛା ଛାଡ଼ିବ ନାହିଁ। ମାନସିକ ସ୍ଥିରତା ଅଭାବରୁ ବିନା କାରଣରେ ଝଗଡ଼ା ଲାଗିପାରେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ଆପଣ ବିଜୟୀ ହେବେ। ନ-ନାମାକ୍ଷର କଳା, ସାହିତ୍ୟ,ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ।

**ଧନୁ** ବିଚାରବିନା ନିଷ୍ପତ୍ତି ଗ୍ରହଣ କରିବା କାରଣରୁ ହଇରାଣରେ ପଡ଼ିପାରନ୍ତି। ଭ-ନାମାକ୍ଷର ବ୍ୟକ୍ତିଙ୍କର ଉନ୍ନୟନ କାମ ବାଧାପ୍ରାପ୍ତ ସମ୍ଭାବନା ରହିଛି। ବନ୍ଧୁଙ୍କ ପ୍ରେରଣାରେ ଚିକିତ୍ସାର ଆଶ୍ରୟ ନେବା କାରଣରୁ ଶାରୀରିକ ସୁସ୍ଥତା ଫେରିପାଇବେ। ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ବନ୍ଧୁ କିମ୍ବା ସହକର୍ମୀ ମାନଙ୍କ ସହ ତିକ୍ତତା ଦେଖାଦେବାର ସୂଚନା ରହିଛି। ବ୍ୟବସାୟ, ପରିବହନ ଓ ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଖ-ନାମାକ୍ଷର ବ୍ୟକ୍ତି ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**କୁମ୍ଭ** ଏକାଧିକ କାମରେ ସମ୍ପୃକ୍ତ ଥିଲେ ମଧ୍ୟ ସାମୟିକ ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ। ନିଜ ଲୋକ ମାନଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତ ବିବ୍ରତ ହୋଇ ପାରନ୍ତି। ଶ-ନାମାକ୍ଷର ବ୍ୟକ୍ତିଙ୍କ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ଦୁରବସ୍ଥା କାମକୁ କେତେମାତ୍ରାରେ ଅଟକାଇ ଦେଇପାରେ।

**ମୀନ** ଆଜି ଦିନଟିକୁ ଯେପରି ଭାବରେ କଟାଇବାକୁ ମନସ୍ଥ କରିଥିଲେ ବାସ୍ତବରେ ସେପରି କିଛି ହୋଇପାରିବ ନାହିଁ। ପରିବେଶ ଓ ପରିସ୍ଥିତି ଆପଣଙ୍କ ଯୋଜନାକୁ ଓଲଟ ପାଲଟ କରିଦେଇପାରେ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହେବାର ଆଶଙ୍କା ରହିଛି। ଦ-ନାମାକ୍ଷର ବ୍ୟକ୍ତି ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

ଆଜି ଶ୍ରାବଣ କୃଷ୍ଣ ତ୍ରୟୋଦଶୀ ଶନିବାର, ଜୁଲାଇ ୧୫ ତାରିଖ, ବିଶ୍ୱ କୌଶଳ ଦିବସ, ରାଶିନକ୍ଷତ୍ର- ମୃଗଶିରା/ବୃଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୪ ଗତେ ଘ.୧୨।୧୮ ମଧ୍ୟେ, ଘ.୦୩।୦୮ ଗତେ ଘ.୦୩।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୬ ଗତେ ଘ.୧୦।୧୪ ମଧ୍ୟେ ରାହୁକାଳ।

# ଦୀଘା ମୁହାଣକୁ ଆସିଲା ୪୦ ଟନ୍ ଇଲିଶି

**ଭୋଗରାଇ,୧୪।୭(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ଦୀଘା ମୁହାଣ ମାଛ ମାର୍କେଟରେ ଶୁକ୍ରବାର ୪୦ଟନ୍ ଇଲିଶି ବିକ୍ରି ହୋଇଥିବା ସୂଚନା ମିଳିଛି। ପାଗ ଅନୁକୂଳ ଥିବାରୁ ଗଭୀର ସମୁଦ୍ରରୁ ପ୍ରଚୁର ପରିମାଣରେ ଇଲିସି ଟ୍ରଲର ଯୋଗେ ମତ୍ସ୍ୟଜୀବୀଙ୍କ ଜାଲରେ ଧରା ପଡ଼ିଛନ୍ତି। ଗତ କିଛିବର୍ଷ ଧରି ମତ୍ସ୍ୟଜୀବୀଙ୍କ ଜାଲରେ ଆଶାନୁରୂପ ଇଲିଶି ସମୁଦ୍ରରେ ଧରା ଦେଉ ନ ଥିବାରୁ ଟ୍ରଲର ମାଲିକ ଓ ମତ୍ସ୍ୟଜୀବୀମାନେ ନିରାଶ ହୋଇଥିବା ବେଳେ ଚଳିତ ବର୍ଷାରତୁ ଆରମ୍ଭରେ ପ୍ରଚୁର ଇଲିଶି ପଡ଼ିବାରୁ ମତ୍ସ୍ୟଜୀବୀମାନେ ଆନନ୍ଦ ପ୍ରକାଶ କରିଛନ୍ତି। ମ୍ୟାନମାର ଓ ବାଂଲାଦେଶ ଗଭୀର ସମୁଦ୍ରରୁ ପ୍ରଚୁର ଇଲିଶି ଭାରତ ଉପକୂଳ ମୁହାଁ ହେଉଛନ୍ତି। ଇଲିଶି ଯାଆଁଳ ଛାଡ଼ିବା ଓ ସମୁଦ୍ରକୁ ସଂଯୋଗ କରୁଥିବା ନଦୀର ମଧୁର ଜଳ ପାନ ପାଇଁ ବ୍ୟାକୁଳ ହୋଇ କୂଳମୁହାଁ ହେଉଥିବା ବେଳେ ମତ୍ସ୍ୟଜୀବୀଙ୍କ ଜାଲରେ ଧରା ପଡୁଛନ୍ତି। ଇଲିଶି ଧରିବା ପାଇଁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲାର ସମୁଦ୍ର କୂଳ ମତ୍ସ୍ୟ ଅବତରଣ କେନ୍ଦ୍ରରୁ ସହସ୍ରାଧିକ ମାଛଧରା ଟ୍ରଲର ଓ ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ରକୁ ଯାଉଥିବା ଜଣାପଡ଼ିଛି। ୫୦୦ଗ୍ରାମ ଓଜନର ଇଲିଶି ସାଢେ ୫ ଶହ ଓ ଏକ କେଜି ଓଜନର ଇଲିସି ୧୦୦୦ଟଙ୍କାରେ ବିକ୍ରି ହେଉଛି। ଆଗକୁ ପ୍ରଚୁର ଇଲିଶି ପଡ଼ିବା ସମ୍ଭାବନା ରହିଛି ବୋଲି ଦୀଘା ମତ୍ସ୍ୟଜୀବୀ ସଂଘ କର୍ମକର୍ତ୍ତା କହିଛନ୍ତି। ଅନ୍ୟ ଲୁଣିମାଛ ଅପେକ୍ଷା ଇଲିଶିର ସ୍ୱାଦ ଭିନ୍ନ ହୋଇଥିବାରୁ ଖାଉଟିମାନଙ୍କର ଏହାପ୍ରତି ଦୁର୍ବଳତା ରହିଛି। ସମୁଦ୍ରରେ ଇଲିଶି ଆଶାନୁରୂପକ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଲେ ହାଟ ବଜାରରେ ଇଲିଶିର ଦାମ ଶସ୍ତା ହେବ ବୋଲି କୁହାଯାଉଛି।

# ନୟନଯୋରିକୁ ଓଲଟିଲା ବସ୍, ୩୩ ଆହତ



**ଜଳେଶ୍ୱର,୧୪।୭(ରବିନାରାୟଣ ପାତ୍ର)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ୬୦ନଂ. ଜାତୀୟ ରାଜପଥର ଆମ୍ବଲିଅଠା ବାଇପାସ୍ ନିକଟସ୍ଥ ନୟନଯୋରିକୁ ଗୁରୁବାର ବିଳମ୍ବିତ ରାତିରେ ଏକ ବସ୍ ଓଲଟି ୩୩ ଯାତ୍ରୀ ଆହତ ହୋଇଛନ୍ତି। ଉକ୍ତ ବସ୍ ପଛପଟୁ ଏକ ଟ୍ରକ୍ ଧକ୍କାଦେବାରୁ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ କୋଲକାତା ଅଭିମୁଖେ ପ୍ରଧାନ ନାମକ ବସ୍ ଯାଉଥିବା ବେଳେ ଆମ୍ବଲିଅଠା ବାଇପାସ୍ ନିକଟ ଏକ ହମ୍ପସ୍ଥାରେ ହଠାତ୍ ବ୍ରେକ୍ ମାରିଥିଲା। ଏହି ସମୟରେ ପଛରେ ଆସୁଥିବା ଟ୍ରକ୍ ଉକ୍ତ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ବସ୍‌ଟି ଭାରସାମ୍ୟ ହରାଇ ରାଜପଥର ୨୦ଫୁଟ ତଳ ନୟନଯୋରିକୁ ଓଲଟିପଡ଼ିଥିଲା। ଏକ ଗଛ ସହ ଧକ୍କା ଲାଗି ନିକଟରେ ଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟକୁ ଆଉଜି ରହିଯାଇଥିଲା। ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲରେ କେତେଜଣ ଯାତ୍ରୀ ଚିକିତ୍ସା ପାଇଁ ଭର୍ତ୍ତିହୋଇଥିବା ବେଳେ ଅନ୍ୟମାନଙ୍କୁ ଭୁବନେଶ୍ୱର ଓ କୋଲକାତା ପଠାଯାଇଛି। ଖବରପାଇ ଜଳେଶ୍ୱର ପୋଲିସ୍ ପହଞ୍ଚି ତଦନ୍ତ କରୁଛି।

# ନାବାଳିକାଙ୍କ ତଣ୍ଟିକାଟି ହତ୍ୟା ଘଟଣାରେ ୨ ଗିରଫ

**ବଲାଙ୍ଗୀର, ୧୪।୭ (ବୀରେନ୍ଦ୍ର କୁମାର ଝାଙ୍କର)**

- **ପ୍ରେମ ପ୍ରସଙ୍ଗକୁ ନେଇ ହତ୍ୟା ସନ୍ଦେହ**
- **ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି, ରକ୍ତଭିଜା ଶାର୍ଟ ଜବତ**
- **ଶ୍ରୀକାକୁଲମ୍‌ରୁ ଗିରଫ ହେଲେ ମୁଖ୍ୟ ଅଭିଯୁକ୍ତ**

ବଲାଙ୍ଗୀର ସହର କେନ୍ଦ୍ରୀୟ ବିଦ୍ୟାଳୟ ନିକଟସ୍ଥ ନିଖିଳ ନଗରରେ ଗୁରୁବାର ଘରେ ପଶି ନାବାଳିକା ଶେଷାଦ୍ରୀ ନାଗ (୧୫)ଙ୍କ ତଣ୍ଟିକାଟି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଦୁଇଜଣଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଆଗଲପୁର ଥାନା ରୋଡ୍ ଗ୍ରାମର ମିଳନ୍ ରଣା (୨୧) ଓ ଜିତୁ ରଣା (୨୧)। ହତ୍ୟାକାଣ୍ଡ ଭିଆଇବା ପରେ ଘର ପଛ ପଟ ଜଙ୍ଗଲ ଭିତର ଏକ ପଥର ଚଟାଣ ନିକଟରେ ହତ୍ୟାରେ ବ୍ୟବହୃତ ଏକ କଟୁରି ଏବଂ ରକ୍ତ ପୋଛିଥିବା ଏକ ଶାର୍ଟକୁ ଲୁଚାଇ ଦେଇ ଦୁଇ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଟାଉନ୍ ପୋଲିସ ମୁଖ୍ୟ ଅଭିଯୁକ୍ତ ମିଳନ ରଣାଙ୍କୁ ଧରି ସିନ୍ ରିକ୍ରିଏସନ୍ ପରେ ବଲାଙ୍ଗୀର ଏସଡିପିଓ ତୋଫାନ୍ ବାଗ ନାବାଳିକା ହତ୍ୟା ଘଟଣାରେ ଦୁଇ ଅଭିଯୁକ୍ତ ଗିରଫ ହୋଇଥିବା ସୂଚନା ଦେଇଛନ୍ତି। ହତ୍ୟାର କାରଣ ସମ୍ପର୍କରେ ଏସଡିପିଓ ବାଗ ଗଣମାଧ୍ୟମକୁ କିଛି ବି ସୂଚନା ଦେଇ ନ ଥିବାବେଳେ ପ୍ରେମଜନିତ କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚାର ବିଷୟ ହୋଇଛି। ହତ୍ୟା କରିବା ପରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ମିଳନ୍‌ଙ୍କୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ଜଣାପଡିଛି। ଶନିବାର ବଲାଙ୍ଗୀର ଏସପି ଋଷିକେଶ ଖିଲାରୀ ଗଣମାଧ୍ୟମକୁ ହତ୍ୟାକାଣ୍ଡ ସମ୍ପର୍କରେ ସବିଶେଷ ସୂଚନା ଦେବେ ବୋଲି ସୂଚନା ଦିଆଯାଇଛି।

ଗୁରୁବାର ଅପରାହ୍ନରେ ନିଖିଳନଗର ନିବାସୀ ମକରଧ୍ୱଜ ନାଗଙ୍କ ଘରେ ପଶି ତାଙ୍କ ସାନ ଝିଅ ଶେଷାଦ୍ରୀଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରିଥିଲେ। ହତ୍ୟାକାଣ୍ଡ ସମୟରେ ଶେଷାଦ୍ରୀ ଘରେ ଏକାକୀ ଥିଲେ। ତାଙ୍କ ପିତା ମକରଧ୍ୱଜ ଜଣେ ମିସ୍ତ୍ରି ଓ ମାତା ପୂର୍ଣ୍ଣମୀ ନାଗ ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବାରୁ ସବୁଦିନ ଭଳି କାମ କରିବାକୁ ଯାଇଥିଲେ। ଦିନ ପ୍ରାୟ ୧ଟାରେ ମାତାପିତା କାମରୁ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ଝିଅ ଶେଷାଦ୍ରୀଙ୍କ ରକ୍ତାକ୍ତ ମୃତଦେହ ଚଟାଣରେ ପଡିଥିବା ଦେଖିବାକୁ ପାଇଥିଲେ। ଏହା ପରେ ସ୍ଥାନୀୟ ଲୋକେ ଟାଉନ୍ ଥାନା ପୋଲିସକୁ ଖବର ଦେଇଥିଲେ। ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବଲାଙ୍ଗୀର ଏସପି ଋଷିକେଶ ଖିଲାରି ଘଟଣାସ୍ଥଳ ପରିଦର୍ଶନ କରିବା ସହ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ସ୍ୱତନ୍ତ୍ର ଟିମ୍ ତଦନ୍ତକୁ ତ୍ୱରାନ୍ୱିତ କରିବା ପରେ ସିସିଟିଭି ଫୁଟେଜ ଏବଂ ମୋବାଇଲ ଟ୍ରାକିଂ ଜରିଆରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ଜଣାପଡିଛି। ଶୁକ୍ରବାର ସିନ୍ ରିକ୍ରିଏସନ୍ ବେଳେ ମୁଖ୍ୟ ଅଭିଯୁକ୍ତ ମିଳନ୍ ତାଙ୍କ ସହଯୋଗୀ ଜିତୁ ସହ ଏକ ମୋଟର ସାଇକେଲରେ ନିଖିଳନଗର ପଛପଟ ଜଙ୍ଗଲକୁ ଆସି ସେଠାରୁ ଶେଷାଦ୍ରୀଙ୍କ ଘର ପଟରୁ ପଶିଥିଲେ। ସେଠାରେ ଶେଷାଦ୍ରୀଙ୍କ ସହ ଯୁକ୍ତିତର୍କ କରି ଘର ପଛ ପଟେ ତାଙ୍କୁ ପିଟିଥିଲେ। ସେଠାରୁ କିଭଳି ଭାବେ ସେ ତାଙ୍କୁ ଶୟନ କକ୍ଷକୁ ନେଇ ଏକ କଟୁରି ସହାୟତାରେ ହତ୍ୟା କଲେ ଏବଂ ଶେଷାଦ୍ରୀଙ୍କ ବାପାଙ୍କ ଏକ ଶାର୍ଟରେ ରକ୍ତ ସଫା ଉଦ୍ୟମ କରିବା ସହ ନିଜ ହାତରେ ଲାଗିଥିବା ରକ୍ତ ପୋଛି ଉକ୍ତ କଟୁରି ଏବଂ ରକ୍ତଭିଜା ଶାର୍ଟକୁ ଜଙ୍ଗଲ ଭିତର ପଥର ଚଟାଣ ତଳେ ରଖି ଫେରାର ମାରିଥିଲେ ସେ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପ୍ରେମ ବିଫଳତାରୁ ମିଳନ୍ ଏଭଳି କାଣ୍ଡ ଭିଆଇଥିବା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଶନିବାର ହତ୍ୟାର ଗୁମର ଖୋଲିବ।



ମୁଖ୍ୟ ଅଭିଯୁକ୍ତଙ୍କ ସୂଚନା ଅନୁସାରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ କଟୁରି ଓ ରକ୍ତଭିଜା ଶାର୍ଟ ଜବତ କରୁଛି।

## ପ୍ରଥମ ପୃଷ୍ଠାରୁ...

### 'ଚନ୍ଦ୍ରୟାନ-୩'ର ସଫଳ ...

କରାଯାଇଥିଲା। ଏହି ମୁନ୍ ମିଶନ ମୋଟ ୬୦୦ କୋଟି ଟଙ୍କା (ଫିଲ୍ମ 'ଆଦିପୁରୁଷ'ର ପ୍ରଯୋଜନା ଖର୍ଚ୍ଚ ୭୦୦ କୋଟିଠାରୁ କମ୍) ବ୍ୟୟରେ ନିର୍ମାଣ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଚନ୍ଦ୍ରୟାନ-୩ର ଉତ୍କ୍ଷେପଣ ଦେଖିବା ଲାଗି ସ୍ପେସ୍ ସେଣ୍ଟରରେ ଲୋକଙ୍କ ଭିଡ଼ ଜମିଥିଲା। ଯଦି ଲ୍ୟାଣ୍ଡର ସଫଳତା ପୂର୍ବକ ଚନ୍ଦ୍ରରେ ସୂକ୍ଷ୍ମ ଚନ୍ଦ୍ରାବତରଣ (ସଫ୍ଟ ଲ୍ୟାଣ୍ଡିଂ) କରେ ତେବେ ଆମେରିକା, ଚାଇନା ଓ ରୁଷିଆ ପରେ ଚନ୍ଦ୍ରର ରହସ୍ୟକୁ ଭେଦ କରିବାରେ ଭାରତ ହେବ ଚତୁର୍ଥ ରାଷ୍ଟ୍ର। ଏଲ୍‌ଭିଏମ୍-୩ ଟେକ୍‌ଅଫ୍‌ର ୧୬ ମିନିଟ୍ ପରେ ଚନ୍ଦ୍ରୟାନ-୩ ରକେଟ୍‌ରୁ ଅଲଗା ହୋଇ ୨ଟା ୫୧ରେ ପୃଥିବୀ କକ୍ଷ ଚାରିପଟେ ଅଣ୍ଡାକୃତି ଭାବେ ୫ରୁ ୬ ଥର ଘୂରି ୩୬,୫୦୦ କି.ମି. ବେଗରେ ଚନ୍ଦ୍ର ଆଡକୁ ଅଗ୍ରସର ହୋଇଥିଲା। ପୃଥିବୀର କକ୍ଷପଥରେ ଚନ୍ଦ୍ରୟାନ-୩ ପହଞ୍ଚିବା ନେଇ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ମିଶନ କଣ୍ଟ୍ରୋଲ ସେଣ୍ଟର (ଏମ୍‌ସିସି)ରେ ରହି ଭାରତକୁ ଶୁଭେଚ୍ଛା ଜଣାଇଛନ୍ତି। ଉତ୍କ୍ଷେପଣ ପୂର୍ବରୁ ସ୍ପେସ୍‌କ୍ରାଫ୍ଟର ପ୍ରପଲଶନ ମୋଡ୍ୟୁଲ୍, ପାୱାର ଜେନେରେଶନ୍, ଲ୍ୟାଣ୍ଡର ମୋଡ୍ୟୁଲର ପୋଜିଶନ୍ ଠିକ୍ ଥିବା ପ୍ରୋଜେକ୍ଟ ନିର୍ଦ୍ଦେଶକ ପି. ଭୀରାମୁଥୁଭେଲ କହିଥିଲେ। ଉକ୍ତ ମିଶନକୁ ମିଶାଇ ଇସ୍ରୋର ଏଲ୍‌ଭିଏମ୍-୩ ଅଦ୍ୟାବଧି ୬ଟି ସଫଳ ମିଶନରେ ନିଜ ଯୋଗଦାନ ଦେଇସାରିଛି। ଭାରତୀୟ ମହାକାଶ ଯାତ୍ରାରେ ଚନ୍ଦ୍ରୟାନ-୩ ନୂଆ ଅଧ୍ୟାୟ ଆରମ୍ଭ କରିଥିବା ଫ୍ରାନ୍ସ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି କହିଛନ୍ତି। ଚନ୍ଦ୍ରୟାନ-୩ର ସଫଳ ଲଞ୍ଚ ନେଇ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ଏବଂ ୟୁରୋପୀୟ ମହାକାଶ ଏଜେନ୍ସି (ଇଏସ୍‌ଏ) ଭାରତକୁ ଶୁଭେଚ୍ଛା ଜଣାଇଛି।

ଲ୍ୟାଣ୍ଡର ବିକ୍ରମ ପୃଥିବୀର ନିକଟତମ ଉପଗ୍ରହ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ। ଉତ୍ତର ଅପେକ୍ଷା ଦକ୍ଷିଣ ମେରୁରେ ଅଧିକ ସ୍ଥାନ ରହିଛି। ବୈଜ୍ଞାନିକମାନେ ଏଠାରେ ଜଳ କଣିକା ଖୋଜି ବାହାର କରିଥିବାବେଳେ ସଫ୍ଟ ଲ୍ୟାଣ୍ଡିଂ ପାଇଁ ଏହା ଅନୁକୂଳ ବୋଲି ବୈଜ୍ଞାନିକଙ୍କ ବିଶ୍ୱାସ ରହିଛି। ଇସ୍ରୋ ଚନ୍ଦ୍ରୟାନ-୩ ଜରିଆରେ ଆଜି ସାରା ଦେଶକୁ ଗୌରବାନ୍ୱିତ କରିଥିବା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଭାରତୀୟ ମହାକାଶ ପ୍ରୋଗ୍ରାମର ଜନକ ବିକ୍ରମ ସରଭାଇ ୬୦ ବର୍ଷ ପୂର୍ବେ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଖୁବ୍‌ଶୀଘ୍ର ପୂରା ହେବାକୁ ଯାଉଛି।

### ଭାରତର ରପ୍ତାନି ...

ଅନ୍ୟପକ୍ଷରେ ସୁନା ଆମଦାନି ଜୁନ୍‌ରେ ୮୨.୩୮ ପ୍ରତିଶତ ବଢ଼ି ୫ ବିଲିୟନ ଡଲାରରେ ପହଞ୍ଚିଛି। ଏପ୍ରିଲ-ଜୁନ୍ ତ୍ରୈମାସିକରେ ସୁନା ଆମଦାନି ୭.୫୪ ପ୍ରତିଶତ ହ୍ରାସ ପାଇ ୯.୭ ବିଲିୟନ ଡଲାର ଥିଲା। ମନ୍ତ୍ରଣାଳୟ କହିବା ଅନୁଯାୟୀ ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ବାଣିଜ୍ୟ ପ୍ରଦର୍ଶନରେ ବହୁତ ଭଲ ଅଭିବୃଦ୍ଧି ହୋଇଥିଲା। ଅନ୍ତର୍ଜାତୀୟ ସ୍ତରରେ ମାନ୍ଦାବସ୍ଥାର ପ୍ରଭାବରୁ ଚଳିତ ବର୍ଷ ପ୍ରଦର୍ଶନ ନିମ୍ନଗାମୀ ହୋଇଛି। ବିଶ୍ୱବ୍ୟାଙ୍କର ଗ୍ଲୋବାଲ ଇକୋନୋମିକ୍ ପ୍ରସ୍ପେକ୍ଟସ୍ ରିପୋର୍ଟ (୨୦୨୩ ଜୁନ୍), ଅନୁଯାୟୀ ୨୦୨୩ରେ ବୈଶ୍ୱିକ ଅର୍ଥନୀତି ୨.୧ ପ୍ରତିଶତକୁ ହ୍ରାସ ପାଇବାକୁ ଯାଉଛି। ଗତବର୍ଷ ଏହା ୩.୧ ପ୍ରତିଶତ ଅଭିବୃଦ୍ଧି କରିଥିଲା।

### କୁନୋରେ ଆଉ ଏକ ...

ଶାବକ ପ୍ରାଣ ହରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତବର୍ଷ ସେପ୍ଟେମ୍ବରରେ ଭାରତରେ ଚିତା ପୁନଃପ୍ରବେଶ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବାବେଳେ ସୂରଯ ମୃତ୍ୟୁ ପରେ ଏହାକୁ ଆଉ ଏକ ଝଟକା ଲାଗିଛି। ପୂର୍ବରୁ ୬ ଚିତାର ମୃତ୍ୟୁରେ କୌଣସି ଅବହେଳା ବା ତ୍ରୁଟି ହୋଇ ନ ଥିବା କେନ୍ଦ୍ର କହୁଥିଲା। ତେବେ ଅଧିକ ଚିତା ମରିବେ ବୋଲି ଗତ ମେ'ରେ ଦକ୍ଷିଣ ଆଫ୍ରିକା ବନ୍ୟପ୍ରାଣୀ ବିଶେଷଜ୍ଞ ଭିନ୍‌ସେଣ୍ଟ ଭାନ୍ ଡେର୍ ମେର୍‌ୱେ ପୂର୍ବାନୁମାନ କରିଥିଲେ। କାରଣ ଚିତାମାନେ ସେମାନଙ୍କ ନିଜ ଇଲାକା ପ୍ରତିଷ୍ଠା କରିବାକୁ ଉଦ୍ୟମ କଲାବେଳେ ପରସ୍ପରର ମୁହାଁମୁହିଁ ହେବେ। କୁନୋରେ ଅଷ୍ଟମ ଚିତାର ମୃତ୍ୟୁକୁ ନେଇ କଂଗ୍ରେସ ନେତା ତଥା ପୂର୍ବତନ ପରିବେଶ ମନ୍ତ୍ରୀ ଜୟରାମ ରମେଶ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ରାଜନୈତିକ ସମ୍ମାନ ଅପେକ୍ଷା ସଂରକ୍ଷଣ ବିଜ୍ଞାନ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ନେଇ ଆଶା କରାଯାଇପାରେ ବୋଲି ସେ କହିଛନ୍ତି।

### ଆର୍‌ବିଆଇରେ ଜାଲ୍ ...

୫ଟି ୧୦୦ ଟଙ୍କିଆ ନୋଟ୍‌କୁ ବଦଳାଇ ଭଲ ନୋଟ୍ ନେବାକୁ କାଉଣ୍ଟରରେ ଜମା କରିଥିଲେ। ନୋଟ୍ ବିନିମୟ କରୁଥିବା ଅଧିକାରୀ ଲ୍ୟାମ୍ପ ଦ୍ୱାରା ଉକ୍ତ ନୋଟଗୁଡ଼ିକୁ ଯାଞ୍ଚ କରିଥିଲେ। ହେଲେ ଉକ୍ତ ନୋଟ୍‌ଗୁଡ଼ିକ ଜାଲ୍ ବୋଲି ସେ ଜଣିବା ପରେ ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ତେବେ ଯଦି କୌଣସି ବ୍ୟକ୍ତିଙ୍କଠାରୁ ୫ କିମ୍ବା ଏହାଠାରୁ ଅଧିକ ଜାଲ୍ ନୋଟ୍ ମିଳେ, ତେବେ ଏନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ଜଣାଇବାକୁ ଆର୍‌ବିଆଇର୍ ଗାଇଡ୍‌ଲାଇନ ରହିଛି। ତେଣୁ ବିକାଶଙ୍କୁ ଆର୍‌ବିଆଇ ଅଧିକାରୀମାନେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ବିକାଶଙ୍କୁ ନିଜ ହେପାଜତକୁ ନେଇଥିଲା। ଏଥିସହ ଆର୍‌ବିଆଇ କ୍ଲେମ୍ ମ୍ୟାନେଜର ଭି. ଶୁଭ୍ରମଣ୍ୟମ୍‌ଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା (ନଂ.୩୪୧/୨୦୨୩) ରୁଜୁ କରି ତାଙ୍କୁ ଗିରଫ କରିବା ସହ ଘଟଣର ତଦନ୍ତ ଆରମ୍ଭ କରିଛି। ତେବେ ବିକାଶଙ୍କ ସହ ଆଉ କେହି ଏହି ଜାଲ ନୋଟ କାରବାର ପଛରେ ରହିଥିବା ପୋଲିସ ସନ୍ଦେହ କରୁଛି। ପଚରାଉଚରାବେଳେ ଅଭିଯୁକ୍ତ ବିକାଶ ଉକ୍ତ ଜାଲ୍ ନୋଟଗୁଡ଼ିକୁ ବ୍ରହ୍ମପୁର ବସ୍‌ଷ୍ଟାଣ୍ଡରେ ଥିବା ଏକ ଚା'ଦୋକାନରୁ କିଛିଦିନ ତଳେ ଆଣିଥିଲେ। ଏପରିକି ନୋଟ୍‌ଗୁଡ଼ିକ ଜାଲ୍ ବୋଲି ଜାଣି ନ ଥିବା ପୋଲିସକୁ କହିଛନ୍ତି। ଏପଟେ ପୋଲିସ ଏହି ମାମଲାରେ ଅଧିକ ଖୋଳତାଡ଼ ଜାରି ରଖିଛି।

### ପ୍ରକାଶ ପାଇଲା ଯୁକ୍ତ ...

ତେବେ ପ୍ରକାଶ ପାଇଥିବା କଟଅଫ୍ ମାର୍କ ଆଧାରରେ କଳା ବିଭାଗରେ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଡିଗ୍ରୀ କଲେଜ ପିଲାଙ୍କ ପ୍ରଥମ ପସନ୍ଦ ରହିଛି। ବିଏବିଏଡ୍. ରାଜନୀତି ବିଜ୍ଞାନ ସମ୍ମାନରେ ସର୍ବାଧିକ ୯୧.୮୩ ପ୍ରତିଶତ କଟଅଫ୍ ମାର୍କ ସହ ଉଭୟ ଶିକ୍ଷାନୁଷ୍ଠାନ ଶୀର୍ଷରେ ରହିଛି। ଫିଜିକାଲ ସାଇନ୍ସ(ବିଏସ୍‌ସି ବିଏଡ୍. ରସାୟନ ବିଜ୍ଞାନ ସମ୍ମାନ)ରେ ୯୪.୫୦ ପ୍ରତିଶତ କଟ୍ ଅଫ୍ ମାର୍କ ସହିତ ଓ ବାୟୋଲୋଜିକାଲ ସାଇନ୍ସ(ବିଏସ୍‌ସି ବିଏଡ୍. ଉଦ୍ଭିଦ ବିଜ୍ଞାନ ସମ୍ମାନ)ରେ ୯୫.୬୦ ପ୍ରତିଶତ କଟଅଫ୍ ମାର୍କ ସହ ପୁରୀ ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) କଲେଜ ଶୀର୍ଷରେ ରହିଛି। ତେବେ ବାଣିଜ୍ୟରେ ୮୬.୮୩ କଟଅଫ୍ ମାର୍କ ସହ ରେଭେନ୍‌ଶା ବିଶ୍ୱ ବିଦ୍ୟାଳୟ ପିଲାଙ୍କ ପ୍ରଥମ ପସନ୍ଦ ରହିଛି। ସେହିପରି ଉପଶାସ୍ତ୍ରୀ ବିଭାଗ(ସର୍ବଦର୍ଶନ)ରେ ଦଶପଲ୍ଲା ମଧ୍ୟଖଣ୍ଡସ୍ଥିତ ପ୍ରଦୀପ୍ତ ରାୟ ସଂସ୍କୃତ ଡିଗ୍ରୀ କଲେଜ ୬୯.୪୩ ପ୍ରତିଶତ ଓ ସେଲ୍ସ ଫାଇନାନ୍ସିଂରେ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) କଲେଜ ୯୦.୪୦ ପ୍ରତିଶତ କଟ୍‌ଅଫ୍ ମାର୍କ ସହ ପିଲାଙ୍କ ପ୍ରଥମ ପସନ୍ଦ ରହିଛି। ସୂଚନାଯୋଗ୍ୟ, ୨ୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୨୭ ତାରିଖରେ ଏବଂ ଅଗଷ୍ଟ ୯ ତାରିଖରେ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ।

### ଲଣ୍ଡା ହୋଇ ଶପଥ ...

ସୃଷ୍ଟି କରିଛି। ତଥ୍ୟ ସଂଗ୍ରହରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି। ତଦନ୍ତ ସମାଧିସ୍ଥ ହୋଇଛି। ସେହିପରି ଘଟଣା ପରେ ଗୋପାଳ ହତ୍ୟାର କାରଣ ନେଇ ନୋଟ ଲେଖିଥିଲେ, ଯାହାକି ଏୟାରପୋର୍ଟ ଥାନା ପାଇଖାନା ଟାଙ୍କିରୁ କ୍ରାଇମବ୍ରାଞ୍ଚ ବାହାର କରିଥିଲା। ହେଲେ ଏଥିରେ କ'ଣ ଲେଖାଥିଲା ତାହା ଚାର୍ଜଶିଟରେ ଉଲ୍ଲେଖ କରାଯାଇନାହିଁ ବୋଲି ପୂଜାରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୯ରେ ନବ ଦାସ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବ୍ରଜରାଜନଗର ଯାଉଥିଲେ। ତେବେ ଗାନ୍ଧୀ ଛକରେ କର୍ମୀମାନେ ତାଙ୍କୁ ଅଟକାଇ ସ୍ୱାଗତ କରିଥିଲେ। ଠିକ୍ ସେହି ସମୟରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏଏସ୍‌ଆଇ ଗୋପାଳ ଦାସ ନିଜ ସର୍ଭିସ୍ ରିଭଲଭରରୁ ନବଙ୍କୁ ଗୁଳି କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଥିଲା। ସେହିଦିନ ସନ୍ଧ୍ୟାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।




# ଗଣଶିକ୍ଷା ବିଭାଗ ପରିଦର୍ଶନ କଲେ ୬ ଟ୍ରେନି ଆଇଏଏସ୍ ଅଧିକାରୀ

ଭୁବନେଶ୍ୱର,୧୪।୭ (ଅନୁରାଧା ମହାରଣା)

ଓଡ଼ିଶା କ୍ୟାଡରର ୬ଜଣ ଟ୍ରେନି ଆଇଏଏସ୍ ଅଧିକାରୀ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଦର୍ଶନ କରିଛନ୍ତି । ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେଶନରେ ତାଲିମ ନେଉଥିବା ଏହି ପ୍ରଶାସନିକ ଅଧିକାରୀ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) କାର୍ଯ୍ୟାଳୟକୁ ଯାଇ ବିଦ୍ୟାଳୟ ସ୍ତରରେ ରୂପାୟନ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟଶୈଳୀ ଅନୁଧ୍ୟାନ କରିଥିଲେ। ବିଭାଗ ଅଧୀନରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ଓ ଶିକ୍ଷା ସମ୍ବନ୍ଧରେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, 'ମୋ ସ୍କୁଲ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା ଓ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ସେମାନଙ୍କୁ ଅବଗତ କରାଇଥିଲେ। ଏହାସହ ପ୍ରଶାସନିକ ଶାସନ ବ୍ୟବସ୍ଥା ବିଷୟରେ ଅନୁପମ ସାହା ପରାମର୍ଶ ଦେଇଥିଲେ। ଟ୍ରେନି ଆଇଏଏସ୍ ଅଧିକାରୀମାନେ ଚନ୍ଦ୍ରଶେଖରପୁରଠାରେ ଆଇକନିକ୍ ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପରିଦର୍ଶନ କର ପିଲାଙ୍କ ସହ ଆଲୋଚନା କରିଥିଲେ। ୫-ଟି ଅଧୀନରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ମୋ ସ୍କୁଲ ଅଧୀନରେ ପୁରାତନ ଛାତ୍ରୀଛାତ୍ରଙ୍କ ଅବଦାନ, ସମଗ୍ର ଶିକ୍ଷା, ମଧ୍ୟାହ୍ନଭୋଜନ ଆଦି କାର୍ଯ୍ୟକ୍ରମର ବିସ୍ତୃତ ଧାରଣା ସେମାନଙ୍କୁ ପ୍ରଦାନ କରାଯାଇଥିଲା। ଚଳିତ ଶିକ୍ଷାବର୍ଷରୁ ପ୍ରଚଳିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ବିଭିନ୍ନ ବର୍ଗ ଓ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣର ସଫଳ ରୂପାୟନ ସମ୍ପର୍କରେ ଅବଗତ କରାଯାଇଥିଲା। ଏହାସହ ପ୍ରି-ସ୍କୁଲିଂ, ଏଫ୍‌ଏଲ୍‌ଏନ୍ ଓ ଭିଏସିକେ(ବିଦ୍ୟା ସମୀକ୍ଷା କେନ୍ଦ୍ର)ସମ୍ବନ୍ଧରେ ମଧ୍ୟ ପ୍ରାଥମିକ ଧାରଣା ପ୍ରଦାନ କରାଯାଇଥିଲା। ଓଡିଶା କ୍ୟାଡର ୨୦୨୧ ବ୍ୟାଚ୍‌ର ଏହି ଟ୍ରେନି ଆଇଏଏସ୍ ଅଧିକାରୀ ହେଲେ ଧୃନା ଦସ୍ତାଗିର୍, ଧିମନ୍ ଚକ୍ମା, କିରନ୍ ଦୀପ୍ କାଉର୍ ସାହୋତା, ପ୍ରଥମେଶ୍ ଅରବିନ୍ଦ୍ ରାଜେଶିର୍କେ, ରେହାନ୍ ଖତ୍ରି ଓ ରିନା ପ୍ରଧାନ।

# ସରିଲା ରିମାଣ୍ଡ, ଜେଲ ଫେରିଲେ ୩ ଅଭିଯୁକ୍ତ

**ବାହାନଗା ଟ୍ରେନ୍ ଦୁର୍ଘଟଣା**

ଭୁବନେଶ୍ୱର,୧୪।୭(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ସିବିଆଇ ତଦନ୍ତ ଓ ପଦକ୍ଷେପ ଜାରି ରଖିଛି। ତେବେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ବାହାନଗା ବଜାର ଷ୍ଟେଶନର ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତି, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍ ଓ ଟେକ୍ନିସିଆନ୍ ପପୁ କୁମାରଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୪ ଦିନ ପାଇଁ ରିମାଣ୍ଡରେ ନେଇ ଜେରା କରିଛି। ତେବେ ଏହି ରିମାଣ୍ଡ ଅବଧି ଶୁକ୍ରବାର ସରିବା ପରେ ଅଭିଯୁକ୍ତମାନଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ପରେ ସେମାନଙ୍କୁ ପୁଣିଥରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ଜୁଲାଇ ୭ରୁ ପ୍ରଥମ ପର୍ଯ୍ୟାୟରେ ୫ ଦିନିଆ ରିମାଣ୍ଡରେ ଆସିଥିଲେ। ପରେ ଦ୍ୱିତୀୟ ପର୍ଯ୍ୟାୟରେ ମଙ୍ଗଳବାରଠାରୁ ୪ଦିନିଆ ରିମାଣ୍ଡରେ ଆସି ଜେରା ହୋଇଥିଲେ। ତେବେ ଏହି ୯ଦିନର ରିମାଣ୍ଡ ସମୟରେ ସିବିଆଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ସୂଚନା ମିଳିଛି। ଏନେଇ ସିବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ଚାର୍ଜଶିଟ୍ ଦାଖଲ ସମୟରେ ବଡ଼ ତଥ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଉଛି। ସେପଟେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କ ସମେତ ମୋଟ ୭ କର୍ମଚାରୀଙ୍କୁ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷରେ ଷ୍ଟେଶନ ମାଷ୍ଟରଙ୍କୁ ହାଜର ପାଇଁ ସିବିଆଇ ସମନ କରିଥିବାବେଳେ ଏଯାଏ ସେ ହାଜର ହୋଇ ନ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଜୁନ ୨ ସନ୍ଧ୍ୟାରେ ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ଏଥିରେ ମୃତ୍ୟୁସଂଖ୍ୟା ୨୯୩ ଛୁଇଁଥିବାବେଳେ ଏବେବି ଅନେକ ଆହତ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

# ୨ ଟ୍ରେନ୍‌ରେ ଲାଗିଲା ନିଆଁ

- ଜଳିଲା ଖଡ଼ଗପୁର-ଭଦ୍ରକ ମେମୋ ଇଞ୍ଜିନ
- କୋଇଲା ବୋଝେଇ ଟ୍ରେନ୍ ଧୂଆଁମୟ

ଜଳେଶ୍ୱର,୧୪।୭(ରବିନାରାୟଣ ପାତ୍ର)

ଖଡ଼ଗପୁର ରେଲୱେ ଡିଭିଜନ୍‌ର ଜଳେଶ୍ୱର-ଦାନ୍ତୁନ ମଧ୍ୟରେ ୨ଟି ଟ୍ରେନ୍‌ରେ ନିଆଁ ଲାଗିଥିବା ସୂଚନା ମିଳିଛି। ଖଡ଼ଗପୁର-ଭଦ୍ରକ ମେମୋ ଟ୍ରେନ୍ ଇଞ୍ଜିନରେ ନିଆଁ ଲାଗିଥିବା ବେଳେ ଭଦ୍ରକରୁ ଖଡଗପୁରର ନିମପୁରା ରେଲୱେ ୟାର୍ଡକୁ ଏକ କୋଇଲା ବୋଝେଇ ମାଲଗାଡ଼ି ଯାଉଥିବା ସମୟରେ ଦାନ୍ତୁନଠାରେ ନିଆଁ ଲାଗି ଧୂଆଁମୟ ହୋଇଯାଇଥିଲା।

ପ୍ରକାଶ ଯେ, ଶୁକ୍ରବାର ସକାଳ ୭ଟାରେ ଖଡ଼ଗପୁର-ଭଦ୍ରକ ମେମୋ ଟ୍ରେନ୍ ପଶ୍ଚିମବଙ୍ଗ - ଓଡ଼ିଶା ସୀମା ନିକଟରେ ପହଞ୍ଚିଥିଲା। ଲକ୍ଷ୍ମଣନାଥ ରେଳ ଷ୍ଟେଶନର ଅନତି ଦୂରରେ ଉକ୍ତ ଟ୍ରେନ୍ ଇଞ୍ଜିନରେ ନିଆଁ ଲାଗିଥିବା ଜାଣି ଲୋକୋପାଇଲଟ ଆସୁ ସୁରକ୍ଷା ବ୍ୟବସ୍ଥା କରିଥିଲେ। ଟ୍ରେନ୍ ଅଟକିବା ମାତ୍ରେ ଯାତ୍ରୀମାନେ ଭୟରେ ଡେଇଁବାକୁ ଲାଗିଥିଲେ। ରେଳ କର୍ମଚାରୀ ନିଆଁ ଲିଭାଇବା ପରେ ଟ୍ରେନ୍‌ଟି ଗନ୍ତବ୍ୟପଥରେ ଯାଇଥିଲା। ସେହିପରି ଦାନ୍ତୁନଠାରେ କୋଇଲା ବୋଝେଇ ମାଲଗାଡ଼ିରେ ନିଆଁ ଲାଗିଥିବା ଜଣାପଡ଼ିଥିଲା। କୋଇଲା ୱାଗନ୍‌ରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖି ଏହାକୁ ଅଟକାଇ ନିଆଁ ଲିଭା ଯାଇଥିଲା।




DSPL-147



ଓଡ଼ିଶା ସରକାର




ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ 2023-24

ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା.1-11-2023 ରୁ ତା. 31-03-2024 ମଧ୍ୟରେ ପରିଚାଳିତ ହେବ । ଏହି ବିସ୍ତୃତ ଅବଧି ମଧ୍ୟରେ ଜିଲ୍ଲାମାନେ ସେମାନଙ୍କର ଫସଲ ଅମଳ ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ/ଲ୍ୟାମ୍ପସ), ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତ (ସଂକ୍ଷେପରେ, ସମିତି)ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ ।

**ପଞ୍ଜିକରଣ ପ୍ରକ୍ରିୟା**

ଚାଷୀ ପଞ୍ଜିକରଣ **15 ଜୁଲାଇରୁ** ଆରମ୍ଭ ହେଉଛି । ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ । ଚଳିତ ବର୍ଷ ନବୀକରଣ ପଦ୍ଧତି ଉଚ୍ଛେଦ କରାଯାଇଛି । ଅର୍ଥାତ, ବିଶଦ ବିବରଣୀ ସହ ଦରଖାସ୍ତ କରି ଚାଷୀ ସମିତିରେ ନୂତନ ଭାବେ ପଞ୍ଜିକରଣ କରିବା ନିହାତି ଆବଶ୍ୟକ । ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରିବେ ଓ ତା'ହା ପୂରଣ କରି 15 ଜୁଲାଇରୁ 16 ଅଗଷ୍ଟ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ । ଏହା ବିଭାଗର ୱେବସାଇଟ **www.foododisha.in**ରେ ମଧ୍ୟ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ।

**ଆବଶ୍ୟକୀୟ କାଗଜାତ**

ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜାତର ନକଲ ଦାଖଲ କରିବା ଆବଶ୍ୟକ ।
1. ବ୍ୟାଙ୍କ ପାସବୁକର ପ୍ରଥମ ପୃଷ୍ଠା
2. ଚାଷ ଜମି ବାବଦରେ ପ୍ରମାଣ ପତ୍ର ଅର୍ଥାତ ଜମି ପଟ୍ଟା(RoR)/ଦଲିଲ ଇତ୍ୟାଦି
3. ଆଧାର କାର୍ଡ଼ର ନକଲ
4. ମୋବାଇଲ ନମ୍ବର-ଯଦି ନିଜର ମୋବାଇଲ ନଥାଏ, ତେବେ ପରିବାର ସଦସ୍ୟଙ୍କ ନମ୍ବର ଦେବା ଆବଶ୍ୟକ
5. ଯଦି ଭାଗ ଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ ସହମତି ପତ୍ର ସହିତ ଆଧାର କାର୍ଡ଼ର ନକଲ ଇତ୍ୟାଦି

**ପଞ୍ଜିକରଣ ଅବଧି**

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ 16 ଅଗଷ୍ଟ ମଧ୍ୟରେ ଦାଖଲ କରିବେ ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ ।
- ଏଥି ଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ,ସେହିଠାରେ ସମ୍ପର୍କ କରିବା ଆବଶ୍ୟକ ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ ।

**ଭାଗ ଚାଷୀ**

- ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶଗ୍ରହଣ କରିପାରିବେ ।

**କ୍ଷୁଦ୍ର ଓ ନାମମାତ୍ର ଚାଷୀ**

- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଇଚ୍ଛା ।

**ସମିତିର ଦାୟିତ୍ୱ**

- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ 18 ଜୁଲାଇରୁ 22 ଅଗଷ୍ଟ ମଧ୍ୟରେ ତାଙ୍କର LOGINରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ସତ୍ୟନିଷ୍ଠ ଓ ନିର୍ଭୁଲ ହେବା ଆବଶ୍ୟକ ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ ।
- **ଅଣ-ଚାଷୀ ଓ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ ।**
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ । ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ ।

**ହେଲ୍ପ ଡେସ୍କ**

- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ । ଏଥିନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।

**ହେଲ୍ପ ଲାଇନ**

- ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ନମ୍ବର 1967ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ ।

OIPR-07001/13/0004/2324

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର
www.foododisha.in FoodOdisha @Food_Odisha

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ଜୁଲାଇ, ୨୦୨୩

ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ। –ଶ୍ରୀଅରବିନ୍ଦ



# ପ୍ରଶାସନିକ ମରୁଡ଼ି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହିମାଚଳ ପ୍ରଦେଶରେ ଦକ୍ଷ ବାବୁଙ୍କର ଘୋର ଅଭାବ ଦେଖାଦେଇଛି। ଏହି ଜଟିଳ ସ୍ଥିତି ଯୋଗୁ ଉପୁଜିଥିବା ପ୍ରଶାସନିକ ସମସ୍ୟା ଦୂର କରିବାରେ ସରକାର ନିଷ୍କ୍ରିୟ ଥିବା ମନେହେଉଛି। ପର୍ଯ୍ୟବେକ୍ଷକମାନେ ଦର୍ଶାଇଛନ୍ତି ଯେ, ରାଜ୍ୟରେ ମୋଟ ୧୫୩ କ୍ୟାଡର ମଧ୍ୟରୁ ୩୫ ଆଇଏଏସ୍ ଅଧିକାରୀ କମ୍ ଥିବାବେଳେ ଚଳିତ ବର୍ଷ ୫ ଜଣ ବରିଷ୍ଠ ବାବୁ ଅବସର ନେବାର ଅଛି। ଏବେ ହିମାଚଳପ୍ରଦେଶରେ ୧୧୦ ଆଇଏଏସ୍ ଅଧିକାରୀ ବିଭିନ୍ନ ପଦବୀରେ ଅଛନ୍ତି, ଯାହା ଆବଶ୍ୟକ ସଂଖ୍ୟାଠାରୁ ବହୁତ କମ୍। ଆଶ୍ଚର୍ଯ୍ୟର କଥା, ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ପ୍ରତ୍ୟକ ବ୍ୟାଚ୍‌ରେ ମାତ୍ର ୨ରୁ ୩ ଜଣ ଅଧିକାରୀ ପାଇବାକୁ ଚେଷ୍ଟା କରିଆସିଛନ୍ତି, ଯାହା ଅଭାବ ପୂରଣ କରିବା ଲାଗି ପର୍ଯ୍ୟାପ୍ତ ନୁହେଁ। ଏଭଳି ଅଣଦେଖାର ପ୍ରମାଣ ମଧ୍ୟ ତଥ୍ୟରୁ ସ୍ପଷ୍ଟ ହୁଏ। ଅର୍ଥାତ୍ ପୂର୍ବ ପ୍ରଶାସନରେ ୨୦୧୬ରେ ରାଜ୍ୟ କେବଳ ୬ ଜଣ ଆଇଏଏସ୍ ଅଧିକାରୀ ପାଇଥିଲା। ଉଲ୍ଲେଖନୀୟ ଯେ, ମୁଖ୍ୟ ସଚିବଙ୍କ ସମେତ ରାଜ୍ୟର ୫ଟି ଅତିରିକ୍ତ ମୁଖ୍ୟ ସଚିବ(ଏସିଏସ୍) ପଦବୀ ରହିଥିଲେ ବି ଜଣେ ହେଲେ ଏବେ ଏହି ପଦବୀରେ ନାହାନ୍ତି। ଦୁଇଜଣ ଏସିଏସ୍ ସ୍ତରୀୟ ଅଧିକାରୀ ସେଣ୍ଟ୍ରାଲ ଡେପୁଟେଶନରେ ଥିବାବେଳେ ୪ଜଣ ଅଧିକାରୀଙ୍କ ଅଭାବରୁ ଅନ୍ୟ ପଦବୀଗୁଡ଼ିକ ଖାଲି ପଡ଼ିଛି। ସୂତ୍ରରୁ ପ୍ରକାଶ ଯେ,ଜାନୁଆରୀ ୨୦୨୪ରେ ପଦୋନ୍ନତି ପାଇବାକୁ ଥିବା ଯୋଗ୍ୟ ଅଧିକାରୀ ଅନୁରାଧା ଠାକୁର ଓ ଓଙ୍କାର ଚାନ୍ଦ ଶର୍ମା ମଧ୍ୟ ଏହି ପଦବୀରେ ଆସୀନ ହେବାକୁ ଅସମର୍ଥ ହୋଇଛନ୍ତି। ତେବେ ପ୍ରଭାବୀ ନୀତି ନିର୍ଦ୍ଧାରଣ ଏବଂ ସାମଗ୍ରିକ ଶାସନ ପାଇଁ ଏଭଳି ପ୍ରଶାସନିକ 'ମରୁଡ଼ି'ର ତୁରନ୍ତ ସମାଧାନ କରିବା ଆବଶ୍ୟକ।

### କାଠଗଡ଼ାରେ କ୍ୟାଡର ଟ୍ରାନ୍ସଫର

ଆଇପିଏସ୍ ଅଧିକାରୀ ସାଗରଙ୍କ କ୍ୟାଡର ସ୍ଥାନାନ୍ତର ମାମଲାରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୋଧରେ ପଶ୍ଚିମବଙ୍ଗ ସରକାରଙ୍କ ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ୨୦୧୯ ବ୍ୟାଚ୍ ଅଧିକାରୀ ସାଗର ପଶ୍ଚିମବଙ୍ଗରୁ ରାଜସ୍ଥାନକୁ କ୍ୟାଡର ସ୍ଥାନାନ୍ତର ପାଇଁ ଅନୁରୋଧ କରି ଦର୍ଶାଇଥିଲେ ଯେ,ତାଙ୍କ ସ୍ତ୍ରୀ ବି ଜଣେ ଆଇପିଏସ୍ ଅଧିକାରୀ ଓ ସେ ରାଜସ୍ଥାନ କ୍ୟାଡରରେ କାର୍ଯ୍ୟ କରନ୍ତି। ଏମିତି ପୃଥକ୍ ରାଜ୍ୟରେ ଅବସ୍ଥାପିତ ଦମ୍ପତିଙ୍କ କ୍ଷେତ୍ରରେ ମଧ୍ୟ କ୍ୟାଡର ସ୍ଥାନାନ୍ତର କରାଯାଇଥିଲା ବୋଲି ସେ କୋର୍ଟଙ୍କୁ ଜଣାଇଥିଲେ। ଫେବୃୟାରୀରେ ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ(ସିଏଟି) ଏହି ଅଧିକାରୀଙ୍କୁ ନୋ ଅବଜେକ୍ଶନ ସାର୍ଟିଫିକେଟ(ଏନ୍‌ଓସି) ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଟ୍ରିବ୍ୟୁନାଲଙ୍କ ନିଷ୍ପତ୍ତି ବିରୋଧରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ ବି ତାହାକୁ କୋର୍ଟ ପ୍ରତ୍ୟାଖ୍ୟାନ କରିଥିଲେ। ସିଏଟି ନିର୍ଦ୍ଦେଶକୁ ଏବେ ସୁପ୍ରିମକୋର୍ଟ ମଧ୍ୟ ସମର୍ଥନ କରିଛନ୍ତି। ତେବେ କୋର୍ଟଙ୍କ ରାୟ ଉପରେ ମମତା ବାନାର୍ଜୀ ସରକାର କେମିତି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ତାହା ଦେଖିବା କୌତୂହଳପୂର୍ଣ୍ଣ ହେବ। ଏହା ସିଏଟିର ଆଦେଶ ପାଳନ କରିବ ନା କ୍ୟାଡର ସ୍ଥାନାନ୍ତର ପାଇଁ ସାଗରଙ୍କ ଅନୁରୋଧକୁ ଅନୁମୋଦନ କରିବ କିମ୍ବା କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରିବା ଲାଗି ବିକଳ୍ପ ଉପାୟ ସନ୍ଧାନ କରିବ, ତାହା ହିଁ ପ୍ରଶ୍ନ। ସାଗରଙ୍କ କ୍ୟାଡର ସ୍ଥାନାନ୍ତର ଅନୁରୋଧକୁ ରାଜ୍ୟ ସରକାର ବିରୋଧ କରୁଥିବା ପର୍ଯ୍ୟବେକ୍ଷକମାନେ ଅନୁମାନ କରୁଛନ୍ତି । ରାଜ୍ୟରେ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଅଭାବ ଥିବାରୁ ସରକାର ଏହା କରୁଥାଇ ପାରନ୍ତି ବୋଲି ଅଧିକାଂଶ ବିଶ୍ୱାସ କରୁଛନ୍ତି। ତେବେ ସରକାରଙ୍କ ଉତ୍ତର ଉପରେ ତୀକ୍ଷ୍ଣ ନଜର ରଖାଯିବ, କାରଣ ତାଙ୍କ ଦୃଷ୍ଟିକୋଣ କ୍ୟାଡର ସ୍ଥାନାନ୍ତର ଏବଂ ଆଇନଗତ ପ୍ରକ୍ରିୟା ପ୍ରତି ସମ୍ମାନର ସଙ୍କେତ ଦେବ।

### ନେତୃତ୍ୱ ନେବେ ରାଜାରାମନ

ଅଥରିଟି(ଆଇଏଫ୍‌ଏସ୍‌ସିଏ)ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେ ଏହି ପଦବୀରେ ୩ ବର୍ଷ କିମ୍ବା ତାଙ୍କ ୬୫ ବର୍ଷ ବୟସ ହେବା ପର୍ଯ୍ୟନ୍ତ ରହିବେ। ସୂତ୍ରରୁ ପ୍ରକାଶ ଯେ, ସେ ଅଗଷ୍ଟରେ ଯୋଗଦେବାର ସମ୍ଭାବନା ରହିଛି। ସେ ଆଇଏଫ୍‌ଏସ୍‌ସିଏର ପ୍ରଥମ ଅଧ୍ୟକ୍ଷ ଇଞ୍ଜେଟି ଶ୍ରୀନିବାସଙ୍କ ପରେ ଯୋଗ ଦେବେ। ଆର୍ଥିକ ଉତ୍ପାଦ, ଆର୍ଥିକ ସେବା ଓ ଆର୍ଥିକ ସଂସ୍ଥାଗୁଡ଼ିକର ବିକାଶ ଓ ସଞ୍ଚାଳନ ପାଇଁ ଏହା ଏକ ଏକୀକୃତ ପ୍ରାଧିକରଣ ଭାବେ କାର୍ଯ୍ୟ କରେ। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଭାରତୀୟ ଅର୍ଥନୀତିର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୃଢ଼ ବିଶ୍ୱସ୍ତରୀୟ ସଂଯୋଗ ସୃଷ୍ଟି କରିବା। ଏହି ଆଞ୍ଚଳିକ ଓ ବିଶ୍ୱ ସ୍ତରରେ ଏକ ଅନ୍ତର୍ଜାତୀୟ ଆର୍ଥିକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରୁଛି। କୌତୂହଳର ବିଷୟ, ଆଇଏଫ୍‌ଏସ୍‌ସିଏ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ମାନସ ସନ୍ତାନ ଥିଲା, ଯିଏ ୨୦୦୭ରେ ଭାରତରେ ଏକ ଅନ୍ତର୍ଜାତୀୟ ଆର୍ଥିକ ସେବା କେନ୍ଦ୍ର ରହିବା ଉଚିତ ବୋଲି ପରାମର୍ଶ ଦେଇଥିଲା। କିନ୍ତୁ ସେତେବେଳର ଗୁଜରାଟ ମୁଖ୍ୟମନ୍ତ୍ରୀ ତଥା ଏବକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଁ ଗାନ୍ଧୀନଗରରେ ଗୁଜରାଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଟେକ୍-ସିଟି (ଜିଆଇଏଫ୍‌ଟି)ପ୍ରତିଷ୍ଠା ବିଷୟରେ ଘୋଷଣା କରିଥିଲେ। ରାଜାରାମନଙ୍କ ଅଭିଜ୍ଞତା ଓ ବିଶେଷ ଜ୍ଞାନ ଆଇଏଫ୍‌ଏସ୍‌ସିଏ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ସହ ଏହାର ଆଦେଶକୁ ସଫଳତାର ସହିତ ପୂରଣ କରିବାକୁ ସକ୍ଷମ କରିବ।

Email: dilipcherian@gmail.com

# ଉଚ୍ଚ ଶିକ୍ଷାନୁଷ୍ଠାନର ଫଣ୍ଡିଂ ମଡେଲ



ଡ. ଚିତ୍ତରଞ୍ଜନ ମିଶ୍ର

ଭାରତର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ପ୍ରାୟ ୪୦ ନିୟୁତ ଛାତ୍ରୀଛାତ୍ର ନାମାଙ୍କିତ ହୋଇଛନ୍ତି, ଯାହାର ମୋଟ ନାମାଙ୍କନ ଅନୁପାତ ପ୍ରାୟ ୨୭ ପ୍ରତିଶତ ହେବ। ତୁଳନାତ୍ମକ ଭାବେ ଦେଖିଲେ ଆମେରିକାରେ ମୋଟ ନାମାଙ୍କନ ଅନୁପାତ ୮୮ ପ୍ରତିଶତ ହୋଇଥିବା ବେଳେ ଜର୍ମାନୀରେ ୭୦ ପ୍ରତିଶତ, ୟୁନାଇଟେଡ୍ କିଙ୍ଗ୍‌ଡମ୍‌ରେ ୬୧ ପ୍ରତିଶତ, ବ୍ରାଜିଲରେ ୫୧ ଏବଂ ଚାଇନାରେ ୪୯ ପ୍ରତିଶତ। ଏପରିକି ଭାରତର ୨୭ ପ୍ରତିଶତର ମୋଟ ନାମାଙ୍କନ ଅନୁପାତ ମୌଳିକ ଭାବରେ ସ୍ତର-୨ ଓ ସ୍ତର-୩ ଶିକ୍ଷାନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ସହ ଘରୋଇ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ପୁଞ୍ଜିଲଗାଣ ପାଇଁ ସମ୍ଭବ ହୋଇପାରିଛି। ପରନ୍ତୁ ଜନସଂଖ୍ୟା ବୃଦ୍ଧି ସହ ତୁଳନା କଲେ ଆମର ଉଚ୍ଚ ଗୁଣବତ୍ତାସମ୍ପନ୍ନ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କ ସଂଖ୍ୟା ସ୍ଥିର ରହିଛି। ଅଳ୍ପ କେତେକ ଉଚ୍ଚ ଗୁଣବତ୍ତାସମ୍ପନ୍ନ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ସଂଖ୍ୟାରେ ଅଭିବୃଦ୍ଧି ଘଟିଛି ଏବଂ ତାହା ମଣ୍ଡଳ କମିଶନ ଏବଂ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଶ୍ରେଣୀଙ୍କ ପାଇଁ ଲାଗୁ ହୋଇଥିବା ସଂରକ୍ଷଣ କାରଣରୁ । ତେବେ ସ୍ଥିତି ଏଭଳି ହୋଇଛି ଯେ ୧୦୦ ପିଲାରେ ଜଣେ ପିଲା ଆଇଆଇଟିରେ ନାଁ ଲେଖାଇବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡୁଛି। ଉଦାହରଣ ସ୍ୱରୂପ ପ୍ରତିବର୍ଷ ଦେଶର ୨୩ଟି ଆଇଆଇଟି ମିଳିତ ଭାବେ ପ୍ରାୟ ୧୬,୫୦୦ ଅଣ୍ଡରଗ୍ରାଜୁଏଟ ଛାତ୍ରୀଛାତ୍ରଙ୍କୁ ନାମାଙ୍କିତ କରିଥାନ୍ତି। ଅପରପକ୍ଷରେ ଆମେରିକାରେ ଏକ ବୃହତ୍ ସାର୍ବଜନିକ ଅନୁଦାନପ୍ରାପ୍ତ ବିଶ୍ୱବିଦ୍ୟାଳୟ ପ୍ରାୟ ୨୦ ହଜାର ଛାତ୍ରୀଛାତ୍ରଙ୍କୁ ନାମାଙ୍କିତ କରିଥାଏ। ଯଦିଓ ଛାତ୍ରୀଛାତ୍ରମାନଙ୍କ ଉଚ୍ଚଶିକ୍ଷା ଚାହିଦାକୁ ଆଖି ଆଗରେ ରଖି ଭାରତ ନୂଆ ନୂଆ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରୁଛି, ହେଲେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକର ଅଭିବୃଦ୍ଧି ଆଶାଜନକ ହୋଇପାରିନାହିଁ। ଏହାର ମୁଖ୍ୟ କାରଣ ହେଲା ପ୍ରଚଳିତ ଶିକ୍ଷାନୁଷ୍ଠାନଗୁଡ଼ିକୁ କୌଣସି ଆର୍ଥିକ ମଡେଲ ବିନା ସରକାର ପ୍ରଦାନ କରୁଥିବା ବ୍ଲକ୍‌ଗ୍ରାଣ୍ଟ।

ଆମେରିକାରେ ସାର୍ବଜନିକ ଅର୍ଥରେ ପ୍ରତିପୋଷିତ ହେଉଥିବା ଅନୁଷ୍ଠାନଗୁଡ଼ିକ ଗୁଣବତ୍ତାରେ କୌଣସି ଆପୋସ ସମାଧାନ ନ କରି କିଭଳି ସମ୍ପ୍ରସାରିତ ହେଉଛନ୍ତି ତାହା ବୁଝିବାକୁ ହେଲେ ଆମକୁ ସେମାନଙ୍କର ଆର୍ଥିକ ମଡେଲକୁ ଅଧ୍ୟୟନ କରିବାକୁ ପଡ଼ିବ। ସାର୍ବଜନିକ ଅର୍ଥରେ ପ୍ରତିପୋଷିତ ହେଉଥିବା ଆମେରିକାର ଏକାଧିକ ସ୍ୱନାମଧନ୍ୟ ବିଶ୍ୱବିଦ୍ୟାଳୟରେ ରାଜସ୍ୱ ମୁଖ୍ୟତଃ ୪ଟି ପ୍ରମୁଖ ଉତ୍ସରୁ ହିଁ ଆସିଥାଏ ଯଥା– (୧) ଛାତ୍ରୀଛାତ୍ରଙ୍କ ମାସିକ ଟ୍ୟୁଶନ ଫି, (୨) ସରକାରୀ ସବ୍‌ସିଡି ଏବଂ ଗ୍ରାଣ୍ଟ, (୩) ପ୍ରାୟୋଜିତ ଗବେଷଣା ପ୍ରକଳ୍ପରୁ ଉପଲବ୍ଧ ହେଉଥିବା ଅତିରିକ୍ତ ଅର୍ଥରାଶି, (୪) ଦାନ, ପରୋପକାରୀ ସାହାଯ୍ୟ ଏବଂ ଅନ୍ୟାନ୍ୟ ରୋଜଗାର ଯଥା– ବୌଦ୍ଧିକ ସମ୍ପତ୍ତି ମାଲିକାନା ସ୍ୱତ୍ୱରୁ ମିଳୁଥିବା ରୟାଲ୍‌ଟି ଅର୍ଥ ଇତ୍ୟାଦି। ଏ ପ୍ରତ୍ୟେକ ଉତ୍ସରୁ ଉପଲବ୍ଧ ହେଉଥିବା ଅର୍ଥ ରାଜସ୍ୱ ପରିମାଣର ପ୍ରାୟ ଏକ ତୃତୀୟାଂଶ ବହନ କରିଥାନ୍ତି ଯାହାକି ବିଶ୍ୱବିଦ୍ୟାଳୟର ଆକାର ଉପରେ ନିର୍ଭର କରିଥାଏ। ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କର ଅଣ୍ଡର ଗ୍ରାଜୁଏଟ ପ୍ରୋଗ୍ରାମକୁ ସମ୍ପ୍ରସାରିତ କରିବାକୁ ଲକ୍ଷ୍ୟ ରଖିଥାନ୍ତି। ଆମେରିକାରେ ଗବେଷଣା ପ୍ରକଳ୍ପରୁ ମିଳୁଥିବା ଓଭରହେଡ୍ସ ସାଧାରଣତଃ ପ୍ରୋଜେକ୍ଟ ଗ୍ରାଣ୍ଟର ୩୦-୬୦ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ ଏବଂ ବିଶ୍ୱବିଦ୍ୟାଳୟ ସିଧାସଳଖ ଏହି ଅର୍ଥ ପ୍ରାୟୋଜିତ ପ୍ରକଳ୍ପଗୁଡ଼ିକରୁ ପାଇଥାଏ। ଏହି ଅର୍ଥ ଗବେଷଣା ଭିତ୍ତିଭୂମିର ରକ୍ଷଣାବେକ୍ଷଣ, କ୍ୟାମ୍ପସ୍‌ରେ ଥିବା ସୁବିଧା ସୁଯୋଗର ଅନୁରକ୍ଷଣ ସହ ନୂତନ ଉପକ୍ରମର ଶୁଭାରମ୍ଭ କ୍ଷେତ୍ରରେ ବିନିଯୋଗ ହୋଇଥାଏ। ଯଦିଓ ପବ୍ଲିକ୍ ୟୁନିଭର୍ସିଟିଗୁଡ଼ିକ ଆମେରିକା ସରକାରଙ୍କଠାରୁ ସିଧାସଳଖ ଗ୍ରାଣ୍ଟ ଲାଭ କରିବା ସହ ସେମାନେ ସବୁ ସ୍ତରରେ ଉଚ୍ଚସ୍ତରୀୟ ସ୍ୱାୟତ୍ତତା ମଧ୍ୟ ଉପଭୋଗ କରିଥାନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ଗ୍ରହଣ ପ୍ରକ୍ରିୟାକୁ ବଢାଯିବା ସହ ଏହି ବିବିଧ ଆର୍ଥିକ ମଡେଲ ଉକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର ଶ୍ରେଷ୍ଠତାକୁ ବଜାୟ ରଖିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।



ସାର୍ବଜନିକ ଅର୍ଥରେ ପ୍ରତିପୋଷିତ ଭାରତର କେତେକ ସମ୍ଭ୍ରାନ୍ତ ଶ୍ରେଣୀୟ ଶିକ୍ଷାନୁଷ୍ଠାନଗୁଡ଼ିକର ରାଜସ୍ୱ ଉତ୍ସ ସମ୍ବନ୍ଧରେ ଚାଲନ୍ତୁ ଆଲୋକପାତ କରିବା। ଏହି ଶିକ୍ଷାନୁଷ୍ଠାନଗୁଡ଼ିକର ମୋଟ ରାଜସ୍ୱ ଆୟ ପରିମାଣର ୬-୭ ପ୍ରତିଶତ ହୋଇଥାଏ। ଯଦିଓ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ପର୍ଯ୍ୟାପ୍ତ ପରିମାଣର ପ୍ରାୟୋଜିତ ଗବେଷଣା ପ୍ରକଳ୍ପ କାର୍ଯ୍ୟକାରୀ କରିଥାନ୍ତି, ପରନ୍ତୁ ଗବେଷଣା ପ୍ରକଳ୍ପର ଓଭରହେଡ୍ ପରିମାଣ ପ୍ରୋଜେକ୍ଟ ଗ୍ରାଣ୍ଟର ପ୍ରାୟ ୫ ପ୍ରତିଶତ ହୋଇଥାଏ ଯାହାକି ଶିକ୍ଷାନୁଷ୍ଠାନର ରୋଜଗାର ବୋଲି ବିବେଚିତ ହୁଏ। ଏଣ୍ଡାଓମେଣ୍ଟ ଫଣ୍ଡ କ୍ଷେତ୍ରରେ ପ୍ରଚଳିତ ସରକାରୀ ନୀତିନିୟମ ଏବଂ ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ରୋଜଗାରରୁ କିଛି ଅର୍ଥ ଦାନ କରିବାର ସଂସ୍କୃତିକୁ ପ୍ରୋତ୍ସାହନ ଦେବା ସଂକ୍ରାନ୍ତୀୟ ପଲିସିର ଘୋର ଅଭାବ କାରଣରୁ ଭାରତବର୍ଷର କୌଣସି ଶିକ୍ଷାନୁଷ୍ଠାନ ଏଣ୍ଡାଓମେଣ୍ଟ ଫଣ୍ଡରୁ ବାସ୍ତବରେ ଯେକୌଣସି ରାଜସ୍ୱ ଲାଭ କରିଥାନ୍ତି ତାହା ଦାବି କରିପାରିବେ ନାହିଁ। ଫଳସ୍ୱରୂପ ଶିକ୍ଷାନୁଷ୍ଠାନଗୁଡ଼ିକ ପାଖରେ ଆଉ କୌଣସି ବିକଳ୍ପ ହିଁ ନ ଥାଏ ଏବଂ ତିଷ୍ଠି ରହିବା ପାଇଁ ସରକାରୀ ଅନୁଦାନ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରିବାକୁ ପଡ଼ିଥାଏ। ଶିକ୍ଷାଦାନ ପ୍ରକ୍ରିୟାକୁ ଚଳଚଞ୍ଚଳକରି ରଖିବା ପାଇଁ ସରକାରୀ ସବ୍‌ସିଡି ଏବଂ ସହଯୋଗ ଯଦିଓ ସ୍ୱାଗତଯୋଗ୍ୟ ପଦକ୍ଷେପ ହେଲେ ବି ଯେଭଳି ଭାବେ ଗ୍ରାଣ୍ଟ ପରିମାଣର ନିର୍ଣ୍ଣୟ ନିଆଯାଇଥାଏ ସେହିଠାରେ ସମସ୍ୟା ରହିଛି। ସରକାର ପ୍ରଦାନ କରୁଥିବା ବ୍ଲକ୍ ଗ୍ରାଣ୍ଟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସଂଖ୍ୟା, କେତେ ପରିମାଣର ଗବେଷଣା କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥାଏ, ଶିଳ୍ପସଂସ୍ଥାଗୁଡ଼ିକ ସହ ସହଭାଗିତା ଏବଂ ନବଭାବର ପ୍ରବର୍ତ୍ତନ କ୍ଷେତ୍ରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିଆଯାଉଥିବା ପଦକ୍ଷେପ ଆଦିକୁ ହିସାବକୁ ନେଇ ନ ଥାଏ। ସରକାରଙ୍କ ବ୍ଲକ୍‌ଗ୍ରାଣ୍ଟ ଆନୁମାନିକ ବେତନ, ପେନ୍‌ସନ, ସ୍କଲାରଶିପ୍ ଏବଂ ସିଭିଲ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଆଧାରିତ ହୋଇଥାଏ। ଫଳସ୍ୱରୂପ, ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କ ପ୍ରବେଶରେ ଅଭିବୃଦ୍ଧି କିମ୍ବା ବଡ଼ ବଡ଼ ପ୍ରାୟୋଜିତ ଗବେଷଣା ପ୍ରକଳ୍ପର ରୂପାୟନ ପାଇଁ କୌଣସି ପ୍ରୋତ୍ସାହନ ମିଳି ନ ଥାଏ।

ବିଶ୍ୱବିଦ୍ୟାଳୟର ପ୍ରଶାସକମାନେ ଅତ୍ୟଧିକ ସଙ୍କୁଚିତକ୍ୟାମ୍ପସଭିତ୍ତିଭୂମିମଧ୍ୟରେଛାତ୍ରୀଛାତ୍ରମାନଙ୍କର ପ୍ରବେଶରେ ଅଭିବୃଦ୍ଧି ଓ ପ୍ରାୟୋଜିତ ଗବେଷଣା ପ୍ରକଳ୍ପର ରୂପାୟନ ଆଶା କରିଥାନ୍ତି। ସଫଳ ସ୍ୱୟଂଶାସନ ବ୍ୟବସ୍ଥା ଓ ଉପଯୁକ୍ତ ଆର୍ଥିକ ମଡେଲ ବିନା ବଡ଼ ଶିକ୍ଷାନୁଷ୍ଠାନ ନିଷ୍କ୍ରିୟ ହୋଇଯାଇଛନ୍ତି।

ଏବେ ସମୟ ଉପଗତ ଭାରତ ସାର୍ବଜନିକ ଅର୍ଥରେ ପ୍ରତିପୋଷିତ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ସହଯୋଗର ହାତ ବଢ଼ାଇବା ପାଇଁ ନୂତନ ଆର୍ଥିକ ମଡେଲର ପ୍ରଣୟନ କରୁ। ସରକାରଙ୍କ ବାର୍ଷିକ ବ୍ଲକ୍ ଗ୍ରାଣ୍ଟ ନିୟମ ଅନୁଯାୟୀ ସେହି ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ହିଁ ପ୍ରଦାନ କରାଯାଉ ଯେଉଁମାନେ ସରକାରଙ୍କ ଆବଶ୍ୟକତାକୁ ଠିକ୍ ଭାବେ ପୂରଣ କରୁଥିବେ ଓ ଆଶାନୁରୂପ ଫଳାଫଳ ମଧ୍ୟ ପ୍ରଦାନ କରୁଥିବେ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଗ୍ରହଣ ଜନିତ ବ୍ୟୟ ପରିମାଣକୁ ପ୍ରତିପୂର୍ତ୍ତି ନ କରି ସେମାନଙ୍କର ପ୍ରବେଶ ସଂଖ୍ୟାକୁ ବଢ଼ାଇବା ଏବଂ ଓଭରହେଡ୍ ପରିମାଣ ବିନା ଗବେଷଣା ପ୍ରକଳ୍ପର ରୂପାୟନ ପାଇଁ ଅନୁମତି ଦେବା ଶିକ୍ଷାର ଗୁଣବତ୍ତାରେ ଅବନତି ଘଟାଇବା ସହ ବ୍ୟବସ୍ଥାରେ ମଧ୍ୟ ସ୍ଥାଣୁତା ଆଣିବ। ଆମେରିକାଠାରୁ ଭାରତ ଇକ୍ୱିଟି ଏବଂ ଛାତ୍ରୀଛାତ୍ରମାନଙ୍କ ପାଇଁ କମ୍ ଋଣ କ୍ଷେତ୍ରରେ ଆଗୁଆ ଥିଲାବେଳେ ଫଣ୍ଡିଂ ମଡେଲରେ ଆବଶ୍ୟକ ସୁଧାର ଜରୁରୀ ହୋଇପଡ଼ିଛି, ଯାହାକି ଆମର ଉଚ୍ଚସ୍ତରୀୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ଯଥେଷ୍ଟ ପ୍ରୋତ୍ସାହନ ପ୍ରଦାନ କରିବା ସହ ଜାତୀୟ ଶିକ୍ଷାନୀତିକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇପାରିବ।

ମୋ-୯୩୩୮୨୦୪୯୯୩

# ପ୍ଲାଷ୍ଟିକ ଶଲ୍ୟ ଚିକିତ୍ସାରୁ ସୁଫଳ



ପ୍ରଫେସର ଚତୁର୍ଭୁଜ ଭୂୟାଁ

ସୁନ୍ଦର ସଂସାର ସ୍ୱଭାବ, କାଳ, ଯଦୃଚ୍ଛା, ଈଶ୍ୱର, ନିୟତି ଓ ପରିଣାମ ପ୍ରଭାବରେ ପରିବର୍ତ୍ତନ ହୋଇଚାଲିଛି। ପରିବର୍ତ୍ତନରେ ମଣିଷ ମନ, ଶରୀର, ସମାଜ ପରିବର୍ତ୍ତନ ହେବା ସ୍ୱାଭାବିକ। କାଳର ସ୍ରୋତରେ ମହାମନୀଷୀ, ମହର୍ଷିମାନଙ୍କୁ ହରାଇଲେ ମଧ୍ୟ ସେମାନଙ୍କ ଅମୂଲ୍ୟ, ଅତୁଳନୀୟ ଅବଦାନ ପାଇଁ ସ୍ମରଣ କରିବା ଆମ କର୍ତ୍ତବ୍ୟ। ପ୍ରସଙ୍ଗରେ ବିଶ୍ୱ ଚିକିତ୍ସାକୁ ପ୍ଲାଷ୍ଟିକ ଶଲ୍ୟ ଚିକିତ୍ସାର ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ। ପ୍ଲାଷ୍ଟିକ ଶଲ୍ୟ ଚିକିତ୍ସାର ସ୍ରଷ୍ଟା 'ସୁଶ୍ରୁତ' ଶଲ୍ୟ ଚିକିତ୍ସା ଜନକ ଭାବେ ବିଶ୍ୱବିଦିତ। ବିଶ୍ୱର ପୂର୍ବଭାଗ 'ଭାରତ' ଚିକିତ୍ସା ବିଜ୍ଞାନୀଙ୍କ 'ପ୍ଲାଷ୍ଟିକ ଶଲ୍ୟ ଚିକିତ୍ସା'କୁ ସ୍ମରଣ ରଖିବା ପାଇଁ ବିଶ୍ୱ ପ୍ଲାଷ୍ଟିକ ଶଲ୍ୟ ଚିକିତ୍ସା ଦିବସକୁ –ସୁଶ୍ରୁତ ଜୟନ୍ତୀ ଭାବେ ଜୁଲାଇ ୧୫କୁ ପ୍ରତିବର୍ଷ ପାଳନ କରାଯାଏ। ଭାରତରେ ଡା. ରାଜ ସତପଥି(ଭାରତୀୟ ପ୍ଲାଷ୍ଟିକ ସଂଘ ସଭାପତି) ଏହା ଆରମ୍ଭ କରିଥିଲେ। ସୁଶ୍ରୁତ ଜୟନ୍ତୀ ଦିବସଟି ଐତିହାସିକ ତଥ୍ୟ ଅନୁସାରେ ନିର୍ଦ୍ଧାରିତ। ସୁଶ୍ରୁତ ଚିକିତ୍ସା ବିଜ୍ଞାନୀ ହୋଇ ମହର୍ଷି ଭାବେ ପରିଚିତ। ସେ ରାଜର୍ଷି ବିଶ୍ୱାମିତ୍ରଙ୍କ ପୁତ୍ର ଏବଂ ଧନ୍ୱନ୍ତରିଙ୍କ ଶିଷ୍ୟ ଥିଲେ। ବିଶ୍ୱାମିତ୍ର ଯେବେ ସନ୍ନ୍ୟାସ ନେଇ ସାଧନରେ ଗଲେ ସେବେ ସୁଶ୍ରୁତଙ୍କୁ କାଶିରାଜ, ଦିବୋଦାସ ଧନ୍ୱନ୍ତରୀଙ୍କ ଆଶ୍ରମରେ ଜ୍ଞାନାର୍ଜନ ପାଇଁ ସମର୍ପଣ କରିଥିଲେ। ଅନ୍ୟାନ୍ୟ ଶିଷ୍ୟ, ଔଷଧେନକ, ଗୋପୁରଭୂଷିତ, କରବୀର୍ଗ, ନିମି, ଗାଲବ, ଭୋଜ, ପୌଷ୍କଳାବର୍ତ୍ତ, କାଙ୍କାୟନ, ଗାର୍ଗ୍ୟ ପ୍ରମୁଖଙ୍କ ସହିତ ସୁଶ୍ରୁତ ପଢ଼ିଥିଲେ। ମେଧାବୀ ତଥା ତୀକ୍ଷ୍ଣ ବୁଦ୍ଧିମାନ ସୁଶ୍ରୁତ ଶଲ୍ୟ ଚିକିତ୍ସା ପ୍ରତି ରୁଚି ରଖିଥିଲେ। ସେ ଚିକିତ୍ସା ବିଜ୍ଞାନର ଜ୍ଞାନ ପାଇ ନିଜର ଅନୁଭୂତିକୁ ନେଇ 'ସୁଶ୍ରୁତ ସଂହିତା' ବା ସୁଶ୍ରୁତ ଏନ୍‌ସାଇକ୍ଲୋପିଡିଆ ରଚନା କରିଥିଲେ। ଏହା ଏକମାତ୍ର ପୂର୍ଣ୍ଣାଙ୍ଗ ଚିକିତ୍ସା ଗ୍ରନ୍ଥ ରୂପେ ସର୍ବବିଜ୍ଞାନବିଦିତ। ପୂର୍ଣ୍ଣାଙ୍ଗ ଚିକିତ୍ସା ବିଜ୍ଞାନ କହିଲେ, ଏଥିରେ ଭେଷଜ ଚିକିତ୍ସା, ଶଲ୍ୟ, ଶାଲାକ୍ୟ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ଶରୀର, ନିଦାନ, ବିଷ, ଦ୍ରବ୍ୟ, ଔଷଧ ନିର୍ମାଣ, ରସାୟନ, ବାଦୀକରଣ ସ୍ୱତନ୍ତ୍ର ଭାବେ ଏବଂ ଅନ୍ୟାନ୍ୟ ବହୁବିଧ ବିଜ୍ଞାନର ବର୍ଣ୍ଣନା କରିଛନ୍ତି। କିନ୍ତୁ ବିଶେଷ ଜ୍ଞାନ ଶଲ୍ୟ ଚିକିତ୍ସାରେ ରହିଛି। ତେଣୁ ସେ ଶଲ୍ୟ ଚିକିତ୍ସାର ଜନକ ଭାବେ ସର୍ବସମ୍ମତ। ଏହି ପୂର୍ଣ୍ଣାଙ୍ଗ ଗ୍ରନ୍ଥଟି ସୂତ୍ର ଆକାରରେ ତଥ୍ୟ ଗୁଡ଼ିକ ଉପସ୍ଥାପିତ। ଏହା ଆଦିଭାଷା ସଂସ୍କୃତରେ ଲେଖା, କିନ୍ତୁ ଏକାଧିକ ଭାଷା ଏବଂ ଅନୁବାଦ ସହିତ, ବିଶ୍ୱରେ ସୁଶ୍ରୁତଙ୍କ ଫଟୋ,ମୂର୍ତ୍ତି ଇତ୍ୟାଦି ଦେଖାଯାଏ।

ସୁଶ୍ରୁତଙ୍କ ବିଶ୍ୱ ଚିକିତ୍ସା ବିଜ୍ଞାନକୁ ଅତୁଳନୀୟ ଅବଦାନ ମଧ୍ୟରେ ଶ୍ରେଷ୍ଠ ଶରୀର ଚିକିତ୍ସା ଏବଂ ସେଥିରେ ପ୍ଲାଷ୍ଟିକ ଚିକିତ୍ସା ପ୍ରଧାନ, ଯାହାକୁ ଆଜି ବିଶ୍ୱ ସ୍ମରଣ କରୁଛି। ଶଲ୍ୟ ଚିକିତ୍ସା ଜ୍ଞାନ-ପ୍ରତ୍ୟକ୍ଷ ଶରୀର ରଚନା, କ୍ରିୟା ବିଜ୍ଞାନ, ଶବ ବ୍ୟବଚ୍ଛେଦାଦି, ନିଦାନାଦି ସହିତ ଶଲ୍ୟ ଚିକିତ୍ସାର ଉପପାଦ୍ୟ ଏବଂ ପ୍ରତ୍ୟକ୍ଷ ଜ୍ଞାନ ପ୍ରଶିକ୍ଷଣ ପରେ, ସ୍ୱୟଂ ପ୍ରତ୍ୟକ୍ଷ ଜ୍ଞାନ ପ୍ରାପ୍ତ, ଯୋଗ୍ୟତା ପରୀକ୍ଷା, କର୍ମ କ୍ଷେତ୍ରରେ



ପ୍ରବେଶ ପୂର୍ବ, ରାଜାଦେଶ/ଶାସନରେ ବିକିରଣ, ପ୍ରତିଜ୍ଞା ଇତ୍ୟାଦି ଶଲ୍ୟ ଚିକିତ୍ସାର ଶୃଙ୍ଖଳା ଏବଂ ମହାନତା ଜଣାଏ। ଚିକିତ୍ସାରେ ତ୍ରିବିଧ କର୍ମ- ପୂର୍ବ କର୍ମ (Pre-operative), ପ୍ରଧାନ କର୍ମ (Operative) ଏବଂ ପଶ୍ଚାତ୍‌କର୍ମ (Post Operative) ତିନୋଟି ସ୍ତମ୍ଭ ପରି ଅଟେ। ଏହାକୁ ଠିକ୍, ଶକ୍ତ କରିପାରିଲେ ଚିକିତ୍ସା ସଫଳ ହୁଏ। ଶସ୍ତ୍ର କର୍ମ ଚିକିତ୍ସା ସୂତ୍ର ଆକାରରେ ୮ଟି ବିଧି ମଧ୍ୟରେ ସମସ୍ତ ବିଧି ଅନ୍ତର୍ଭୁକ୍ତ। ଆଜିର ଲାକ୍ଷଣିକ ଚିକିତ୍ସା ବିଧିରେ ସୁଶ୍ରୁତ ପରାମର୍ଶ ଦିଅନ୍ତି ; ସର୍ବଦା ରୋଗକୁ ସମୂଳେ ଆରୋଗ୍ୟ ଏବଂ ରୋଗୀ ସୁସ୍ଥ ହେବା ଉଚିତ। ଶଲ୍ୟ ଚିକିତ୍ସାରେ ନିଃସଂକ୍ରମଣ ଚିକିତ୍ସା (Aseptic Surgery) ସର୍ବୋତ୍ତମ। ସଂକ୍ରମଣର ଚିକିତ୍ସାର ପ୍ରତିଷେଧ ଉପାୟାଦି ରହିଛି। 'ଘା' ବା ବ୍ରଣର ଚିକିତ୍ସା ୬୦ ପ୍ରକାର। ଏପରିକି କ୍ଷତ ସ୍ଥାନ ଶୁଖି, ଲୋମ ଉତ୍ପନ୍ନ ଓ ଦାଗ ଲିଭି ପ୍ରକୃତ ଚର୍ମ ଆସିବା (କସ୍‌ମେଟିକ) ବର୍ଣ୍ଣନା, ଆଧୁନିକ ବିଜ୍ଞାନକୁ ଗବେଷଣା ମାର୍ଗ ଦେଖାଏ।

ଶଲ୍ୟ ଚିକିତ୍ସା ଅନ୍ତର୍ଗତ ପ୍ଲାଷ୍ଟିକ ଚିକିତ୍ସା ଆବଶ୍ୟକତା ଯୁଦ୍ଧ କ୍ଷେତ୍ରରୁ ଅନୁଭୂତ ହୁଏ। ସେଠାରେ ସେନାମାନଙ୍କର କାନ, ନାକ କଟିବା, ହାତ ଗୋଡ଼ ଭାଙ୍ଗିବା, ଶିରା, ଧମନୀ, ଅନ୍ୟାନ୍ୟ ଅଙ୍ଗ ଅବୟବ କଟିବା, ଖଣ୍ଡିଆ, ଘା' ଆଦିର ଆକ୍ଷାୟିକ ଚିକିତ୍ସା କେବଳ ଶଲ୍ୟ ପ୍ଲାଷ୍ଟିକ ଚିକିତ୍ସକ କରିପାରେ। ଚିକିତ୍ସକ ଯୁଦ୍ଧକ୍ଷେତ୍ରରେ ରହେ ଏବଂ ଦୁର୍ଘଟଣା ପରେ ରୋଗୀ ଏବଂ ଅବୟବକୁ ରକ୍ଷା କରିବା ପାଇଁ ସ୍ୱର୍ଣ୍ଣିମ ସମୟ ଆବଶ୍ୟକ। ଦୁର୍ଘଟଣାର ଏକ ଘଣ୍ଟା ମଧ୍ୟରେ ରୋଗୀର ଆଶୁ ଚିକିତ୍ସା କଲେ ଆରୋଗ୍ୟ ସମ୍ଭାବନା ଥାଏ। ଶସ୍ତ୍ର ଚିକିତ୍ସା ବ୍ୟତୀତ ଉପଶଲ୍ୟ ଚିକିତ୍ସାରେ କ୍ଷାରକର୍ମ , ଅଗ୍ନିକର୍ମ ଓ ରକ୍ତ ମୋକ୍ଷଣ ପଦ୍ଧତି ଆଦି ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ସନ୍ଧାନ କର୍ମ ଚିକିତ୍ସା ବିଷୟରେ କାନ, ନାକ, ଓଠ ଉଦାହରଣ ଦେଇ ପ୍ରତ୍ୟକ୍ଷ ପ୍ଲାଷ୍ଟିକ ଶଲ୍ୟ ଚିକିତ୍ସା ବର୍ଣ୍ଣନା କରିଛନ୍ତି। ସାଧାରଣତଃ କାନପତା ଛିଣ୍ଡି, ଚିରି ଯାଇଥିଲେ, ନାକରେ ନୋଥାଦି ଖଣ୍ଡିଆ ହେଲେ ସେସବୁ ପୁନଃସଙ୍ଗଠନ ଦ୍ୱାରା ହୋଇପାରୁଛି। ସୁଶ୍ରୁତ ଗ୍ରହଣ ଖଣ୍ଡିଆ, ନାକ, କାନାଦି ପୁନର୍ନିର୍ମାଣ କରିବାରେ ଏସବୁର ଆକାର ନେଇ ଗାଲରୁ ଲେଖନ ବିଧିରେ ଜୀବନ୍ତ ଚର୍ମ, ତନ୍ତୁସବୁକୁ ସଂଯୋଜିତ, ସିଲାଇ କରି ସୁନ୍ଦର କରିପାରୁଥିଲେ। ପ୍ଲାଷ୍ଟିକ ଶଲ୍ୟ ଚିକିତ୍ସା ବହୁବିଧ ନିର୍ଦ୍ଦେଶ କରି ଅନ୍ୟାନ୍ୟ ଅଙ୍ଗ ଅବୟବରେ ବିନିଯୋଗ ବେଳେ ଦକ୍ଷ, ସାହସୀ, ଉତ୍ସର୍ଗୀକୃତ, ନିଃସ୍ୱାର୍ଥ ଶଲ୍ୟ ଚିକିତ୍ସକ କରିପାରିବା ସିଦ୍ଧାନ୍ତ ନେଇ ଉତ୍ତମ ପ୍ଲାଷ୍ଟିକ ଶଲ୍ୟ ଚିକିତ୍ସକଙ୍କୁ ରୟାଲ ସର୍ଜନ ଆଖ୍ୟା ଦେଇଛନ୍ତି। ଆଜିର ପ୍ଲାଷ୍ଟିକ ଶଲ୍ୟ ଚିକିତ୍ସାରେ ଅସମ୍ଭବକୁ ସମାଧାନ କରିବାରେ ସଫଳ। ଶରୀର ବାହାର ଭିତର ଅଙ୍ଗାବୟବର ରୋପଣ, ପୁନର୍ନିର୍ମାଣ ତଥା ସୁନ୍ଦର ମୁଖ, ନାରୀର ସୁନ୍ଦରତା ବୃଦ୍ଧିରେ ଅବଦାନ ଚିକିତ୍ସା ଜଗତକୁ ସ୍ୱର୍ଣ୍ଣିମାମୟ କରିପାରିଛି। ଶରୀରରେ ବିବିଧ ଅଙ୍ଗ କ୍ଷତ ବିକ୍ଷତ ଏପରିକି ମସ୍ତିଷ୍କ, ଅସ୍ଥି, ଶିରା, ଧମନୀ ଇତ୍ୟାଦି ଏବଂ ଶରୀର ପୋଡ଼ା ଘା' ମୁଖାଦି ହୋଇଥିଲେ ମଧ୍ୟ ପ୍ଲାଷ୍ଟିକ ଶଲ୍ୟ ଚିକିତ୍ସା ଦ୍ୱାରା ଜୀବନ୍ତ ହେବା ସମ୍ଭବ। କେବଳ ଦୁର୍ଘଟଣାର ଏକ ଘଣ୍ଟା ମଧ୍ୟରେ ପ୍ଲାଷ୍ଟିକ ସୁଶଲ୍ୟ ଚିକିତ୍ସକଙ୍କ ପାଖରେ ପହଞ୍ଚାଇ ପାରିଲେ ଉତ୍ତମ।

ଡି. ୱାଇ. ପାଟିଲ ବିଶ୍ୱବିଦ୍ୟାଳୟ,
ପୁଣେ, ମହାରାଷ୍ଟ୍ର

## ଏଇ ଭାରତରେ

ଏବେ ପରିବେଶ ସୁରକ୍ଷା ଲାଗି ଅନେକ ନୂତନ ପଦ୍ଧତି ଗ୍ରହଣ କରାଯାଉଥିବା ବେଳେ ତାମିଲନାଡୁର ବାପ ଓ ଝିଅ ମିଶି ପ୍ଲାଷ୍ଟିକ ବୋତଲରୁ ଫ୍ୟାଶନେବଲ ଡ୍ରେସ୍ ତିଆରି କରି ଉଦାହରଣ ସୃଷ୍ଟି କରିଛନ୍ତି। କେ. ଶଙ୍କର ଓ ତାଙ୍କ ଝିଅ ସେନ୍ଥିଲ ପ୍ଲାଷ୍ଟିକ୍ ବୋତଲ ରିସାଇକେଲ କରି ସେଥିରୁ ବିଭିନ୍ନ ଡିଜାଇନର ଜ୍ୟାକେଟ, ବ୍ଲେଜର, ଟି-ଶାର୍ଟ ଓ ବୋତାମ ତିଆରି କରୁଛନ୍ତି। ଏଥିପାଇଁ ସେମାନେ ଶ୍ରୀରଙ୍ଗା ପଲିମର୍ସ କମ୍ପାନୀ ପ୍ରତିଷ୍ଠା କରି ପ୍ରତିଦିନ ୧୫ ଲକ୍ଷ ପ୍ଲାଷ୍ଟିକ୍ ବୋତଲ ରିସାଇକେଲ କରୁଛନ୍ତି। କେ.ଶଙ୍କର ଆଇଆଇଟିରୁ ଡିଗ୍ରୀ ହାସଲ କରି ଚାକିରି କରିଥିଲେ । ପରେ ୨୦୦୮ରେ ତାହାକୁ ଛାଡ଼ି ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ପ୍ରଥମେ ଏହି କମ୍ପାନୀ ପ୍ଲାଷ୍ଟିକ୍ ବର୍ଜ୍ୟରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଥିଲା। କିନ୍ତୁ ୨୦୨୧ରେ ସେନ୍ଥିଲ 'ଇକୋଲାଇନ' ପୋଷାକ ବ୍ରାଣ୍ଡ ଆରମ୍ଭ କରିଥିଲେ। ଏବେ ଏହି ବ୍ରାଣ୍ଡରେ ସେ ପୋଷାକ ବିକ୍ରି କରୁଛନ୍ତି। କମ୍ପାନୀ ଦେଶରେ ୫୦ ହଜାର ଲୋକଙ୍କୁ ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରିବାରେ ଲଗାଇଛି। କେବଳ ପୋଷାକ ତିଆରି କରିବାରେ ଏବେସୁଦ୍ଧା ୫୦ ଲକ୍ଷ ପ୍ଲାଷ୍ଟିକ ବୋତଲ ରିସାଇକେଲ କରାଯାଇସାରିଲାଣି। ୮ଟି ବୋତଲରୁ ଟି-ଶାର୍ଟ,୨୦ଟି ବୋତଲରୁ ଜ୍ୟାକେଟ ତିଆରି ହୋଇପାରୁଛି। ଇକୋଲାଇନ ବ୍ରାଣ୍ଡର ଉତ୍ପାଦର ମୂଲ୍ୟ ୫୦୦ରୁ ୬,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ପ୍ରତି ମାସରେ ଏଥିପାଇଁ ୨୦,୦୦୦ ଅର୍ଡର ମିଳୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜୁଲାଇ ୧୯୯୮

- ଧାମରାଠାରେ ଏସିଆର ସର୍ବବୃହତ୍ତମ ଧାମରା-ଚାନ୍ଦବାଲି ବନ୍ଦରର ଭିତ୍ତିପ୍ରସ୍ତର।
- ଗରିବ ଲୋକଙ୍କୁ ମାଗଣାରେ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇ ଦେଇଥିବା ପାକିସ୍ତାନୀ ଡାକ୍ତର ଆଜିବୁଲ ହାସାନ ରିଜଭି ରମଣ ମାଗାସେସେ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।

## ଚିରନ୍ତନୀ

ହେ ସାରଥି ଆଜି ଚଉପାଶେ
ଏ କି ବ୍ୟୂହ
ନ ଚଳେ ତୁରଗ ନ ପାରଇ ରଥ ବାହି
ଯେଉଁ ଦେଶେ ମୁଖ ଫେରାଉ
ଶୁଭଇ ବାଣୀ–
ପଥ କାହିଁ ? ପଥ କାହିଁ ?
(ପଥ କାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ର ରଚୁଛି ନୂଆ ଇତିହାସ

ମହାଶୟ,

କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ଘୋଟଲା କରିଚାଲିଛନ୍ତି। ବିମୁଦ୍ରୀକରଣ, ୨ହଜାର ଟଙ୍କିଆ ନୋଟ୍‌ର ପ୍ରଚଳନ ଓ ରଦ୍ଦ, ଜିରୋ ଆକାଉଣ୍ଟ ଖୋଲି ୧୫ ଲକ୍ଷ ଟଙ୍କା ଜମା କରିବାକୁ କହିବା, ଆବଶ୍ୟକତା ନ ଥାଇ ନୂଆ ସଂସଦ ଭବନ ନିର୍ମାଣ, ୨ ହଜାର ଟଙ୍କିଆ ନୋଟ୍ ଛାପି ସବୁ କଳା ଧନକୁ ଧଳାକରି କୋଟିପତିଙ୍କ ହାତରେ ଅର୍ପଣ, ଲକ୍ଷ ଲକ୍ଷ ଟଙ୍କାର ଋଣ ଦେଇ ସୁଧ ଛାଡ଼ କରି ଦେଶ ଛାଡ଼ି ଚାଲିଯିବାର କୌଶଳ, ଲୋକଙ୍କୁ ମାଗଣା ଚାଉଳ ଦେବା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି, ବିନା ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ବା ଉପସ୍ଥିତିରେ ସଂସଦ ଭବନ ନିଜେ ଉଦ୍‌ଘାଟନ କରିବା ଓ ସର୍ବୋପରି କୋଟି କୋଟି ଟଙ୍କା ଦେଇ ଭୋଟ କିଣି ଓ ନେତାମାନଙ୍କୁ ଅନ୍ୟ ଦଳରୁ କିଣି ନିଜ ସାମ୍ରାଜ୍ୟ ବୃଦ୍ଧି କରିବା ପ୍ରଭୃତି ନୂଆ ଇତିହାସ ସୃଷ୍ଟି ବାସ୍ତବରେ ସରକାରଙ୍କ ପାଇଁ ଗର୍ବ ଓ ଗୌରବ ନୁହେଁ ତ ଆଉ କ'ଣ ? ଏଭଳି ନୂଆ ଇତିହାସ ଦେଶବାସୀ ପଢ଼ିଲେ ହେଲା। ନିର୍ବାଚନ ପାଖେଇ ଆସିଲେ ଆଉ କେତେ ଯେ, ଇତିହାସ ସୃଷ୍ଟି ନ ହେବ କିଏ କହିବ ?

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | | | |
| | 6 | 8 | | 5 | | | | |
| | | | | 8 | 4 | | | |
| | | 5 | | | | 1 | | 4 |
| 2 | | | | 4 | 1 | 7 | 5 | |
| 7 | | | | | | | | 8 |
| | | | | | | | 1 | 6 |
| | 5 | 3 | | | | 9 | 2 | |
| | 2 | | 4 | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 3 | 9 | 2 | 7 | 4 | 6 | 1 |
| 1 | 4 | 6 | 3 | 5 | 8 | 7 | 9 | 2 |
| 9 | 7 | 2 | 4 | 1 | 6 | 8 | 3 | 5 |
| 5 | 1 | 4 | 6 | 7 | 3 | 9 | 2 | 8 |
| 2 | 3 | 7 | 1 | 8 | 9 | 5 | 4 | 6 |
| 6 | 8 | 9 | 2 | 4 | 5 | 1 | 7 | 3 |
| 4 | 6 | 5 | 7 | 3 | 1 | 2 | 8 | 9 |
| 7 | 9 | 1 | 8 | 6 | 2 | 3 | 5 | 4 |
| 3 | 2 | 8 | 5 | 9 | 4 | 6 | 1 | 7 |

ଗତକାଲିର ଉତ୍ତର

# କଥା ତ ଏତିକି

ଗଳ୍ପ

ଛନ୍ଦା ମିଶ୍ର

ଟିଂଟଂ... ଟିଂଟଂ... ଚମକି ଉଠିଲା ଅଙ୍କିତା, ତାକୁ ଛାଇ ନିଦ ଲାଗି ଆସିଥିଲା। ଏଇ ସମୟରେ ନିଦ ଭାଙ୍ଗିଲେ ଭାରି ବିରକ୍ତ ଲାଗେ। ଇଚ୍ଛା ହେଉ ନଥିଲା ଶେଯରୁ ଉଠିବାକୁ ଏଇ ଶୀତୁଆ ଦ୍ୱିପ୍ରହରେ, ଭାତଖିଆ ନିଦ ଆଉ ନରମ ବ୍ଲାଙ୍କେଟ୍‌ର ଉଷୁମ ଛାଡ଼ିବାକୁ କାହାର ମନହେବ ଯେ! ସେ କାନ ଡେରିଲା, ଯଦି ଶାଶୁ ଯାଇ ଖୋଲିଦିଅନ୍ତି ଡୋର୍‌ଟା... ଅନୁପ ହିଁ ଆସିଥିବେ... ପୁଣି ତା'ର ମନେପଡ଼ିଲା, କାଲିର କଥା। ସେ ନିଜେ ହିଁ ମନାକରିଛି ଶାଶୁଙ୍କୁ। ଅନୁପ ଆସିଲେ ସେ ହିଁ ଡୋର୍ ଖୋଲିବ ବୋଲି ରୋକ୍‌ଠୋକ୍ ଶୁଣେଇଦେଇଛି। ବାଧ୍ୟ ହୋଇ ଗୋଡ଼ ଘୋଷାରି ଘୋଷାରି, ଆଖିକୁ ଅଧା ବନ୍ଦ କରି ସେ ଆସି ଡୋର୍ ଖୋଲି ଦେଇ କହିଲା, ଶୁଣ! ଟେବୁଲ ଉପରେ ହଟ୍‌କେସ୍‌ରେ ଭାତ ତରକାରି ଅଛି, ମତେ ବହୁ ନିଦଲାଗୁଚି, ମୁଁ ଶୋଇବାକୁ ଯାଉଚି। ଜୋତା ଖୋଲି ହାତ ସାନିଟାଇଜ କରୁକରୁ ଅନୁପ କହିଲା, ଆରେ ଅଙ୍କିତା! ଏଇ ଦିନ ତିନିଟା ବେଳେ ଆଉ ଭାତ ଖାଇବାକୁ ଇଚ୍ଛା ନାହିଁ, ରୁଟି ଦୁଇଟା କରିଦିଅନା ପ୍ଲିଜ! ଅଙ୍କିତା ବେଡ୍‌ରୁମ୍‌କୁ ଯାଉଯାଉ ଟିକେ ରହିଗଲା ଓ ଅନୁପକୁ ବିରକ୍ତିରେ ଚାହିଁ ଚାଲିଗଲା ଶୋଇବାକୁ।

ଅନୁପ, ଅଙ୍କିତାର ଯିବାବାଟକୁ ଚାହିଁ, ଦୀର୍ଘଶ୍ୱାସଟିଏ ଛାଡ଼ି, ବେକରୁ ଷ୍ଟେଥୋସ୍କୋପ୍‌ଟି କାଢ଼ି ଟେବୁଲ ଉପରେ ରଖି ହାତ ମୁହଁ ଧୋଇବା ପାଇଁ ପଶିଗଲା ବାଥ୍‌ରୁମ୍‌ରେ। ଆସିଲାବେଳକୁ ଟେବୁଲ ଉପରେ ଚାରୋଟି ଗରମ ରୁଟି ସହିତ ତରକାରି ଭଜା ଆଦି ବଢ଼ା ହୋଇଥିଲା। ଅତି ସନ୍ତର୍ପଣରେ ରୋଷେଇଘରୁ ବୋଉ ତାକୁ ଚାହିଁ ଥିଲା। ଅନୁପ ଜାଣିଲା, ନିଶ୍ଚେ କିଛି ଗୋଟେ ହେଇଚି ଶାଶୁ-ବୋହୂଙ୍କ ଭିତରେ।

ସେ ଯାଇ ଠିଆ ହେଲା ବୋଉ ପାଖରେ। ''କ'ଣ ହେଇଚି ବୋଉ, ଅଙ୍କିତା କିଛି କହିଲା କି?'' ବୋଉର ଆଖି ଛଳଛଳ ହୋଇଗଲା। ସେ ନିଜ ଲୁହ ଲୁଚେଇ କହିଲା, ''ନା ଲୋ ଧନ! ମତେ କାଇଁ ସେ କ'ଣ କହିବ, ତୋ' ବାପାଙ୍କ କଥା ମନେପଡ଼ିଲା ତ ସେ ବି ଏମିତି ଟିକେ ଡେରି ହୋଇଗଲେ କହିବେ ଆଉ ଭାତ ଖାଇବିନି, ମୋ' ପାଇଁ ରୁଟି କର, ସେଇ କଥା ମନେପଡ଼ିଗଲା।''

ଅନୁପ ବୋଉ କାନିରେ ବୋଉର ଲୁହ ପୋଛି ଦେଇ କହିଲା- ହଉ ତୋର ଆଣେ ମିଶିକରି ଖାଇବା। ସେ ଜାଣେ,



ସେ ନ ଖାଇଲା ପର୍ଯ୍ୟନ୍ତ ବୋଉ ଖାଇବ ନାହିଁ। ସେ ଆଉ ବୋଉକୁ ଅପେକ୍ଷା ନ କରି ନିଜେ ବୋଉ ପାଇଁ ବାଢ଼ି ବୋଉକୁ ବସେଇ ଦେଇ ଖାଇବା ଆରମ୍ଭ କଲା। ଅନୁପମା ଲୁହ ପୋଛି ଭାତରେ ଡାଲି ଗୋଳେଇଲେ।

ଅନୁପ ଖାଉଖାଉ କଣେଇଁ ଚାହିଁଲା ବୋଉକୁ। ଭାରି ଅଭିମାନୀଟା, କେବେ କିଛି କହିବ ନାହିଁ। ତା' ମନ ଭିତରୁ କଥା ବାହାର କରିବା ଖୁବ୍ କଷ୍ଟ। ସେ ଜାଣିପାରୁଥିଲା ଅଙ୍କିତା ନିଶ୍ଚେ କିଛି କହିଚି। ନିଜକୁ ଭାରି ନାଚାର ଲାଗିଲା। ଚତୁର୍ଥୀ ରାତିରେ ହିଁ ସେ କହି ଦେଇଥିଲା, ''ଦେଖ ଅଙ୍କିତା! ମୋ' ବୋଉର ମୁଁ ଗୋଟିଏ ପୁଅ, ଭାରି କଷ୍ଟରେ ସେ ମତେ ବଢ଼େଇଛି, ପଢ଼େଇଛି। ମୋ'ଛଡ଼ା ତା'ର ଆଉ କେହି ନାହିଁ। ଆଜିଯାକେ ସେ ଜୀବନରେ କେବଳ ଦୁଃଖ ଦେଖି ଆସିଲା, ଏଥର ତାକୁ ଟିକେ ସୁଖ ଦେବା ଆମର କର୍ତ୍ତବ୍ୟ ବୋଲି ଭାବିବ।'' ଅଙ୍କିତା ବି ତା' କଥାରେ 'ହଁ' ଭରିଥିଲା । ଆଉ ସେମିତି ଦେଖିବାକୁ ଗଲେ ଅଙ୍କିତା ଖରାପ ଝିଅ ବି ନୁହେଁ, କିନ୍ତୁ କେଉଁଠି ଗୋଟେ 'କିନ୍ତୁ' ହିଁ ରହିଯାଉଛି।

ଅନୁପ ଦେହଟାକୁ ଶେଯ ଉପରେ ଆଉଜାଇ ଦେଲା। ଅଙ୍କିତା ଆସି ତା' କୋଳରେ ମୁଣ୍ଡ ଥୋଇ, ତା' ହାତଟାକୁ ଟାଣି ନିଜ ଗାଲ ଉପରେ ରଖିଲା। ଅଙ୍କିତାର ମୁଣ୍ଡକୁ ଆଉଁଶି ଆଉଁଶି ଅନୁପ ଖୁବ୍ ନରମ ସ୍ୱରରେ କହିଲା, 'ବୋଉକୁ କିଛି କହିଥିଲ କି?' ଧଡ଼ପଡ଼ ହୋଇ ଉଠିବସିଲା ଅଙ୍କିତା। ''କ'ଣ ମୋ' ନାଁରେ ତମକୁ ଫୋଡ଼ିଦେଲେ?''

: ''ନାଇଁ, ବୋଉ ସେମିତିକା ନୁହେଁ। କାହା ବିଷୟରେ କେବେ ତାକୁ କମ୍ପ୍ଲେନ୍ କରିବା ଦେଖିଛ। ସେ ସହଜେ କିଛି କହେନି। ସବୁ ଦୁଃଖ ମନ ଭିତରେ ରଖି କଷ୍ଟ ପାଇବ, ହେଲେ...''

ଅନୁପ ମୁହଁରୁ କଥା ଛଡ଼ାଇ ଆଣି ଅଙ୍କିତା କହିଲା, ହଁ ମୁଁ କହିଛି। ଆଚ୍ଛା ତମେ କୁହ ତ, ଏତେ କମ୍ ସମୟ ପାଇଁ ତମେ ଘରକୁ ଆସିବ, ଆଉ ସେ ସମୟଟା ବି ସେ ତମ ଆଗ ପଛ ହେଉଥିବେ! ସବୁଦିନ ଦେଖୁଥିଲି କିନ୍ତୁ କାଲି ଆଉ ସହିପାରିଲିନି, ତମେ ଗଲାବେଳେ ଖୁବ୍ ଖୁସି ହୋଇ ଯାଇଥିଲି ତୁମକୁ ଗେଲକରି ବାଏ କରିବି ବୋଲି, ସେ କିନ୍ତୁ ସେଠି ଠିଆ ହୋଇ ରହିଲେ। ମୋ' ମୁଡ୍ ପୂରା ଅଫ୍ ହେଇଗଲା। ସିଧା ସିଧା କହିଦେଲି, ଇଏ ହସ୍ପିଟାଲ ଗଲାବେଳେ ଆଉ ଫେରିଲା ବେଳେ ମୁଁ ଡୋର୍ ଖୋଲିବି, ଖାଇଲାବେଳେ ମୁଁ ତାଙ୍କ ପାଖରେ ବସିବି। ଆମକୁ ଟିକେ ବି ସ୍ପେସ୍ ଦେଉନାହାନ୍ତି ତୁମ ବୋଉ। ସବୁବେଳେ ପୁଅ ପୁଅ। ଏତେ ପୋଜେସିଭ ଯଦି, ପୁଅକୁ ଏମିତି କୋଳରେ ପୂରେଇ ରଖିବାର ଥିଲା, ତେବେ ବାହା କାଇଁ କରୁଥିଲେ!''

ପଙ୍ଖାଆଡ଼େ ଶୂନ୍ୟଦୃଷ୍ଟିରେ ଚାହିଁଥିଲା ଅନୁପ। କହିଲା, ତୁମେ ଚାରି ମାସ ହେଲା ବୋଉକୁ ଦେଖୁଛ ଅଙ୍କିତା, ତା' ବିଷୟରେ ବା ଜାଣିଛ କ'ଣ? ମୋ' ବାପା କେମିତି ମରିଥିଲେ ଜାଣିଛ- 'ହଁ ଜାଣିଛି, ଆକ୍ସିଡେଣ୍ଟରେ।' ହଁ ଆକ୍ସିଡେଣ୍ଟରେ ସେଦିନ କୌଣସି କଥାକୁ ନେଇ ବାପା-ବୋଉଙ୍କ ଭିତରେ ଝଗଡ଼ା ହୋଇଥିଲା। ଭାଇନାକୁ ସ୍କୁଟରରେ ନେଇ ସ୍କୁଲରେ ଛାଡ଼ି ବାପା ଅଫିସ ଯାଇଥା'ନ୍ତେ। ସବୁଦିନ ବାପା ସ୍କୁଟର କାଢ଼ି ବୋଉକୁ ଡାକିଲେ ବୋଉ ଆସି ଦୁଆର ମୁହଁରେ ଛିଡ଼ାହୁଏ, ହସ ହସ ମୁହଁରେ ତାଙ୍କୁ ବିଦା କରେ। ସେଦିନ ବି ବାପା ଡାକିଲେ, କିନ୍ତୁ ବୋଉ ରାଗିଥିଲା ବୋଲି ଆସିଲା ନାହିଁ, ଆଉ ତାହା ଥିଲା ବାପା-ବୋଉଙ୍କର ଶେଷଦେଖା। ଗୋଟେ ବାଲିବୋଝେଇ ଟ୍ରକ୍‌ରେ ଧକ୍କା ହୋଇ ବାପା ଓ ଭାଇନା ଦୁହେଁ...। ବୋଉ ବୁଝି ଯାଇଥିଲା, କେଉଁ ଦେଖାଟି ଶେଷଦେଖା ହେବ କେହି ଜାଣିନି, ତେଣୁ ସେ କେହି ଗଲାବେଳେ ନିଶ୍ଚେ ବାଟେଇ ଦେବାକୁ ଆସେ।

ଦୀର୍ଘଶ୍ୱାସଟିଏ ବାହାରିଗଲା ଅନୁପ ଛାତିରୁ- ''ଜାଣିଛ ଅଙ୍କିତା! ଭାଇନାଟା ମୋର ଭାରି ଟକଳା ଥିଲା। ଏଇଟା ଖାଇବି, ସେଇଟା ଖାଇବି କହି ବୋଉକୁ ଖୁବ୍ ହଇରାଣ କରୁଥିଲା। ତେଣୁ ବୋଉକୁ କେହି କିଛି ଖାଇବାକୁ ମାଗିଲେ ସେ କେବେ ମନାକରେନି। ଯେତେ କଷ୍ଟପଡ଼ିଲେ ବି ସେ କରି ଖୁଆଏ। ମୁଁ ସେତେବେଳେ ଥିଲି ବୋଉ ପେଟରେ, ଆଉ ବାପାଙ୍କର ଇଚ୍ଛା ଥିଲା ବୋଲି କେତେ କଷ୍ଟରେ ସେ ମତେ ଡାକ୍ତର କରିଛି ତମେ ବୁଝିପାରିବ ନାହିଁ।''

ଅବାକ୍ ହୋଇ ଅନୁପକୁ ଚାହିଁ ରହିଥିଲା ଅଙ୍କିତା। ଆଖିରେ ତା'ର ଜକେଇ ଆସିଥିଲା ଲୁହ। ଚୁପ୍‌ଚାପ୍ ବସିଥିଲେ ଦୁହେଁ। ହଠାତ୍ ଅଙ୍କିତା କହିଲା- ଶୁଣ, ପାଞ୍ଚଟା ବାଜିବ, ତମେ ଟିକେ ଆଖି ବନ୍ଦ କରିଦିଅ। ଏହା କହି ସେ ଅନୁପ ଦେହରେ ବ୍ଲାଙ୍କେଟ୍‌ଟି ଘୋଡ଼େଇ ଦେଇ ଚାଲିଗଲା ବାହାରକୁ।

ଅନୁପ ଅଳ୍ପ ସମୟ ଶୋଇଚି କି ନାଇଁ ହସ୍ପିଟାଲରୁ ଫୋନ୍ ଆସିଲା କ୍ରିଟିକାଲ୍ କେସ୍‌ଟିଏ ଆସିଛି ବୋଲି। ପ୍ୟାଣ୍ଟ ଶାର୍ଟ ପିନ୍ଧି ବାହାରକୁ ଆସିଲାବେଳକୁ ଦୁଇଟି ହସନ୍ତ ମୁହଁ ସତେଯେମିତି ତାକୁ ହିଁ ଅପେକ୍ଷା କରିଥିଲେ। ଆଶ୍ଚର୍ଯ୍ୟ ହେବା ସହ ସେ ହାତ ମେଲେଇ ଦୁହିଁଙ୍କୁ ନିଜ ଛାତିରେ ଜାବୁଡ଼ି ଧରିଲା। ନିଜକୁ ନିଜେ ସେ ପଚାରୁଥିଲା, ସ୍ୱର୍ଗ କ'ଣ ଯା'ଠାରୁ ଅଧିକ ସୁଖ ଦେଇପାରେ!

ମୋ: ୯୪୩୭୪୫୩୬୧୦

# ପକ୍ଷୀଟିଏ

ମନୀଷା ପଣ୍ଡା

ଲଘୁ ଗଳ୍ପ

ଜଖମ ପାଇଁ ମଲମ ଥିଲା ସେ। କହି ପାରୁ ନ ଥିଲା କଥା ତଥାପି ସବୁ ବୁଝି ପାରୁଥିଲା। ମାଳତି ଦେବୀଙ୍କ ଅଚାନକ ଆରପାରିକୁ ଯିବାଟାକୁ ଗ୍ରହଣ କରିପାରୁ ନ ଥିଲେ ବାନା ବାବୁ। ବାନାମ୍ବର ମହାନ୍ତି କହିଲେ ଆଖପାଖ ଅଞ୍ଚଳର ସମସ୍ତେ ଚିହ୍ନିଥିଲେ। ସରଳ ଅମାୟିକ ମେଳାପୀ ଥିଲେ ସେ। ଜମିବାଡ଼ି ପୁରୁଷାନୁକ୍ରମିକ ଗୁଡ଼ାଏ ଥିଲା। ଏଣୁ ସୁବିଧା ଅସୁବିଧା ଭଲମନ୍ଦରେ ଲୋକେ ଧାଇଁ ଯାଉଥିଲେ ତାଙ୍କ ପାଖକୁ ସାହାଯ୍ୟ ସହଯୋଗ ପାଇଁ। ଖୁବ୍ ଉଦାର ହୃଦୟ ସ୍ୱାମୀ ସ୍ତ୍ରୀ ଦୁଇ ଜଣଙ୍କର। ମାଳତି ଦେବୀ ମଧ୍ୟ ସ୍ୱାମୀଙ୍କର କୌଣସି ନିଷ୍ପତ୍ତିକୁ କେବେ ଏଡ଼ାଇ ନାହାନ୍ତି। ଖୁବ୍ ସୁନିପୁଣା ସେ। ହୃଦ୍‌ଘାତରେ ହଠାତ୍ ଆରପାରିକୁ ଗଲେ। ଅନିଚ୍ଛା ସତ୍ତ୍ୱେ ବାପାଙ୍କୁ ଏକଲା ଗାଆଁରେ ନ ଛାଡ଼ି ଦଶାହ ପରେ ପୁଅ ରମୁ ନିଜ ପରିବାର ସହ ନେଇ ଆସିଲା ସହରକୁ। ଖୁବ୍ ଟଣାଓଟରା ନା' ନା'ରେ ଆସିଥିଲେ ବାନାବାବୁ ପୁଅ ବୋହୂଙ୍କ ସହ ରାଉରକେଲା ସହର।

ମାଳତିଙ୍କ ବିନା କେମିତି ଜିଇବେ ଜୀବନ। ଜୀବନ ସାରା ହଁ ରେ ହଁ ନା ରେ ନା ମିଶେଇ ଚଳୁଥିବା ଧର୍ମପତ୍ନୀ ଏମିତି ଠକି ଦେବେ ଅଧାବାଟରେ ଏକଥା ଭାବିବାବେଳକୁ ବିଶ୍ୱାସ ଆସୁ ନଥିଲା ମନକୁ। ଅଶୌଚ କାମ ସରିଲା। ଭାରି ମନକୁ ନେଇ ଖୋଲା ଅଗଣାରେ ବସି ଅସ୍ତ ସୂର୍ଯ୍ୟକୁ ନିରେଖି ଦେଖୁଥାଆନ୍ତି। ଉଡ଼ି ଆସିଲା ପକ୍ଷୀଟିଏ। ଦଳେ କାଉଙ୍କ ଖୁମ୍ପାଖୁମ୍ପିରେ କ୍ଷତାକ୍ତ ପକ୍ଷୀଟି। ଆହା! କୁଆଡୁ ଉଡ଼ି ଆସିଛି ବିଚରା ବାଟବୁଡ଼ି। କାଉଲୁବାଉଲୁ କରି ଦେଲେଣି ଏ ଦେଶୀ କାଉ ଶାଗୁଣା ପକ୍ଷୀଗୁଡ଼ାକ। ଆଶ୍ରୟ ଦେଲେ, ଆଉଁସି ପକାଇଲେ, ଉପଚାର କଲେ, ଭରସିଗଲା ପକ୍ଷୀଟି। ନାନାରଙ୍ଗ କରିଦେଇଛନ୍ତି ଈଶ୍ୱର ତା'ରି ଦେହରେ। ବିଦେଶୀ ପକ୍ଷୀ ଭଳି ଦିଶୁଥିଲା। କାହିଁ ଆଗରୁ କେବେ ଏମିତି ପକ୍ଷୀଟିଏ ନଜରକୁ ଆସି ନଥିଲା। ସେ ଯାହା ବି ହେଉ ମାଳତି ଦେବୀଙ୍କ ଦଶାହ ପରଦିନ ଘଟିଥିଲା ଏ ସବୁ। ମନେହେଉଥିଲା ଏହା ଏକ ସଂଯୋଗ। ପକ୍ଷୀଟି ଖୁବ୍ ନିରୀହ। ମିଟିମିଟି ଆଖି କରି ଆଉଜି ଆସୁଥିଲା ପାଖକୁ। ଚାରିପାଖରୁ ଭୟ ପାଇଥିଲା ବୋଧେ।

ପୁଅବୋହୂଙ୍କ ସହ ସହରକୁ ଗଲାବେଳେ ବାନାବାବୁ ତାକୁ ମଧ୍ୟ କୋଳରେ ଧରି ଚାଦର ଗୁଡ଼େଇ ନେଇ ଯାଇଥିଲେ। ସହର ରହଣି ଭାରି ଅଡୁଆ ଲାଗୁଥିଲା। ଏକବାର ରୁନ୍ଧି ହେଉଥିବା ଜୀବନ ଜିଉଥିଲେ ଯେମିତି। ପୁଅ ଆପାର୍ଟମେଣ୍ଟର ଉପରମହଲାର ଗୋଟିକିଆ କୋଠରି ବନ୍ଦୀଗୃହ ଭଳି। ସାଙ୍ଗରେ ଥିଲା କେବଳ ପକ୍ଷୀଟି। ପୁଅବୋହୂଙ୍କ ବାରଣ ଥିଲା ତଳ ମହଲା ଯାଆ ଆସ ନ କରିବା ପାଇଁ। କେତେବେଳେ କୋଉ କଥା। ପଞ୍ଚସ୍ତରି ବର୍ଷ ବୟସରେ ଗୋଡ଼ ହାତ ଭାଙ୍ଗିଲେ ଅପଦସ୍ତ ହେବା କଥା କହି ବୋହୂମା' ବାରଣ କରୁଥିଲେ ବାରମ୍ବାର। ବାଡ଼ିଖଣ୍ଡେ ହାତରେ ଧରି ଗାଁ ଏମୁଣ୍ଡରୁ ସେମୁଣ୍ଡ ଟହଲ ମାରି ଭଲମନ୍ଦ ବୁଝୁଥିବା ବାନାବାବୁ ଅଜଣା ସହରର ନିବୁଜ କୋଠରିରେ କେବଳ ରଖିଥିଲେ ପକ୍ଷୀଟି ସହ ଭାବ।



ଠିକ୍ ମାଳତି ଦେବୀ ଖାଇବା ବାଢ଼ି ଯେମିତି ବସିରୁହନ୍ତି ପାଖରେ ଆଦର ଯତ୍ନରେ ପରସିଥିବା ଖାଦ୍ୟର ରାଗ ଲୁଣ ସୁଆଦ ଅସୁଆଦ ବୁଝିଥାନ୍ତି ଓ ବାହାର ବୁଲା ସାରି ଘରକୁ ଫେରିବା ପରେ ଗୋଡ଼ ମୁହଁ ଧୁଆ ପୋଛା କରିବା ପାଇଁ ବଢ଼େଇ ଦିଅନ୍ତି ଟାୱେଲ ଖଣ୍ଡେ ହାତକୁ, ସନ୍ଧ୍ୟାବେଳେ ଚା' କପ୍ ସାଥେ ଖୋଲିଦିଅନ୍ତି ତେଲ ଲୁଣ ସଂସାରର ପେଡ଼ି। ସେଇମିତି ଅନୁଭବ କରୁଥିଲେ ପକ୍ଷୀଟିକୁ ପାଖରେ ପାଇ। ଏକାନ୍ତ ଆପଣାର, ଖୁବ୍ ପାଖରେ ପାଉଥିଲେ ତାକୁ। ଲୁଳୁଲୁଳୁ ଆଖିରେ ବାନାବାବୁଙ୍କୁ ଅନେଇ ନିରବରେ ବୋଧ ଦେଉଥିଲା ଯେମିତି। ଭାଗ୍ୟର ଅକାଟ୍ୟ ସତ୍ୟକୁ ମାନି ବହୁଦୂର ଯିବା ପରେ ମଧ୍ୟ ମାଳତି ଦେବୀ କ'ଣ ଫେରିଥିଲେ ଏଇ ରୂପରେ ଏଇମିତି ବାନବାବୁଙ୍କ ପାଖକୁ!

ବୋହୂ ଦେଖେଇ ଦେଖେଇ କେତେଥର କହିବାର ଶୁଭୁଥିଲା, ''ନିଜେ ତ ବୋଝ, ପୁଣି ସଉକ ଦେଖ ପକ୍ଷୀ ପାଳିବେ।'' ନିଷ୍ପତ୍ତି ନେଇଥିଲେ ବାନାମ୍ବର ବାବୁ ପୁଅକୁ କହିବେ, ବ୍ୟବସ୍ଥା କରିଦେବ ଯେମିତି ହେଲେ ଫେରିବେ ଗାଆଁକୁ ଦୁହେଁ। ଢେର୍ ହୋଇଗଲା ସହର ରହଣି।

ମୋ: ୮୨୪୯୬୮୬୦୯୩

## ପୁସ୍ତକ ପରିଚୟ

### ଗଜପତି ଜିଲ୍ଲାର ସଉରା ଜନଜାତି




**ଲେଖକ:** ଡ. ସୁରେନ୍ଦ୍ର ନାଥ ସାହୁ
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୩୫୦/-

ଆଲୋଚ୍ୟ ଗବେଷଣା-ଗ୍ରନ୍ଥଟି ଗଜପତି ଜିଲ୍ଲାର ସଉରା ସମ୍ପ୍ରଦାୟ ସମ୍ବନ୍ଧରେ ଏକ ତଥ୍ୟନିଷ୍ଠ ଆକଳନ। ମୋଟ ସାତଟି ପରିଚ୍ଛେଦରେ ବିଭକ୍ତ ପୁସ୍ତକଟି ଗଜପତି ଜିଲ୍ଲାରେ ସଉରା ଜନଜାତିର ସ୍ଥିତି, ସାମାଜିକ ଜୀବନ, ସାମାଜିକ ବିଧିବିଧାନ, ଲୋକବିଶ୍ୱାସ ଓ ପର୍ବପର୍ବାଣି, ଭାଷା ଓ ସାହିତ୍ୟ, ଏହି ଜନଜାତି ପ୍ରତି ସାଧାରଣ ଜନତା ଓ ସରକାରଙ୍କ ଦୃଷ୍ଟିକୋଣ ଏବଂ ଏ ସବୁର ନିଷ୍କର୍ଷ ଚର୍ଚ୍ଚିତ। ମୁଖବନ୍ଧରେ ଲେଖକ କହିଛନ୍ତି: ''ସଉରା ସମ୍ପ୍ରଦାୟ ଗଜପତି ଜିଲ୍ଲାର ଏକ ପ୍ରମୁଖ ଓ ସର୍ବାଧିକ ଜନଜାତି ସମ୍ପ୍ରଦାୟ। ସେମାନେ ଆଜି ମଧ୍ୟ ଅବହେଳିତ ଓ ଅନାଲୋଚିତ। ସେମାନଙ୍କର ଜୀବନଗାଥା ଓ ସଂସ୍କୃତିକୁ ନେଇ ଗବେଷଣା କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ସେମାନଙ୍କର ସଂସ୍କୃତି, ପରମ୍ପରା, ରାଜନୀତି, ଚାଲିଚଳଣି, ସୁବିଧା ଅସୁବିଧା ପ୍ରଭୃତି ଲୋକଲୋଚନକୁ ଆଣିବା ସମ୍ପ୍ରତି ଏକାନ୍ତ ଭାବେ ଆବଶ୍ୟକ ହେଉଛି।'' ପ୍ରଥମ ପରିଚ୍ଛେଦରେ କୁହାଯାଇଛି: ''ବାଲ୍ମୀକି ରାମାୟଣ, ତୈତେରୀୟ ଉପନିଷଦ, କାଦମ୍ବରୀ, ହିତୋପଦେଶ, ଜାତକ କଥା, ବୃହତ କଥା ସାଗର ଇତ୍ୟାଦିରେ ଶବରମାନଙ୍କର ବହୁ କାହାଣୀ ବର୍ଣ୍ଣିତ। ଓଡ଼ିଶାର ସଂସ୍କୃତି ଶବର ସଂସ୍କୃତି। ଓଡ଼ିଶାରେ ଶବର ଦେବତା ନୀଳମାଧବଙ୍କୁ ଶ୍ରୀଜଗନ୍ନାଥ ଭାବରେ ଓ ଆଦିବାସୀ ଲିଙ୍ଗ ଦେବତାଙ୍କୁ ଶିବଲିଙ୍ଗ ଭାବରେ ପୂଜା କରାଯାଏ।'' ଆଧୁନିକ ସଭ୍ୟତାର ସଂସ୍ପର୍ଶରେ ଆସି ସଉରା-ସଂସ୍କୃତି ଓ ଜୀବନଧାରଣ ଶୈଳୀ କିପରି ପ୍ରଭାବିତ ହୋଇଛି ଓ ମୂଳ ସଂସ୍କୃତି ପ୍ରତି କି କି ଆହ୍ୱାନ ଦେଖାଦେଇଛି- ଏ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲେ ସଉରା ଜନଜାତିର ସାମ୍ପ୍ରତିକ ସ୍ଥିତି ଅଧିକ ସ୍ପଷ୍ଟ ହୋଇ ପାରିଥା'ନ୍ତା। ବହିର ପ୍ରାକ୍ କଥନ ଲେଖିଛନ୍ତି ପ୍ର. ପ୍ରସନ୍ନ କୁମାର ସ୍ୱାଇଁ।

### ବିଷବୃକ୍ଷର ଅମୃତ ଫଳ




**ଲେଖକ:** ଅମରେଶ ବିଶ୍ୱାଳ
**ପ୍ରକାଶକ:** ବିଶ୍ୱମୁକ୍ତି ପବ୍ଲିକେଶନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୦୦/-

ଆଲୋଚ୍ୟ ଗଳ୍ପଗ୍ରନ୍ଥଟି ଲେଖକଙ୍କ ଜୀବନର ସତ ଗଳ୍ପ। କହିବାର ଚାତୁରୀରେ ଏକ ଗଳ୍ପରେ ଯେତିକି ମିଛ ରହିବା କଥା, ଅଛି କେବଳ ସେତିକି ମିଛ। ବିଶିଷ୍ଟ କଥାକାର ଭାସ୍କର ଜେନା ଲେଖିଛନ୍ତି: ''ବନ୍ଧୁ ଅମରେଶ ଭ୍ରମଣକାହାଣୀ ଲେଖିବାରେ ସିଦ୍ଧହସ୍ତ। x x ଏଇଟା ତାଙ୍କର ସତ୍ୟ ଘଟଣା ଉପରେ ଆଧାରିତ ଗଳ୍ପ ସଂକଳନ। x x ଗଳ୍ପଗୁଡ଼ିକ ପାଠକଲେ ତା' ଭିତରେ ହଜିଯିବାକୁ ହୁଏ।'' ଗ୍ରନ୍ଥସ୍ଥ ରଚନାଗୁଡ଼ିକର ଭିତ୍ତିଭାବେ ସାମ୍ବାଦିକତା କାମ କରିଥିବା ପରି ମନେହୁଏ। 'କାହାଣୀ ହେଲେ ବି ସତ' ଲେଖାଟିରେ ଇନ୍ଦ୍ରାଣୀ ମୁଖାର୍ଜୀଙ୍କ କନ୍ୟା ହତ୍ୟାଠାରୁ ଆରମ୍ଭକରି ପାକିସ୍ତାନର ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ମଲାଲାଙ୍କ କାହାଣୀ ପର୍ଯ୍ୟନ୍ତ ଯେପରି ବର୍ଣ୍ଣିତ ହୋଇଛି, ନିତିଦିନର ଖବର ଦୁନିଆ ପ୍ରତି ଆଖି ଖୋଲା ନ ରଖି କେହି ଏପରି ଲେଖି ପାରିବ ନାହିଁ। 'ପୋଇଲି ସେବ ବୋଉ', 'ସ୍ୱାମୀ ବିକ୍ରି ହାଟ', 'ଉପର ବରଡ଼ା ଖସୁଛି', 'ବାବାଙ୍କ ବାହାଘର କରିବି', 'ସବୁଥିରୁ ମୋତେ ବଞ୍ଚିତ କରି', 'ଛଳନା', 'ନିରବ ଝଡ଼', 'ଆମ ଗାଁ ଝିଅ କୁନି', 'ପ୍ରତିମା, ପୁତୁଲ ମନେମନେ ଖୋଜୁଛି' ଏବଂ 'ଏଇ ତ ମୋ ଜୀବନ' ପ୍ରଭୃତିରେ ଲେଖକ ଅତି ସରଳ ଓ ଭାବବୋଧୀ ଭାଷାରେ ନାନା ଘଟଣାର ଯେଉଁ ବର୍ଣ୍ଣନା ଦେଇଛନ୍ତି, ତାହା କେବଳ ଗଳ୍ପ କହିବା ପାଇଁ ଗଳ୍ପ କହିବା ନୁହେଁ। ଏ ସବୁ ଗଳ୍ପ ପଛରେ ରହିଛି ସମାଜକୁ କୌଣସି ନା କୌଣସି ମହନୀୟ ମନ୍ତ୍ରରେ ଦୀକ୍ଷିତ କରି ଜୀବନମୁଖୀ କରାଇବା। 'ଅଭିମତ'ରେ ଡ. ହୃଷୀକେଶ ମଲ୍ଲିକ ବହିଟି ମଣିଷର ଜୀବନକୁ ନାନା ଭାବେ ସକାରାତ୍ମକ ମାର୍ଗରେ ଉଦ୍ଦୀପିତ କରି ରଖିବ ବୋଲି ଯେଉଁ ଆଶା ପୋଷଣ କରିଛନ୍ତି, ତାହା ଯଥାର୍ଥ।

## କବିତା

### ହାତ ବଢ଼େଇଛି ସୂର୍ଯ୍ୟରୁ

ପ୍ରବୋଧ କୁମାର ରାଉତ

ସବୁଦିନ କଥାଦେବି –
ଚାରିଆଡ଼େ ଗହଳି
କୋଉଠି ଦେଖାହେବ ?
ଯେତେ ସବୁ ଶତଶତ
ସଫେଦ ସଫେଇ
ତମକୁ ଲାଗିବ ଛଳନା ପରି
ଅସଲରେ ସେଇ ଛଳନାରେ
ତମେ ପ୍ରେମ ଖୋଜୁଥିବ ?

ଇଚ୍ଛାମାନେ ଛଟିପିଟି ହେବେ–
'ସବୁ ରାତିର ଗୋଟେ ସକାଳ ହେବି
ଘୋଟୁଥିବା ଅନ୍ଧାରକୁ ଚିରି
ପାହାନ୍ତି ପହରକୁ ହାତଠାରି ଡାକିବି'।
ତମକୁ ଲାଗିଥିବ
କେହିଜଣେ ଡାକିଲା ପରି
ଅଧାଭଙ୍ଗା ନିଦୁଆ ଆଖିରେ
ଦରଜା ଖୋଲିବା କ୍ଷଣି
ପଣତକାନିରେ ମୁହଁକୁ ପୋଛିବ
ପୋଛି ହେଇଯିବେ
ସେଇସବୁ ଦିନମାନେ
ମୁଁ ପୁଣି ଆକାଶରେ ସୂର୍ଯ୍ୟ ପାଲଟିବି।

ଯାବତୀୟ ସୌରଜଗତର
ଯେତେ ଯିଏ ସୂର୍ଯ୍ୟ
ତମାମ ଦିନର ପ୍ରତିଶ୍ରୁତି / ବଞ୍ଚନାରେ
ଥକିଗଲା ପରେ
ଠିକ୍ ମୁହଁ ସଞ୍ଜରେ
ତମ ଆପାର୍ଟମେଣ୍ଟର ଫର୍ଲଙ୍ଗ୍ ଦୂରରେ
ମୋ ଦେହର ଝାଳୁଆ ଗନ୍ଧ
କିଛି ଚହଟେଇଦେବି
ତମେ ଉଚ୍ଚାଟ ହବ
ମୋହନ ବଂଶୀର ସ୍ୱର ପରି
ପବନର ଲୋରୀ ସବୁ
ମୋ' କଣ୍ଠର ସ୍ୱର ପାଲଟିବ।

ଭିତରର ଯେତେସବୁ ନିବୁଜ ଅନ୍ଧାର
ହାଲ୍‌କାପଣର ଫର୍ଚ୍ଚା ଆଲୁଅକୁ ଚିରି
ମୁଁ ହାତ ବଢ଼େଇଛି
ସୂର୍ଯ୍ୟରୁ ଆକାଶକୁ ଭେଦି
ନିସ୍ତରିଲି, ନିସ୍ତରିଲି
ଦୁଇହାତ ଟେକି
ତମେ ଯେବେ କୁହାଟିବ
ପବନରେ ମୋ' ସ୍ୱର ଓଦା ଓଦା
ଲେସି ହେଇଥିବ।

ମୋ: ୮୩୨୮୮୨୬୬୫୪

### ଲେଖିହୁଏ ପ୍ରେମ କେମିତି

ତେଜସ୍ୱିନୀ ପଣ୍ଡା

କେମିତି ଲେଖିହୁଏ ପ୍ରେମ ?
ପ୍ରେମିକର ଦୂରେଇ ରହିବାର ସ୍ମୃତିରେ
ନା ଅଜଣା ଚିଠିର ଠିକଣାରେ,
କାହା ବାଟ ଚାହିଁ ବସିଥିବା
ମୁହଁ ସଞ୍ଜରେ ନା
ତା' ଅଭିମାନକୁ ଛୁଇଁବାର
ବିଜନ ବେଳାରେ।

ଲେଖିହୁଏ ପ୍ରେମ ସନ୍ଧ୍ୟାର ସଞ୍ଜବତିରେ,
ରାତିର ନିବିଡ଼ତାରେ,
ପ୍ରେମିକର ମିଠା ମିଠା
କଥାରେ ନା ତା' ହାତସ୍ପର୍ଶରେ,
ପ୍ରେମ ଲେଖିହୁଏ ସଦ୍ୟ ଜନ୍ମ ବଉଳର
ମହ ମହ ବାସ୍ନାରେ।

ପ୍ରେମ ଲେଖିହୁଏ
କୁଆଁରୀ ମନର ସ୍ୱପ୍ନ ରାଇଜରେ,
ନୂଆବୋହୂ ମଥାର
ଲାଲ୍ ସିନ୍ଦୂରରେ, ପ୍ରେମ ଲେଖିହୁଏ
ପ୍ରେମିକର ଗାଆଁ ବରଗଛ
ଛାଇର ଶୀତଳ ମଳୟରେ।

ମୋ:୯୬୯୨୩୬୧୪୦୪

### ଗୀତି-କବିତା

### ଧେତ୍‌ତେରିକା

ନିରଞ୍ଜନ ସାହୁ

ଇଚ୍ଛା ଥାଏ ପୁଣି ଇଚ୍ଛା ମରିଯାଏ
ତୁମ ସାଥେ ଦେଖା ପାଇଁ
ସେଦିନ ଯାଇଛି ଏଦିନ ଆସିଛି
କାହିଁକି ବା ଯିବି ଧାଇଁ ?

ଦିନ ଥିଲା ଦିନେ ତୁମେ ଭେଟୁଥିଲ
ମୁହିଁ ଭେଟୁଥିଲି ଯାଇ
ଆଜି ଆମେ ଅଛେ ସମୟର ପଛେ
ଯେଝା ବାଟେ ଯେଝେ ଥାଇ
ପଛ କଥା କେବେ ମନେପଡ଼ିଗଲେ
ମୁଣ୍ଡ ହୁଏ ଘାଇଁଘାଇଁ।

ତୁମେ ଖୋଜୁଥିବ ସ୍ମୃତି ପୃଷ୍ଠା ଖୋଲି
ଲାଗିଥିବା ସେହି ଦାଗ
ଯେଉଁ ଦାଗଟାକୁ ଆଉଁଶି ଆଣିଲେ
ଲାଗଇ ବଢ଼ିଆ ବାଗ
ଭାବନାରେ ହଜି ଆଖି ଦେଲେ ବୁଜି
ମଥା ଘୂରେ ସାଇଁସାଇଁ।

ମୋ: ୯୯୩୮୭୪୧୫୮୩

# ସୁହାଗର ଚୁଡ଼ି

ମୂଳ ହିନ୍ଦୀ- ମୀରା ଜୈନ
ଅନୁବାଦ- ମନୋଜ କୁମାର ବେହେରା

ମଙ୍ଗଲୁ ସନ୍ଧ୍ୟା ସମୟରେ ଯେତେବେଳେ ନିଜ କୁଡ଼ିଆ ଘରକୁ ଫେରିଲା, ସେତେବେଳେ ସାମ୍ନାରେ ରଖାଯାଇଥିବା ଡବା ଉପରେ ଥିବା ଗୋଟିଏ ଚୁଡ଼ିକୁ ଦେଖି ଚମକି ପଡ଼ିଲା ଆଉ ଆବେଗପୂର୍ଣ୍ଣ ଶବ୍ଦରେ ଚିତ୍କାର କରି କହିଲା– ''ବୁଧରୀ! ଏଇ ଚୁଡ଼ି କେଉଁଠୁ ଆସିଲା ?''

ବୁଧରୀ ଡରି ଡରି ଧୀମା ସ୍ୱରରେ କହିଲା, 'ମୁଁ ଏହି ଚୁଡ଼ିକୁ କିଣିଛି'।

'କେତେ ଟଙ୍କାରେ ?'

'ପଚାଶ ଟଙ୍କାରେ।'

ପଚାଶ ଟଙ୍କା ଶୁଣୁଶୁଣୁ ମଙ୍ଗଲୁର ପାରା ଚଢ଼ିଗଲା। ସେ ରାଗ ତମତମ ହୋଇ କହିଲା, ମୁଁ ତ ତତେ ବୁଦ୍ଧିଆ ଭାବୁଥିଲି। ହେଲେ ତୁ ତ ଏତେ ମୂର୍ଖ ବାହାରିବୁ ବୋଲି ମୁଁ ସ୍ୱପ୍ନରେ ବି ଭାବି ନଥିଲି। ଆରେ ତୁ ଏତେ ମୂର୍ଖ ଯେ ଲୋକଙ୍କ କଥାରେ ବହିଗଲୁ। ଯା' ଏ ଚୁଡ଼ି ରୁକ୍ମିଣୀକୁ ନେଇ ତୁରନ୍ତ ଫେରେଇ ଦେଇ ଆସ।

ଆରେ ତୁମେ କେମିତି ଜାଣିଲ କି ଏଇ ଚୁଡ଼ି ମୁଁ ରୁକ୍ମିଣୀଠୁ ଗୋଟିଏ ସୁହାଗର ଚୁଡ଼ି କିଣିଛି ବୋଲି?

ଆଜି ଶେଠାଣୀଙ୍କୁ କହିବାର ଶୁଣିଲି କି ସେ ପାଞ୍ଚଶହ ଟଙ୍କାରେ ରୁକ୍ମିଣୀଠୁ ଗୋଟିଏ ସୁହାଗର ଚୁଡ଼ି କିଣିଛନ୍ତି ବୋଲି। ଏହା ହେଉଛି ତୁମ ସ୍ତ୍ରୀଲୋକମାନଙ୍କର ଅନ୍ଧବିଶ୍ୱାସ ତାହା ବ୍ୟତୀତ ଆଉ କିଛି ନୁହେଁ। ଆରେ ଠକିବା ପାଇଁ ଲୋକମାନେ ଆଜିକାଲି କ'ଣ ନ କରୁଛନ୍ତି!

ଏହା ଶୁଣି ବୁଧରୀ ଯେଉଁ ଉତ୍ତର ଦେଲା ସେଥିରେ ମଙ୍ଗଲୁ ଏକଦମ୍ ଶାନ୍ତ ହୋଇଗଲା



ଆଉ ରୁକ୍ମିଣୀର ପ୍ରଶଂସା କରିବାକୁ ଲାଗିଲା। ବୁଧରୀ କହିଲା, ''ଆରେ ତୁମେ ରାଗୁଛ କାହିଁକି? ମୁଁ ଏହି ପଚାଶ ଟଙ୍କା ନିଜ ଖର୍ଚ୍ଚ ପାଇଁ ବଞ୍ଚେଇଥିଲି। ହେଲେ ଯେତେବେଳେ ଶୁଣିଲି କି ରୁକ୍ମିଣୀ ସୁହାଗର ଚୁଡ଼ିରୁ ସମସ୍ତଙ୍କୁ ଗୋଟିଏ ଗୋଟିଏ ଦେଉଛି ତାହା ପୁଣି ଯିଏ ଯେତିକି ଟଙ୍କା ଦେଲା ସେଇଥିରେ ସେ ଚୁଡ଼ି ଦେଉଛି। ସେତେବେଳେ ମୁଁ ମଧ୍ୟ ଗୋଟିଏ ଚୁଡ଼ି କିଣିଲି। ତା'ଛଡ଼ା ଏହା କୌଣସି ସାଧାରଣ ଚୁଡ଼ି ନୁହେଁ ବୁଝିଲ! ଗତବର୍ଷ ବାହା ହୋଇ ଏଇ ଗାଁକୁ ବୋହୂ ହୋଇ ଆସିଥିବା ରଜ୍ଜୋର ଚୁଡ଼ି ଇଏ, ଯାହାର ସ୍ୱାମୀ ସୀମାରେ ଦେଶର ରକ୍ଷା କରିବା ସମୟରେ ଶହୀଦ ହୋଇ ଅମର ହେଇଗଲା। ସେ ତ ନିଜର ସବୁ ଚୁଡ଼ି ନଦୀରେ ବିସର୍ଜନ କରିବାକୁ ଯାଉଥିଲା। ଠିକ୍ ସେତିକିବେଳେ ରୁକ୍ମିଣୀ ତାକୁ ଦେଖି ପକେଇଲା ଆଉ ତା'ଠୁ ସବୁ ଚୁଡ଼ି ନେଇ ଆସି ରାସ୍ତାରେ ଗୋଟିଏ ଟୋକେଇ ରଖି ବିକିବାକୁ ଆରମ୍ଭ କରିଦେଲା। ଆଉ ପ୍ରତିବଦଳରେ ସେଥିରୁ ଯେଉଁ ଅର୍ଥ ମିଳିଲା ତାକୁ ସେ ରଜ୍ଜୋକୁ ଦେଇଦେଲା।''

ମୋ: ୭୯୭୮୮୩୦୬୧୧

## କାଳକାଳକୁ

''ଚାରିଦିନର ଏ ଜୀବନ,
ଚାରିଦିନ ବି ଢେର୍ ବନ୍ଧୁ!''
– ଭୀଷ୍ମ ସାହନୀ



ଭୀଷ୍ମ ସାହନୀଙ୍କ ଜନ୍ମ ୮ ଅଗଷ୍ଟ ୧୯୧୫ରେ, ବ୍ରିଟିଶ ଭାରତର ରାଓଲପିଣ୍ଡିରେ ଓ ପରଲୋକ ୧୧ ଜୁଲାଇ ୨୦୦୩ରେ। ପ୍ରଖ୍ୟାତ ଏହି ହିନ୍ଦୀ ନାଟ୍ୟକାର ଓ ଅଭିନେତାଙ୍କର ଉପନ୍ୟାସ 'ତମସ' ପ୍ରକାଶପାଏ ୧୯୭୪ରେ, ଯାହା ପାଇଁ ତାଙ୍କୁ ୧୯୭୫ରେ ମିଳେ ସାହିତ୍ୟ ଅକାଦମୀ ପୁରସ୍କାର। ୧୯୮୭ରେ ଭାରତ ବିଭାଜନ ଆଧାରିତ ଏହି ଉପନ୍ୟାସକୁ ଚଳଚ୍ଚିତ୍ରାୟିତ କରନ୍ତି ଗୋବିନ୍ଦ ନିହଲାନୀ। ହିନ୍ଦୀ ଭାଷାରେ ଭାରତୀୟ ସାହିତ୍ୟକୁ ଅତୁଲ୍ୟ ଅବଦାନ ପାଇଁ ୧୯୯୮ରେ ତାଙ୍କୁ ମିଳେ ସାହିତ୍ୟ ପାଇଁ 'ପଦ୍ମଭୂଷଣ' ସମ୍ମାନ ଓ ୨୦୦୨ରେ ସାହିତ୍ୟ ଅକାଦମୀ ଫେଲୋସିପ୍। ତାଙ୍କର ଚର୍ଚ୍ଚିତ ଆତ୍ମଜୀବନୀ 'ଆଜ୍ କେ ଅତୀତ' ୨୦୧୬ରେ ପେଙ୍ଗୁଇନ୍ ଦ୍ୱାରା ପ୍ରକାଶିତ। ସେ କହନ୍ତି: ''ଜଣେ ସଚ୍ଚା ଲୋକ କାହିଁକି ଏତେ ନିକୁଛ ହୁଏ, ମୁଁ ବୁଝିପାରେନା। କ'ଣ ଏଇଥିପାଇଁ ଯେ ଏ ଦୁନିଆ ପଇସାର ଦୁନିଆ!''

### ମାହେଶ୍ୱରୀ ସଙ୍ଗଠନ ପକ୍ଷରୁ ଚାରା ରୋପଣ

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଆଗଲପୁରରେ ମାହେଶ୍ୱରୀ ସଙ୍ଗଠନ ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନଦୀର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ସ୍ଥାନୀୟ ସିଏଚସି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ବେଣୁଧର ପଧାନ ମୁଖ୍ୟ ଅତିଥି, ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବର୍ତ୍ତମାନ ସମୟରେ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।



## ସଂକ୍ଷେପରେ

### ଘରୁ କାଠପଟା ଜବତ, ଜଣେ ଅଟକ



ବନ ବିଭାଗ ପକ୍ଷରୁ ଜବତ ପଟା।

**ଲୋଇସିଂହା,୧୪।୭(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମରେ ବନ ବିଭାଗ ଚଢାଉ କରି ଜଣଙ୍କ ଘରୁ ବିଭିନ୍ନ ପ୍ରକାର ୫୦ଖଣ୍ଡ କାଠପଟା ଶୁକ୍ରବାର ଜବତ କରିଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଫରେଷ୍ଟର ଠଣସୁନ୍ଦର ଧରୁଆ କହିଛନ୍ତି। ବନ ବିଭାଗ ସୂଚନା ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ବେଆଇନ ଭାବେ ପଟା ଗଚ୍ଛିତଥିବା ନେଇ ବନ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଡିଏଫ୍‌ଓ ନୀତିଶ କୁମାରଙ୍କ ନିର୍ଦ୍ଦେଶରେ ଲୋଇସିଂହା ଫରେଷ୍ଟର ଠଣସୁନ୍ଦର ଧରୁଆ ସରଗାଡ ଫରେଷ୍ଟର ସୌମ୍ୟରଞ୍ଜନ ମହାପାତ୍ର, ସାଲେଭଟା ଫରେଷ୍ଟର ଅଶୋକ କୁମାର ତ୍ରିପାଠୀ ଓ ଅନ୍ୟ କର୍ମଚାରୀ ଚଢାଉ କରିଥିଲେ। ଘରେ ଥିବା ବିଭିନ୍ନ ପ୍ରକାର ୫୦ ଖଣ୍ଡ ପଟା ଜବତ କରିଥିଲେ।

### ଦାଦନ ଯାଉଥିବାବେଳେ ଟ୍ରେନ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ଖପ୍ରାଖୋଲ,୧୪।୭(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ଦେବର୍ହ ଗ୍ରାମର କେତେଜଣ ଯୁବକ ଟ୍ରେନ ଯୋଗେ ତାମିଲନାଡୁକୁ ପେଟପାଟଣା ପାଇଁ ଦାଦନ ଶ୍ରମିକ ଭାବରେ ଯାଉଥିଲେ। ରାୟଗଡା ନିକଟ ଆମ୍ବାଦୁଲା ଷ୍ଟେସନରେ ଟ୍ରେନରୁ ଖସିପଡ଼ି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ଯୁବକ ଜଣକ ଦେବର୍ହ ଗାଁର ଯୋଗେନ୍ଦ୍ର ସାହୁ (୨୦) ବୋଲି ଜଣାଯାଇଛି।

### ନାବାଳିକାଙ୍କୁ ବିବାହ ଉଦ୍ୟମ କରାଇବା ଘଟଣାରେ ୩ ସମ୍ପର୍କୀୟ ଜେଲ ଗଲେ

**ଖପ୍ରାଖୋଲ,୧୪।୭(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡିଆପଲି ଗାଁରେ ଜଣେ ନାବାଳିକା ନବମ ଶ୍ରେଣୀରେ ପଢୁଥିଲେ। ତାଙ୍କୁ ବିବାହ କରାଇବା ଉଦ୍ୟମରେ ତିନି ସମ୍ପର୍କୀୟଙ୍କୁ ଖପ୍ରାଖୋଲ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ତିନି ଅଭିଯୁକ୍ତ ହେଲେ ଓଡିଆପାଲି ଗାଁର ସାଗର ମାଝୀ (୫୦) ବିଘ୍ନ ଶଗଡ଼ିଆ (୨୮) ଓ କନ୍ଦେନଝୁଲା ଗାଁର ଶ୍ରୀକାନ୍ତ ମାଝୀ (୨୫)। ସୂଚନା ଅନୁସାରେ ଗତ ଏପ୍ରିଲ ମାସରେ ନାବାଳିକା ଜଣକୁ ବିବାହ କରାଇବା ପାଇଁ ସମସ୍ତ ଉଦ୍ୟମ ହୋଇଥିବାବେଳେ ସିଡିପିଓ କାର୍ଯ୍ୟାଳୟ ତରଫରୁ ଅଭିଯୋଗ ହୋଇଥିଲା। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା (ନଂ.୪୯/୨୩) ରୁଜୁ ହୋଇଥିଲା। ଶୁକ୍ରବାର ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ଆନ୍ଧ୍ରପ୍ରଦେଶରୁ ଦାଦନ ଶ୍ରମିକଙ୍କ ମୃତଦେହ ଆସିଲା ଗାଁକୁ

**ଖପ୍ରାଖୋଲ,୧୪।୭(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଚାଉଲବାଞ୍ଜି ଗାଁର ରାମକୃଷ୍ଣ ଧରୁଆ (୨୧) ପେଟପାଟଣା ପାଇଁ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରିବା ପାଇଁ ଯାଇଥିଲେ। ସେଠାରେ ଗତ ୧୨ ତାରିଖରେ ମୃତ୍ୟୁ ହୋଇଥିଲା। ମୃତକଙ୍କ ପିତା ଦାଦନ ସର୍ଦ୍ଦାର ସହାୟତାରେ ଆନ୍ଧ୍ରପ୍ରଦେଶ ଯାଇଥିଲେ। ମୃତଦେହ ଗାଁକୁ ଫେରାଇ ଆଣିବାକୁ ପରିବାର ଲୋକ ଦାବି କରିଥିବାବେଳେ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ଇଟାଭାଟି ମାଲିକଙ୍କ ସହାୟତାରେ ଏକ ଆମ୍ବୁଲାନ୍ସ ଯୋଗେ ମୃତକଙ୍କ ପିତା ମୃତଦେହ ଧରି ଶୁକ୍ରବାର ଗାଁରେ ପହଞ୍ଚିଥିଲେ। ମୃତଦେହ ଘରକୁ ଫେରିଲା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ମୃତଦେହକୁ ସତ୍କାର କରାଯାଇଥିଲା। ଏ ଖବରପାଇ ମାହରାପଦର ସରପଞ୍ଚ ସୁମତୀ ପ୍ରଧାନ ମୃତକଙ୍କ ଘରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରିଥିବାବେଳେ ପ୍ରଶାସନ ତରଫରୁ ରେଡକ୍ରସରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି।

# ୫-ଟି ବିଦ୍ୟାଳୟରେ ଖାଲି ପଡ଼ିଛି ଶିକ୍ଷକ ପଦବୀ

**ଲାଠୋର,୧୪।୭(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅଧିନ ଢୋଲମାନ୍ଦଲ ପଞ୍ଚାୟତ ସଦର ଢୋଲମାନ୍ଦଲ ଗ୍ରାମରେ ରହିଥିବା ଇନ୍ଦିରା ଗାନ୍ଧୀ ହାଇସ୍କୁଲରେ ଦୀର୍ଘ ବର୍ଷରୁ ବିଭିନ୍ନ ଶିକ୍ଷକ ପଦବୀ ଖାଲି ରହିଛି। ଫଳରେ ପିଲାମାନେ ଶିକ୍ଷା ପାଇବାରୁ ବଞ୍ଚିତ ହେବା ସହ ଭବିଷ୍ୟତ ଅନ୍ଧକାର ହେବାରେ ଲାଗିଛି। ଏହି ବିଦ୍ୟାଳୟ ୫-ଟି ଅନ୍ତର୍ଭୁକ୍ତ ହୋଇଛି ହେଲେ ଶିକ୍ଷକ ଅଭାବ ଦୂର ହୋଇନି। ବଣପାହାଡ଼ ଘେରା ଆଦିବାସୀ ଅଧୁଷିତ ମାଓବାଦୀ ପ୍ରବଣ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ୧୯୮୩ ମସିହାରେ ଢୋଲମାନ୍ଦଲ ଗ୍ରାମରେ ସରକାରୀ ଭାବେ ଏକ ବିଦ୍ୟାଳୟ ଖୋଲି ଏହାର ନାମ ଇନ୍ଦିରା ଗାନ୍ଧୀ ହାଇସ୍କୁଲ ରଖି ସେଠିକାର ପିଲାମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରାଗଲା।

ନବମ ଏବଂ ଦଶମ ଶ୍ରେଣୀରେ ବର୍ତ୍ତମାନ ୧୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଦୀର୍ଘବର୍ଷରୁ ଏହି ବିଦ୍ୟାଳୟରେ ଶିକ୍ଷକ ଏବଂ ଅନ୍ୟାନ କର୍ମଚାରୀ ପଦବୀ ଖାଲି ପଡ଼ିଥିଲେ ମଧ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ବର୍ତ୍ତମାନ ଜଣେ ଇନଚାର୍ଜ ପ୍ରଧାନ ଶିକ୍ଷକ, ଜଣେ ସଂସ୍କୃତ ଶିକ୍ଷକ, ଜଣେ ହିନ୍ଦୀ ଶିକ୍ଷକ ଏବଂ ଜଣେ ଟିଁଜିଟି ଆର୍ଟସ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟ ଆରମ୍ଭରୁ ଗୋଟିଏ ଟିଁଜିଟି ଆର୍ଟସ ଶିକ୍ଷକ ପଦବୀ ଖାଲି ରହିଥିବାବେଳେ ୧୯୯୬ରୁ ସିବିଜେଡ଼ ଶିକ୍ଷକ ପଦବୀ ଖାଲିରହିଛି ଏବଂ ୨୦୨୨ ମସିହାରୁ ପିସିଏମ ଶିକ୍ଷକ ପଦବୀ ମଧ ଖାଲି ପଡ଼ିଛି। ସେହିପରି ବିଦ୍ୟାଳୟରେ ନିଯୁକ୍ତ ଥିବା କିରାଣି ୨୦୧୫ ମସିହରେ ଅନ୍ୟତ୍ର ବଦଳି ହେବା ପରେ ତାଙ୍କ ସ୍ଥାନ ମଧ ଖାଲି ପଡ଼ିଛି। ୨୦୧୭ ମସିହାରେ ଦୁଇ ଜଣ ପିଅନଙ୍କ ମଧ୍ୟରୁ ଜଣକୁ ଅନ୍ୟତ୍ର ବଦଳି ହେଲା ଏବଂ ଆଉ ଜଣେ ଅବସର ଗ୍ରହଣ କରିବାରୁ ତାଙ୍କ ପଦବୀ ମଧ ଖାଲିପଡ଼ିଛି। ଏବେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ବିଦ୍ୟାଳୟରେ କାର୍ଯ୍ୟରତ ଆଶିଷ ଠାକୁର ନାମକ ରାତ୍ର ଜଗୁଆଳି ଅନୁପସ୍ଥିତ ରହିଛନ୍ତି। ବିଦ୍ୟାଳୟ ଆରମ୍ଭରୁ ଏଠାରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତ ରହି ଆସୁଥିବାବେଳେ ଗତ ୨୦୧୫ ମସିହାରେ ପ୍ରଧାନ ଶିକ୍ଷକ ଭକ୍ତନାରାୟଣ ସାହୁଙ୍କ ବଦଳି ପରେ ଆଜିଯାଏ ସେଠାରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ନ ଦେଇ ସହକାରୀ ଶିକ୍ଷକମାନଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦେଇ କାମ ଚଳାଯାଉଛି। ବିଦ୍ୟାଳୟଟି ତୃତୀୟ ପର୍ଯ୍ୟାୟରେ ୫-ଟିରେ ସାମିଲ ହୋଇଥିବା ହେତୁ ବିଦ୍ୟାଳୟରେ ରହିଥିବା ଶ୍ରେଣୀ କୋଠରୀ ଗୁଡ଼ିକ ଭାଙ୍ଗି ନୂତନ ଗୃହ ନିର୍ମାଣ ଚାଲିଛି। ଫଳରେ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ରହିଥିବା ଛାତ୍ରାବାସରେ ଅବ୍ୟବସ୍ଥା ମଧ୍ୟରେ ପାଠ ପଢୁଛନ୍ତି। ବିଦ୍ୟାଳୟରେ ମୁଖ୍ୟତଃ ପିସିଏମ ଏବଂ ସିବିଜେଡ଼ ଶିକ୍ଷକ ପଦବୀ ଖାଲି ରହିଥିବା ହେତୁ ପିଲାମାନେ ଗଣିତ ଏବଂ ବିଜ୍ଞାନ ବିଷୟରେ ଦୁର୍ବଳ ହେବାରେ ଲାଗିଛନ୍ତି। ଏମିତି ଆଉ କିଛି ଦିନ ଲାଗି ରହିଲେ ଏହି ଅଞ୍ଚଳରେ ରହିଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି। ସରକାର ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରି ରୂପାନ୍ତରୀଣ କରିବାକୁ ଯେତିକି ଗୁରୁତ୍ୱ ଦେଉଛନ୍ତି ସେହିପରି ପିଲାଙ୍କ ଭବିଷ୍ୟତକୁ ଲକ୍ଷ୍ୟ କରି ଶିକ୍ଷକ ଏବଂ ଅନ୍ୟାନ କର୍ମଚାରୀ ନିଯୁକ୍ତି ଦେବାକୁ ମଧ ସେତିକି ଗୁରୁତ୍ୱ ଦିଅନ୍ତୁ ବୋଲି ଅଞ୍ଚଳର ଅଧିବାସୀ କହିଛନ୍ତି। ଏନେଇ ବିଦ୍ୟାଳୟ ଇନଚାର୍ଜ ପ୍ରଧାନ ଶିକ୍ଷକ ଡ଼ିଙ୍ଗର ମାଝୀଙ୍କୁ ପଚାରିବାରେ ଆମେ ବିଦ୍ୟାଳୟର ସମସ୍ୟାକୁ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରୁଅଛୁ ହେଲେ କିଛି ଉପକାର ମିଳୁନାହିଁ ବୋଲି କହିଥିଲେ।

# ଅବକାରୀ ଚଢ଼ାଉ: ୧୧୯ କି.ଗ୍ରା. ଗଞ୍ଜେଇ ଜବତ, ୩ ଗିରଫ



ଜବତ ଗଞ୍ଜେଇ, ପିକଅପ୍, ଗିରଫ ୩ ଅଭିଯୁକ୍ତ ।

**ଭବାନୀପାଟଣା,୧୪।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅନ୍ତର୍ଗତ ୫୯ନଂ ଜାତୀୟ ରାଜପଥ ପାଜିବାହାଲ ଛକ ନିକଟରେ ଶୁକ୍ରବାର ଅବକାରୀ ବିଭାଗ ଚଢାଉ କରି ୧୧୯.୮୦କିଗ୍ରା ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ନୂଆପଡା ଜିଲା କୋମନା ଥାନା କୁରେଶ୍ୱର ଗ୍ରାମର ଚୁଡାମଣି ଶଗରିଆ (୨୩), ସୁରେଶ ଜଗତ (୨୫) ଓ ପଣ୍ଡରାପଦର ଗ୍ରାମର ସନ୍ତୋଷ ଶଗରିଆ (୨୮)ଙ୍କୁ ଗିରଫ କରିବା ସହ ଗଞ୍ଜେଇ ଚୋରା ଚାଲଣରେ ବ୍ୟବହୃତ ଗୋଟିଏ ପିକଅପ୍ ଗାଡି ଓ ୨ଟି ବାଇକ୍ ଜବତ କରାଯାଇଛି। ଏ ନେଇ ଏକ ଅବକାରୀ ବିଭାଗ ୩ଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ମଦନପୁର ରାମପୁର ଥାନା ମୋହନଗିରି ଅଞ୍ଚଳରୁ ଏହି ଗଞ୍ଜେଇ ନୂଆପଡା ଓ ବରଗଡକୁ ଚାଲାଣ ହେଉଥିବା ବିଭାଗଠୁ ଜଣାପଡିଛି। ଚଢାଉରେ ଭବାନୀପାଟଣା ଅବକାରୀ ସଦର ରେଞ୍ଜ ଇନ୍ସପେକ୍ଟର ସୁଶାନ୍ତ ପ୍ରଧାନ, ମଦନପୁର ରାମପୁର ଓଆଇସି ଦେବାଶିଷ ସିର୍ଦ୍ଦର, କେସିଙ୍ଗା ଓଆଇସି ବିଶ୍ୱଜିତ ଆରୁକଙ୍କ ସମେତ ସଦଳବଳ ସାମିଲ ହୋଇଥିଲେ।

# ହୋହଲ୍ଲା ସହ ଶେଷହେଲା ପଞ୍ଚାୟତ ସମିତି ବୈଠକ




ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅଧିକାରୀ, ଜନପ୍ରତିନିଧି।

**ଖପ୍ରାଖୋଲ, ୧୪।୭(ଅଭୟ ତ୍ରିପାଠୀ)**

**ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ ଯୋଗାଣ ସହ ଉନ୍ନୟନ କାମ ଉପରେ ଆଲୋଚନା**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହଠାରେ ୫ମ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧକ୍ଷା ନିରୁପମା ପଟେଲଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ଲୋକସଭା ସାଂସଦଙ୍କ ପ୍ରତିନିଧି ପ୍ରବୀଣ ଅଗ୍ରୱାଲ, ଉପାଧକ୍ଷ ସୁଖିରାମ ସାଣ୍ଡ, ଜିଲା ପରିଷଦ ସଭ୍ୟା ପ୍ରମିଳା ପାଥର, ସଂଯୁକ୍ତା ମେହେର ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ବିଡ଼ିଓ ବିଜୟ କୁମାର ହୋତା ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ ଯୋଗାଣ ସହିତ ବିଭିନ୍ନ ଉନ୍ନୟନ କାମ ଉପରେ ଆଲୋଚନା ହୋଇଥିଲା। ସଭା ଆରମ୍ଭରୁ ବିଧାୟକ ଲୋକସଭା ସାଂସଦଙ୍କ ଉଦ୍ଦେଶ୍ୟରେ ଅଶୋଭନୀୟ ଭାଷା ବ୍ୟବହାର କରିଥିବା ନେଇ ସାଂସଦ ପ୍ରତିନିଧି ତୀବ୍ର ବିରୋଧ କରି ପ୍ରତିବାଦ କରିଥିଲେ। କିଛି ସମୟ ପାଇଁ ବୈଠକରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସାଂସଦ ପ୍ରତିନିଧି ବିରୋଧ କରି ତଳେ ବସିଥିଲେ। ପରେ ବୁଝାସୁଝା ପରେ ବୈଠକ ସ୍ୱାଭାବିକ ହୋଇଥିଲା। ବୈଠକରେ ଉପେନ୍ଦ୍ର ଭୋଇ, ଦେବକାନ୍ତ ପାଣିଗ୍ରାହୀ, ସୁମତୀ ପ୍ରଧାନ, ଉମାକାନ୍ତ ମେହେର, ସୁଶୀଲ ଗୁରୁ, ଦେବାଶିଷ ସାହୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟନିର୍ବାହୀ ଜିପିଇଓ ବିକାଶ ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ସାଂସଦଙ୍କ ପ୍ରତି ଅଶୋଭନୀୟ ଶବ୍ଦ ବ୍ୟବହାର ପ୍ରତିବାଦରେ ବିଧାୟକଙ୍କ ବିରୋଧରେ ସାଂସଦ ପ୍ରତିନିଧି ପ୍ରବୀଣ ଅଗ୍ରୱାଲ ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

# ଜିଲା ପ୍ରଶାସନ ଦାବି ମାନିଲା, ଧାରଣାରୁ ଓହରିଲା ସିଭିଲ ବାର୍

**ନୂଆପଡ଼ା,୧୪।୭(ମକାରୁ ବେମାଲ)**

ନୂଆପଡା ଜିଲା ଖଡିଆଳସ୍ଥିତ ତିଖାଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଗତ ୧୧ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ସିଭିଲ ବାର ଦ୍ୱାରା ଚାଲିଥିବା ଧାରଣା ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ଶନିବାରରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବା ପାଇଁ ଖବରଦାତା ସମ୍ମିଳନୀରେ ସିଭିଲ ବାର ସଭାପତି ଘାସିରାମ ମାଝି ସୂଚନା ଦେବା ପରେ ଜିଲା ପ୍ରଶାସନ ଦାବି ମାନିଛି। ଖଡିଆଳ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ହିତାଧିକାରୀଙ୍କୁ ଏଲଏ ଆକ୍ଟ ଧାରା ୨୮ ଅନୁଯାୟୀ ଓକିଲଙ୍କ ମାଧ୍ୟମରେ ଆବେଦନ କରିବା ପାଇଁ ବାରଣ କରିବା ସହ ଓକିଲମାନଙ୍କ ଦ୍ୱାରା କରାଯାଇଥିବା ଆବେଦନ ଗ୍ରହଣ କରୁ ନ ଥିଲେ। ଏହାକୁ ନେଇ ଜିଲା ସିଭିଲ ବାର ଓକିଲ ଓ ପ୍ରଶାସନ ମୁହାଁମୁହିଁ ହୋଇଥିଲେ। ଜିଲା ସିଭିଲ ବାର ଓକିଲଙ୍କ ଅଧିକାରଙ୍କୁ କ୍ଷୁର୍ଣ୍ଣ କରାଯାଉଥିବା ନେଇ ଆରୋପ ଆଣିବା ସହ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାଲୋ ମାଝିଙ୍କୁ ବହିଷ୍କାର କରିବା ପାଇଁ ଦାବି କରି ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ସମାଧାନ ନ ହେବାରୁ ଶନିବାରଠାରୁ ସିଭିଲ ବାର ପକ୍ଷରୁ ଆମରଣ ଅନଶନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦେବା ପରେ ଜିଲା ପ୍ରଶାସନ ପକ୍ଷରୁ ସହକାରୀ ଜିଲାପାଳ ଲୋପାମୁଦ୍ରା ସାମଲ ଓକିଲମାନଙ୍କ ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ବାର ସଭାପତି ମାଝି ଘୋଷଣା କରିଥିଲେ। ସମ୍ମିଳନୀରେ ବାର ସଭାପତି ମାଝିଙ୍କ ସମେତ ସମ୍ପାଦକ ବିଶ୍ୱମଣି ପାଣିଗ୍ରାହୀ, ଉପ ସଭାପତି ସଞ୍ଜୟ ପାଣିଗ୍ରାହୀ, ସୁଶାନ୍ତ କୁମାର ପତି, ହରିଶ ପଟେଲ, ପିଣ୍ଟୁ ପଟ୍ଟନାୟକ, ମିଲୁ ରଣା, ଅନିଲ କୁମାର ଦେବାଙ୍ଗନ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁଙ୍କ ପାଇଁ 'କୁଶାଳ ବଚପନ' ଅଭିଯାନ ଆରମ୍ଭ



'କୁଶାଲ ବଚପନ' ଅଭିଯାନର ଶୁଭାରମ୍ଭ।

**ଭବାନୀପାଟଣା,୧୪।୭ (ଉତ୍ତମ କୁମାର ଦାଶ)**

**କଳାହାଣ୍ଡି ଜିଲା**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ 'କୁଶାଲ ବଚପନ' ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଜିଲା ସମାଜ କଲ୍ୟାଣ ବିଭାଗ ଓ ପିରାମଲ ଫାଉଣ୍ଡେଶନର ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସମାଜ କଲ୍ୟାଣ ମୁଖ୍ୟ ପ୍ରଭାତୀ ତ୍ରିପାଠୀ, ଉପମୁଖ୍ୟ ଦୁଲାଲ ସେନାପତି, ମିଶନ ଶକ୍ତିର ପିଡିସି ଅମୃତ ପାଢ଼ୀ, ବିପିଏମ ବିଶ୍ୱନାଥ ଦାଶ, ସମସ୍ତ ବ୍ଲକର ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ, ଜୁନାଗଡ, ମ. ରାମପୁର, ଥୁଆମୁଳ ରାମପୁର ଓ ଭବାନୀପାଟଣା ବ୍ଲକର ମହିଳା ସୁପରଭାଇଜର, ପିରାମଲ ଫାଉଣ୍ଡେଶନର ପ୍ରବନ୍ଧକ ବିକ୍ରମ କିଶୋର ରଣା, ସହଯୋଗୀ ହରିଶଙ୍କର ଗାନ୍ଧୀ, ଫେଲୋ ଓମ ପ୍ରକାଶ ପ୍ରମୁଖ ଯୋଗଦେଇଥିଲେ। ବଚ୍‌ପନ ଅଭିଯାନ ପିରାମଲ ଫାଉଣ୍ଡେଶନ ପକ୍ଷରୁ ଆକାଂକ୍ଷୀ ଜିଲା ନିମନ୍ତେ ଏହି କାର୍ଯ୍ୟକ୍ରମ ଯେଉଁଥିରେ ୦-୬ ବର୍ଷର ପିଲାମାନଙ୍କ ବୌଦ୍ଧିକ ଜ୍ଞାନ ବିକାଶ ଓ ସ୍ୱାସ୍ଥ୍ୟ ତଥା ଶିକ୍ଷାର ଉନ୍ନତି ଲାଗି ପ୍ରୟାସ କରାଯାଉଛି। ଜିଲାର ୪ଟି ବ୍ଲକର ୧୦୦ଟି କେନ୍ଦ୍ରରେ ଅଙ୍ଗନୱାଡି କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଅଙ୍ଗନୱାଡିଗୁଡିକୁ ଡେମୋ ଅଙ୍ଗନୱାଡି ରୂପେ ଗଢିବାର ପ୍ରୟାସ କରାଯିବ ବୋଲି ଜଣାପଡିଛି। କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ଓ ମା'ମାନଙ୍କ ଟୀକାକରଣ, ପାଠ ପଢ଼ିବା ଲାଗି ରୁଚିକର ପରିବେଶ, ଶିଶୁର ବୌଦ୍ଧିକ ବିକାଶ ଲାଗି ଖେଳକୁଦର ବ୍ୟବସ୍ଥା ଆଦିର ବିକାଶ କରାଯିବ। ଚୟନ ହୋଇଥିବା ଅଙ୍ଗନୱାଡି କର୍ମୀମାନେ କିପରି ନିଜ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା କରିବେ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସେହିପରି ଅଙ୍ଗନୱାଡି କେନ୍ଦ୍ରକୁ କିପରି ଆହୁରି ସୁନ୍ଦର ଓ ଶିଶୁଙ୍କ ଲାଗି ରୁଚିକର କରାଯାଇପାରିବ ସେଥିପ୍ରତି ଧ୍ୟାନ ଦେବା ଲାଗି ଚେଷ୍ଟା କରାଯିବ ବୋଲି ମତପ୍ରକାଶ ପାଇଥିଲା।

# ଅବାଧ ଜଙ୍ଗଲ କାଟିବା ଅଭିଯୋଗ: ୨ କୋର୍ଟ ଚାଲାଣ

**କୋକସରା,୧୪।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଧର୍ମଗଡ ରେଞ୍ଜ ଅଧୀନ ଆମପାଣି ଫରେଷ୍ଟ ସେକ୍ସନ ସାହାଜଖୋଲ ସଂରକ୍ଷିତ ଜଙ୍ଗଲରୁ ଅବାଧରେ ଗଛ କାଟୁଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚଲାଣ କରାଯାଇଛି। ଗିରଫ ୨ଜଣ ହେଲେ ସର୍ଗିପାନୀ ଗାଁର ହେକେନ ସାନ୍ତା (୫୦) ଓ ନବରଙ୍ଗପୁର ଜିଲା ଝରିଗାଁ ଅଞ୍ଚଳର ସୋମବାରୁ ସାନ୍ତା (୪୦)। ସାହାଜଖୋଲ ସଂରକ୍ଷିତ ଜଙ୍ଗଲରୁ ଅବାଧରେ ଗଛ କାଟୁଥିବା ନେଇ ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢାଉ କରିଥିଲେ। ଜଙ୍ଗଲରୁ ଗଛ କାଟୁଥିବା ସମୟରେ ହେକେନ ଓ ସୋମବାରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକ ସୂଚନା ଦେଇଛନ୍ତି। ହେଲେ ଶହ ଶହ ଏକର ଜଙ୍ଗଲ କାଟି ସଫା କରୁଥିବା ବେଳେ ଜଙ୍ଗଲ ବିଭାଗ ପ୍ରତି ସାଧାରଣରେ ଅସନ୍ତୋଷ ଦେଖାଦେଉଛି। ଜଙ୍ଗଲ ବିଭାଗ ତତ୍ପରତା ଦେଖାଇ ମାଫିଆଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ

**କେସିଙ୍ଗା,୧୪।୭(ତୁମେଶ୍ୱର ସାହୁ)**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ ଗ୍ରାମପଞ୍ଚାୟତର ୪ଟି ଗ୍ରାମ ଗଜା ମରୁଡି ବାବଦକୁ ନେଇ କୃଷି ବିଭାଗ ପକ୍ଷରୁ ଶୁକ୍ରବାର କ୍ଷେତ୍ର ପରିଦର୍ଶନ କରାଯାଇଛି। ଗତ ୧୦ ତାରିଖରେ ଶିରୋଲ ଗ୍ରାମପଞ୍ଚାୟତ କୃଷକମାନେ ତହସିଲ ଓ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଗଜା ମରୁଡ଼ି ବିଷୟରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଗତ ୧୦ ତାରିଖରେ ଧରିତ୍ରୀ ଖବରରେ ଖବର ପ୍ରକାଶ ହୋଇଥିଲା। ଧରିତ୍ରୀ ଖବର କାଗଜ କ୍ଲିପିଙ୍ଗ କୃଷକମାନେ ସିଏମଓ, ମୋ ସରକାର ଏବଂ ନବୀନ ପଟ୍ଟନାୟକଙ୍କୁ ଟଇଟ କରି ଅଭିଯୋଗ ମଧ କରିଥିଲେ। ଏହି ଗ୍ରାମପଞ୍ଚାୟତରେ ସ୍ୱଳ୍ପ ବର୍ଷା ହୋଇଥିବାରୁ ଚାଷ କାମରେ ଆଗେଇ ପାରୁନାହିଁ। କୌଣସି ଜଳସେଚନର ସୁବିଧା ମଧ ନାହିଁ। ଶିରୋଲ ଗ୍ରାମ ପଞ୍ଚାୟତର ଶିରୋଲ, ପୋଡ଼ଖମ୍ବ, ଡୁମେରମୁଣ୍ଡା, ସୁରଜୋର ଗ୍ରାମର ବିଭିନ୍ନ କ୍ଷେତ୍ରକୁ କୃଷି ବିଭାଗର ଭିଏଡବ୍ଲ୍ୟୁ ଶୁକ୍ରବାର ସକାଳେ କ୍ଷେତ୍ର ପରିଦର୍ଶନ କରିଥିଲେ। ଅପରାହ୍ନରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ସେଠି, ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ର, ଗୋଷ୍ଠୀ ଅଧିକାରୀ ଘନଶ୍ୟାମ ଦେହୁରୀଙ୍କ ସମେତ ଶିରୋଲ ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ବିକ୍ରାନ୍ତ ବାଗ, ହେମନ୍ତ ନାଗ, ଜଗନ୍ନାଥ ବାଗ ପ୍ରମୁଖ ଶିରୋଲ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଗଜା ମରୁଡି ବିଷୟରେ ଅନୁଧ୍ୟାନ କରିଥିଲେ।



ଶିରୋଲ ଗ୍ରାମର ରାଇସ ମିଲ ନିକଟରେ ଥିବା କ୍ଷେତ ପରିଦର୍ଶନ କରିଛନ୍ତି।

# ଭୂମିହୀନଙ୍କ ଘରଡିହ ଚିହ୍ନଟ ଭଣ୍ଡୁର

**ଲୋଇସିଂହା, ୧୪।୭(ସୁଶାନ୍ତ ବାରିକ)**



ଘରଡିହ ଚିହ୍ନଟବେଳେ ଉତ୍ତେଜନା।

**ଖେଳପଡିଆ ପାଇଁ ପଟ୍ଟାହିତାଧିକାରୀ-ପତ୍ରାପାଲି ଗ୍ରାମବାସୀ ମୁହାଁମୁହିଁ**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ପକ୍ଷରୁ ଲୋଇସିଂହା-ପଦ୍ମପୁର ରାସ୍ତାର କୁଷ୍ଠାଶ୍ରମ ଆଗରେ ଥିବା ପଡିଆରେ ପଟ୍ଟା ପାଇଥିବା ହିତାଧିକାରୀଙ୍କ ଘରଡିହ ଚିହ୍ନଟ କାର୍ଯ୍ୟକ୍ରମ ଶୁକ୍ରବାର ରହିଥିଲା। ହେଲେ ସେହି ପଡ଼ିଆରେ ଏବେ ପତ୍ରାପାଲି, ଜଡାମୁଣ୍ଡା ଓ ଢୋଲମହୁଲ ଅଞ୍ଚଳବାସୀ ଖେଳପଡିଆ କରି ଖେଳକୁଦ କରି ଆସୁଥିବାରୁ ପ୍ରତିବାଦ କରାଯାଇଥିଲା। ତହସିଲ ପକ୍ଷରୁ ଖେଳପଡିଆ ଯୋଗାଇ ନ ଦେବା ପର୍ଯ୍ୟନ୍ତ ଘରଡିହ ଚିହ୍ନଟ କରି ଦିଆଯିବ ନାହିଁ ବୋଲି ପ୍ରବଳ ବିରୋଧ କରିଥିଲେ ପତ୍ରାପାଲି ଗ୍ରାମବାସୀ। ଏହାକୁ ନେଇ ପଟ୍ଟାହିତାଧିକାରୀ ଓ ପତ୍ରାପାଲି ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଜଟିଳ ହେବାରୁ ଘରଡିହ ଚିହ୍ନଟ ଭଣ୍ଡୁର ହୋଇଯାଇଥିଲା। ଘରଡିହ ଚିହ୍ନଟ ପାଇଁ ପରବର୍ତ୍ତି ତାରିଖ ନିର୍ଦ୍ଧାରଣ କରାଯିବ ବୋଲି ତହସିଲ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଲୋଇସିଂହା ପଞ୍ଚାୟତ ସଦର ଗ୍ରାମର ୧୯୧ ଭୂମିହୀନ ପରିବାରକୁ ତହସିଲ ପକ୍ଷରୁ ୧୯୯୮ ମସିହାରୁ ପଟ୍ଟା ପ୍ରଦାନ କରାଯାଇଛି। ଲୋଇସିଂହା ମୌଜାର ଲୋଇସିଂହା-ପଦ୍ମପୁର ରାସ୍ତାର କୁଷ୍ଠାଶ୍ରମ ଆଗରେ ଥିବା ପଡିଆରେ ସେମାନେ ଘରଡିହ ଦିଆଯାଇଛି । ହେଲେ ଦୀର୍ଘ ୨୫ ବର୍ଷ ବିତି ଯାଇଥିଲେ ବି ପଟ୍ଟା ହିତାଧିକାରୀଙ୍କ ଘରଡିହ ଚିହ୍ନଟ ହୋଇପାରିନାହିଁ। ଅନେକ ସମୟରେ ପଟ୍ଟାଧାରୀ ତହସିଲରୁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହେବାକୁ ପଡିଛି। ୧ ଜୁଲାଇରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ ପଟ୍ଟାଧାରୀ। ପରିବାର ସଂଖ୍ୟା ବୃଦ୍ଧି ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ କରିଥିଲେ। ବାରମ୍ବାର ଜିଲା ପ୍ରଶାସନକୁ ଜଣାଇଲା ପରେ ବି କୌଣସି ସୁଫଳ ମିଳୁ ନ ଥିବା କ୍ଷୋଭର ସହ ପ୍ରକାଶ କରିଥିଲେ। ଏହା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଲୋଇସିଂହା ତହସିଲ ପକ୍ଷରୁ ପଟ୍ଟାହିତାଧିକାରୀଙ୍କ ଘରଡିହ ଚିହ୍ନଟ ପାଇଁ ଶୁକ୍ରବାର ତାରିଖ ନିର୍ଦ୍ଧାରିତ ହୋଇଥିଲା। ସକାଳ ସାଢେ ୮ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ପଟ୍ଟା ହିତାଧିକାରୀ ତହସିଲ କର୍ତ୍ତୃପକ୍ଷଙ୍କୁ ଅପେକ୍ଷା କରିଥିଲେ। ମଧାହ୍ନରେ ପୋଲିସ ଫୋର୍ସ ସହ ତହସିଲଦାର ସଂଘମିତ୍ରା କାଲୋ, ଅତିରିକ୍ତ ତହସିଲଦାର ସମ୍ପୂର୍ଣ୍ଣାନନ୍ଦ ବେଜ ଓ ରାଜସ୍ୱକର୍ମଚାରୀ ସେଠାରେ ପହଞ୍ଚିଥିଲେ। ରାଜସ୍ୱ ଅଧିକାରୀ ଓ ପଟ୍ଟାଧିକାରୀ ଡିହ ଚିହ୍ନଟ ପାଇଁ କ୍ଷେତ୍ରକୁ ଯାଇ ଜମି ମାପଚୁପ କରିଥିଲେ। ସେଠାରେ ପୂର୍ବରୁ ପ୍ରତିବାଦ କରିବା ପାଇଁ ଉପସ୍ଥିତ ଥିବା ପତ୍ରପାଲି, ଜଡାମୁଣ୍ଡା ଓ ଢୋଲମହୁଲର ଅଞ୍ଚଳର କ୍ରୀଡାବିତ ଓ ଗ୍ରାମବାସୀ ପ୍ରତିବାଦ କରିଥିଲେ। ଦୀର୍ଘବର୍ଷ ହେଲା ଏଠାରେ ଖେଳପଡିଆ କରି ଖେଳକୁଦ କରି ଆସୁଛୁ। ଖେଳପଡିଆ ସୀମାରେ ଘରଡିହ ଦେବାକୁ ସେମାନେ ବାରଣ କରିଥିଲେ। ତହସିଲଦାର କାଲୋ ଏବଂ ରାଜସ୍ୱ କର୍ମଚାରୀ ଏହା ରଏତି ଜମି । ଦୀର୍ଘବର୍ଷ ହେଲା ଭୂମିହୀନଙ୍କୁ ପଟ୍ଟା ଦିଆଯାଇଛି। ବିକଳ୍ପ ଜାଗାରେ ଖେଳପଡିଆ ଦିଆଯିବ ବୋଲି ପ୍ରତିବାଦକାରୀଙ୍କୁ ବୁଝାସୁଝା କରାଯାଇଥିଲା। ଆଜି ହିଁ ବିକଳ୍ପ ଖେଳପଡିଆ ଦିଆଯାଉ ବୋଲି ପ୍ରତିବାଦକାରୀ ଜିଦରେ ଅଟଳ ରହିଥିଲେ। ସେହି ନିକଟରେ ଖେଳପଡିଆ ଭଲିଆ ଜାଗା ନ ମିଳିବାରୁ ଘରଡିହ ଚିହ୍ନଟ ହୋଇପାରି ନ ଥିଲା। ଅପରପକ୍ଷେ ସେଠାରେ କେତେକ ବ୍ୟକ୍ତି ବେଆଇନ ଭାବରେ ଘର ନିର୍ମାଣ କରିଥିବାରୁ ସେହି ଘରକୁ କାହିଁକି ଭାଙ୍ଗୁନି ବୋଲି ପ୍ରତିବାଦକାରୀଙ୍କୁ ପଟ୍ଟାହିତାଧିକାରୀ କହିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ବନ ମହୋତ୍ସବ

ପଦ୍ମପୁର,୧୪।୭ (ପ୍ରଦୀପ୍ତ ଦାଶ): ପଦ୍ମପୁର ବ୍ଲକ ଡଙ୍ଗାଘାଟ ପଞ୍ଚାୟତ ଜଗନ୍ନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ରବିଶଙ୍କର ପଧାନ ସଭାପତିତ୍ୱ କରିଥିଲେ। ସରପଞ୍ଚ ଶଙ୍କର୍ଷଣ ନାଗ ମୁଖ୍ୟ ଅତିଥି, ଜିଲା ପରିବେଶ ସୁରକ୍ଷା ମଞ୍ଚ ସମ୍ପାଦକ ମୀନକେତନ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ ରଣା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦାମ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

### ବରଗଡ଼ ଏସ୍‌ଡିପିଓଙ୍କ ବଦଳି

ବରଗଡ଼,୧୪।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ଏସ୍‌ଡ଼ିପିଓ ଅମ୍ରିତ କୁମାର ପଣ୍ଡାଙ୍କ ବଦଳି ହୋଇଛି । ତାଙ୍କୁ ଭୁବନେଶ୍ୱର ଡିଏସ୍‌ପି (ଏସ୍‌ଓଜି) ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବିପିଏସ୍‌ପିଏ, ଭୁବନେଶ୍ୱରର ଡିଏସ୍‌ପି ପଦାରବିନ୍ଦ ତ୍ରିପାଠୀଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ଜିଲା ପୋଲିସ ମୁଖ୍ୟାଳୟରେ ଡିଏସ୍‌ପି (ଆଇୟୁସିଏଡବ୍ଲ୍ୟୁ) ଭାବେ କାର୍ଯ୍ୟରତ ସୁଧାକର ସାହୁଙ୍କୁ ଶରଣକୁଳ ଏସ୍‌ଡ଼ିପିଓ ଭାବେ ବଦଳି ହୋଇଛି ।

### ଜମଲା ଡିଗ୍ରୀ କଲେଜରେ ବନ ମହୋତ୍ସବ

ପଦ୍ମପୁର,୧୪।୭ (ପ୍ରଦୀପ୍ତ ଦାଶ): ପଦ୍ମପୁର ଜମଲା ଡିଗ୍ରୀ କଲେଜଠାରେ ଜାତୀୟ ସେବା ଯୋଜନା ଦ୍ୱାରା ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ମୀନକେତନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ଡ. ସ୍ୱାଧୀନ ଚରଣ ପଧାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅଧାପକ ପୌଲସ୍ତ୍ୟ ସାହା ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଅଧାପକ ଆଶିଷ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବସରପ୍ରାପ୍ତ ରେଞ୍ଜରଙ୍କ ପରଲୋକ

ପଦ୍ମପୁର,୧୪।୭(ପ୍ରଦୀପ୍ତ ଦାଶ): ପଦ୍ମପୁର ଶାନ୍ତି ନଗରର ଅବସରପ୍ରାପ୍ତ ରେଞ୍ଜର ଦୀନବନ୍ଧୁ ପଣ୍ଡାଙ୍କ ୮୮ବର୍ଷ ବୟସରେ ନିଜ ବାସଭବନରେ ଶୁକ୍ରବାର ପରଲୋକ ଘଟିଛି। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ସୁନିଲ ମୁଖାଗ୍ନି ଦେଇଥିଲେ।

### ମନ୍ଦିର ପାଇଁ ଭୂମିଦାନ



ପଦ୍ମପୁର,୧୪।୭(ପ୍ରଦୀପ୍ତ ଦାଶ): ପଦ୍ମପୁର ଶାନ୍ତି ନଗରଠାରେ ମାଉସୀ ମା’ ମନ୍ଦିର ନିର୍ମାଣ ପାଇଁ ଆନୁଷ୍ଠାନିକ ଭାବେ ଭୂମି ପୂଜନ କରାଯାଇଛି। ଏହି ଅବସରରେ ଶୁକ୍ରବାର ସକାଳେ ଭୂମିଦାନ କରିଥିବା ଇଂ. ସରୋଜ କୁମାର ରଥ ଓ ତାଙ୍କ ସ୍ତ୍ରୀ ନୀଳିମା ରେଜିଷ୍ଟ୍ରି କାର୍ଯ୍ୟାଳୟ ଯାଇ ମାଉସୀ ମା’ ମନ୍ଦିର କମିଟି ସଭାପତିଙ୍କ ନାମରେ ଜମି ରେଜିଷ୍ଟ୍ରି କରିଥିଲେ। ପରେ ଭୂମି ପୂଜନ ଅନୁଷ୍ଠିତ ହୋଇଥିଲା। କମିଟି ତରଫରୁ ଅଶୋକ ଦାଶ, ମହେଶ ବେହେରା, ଡ. ଗଦାଧର ରଥ, କମିଟି ସଭାପତି ଦେବାଶିଷ ରଥ, ସମ୍ପାଦକ ପ୍ରତାପ ନାଥ ପ୍ରମୁଖ ଭୂମିଦାନ କରିଥିବା ରଥ ଦମ୍ପତିଙ୍କୁ ସ୍ୱାଗତ କରିଥିଲେ। କମିଟି ସଦସ୍ୟ ଓ ବହୁ ଶ୍ରଦ୍ଧାଳୁ ଏହି ଭୂମିପୂଜନ ଉତ୍ସବରେ ସାମିଲ ହୋଇଥିଲେ। ପଣ୍ଡିତ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଲାଇଥିଲେ। ପଦ୍ମପୁର-୨-ମାଉସୀ ମା’ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ କରାଯାଉଛି।

# କଳାବ୍ୟାଜ୍ ପିନ୍ଧିଲେ ଗ୍ରାମ୍ୟ କୃଷି କର୍ମଚାରୀ

ବରଗଡ଼/ଅତାବିରା,୧୪।୭
(ପ୍ରେମାନନ୍ଦ ଖମାରୀ/ହୃଷୀକେଶ ଖମାରୀ)




ବରଗଡ଼ରେ କଳାବ୍ୟାଜ ପିନ୍ଧି ଗ୍ରାମ୍ୟ କୃଷି କର୍ମଚାରୀଙ୍କ ପ୍ରତିବାଦ । ଅତାବିରାରେ କଳାବ୍ୟାଜ ପିନ୍ଧି ଗ୍ରାମ୍ୟ କୃଷି କର୍ମଚାରୀଙ୍କ ପ୍ରତିବାଦ ।

ରାଜ୍ୟରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ତଥା ବିଭିନ୍ନ ଦାବି ନେଇ ବରଗଡ଼ ଜିଲାର ଗ୍ରାମ୍ୟ କୃଷି କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ, ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିବାବେଳେ ଶୁକ୍ରବାରଠାରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି । ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ସେମାନେ କଳାବ୍ୟାଜ୍ ପିନ୍ଧିବେ। ଏହାସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ଦାବି ସମୂହକୁ ନ ମାନିଲେ ଅଗଷ୍ଟ ୧ତାରିଖରୁ ସମୂହ ଛୁଟି ନେଇ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଗ୍ରାମ୍ୟ କୃଷି କର୍ମଚାରୀ ବଦଳରେ କୃଷି ସମ୍ପ୍ରସାରଣ ଅଧିକାରୀ ମାନ୍ୟତା, ଗ୍ରେଡ୍ ପେ ୨ହଜାର ଟଙ୍କା ପରିବର୍ତ୍ତେ ୪୨୦୦ ଗ୍ରେଡ୍ ପେ, ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉଚ୍ଛେଦ ସହିତ ୬ବର୍ଷ ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଗଣନା କରି ୬ଗୋଟି ଜାତୀୟ ବୃଦ୍ଧି ପ୍ରଦାନ, ଗ୍ରାମ ପଞ୍ଚାୟତରେ କାର୍ଯ୍ୟାଳୟ ସହ କମ୍ପ୍ୟୁଟର, ମୋବାଇଲ ପ୍ରଦାନ, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସଂଶୋଧିତ ଜବ୍ ଚାର୍ଟ ଘୋଷଣା ଆଦି ଦାବି କରାଯାଇଛି। ସଂଘ ସଭାପତି ଭକ୍ତଚରଣ ମିର୍ଦ୍ଧା, ସମ୍ପାଦକ ସନ୍ୟାସୀ ସେଠ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି । ସେହିପରି ଅତାବିରା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଗ୍ରାମ୍ୟ କୃଷି କର୍ମଚାରୀମାନେ ଅନୁରୂପ ପ୍ରତିବାଦ କରିଥିଲେ। ଏଥିରେ ବ୍ଲକରେ କାର୍ଯ୍ୟରତ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀମାନେ ସାମିଲ ହୋଇଥିଲେ।

## ଅଞ୍ଚଳ କଲେଜରେ ବନୀକରଣ

ପଦ୍ମପୁର,୧୪।୭(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଟାଉନ୍ କ୍ଲବ ଆନୁକୂଲ୍ୟରେ ଅଞ୍ଚଳ କଲେଜଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଛାତ୍ରୀଛାତ୍ରଙ୍କ ସହ ପ୍ରାଧ୍ୟାପକ ଲଲାଟେନ୍ଦୁ ନାୟକ ଓ ଅନ୍ୟ ଅଧ୍ୟାପକ ଯୋଗଦେଇଥିଲେ। ଟାଉନ କ୍ଲବ ତରଫରୁ ପ୍ରୀତେଶ କୁମାର ବହିଦାର, ଅଶୋକ କୁମାର ମିଶ୍ର, ସୁନିଲ ଅଗ୍ରୱାଲ, ହରି ସିଂ, ଆଦିତ୍ୟ ରଥ, ଅମିତ ଗର୍ଗ, କୁନାଲ ପାଣିଗ୍ରାହୀ, ଶେଖ ୱାରିସ ରଜା, ଅଖିଲ ପଟ୍ଟନାୟକ, ଅଦର୍ଶ ନାଥ, ସୋମେଶ ଚନ୍ଦ୍ର ମହାନ୍ତି, ମଣ୍ଟୁ ପାଣ୍ଡେ, ଦିନେଶ ବାରିକ, ଦୀପକ ବାରିକ, ଅର୍ଜୁନ ସହା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ସହ କ୍ଲବର ସଦସ୍ୟମାନେ ମିଶି କଲେଜ ପରିସରରେ ବୃକ୍ଷ ରୋପଣ କରିଥିଲେ।

## ବୁଥ୍‌ସ୍ତରୀୟ ଅଧିକାରୀଙ୍କ ତାଲିମ ଶିବିର

ପଦ୍ମପୁର,୧୪।୭ (ପ୍ରଦୀପ୍ତ ଦାଶ )



ଶିବିରରେ ପଦ୍ମପୁର ଉପଜିଲାପାଳ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରୁଛନ୍ତି।

ଆଗାମୀ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପ୍ରସ୍ତୁତି ନେଇ ରାଜବୋଡାସମ୍ବର ବ୍ଲକର ସମ୍ମିଳନୀ ଗୃହରେ ବୁଥ୍ ସ୍ତରୀୟ ଅଧିକାରୀଙ୍କ ଏକ ପ୍ରାକ୍ ପରିମାର୍ଜନ ସର୍ବେକ୍ଷଣ ପାଇଁ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର ଯୋଗଦେଇ ସମସ୍ତ ବିଏଲ୍‌ଓଙ୍କୁ ନିଜର କର୍ତ୍ତବ୍ୟ ସମ୍ପାଦନ ପାଇଁ ଉତ୍ସାହିତ କରିଥିଲେ। ଭୋଟ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରି ବୁଥ୍ ସ୍ତରରୁ ଯେପରି ନିର୍ଭୁଲ ଭାବେ ଭୋଟର ତାଲିକା ପ୍ରସ୍ତୁତ କରାଯାଇ ପାରିବ ସେଥିପାଇଁ ବିଶେଷ ଭାବରେ ଧ୍ୟାନ ଦେଇ ଦାୟିତ୍ୱ ନିର୍ବାହ କରିବାକୁ ସମସ୍ତ ବିଏଲ୍‌ଓଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁ ଏହି ପ୍ରାକ୍ ପରିମାର୍ଜନ ସର୍ବେକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସହକାରୀ ଜିଲାପାଳ ମନୋରଞ୍ଜନ ନାୟକ ଯୋଗଦେଇ ଏହି ସର୍ବେକ୍ଷଣର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ତୁଷାର ବେହେରା ପାୱାର ପଏଣ୍ଟ ମାଧ୍ୟମରେ ସର୍ବେକ୍ଷଣ ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ।

## ମହିଳା କଲେଜରେ ବିଦାୟ ସମ୍ବର୍ଦ୍ଧନା

ବରପାଲି,୧୪।୭(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ଜଗବନ୍ଧୁ ଦାଶ ସ୍ନାତକ ମହିଳା କଲେଜରେ ଛାତ୍ରୀମାନଙ୍କର ବିଦାୟ ଉତ୍ସବ ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ପର୍ଯ୍ୟାୟ ଛାତ୍ରୀ ପୂଜା ଗହୀରଙ୍କ ପରିଚାଳନା ଅନୁଷ୍ଠିତ ସଭାରେ ବିଜେପୁର କଲେଜର ଅଧକ୍ଷ ପ୍ରଦୀପ କୁମାର ମିଶ୍ର ମୁଖ୍ୟ ଅତିଥି, ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରାରମ୍ଭରେ ଦ୍ୱିତୀୟ ପର୍ଯ୍ୟାୟ ଛାତ୍ରୀ ଶ୍ରାବଣୀ ଭୋଇ ସ୍ୱାଗତ ଭାଷଣ ଏବଂ ଛାତ୍ରୀ ପୂଜା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧାପକ ଯତୀନ୍ଦ୍ର କୁମାର ସାହୁ, ନୀତିଶ ତାଣ୍ଡି, ନେପାଳ ବିଶ୍ୱାଳ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ଅଧାପିକା ନୀଳିମା ନାୟକ, ଅଙ୍କିତା ବାବୁ, ଜ୍ୟୋତି ସାହୁ, ମନ୍ଦାକିନୀ ମେହେର, ମୌସୁମୀ ମାଝୀ, ପିଙ୍କି ବାରିକ, ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରାସ୍ତାକାମ ନିମ୍ନମାନର, ଜିଲାପାଳଙ୍କୁ ଫେରାଦ

ଭେଡ଼େନ,୧୪।୭(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଲୁହାଖଣ୍ଡି ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାମ ନିମ୍ନମାନର କରାଯାଉଛି। ଏ ନେଇ ପଞ୍ଚାୟତବାସୀ ଶୁକ୍ରବାର ଜିଲାପାଳଙ୍କୁ ଫେରାଦ ହେବା ସହ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରିବାକୁ ସମିତିସଭ୍ୟା ପଙ୍କଜିନୀ ପଶାୟତ, ୱାର୍ଡସଭ୍ୟ ଦୟାନିଧି କମ୍ପ, ସୁଲୋଚନା ବରିହା, ନରୋତ୍ତମ ବରିହା, ବିମଳ କର୍ମୀ, ନାଏବ ସରପଞ୍ଚ ଜିତେନ୍ଦ୍ର ବେହେରା, ସୁନିତା ମୁଗ୍ରୀ, ସରୋଜ ପଶାୟତଙ୍କ ସମେତ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁସାରେ, ୨୦୨୨-୨୩ବର୍ଷରେ ବ୍ଲକ ଗ୍ରାଣ୍ଟରୁ ଲୁହାଖଣ୍ଡି ପଞ୍ଚାୟତରେ ଅନେକ ରାସ୍ତାର ଉନ୍ନତୀକରଣ କରାଯାଇଛି। ତନ୍ମଧ୍ୟରୁ ୪ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ବରପଦର ହରିଜନ ପଡ଼ାଠାରୁ ଡାଲଖାଇ ବରଗଛ ରାସ୍ତା ଏବଂ ୩ ଲକ୍ଷ ଟଙ୍କା ବ୍ୟୟରେ ହିରୋମୁଣ୍ଡା କ୍ଲବ ଘରଠାରୁ ଚମାରପଡ଼ା ରାସ୍ତା କଂକ୍ରିଟକରଣ କାମ ଅତି ନିମ୍ନମାନର ହୋଇଛି। ଏହି ରାସ୍ତା ନିର୍ମାଣରେ ବ୍ୟବହୃତ ବାଲି, ମେଟାଲ, ଚିପ୍‌ସରେ ସିମେଣ୍ଟ ମିଶ୍ରଣ କମ୍ କରାଯାଇଛି। ଫଳରେ ଅତି ନିମ୍ନମାନର କାମ ଯୋଗୁ ତାହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ରାଜକିଶୋର ସାହୁଙ୍କୁ ପଚାରିବାରୁ ଯାହା ପଚାରିବା କଥା ବିଡ଼ିଓଙ୍କୁ ପଚାର ବୋଲି ସେ କହିଛନ୍ତି। ତେବେ ଏହାର ତଦନ୍ତ ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡ଼ିଓ ରଘୁନାଥ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ବିକାଶମୂଳକ ପ୍ରକଳ୍ପ ଲୋକାର୍ପିତ



ଲୋକାର୍ପଣ ସମାରୋହରେ ଅଧିକାରୀ, ଜନ ପ୍ରତିନିଧିବୃନ୍ଦ।

ବରଗଡ଼,୧୪।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ୭୫ଲକ୍ଷ ୬୭ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଦ୍ୱାରା କାର୍ଯ୍ୟାନ୍ୱିତ ହୋଇଥିବା ବାରବଖରା ଜଳପ୍ରପାତ ପର୍ଯ୍ୟଟନସ୍ଥଳୀର ବିକାଶ କାର୍ଯ୍ୟର ଶୁଭ ଉଦ୍‌ଘାଟନ କରିଥିଲେ। ସେହିପରି ୮୪.୪୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗାଇସିଲେଟ ବ୍ଲକର ବୁରୋମୁଣ୍ଡା ଲୋକକଳା ଗ୍ରାମର ବିକାଶ, ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଟାବାହାଲ ପର୍ଯ୍ୟଟନସ୍ଥଳୀର ବିକାଶ, ୮୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭେଡ଼େନ ବ୍ଲକ ଜାଣ୍ଡୋଲ କମ୍ୟୁନିଟି ହଲ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାସହିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପାଣ୍ଠିରୁ ବିଭିନ୍ନ ଗ୍ରାମରେ ନିର୍ମାଣ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ସଭାଗୃହ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବରଗଡ଼ ଓସ୍ୱାନ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲାପାଳ ମୋନିଷା ବାନାର୍ଜୀ, ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ, କଳାଗ୍ରାମର କଳାକାର, ଜନ ପ୍ରତିନିଧି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ପରଲୋକରେ ଶୋକ

ବରଗଡ଼,୧୪।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲର ଅବସରପ୍ରାପ୍ତ କିରାଣୀ ତଥା କ୍ରୀଡ଼ା ଶିକ୍ଷକ ଟଙ୍କଧର ମହାପାତ୍ରଙ୍କ ପରଲୋକରେ ସ୍କୁଲରେ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ନୀରବ ପ୍ରାର୍ଥନା କରିବା ସହିତ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ମହାପାତ୍ର ବରଗଡ଼ ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିବାବେଳେ ରାଣାପ୍ରତାପ ସ୍କୁଲରେ ତାଙ୍କ କାର୍ଯ୍ୟ ଦକ୍ଷତା ଯୋଗୁ ପ୍ରିୟଭାଜନ ହୋଇପାରିଥିଲେ ।

## ବାନ୍ଧଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ହ୍ୟୁମାନ ରାଇଟ୍ସ ନୋବେଲ ଆୱାର୍ଡ

ବରପାଲି,୧୪।୭(ଚିତ୍ତରଞ୍ଜନ ସାହୁ )



ଡ. ସୁରେନ୍ଦ୍ର ମେହେର।

ଜମ୍ମୁ କଶ୍ମୀରଠାରେ ଆୟୋଜିତ ଜି-୨୦ ବୈଠକରେ ବରଗଡ଼ ଜିଲା ବରପାଲିର ବିଶିଷ୍ଟ ବାନ୍ଧଶିଳ୍ପୀ ଡ. ସୁରେନ୍ଦ୍ର ମେହେର ପୁରସ୍କୃତ ହୋଇଛନ୍ତି। ଜି-୨୦ ମିଳିତ ଜାତିସଙ୍ଘର ଇକୋନୋମି ଓ ସୋସିଆଲ ବିଭାଗର ସହଯୋଗୀ ଗ୍ଲୋବାଲ ହ୍ୟୁମାନ ରାଇଟ୍ସ ଟ୍ରଷ୍ଟ ପକ୍ଷରୁ ଡ. ମେହେରଙ୍କୁ ହ୍ୟୁମାନ ରାଇଟ୍ସ ନୋବେଲ ଆୱାର୍ଡ ପ୍ରଦାନ କରାଯାଇଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲୋକଙ୍କ ପାଇଁ ନିଃସ୍ୱାର୍ଥ ଭାବେ କାମ କରୁଥିବା ବ୍ୟକ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ଚଳିତବର୍ଷ ବିଶ୍ୱ ପ୍ରସିଦ୍ଧ ବାନ୍ଧକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମେହେରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରକାଶଥାଉକି, ଡ. ମେହେର ସପରିବାର ଆଣ୍ଡାମାନ ଗସ୍ତରେ ଥିବାରୁ କଶ୍ମୀର ସମାରୋହରେ ଉପସ୍ଥିତ ହୋଇପାରି ନାହାନ୍ତି । ତେଣୁ ତାଙ୍କ ପାଖକୁ ମେଲ୍ ଯୋଗେ ମାନପତ୍ର ଏବଂ କୋରିୟରରେ ଉପାୟନ ଓ ପଦକ ଆଦି ପଠାଯାଇଛି। ଡ. ମେହେରଙ୍କୁ ଏହି ସମ୍ମାନ ମିଳିଥିବାରୁ ବୁଣାକାର ମହଲରେ ଖୁସି ପ୍ରକାଶ ପାଇଛି।

## ଖାଦ୍ୟ କମିଶନ ଅଧକ୍ଷଙ୍କ ପଦ୍ମପୁର ଉପଖଣ୍ଡ ଗସ୍ତ

ପଦ୍ମପୁର/ପାଇକମାଲ,୧୪।୭
(ପ୍ରଦୀପ୍ତ ଦାଶ/ବଡ ଶତପଥି)

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଅବନୀକାନ୍ତ ସାହୁ ଶୁକ୍ରବାର ପଦ୍ମପୁର ଉପଖଣ୍ଡ ଗସ୍ତ କରିଛନ୍ତି। ଏହି ଅବସରରେ ସେ ପଦ୍ମପୁର ଡାକ୍ତରଖାନାର ନ୍ୟୁଟ୍ରେଶନ୍ ସେଣ୍ଟର୍ ଓ ପାଇକମାଳ ବ୍ଲକର ବିଭିନ୍ନ ସ୍ଥାନ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଡାକ୍ତରଖାନାରେ ଅନ୍ତେବାସୀ ରୋଗୀଙ୍କ ଖାଦ୍ୟର ମାନ ପରଖିବା ସହ ସେମାନଙ୍କ ଅସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ସବୁ ସମସ୍ୟାର ସମାଧାନ ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପାଇକମାଳ ବ୍ଲକ ଗସ୍ତକରି ଲୋକଙ୍କ ସହିତ ସିଧାସଳଖ ଭାବେ ଆଲୋଚନା କରିଥିଲେ। ଖାଦ୍ୟ ସୁରକ୍ଷା ସୁବିଧାରୁ ବଞ୍ଚିତ ଲୋକଙ୍କଠାରୁ ସେ ସିଧାସଳଖ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ତାଙ୍କୁ ଅନେକ ପଞ୍ଚାୟତ ସମିତି ଓ ପଞ୍ଚାୟତ ସ୍ତରୀୟ ଲୋକପ୍ରତିନିଧିମାନେ ମଧ୍ୟ ଭେଟିଥିଲେ। ଜନସାଧାରଣଙ୍କୁ କିପରି ସିଧାସଳଖଭାବେ ସରକାରଙ୍କ ସମସ୍ତ ଯୋଜନାର ଲାଭ ପହଞ୍ଚାଯାଇପାରିବ ସେ ବିଷୟରେ ସାହୁ ଆଲୋଚନା କରିଥିଲେ। ପରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗସ୍ତ କରି ଦିଆଯାଉଥିବା ମଧ୍ୟାହ୍ନ ଭୋଜନର ମାନ ବିଷୟରେ ପିଲାଙ୍କଠାରୁ ପଚାରି ବୁଝିଥିଲେ ଓ ସନ୍ତୋଷ ପ୍ରକାଶ କରିଥିଲେ। ଅଧକ୍ଷ ସାହୁଙ୍କ ଗସ୍ତ ସମୟରେ ବରଗଡ଼ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ପଦ୍ମପୁର ଉପ ଜିଲାପାଳ ସଦାକର କୁମ୍ଭାର ଉପସ୍ଥିତ ଥିଲେ। **ପାଇକମାଳ:** ରାଜ୍ୟ ଖାଦ୍ୟ ଆୟୋଗର ଅଧକ୍ଷ ଅବନୀକାନ୍ତ ସାହୁ ଶୁକ୍ରବାର ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଗସ୍ତ କରିଥିଲେ। ଏହି ଅବସରରେ ସେ ପାଇକମାଳ ବ୍ଲକ ଗସ୍ତ କରି ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରି ଖାଦ୍ୟ ସୁରକ୍ଷା ସୁବିଧାରୁ ବଞ୍ଚିତ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରଥିଲେ। କମିଶନ ଅଧକ୍ଷ ପାଇକମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ମଧ୍ୟାହ୍ନ ଭୋଜନର ମାନ ବିଷୟରେ ପିଲାମାନଙ୍କୁ ପଚାରି ବୁଝିଥିଲେ। ପରେ ପାଇକମାଳ ବ୍ଲକ ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧକ୍ଷ ସାହୁଙ୍କ ସମେତ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମିର୍ଦ୍ଧା ଟପ୍ପୋ, ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର, ବ୍ଲକ ଅଧକ୍ଷା ଭାବନା ସିଂ, ବିଡିଓ ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲରେ ଅଳଙ୍କରଣ ସମାରୋହ

ବରପାଲି,୧୪।୭(ଚିତ୍ତରଞ୍ଜନ ସାହୁ)



ସମାରୋହରେ ଉପସ୍ଥିତ ସ୍କୁଲ କର୍ତ୍ତୃପକ୍ଷ ଏବଂ ଛାତ୍ରୀଛାତ୍ର।

ବରଗଡ ଜିଲା ବରପାଲି ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲ ପରିସରରେ ଶୁକ୍ରବାର ଛାତ୍ର ସଂସଦର ଅଳଙ୍କରଣ ସମାରୋହ ୨୦୨୩-୨୪ ପାଳିତ ହୋଇଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ ଅଧକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଉପାଧ୍ୟକ୍ଷ ସୁଶୀଳ କୁମାର ରଥ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ତ୍ରିପାଠୀ ସ୍ୱାଗତ ସମ୍ଭାଷଣ ଓ ମିନତି ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଋକ, ସାମ ଯଜୁ ଓ ଅଥର୍ବ ଦଳକୁ ନେଇ ନବଗଠିତ ସଂସଦର ସଭ୍ୟମାନଙ୍କ ପରିଚୟ ପ୍ରଦାନ କରାଗଲା। ବିଦ୍ୟାଳୟ ପ୍ରିଫେଟ୍ ଆଶିଷ ମଟାରୀ, କମାଣ୍ଡର ତେଜସ୍ୱୀ ବେହେରା ସହ ଋକ୍ ଦଳର ଅଧିନାୟକ ସାହିଲ ଦାଶ ଓ ଉପ ଅଧିନାୟକ ଶ୍ରଦ୍ଧା ମିଓଲ, ସାମ ଦଳର ଅଧିନାୟକ ବିକାଶ ପଣ୍ଡା ଓ ଉପ ଅଧିନାୟକ ଆଦ୍ୟାଶା ପଣ୍ଡା, ଯଜୁ ଦଳର ଅଧିନାୟକ ଅନିକେତ ମୁଣ୍ଡ ଓ ଉପ ଅଧିନାୟକ ଶୁଭ୍ରାଂଶୁ ସେଠ, ଅଥର୍ବ ଦଳର ଅଧିନାୟକ ପାୟଲ ଆଡବାଙ୍କ ଓ ଉପ ଅଧିନାୟକ ସ୍ୱାଗତ ଦେବତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ପରେ ସଭ୍ୟମାନେ ଶପଥ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରୀମାନଙ୍କୁ ଆଳସ୍ୟ ବର୍ଜନ କରି କ୍ଷମତା ବଦଳରେ ଦାୟିତ୍ୱ ଓ ନେତୃତ୍ୱ ନେବାର ଗୁଣ ଶିକ୍ଷା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଅଧକ୍ଷା ଛାତ୍ର ସଂସଦକୁ ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟର ପ୍ରିଫେଟ୍ ଛାତ୍ର ଆଶିଷ ମଟାରୀଙ୍କ ସ୍ୱୀକାରୋକ୍ତି ପରେ ଶିକ୍ଷକ ପୁରନ୍ଦର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ରାଉରକେଲା

- ବିଶ୍ୱ ଯୁବ କୌଶଳ ଦିବସ, ଜିଲା ରୋଜଗାର ନିୟୋଜନ କାର୍ଯ୍ୟାଳୟ, ଉଦିତନଗର, ସକାଳ ୯ଟା ୩୦ମି ।
- ସଡକ ସୁରକ୍ଷା କାର୍ଯ୍ୟକ୍ରମ, ଜଗଦା ନୀଳଶୈଳ କଲେଜ, ସକାଳ ୧୧ଟା।
- ଦକ୍ଷିଣ-ପୂର୍ବ ରେଲୱେ ଜିଏମ୍‌ଙ୍କ ରାଉରକେଲା ଗସ୍ତ, ରାଉରକେଲା ରେଲୱେ ଷ୍ଟେଶନ, ଅପରାହ୍ନ-୨ଟା ।

## ସଂକ୍ଷେପରେ

### ରାଉରକେଲା ପୋଲିସ ଜିଲା ଡିଏସ୍‌ପି ପାହ୍ୟାରେ ଅଦଳବଦଳ

**ରାଉରକେଲା, ୧୪।୭(ସଙ୍ଗୀତା ଜେନା):** ଷ୍ଟେଟ ପୋଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡ ଦ୍ୱାରା ଶୁକ୍ରବାର ରାଜ୍ୟର ବିଭିନ୍ନ ପୋଲିସ ଉଚ୍ଚ ଅଧିକାରୀଙ୍କ ବଦଳି କରାଯାଇଛି। ଏହି କ୍ରମରେ ରାଉରକେଲା ପୋଲିସ ଜିଲାରେ ଡିଏସ୍‌ପି ପାହ୍ୟାରେ ବଦଳି ହୋଇଛି। ପ୍ଲାଣ୍ଟସାଇଟ ଥାନା ଅଧିକାରୀ ସନ୍ତୋଷ ଜେନା ଡିଏସ୍‌ପି ଭାବେ ପଦୋନ୍ନତି ପାଇବା ପରେ ମୁଖ୍ୟାଳୟରେ ଯୋଗ ଦେଇଥିଲେ। ତାଙ୍କୁ ଡିଏସ୍‌ପି ପିସିଆର ସେଲ୍ ଜଗତସିଂପୁରକୁ ବଦଳି କରାଯାଇଛି। କେନ୍ଦୁଝର ଏସ୍‌ଡ଼ିପିଓ ସୁଶାନ୍ତ ଦାସ ବିରମିତ୍ରପୁର ଏସ୍‌ଡିପିଓ ଭାବେ ଯୋଗଦେବେ । ରାଉରକେଲାର ଦୀପ୍ତିକାନ୍ତ ପ୍ରଧାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଡିଏସ୍‌ପି ଭାବେ ଯୋଗଦାନ କରିବେ। ପିସିଆର ସେଲ୍ ଡିଏସପି ଭାବେ ପୁଷ୍ପାଞ୍ଜଳି ନିନଗୀ ଯୋଗଦେବେ। ଚମ୍ପୁଆ ଏସ୍‌ଡିପିଓ ରାମରାୟ ମୁର୍ମୁ ଡିଏସ୍‌ପି ଡିଆଇବି(ରାଉରକେଲା), ରାଉରକେଲା ପୋଲିସ ଜିଲା ଜୋନ୍-୧ ଡିଏସପି ସୁବ୍ରତ କୁମାର କରଞ୍ଜିଆ ଏସ୍‌ଡିପିଓ, ବିରମିତ୍ରପୁର ଏସ୍‌ଡ଼ିପିଓ ତୋଲାମଣି ଭୋଇ ମୟୁରଭଞ୍ଜ ହୋମଗାର୍ଡ ତଥା ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲ ସୁନ୍ଦରଗଡ଼ ଇହାତୁରେ ଡିଏସ୍‌ପି ଭାବେ ଯୋଗଦେବେ ବୋଲି ସୂଚନା ମିଳିଛି।

### ବିଷ ଖାଇ ଛାତ୍ର ମୃତ

**ରାଉରକେଲା, ୧୪।୭(ସଙ୍ଗୀତା ଜେନା):** ପରିବାର ଲୋକେ ପାଠ ପଢ଼ିବାକୁ କହିବାରୁ ବିଷ ଖାଇ ଜେପି ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣେ ଛାତ୍ରଙ୍କ ଶୁକ୍ରବାର ପୂର୍ବାହ୍ନରେ ମୃତ୍ୟୁ ହୋଇଛି। ମୃତକ ହେଲେ ଲହୁଣୀପଡ଼ା ଥାନା ବଡ଼ମୁଣ୍ଡା ମୁଣ୍ଡା ସାହିର ଗୋପାଳ ମୁଣ୍ଡା(୧୪)। ଏ ନେଇ ପୋଲିସ ଏକ ମାମଲା (ନଂ.୫୭।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଦୁଇ ଦିନ ତଳେ ଗୋପାଳଙ୍କୁ ପରିବାର ଲୋକେ ପାଠ ପଢିବାକୁ କହିବାରୁ ସେ ରାଗିଯାଇ ବିଷ ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରାହ୍ମଣୀତରଙ୍ଗ ଥାନା ଜେପି ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଗୋପାଳଙ୍କ ମୃତ୍ୟୁ ହୋଇଛି।

### ଘରୁ ସିଲିଣ୍ଡର ଚୋରି

**ରାଉରକେଲା, ୧୪।୭(ସଙ୍ଗୀତା ଜେନା):** ବାସନ୍ତୀ କଲୋନୀ ଏଫ୍ଏଲ୍-୬୪ରୁ ଜଣେ ବ୍ୟକ୍ତିଙ୍କ ଘରେ କେହି ଦୁର୍ବୃତ୍ତ ପଶି ସିଲିଣ୍ଡର ଚୋରି କରିଛନ୍ତି। ଗୃହକର୍ତ୍ତା ଫକୀର ମୋହନ ନାୟକ ଏ ନେଇ ଅଭିଯୋଗ କରିବା ପରେ ଉଦିତନଗର ଥାନା ପୋଲିସ ଏକ ମାମଲା (ନଂ.୨୨୧/୨୩) ରୁଜୁ କରି ତଦନ୍ତ କରୁଛି।




**ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା:** ରାଉରକେଲା ଉଦିତନଗର ମୁଖ୍ୟ ଛକରେ ଟ୍ରାଫିକ୍ ପୋଷ୍ଟ ମୁକୁଳା ପଡିଛି। ଏଠାରେ ଟ୍ରାଫିକ୍ ପୋଲିସ ନ ଥିବାରୁ ଗାଡ଼ିଚାଳକ ମନଇଚ୍ଛା ଯିବାଆସିବା କରୁଛନ୍ତି।

# ବିନା ପାଠ୍ୟପୁସ୍ତକରେ ପାଠପଢ଼ା

**ରାଉରକେଲା,୧୪।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବିଶ୍ରା ଅଞ୍ଚଳର ସରକାରୀ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍କୁଲ ପିଲାମାନଙ୍କୁ ଏଯାଏ ଆବଶ୍ୟକ ପାଠ୍ୟପୁସ୍ତକ ମିଳିନାହିଁ। ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ହସ ଖେଳ ପ୍ରଥମ ଭାଗ, ଓଡିଆ କାର୍ଯ୍ୟ ପୁସ୍ତିକା, ଗଣିତ କାର୍ଯ୍ୟ ପୁସ୍ତିକା, ଭାଷା କାର୍ଯ୍ୟ ପୁସ୍ତିକା ଓ ୭ମ ଶ୍ରେଣୀ ପିଲାଙ୍କୁ ସାମାଜିକ ବିଜ୍ଞାନ ବହି ମିଳି ନ ଥିବାରୁ ସେମାନଙ୍କ ପଢାରେ ଅସୁବିଧା ହେଉଛି। ଗୋଟିଏ ପଟେ ସରକାରୀ ସ୍କୁଲରେ ବିଦ୍ୟାର୍ଥୀମାନଙ୍କ ଉପସ୍ଥାନ ହାର ବୃଦ୍ଧି କରିବା ପାଇଁ ୫-ଟି ଜରିଆରେ ସରକାରୀ ସ୍କୁଲ ସ୍ମାର୍ଟ ସ୍କୁଲରେ ରୂପାନ୍ତର ହେଉଛି। ମାଗଣା ପୋଷାକ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି। ମାତ୍ର ଠିକ୍ ସମୟରେ ଗରିବ ପିଲାମାନଙ୍କୁ ବହି ମିଳୁନାହିଁ।



ରାଉରକେଲାର ଏକ ସରକାରୀ ସ୍କୁଲ ପିଲାଙ୍କୁ ପାଠ୍ୟପୁସ୍ତକ ମିଳିନି।

ରାଉରକେଲା ବିଶ୍ରା ଶିକ୍ଷା ଅଞ୍ଚଳରେ ମୋଟ ୩୧୭ଟି ସରକାରୀ ଓ ବେସରକାରୀ ସ୍କୁଲ ରହିଛି। ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୪ ହଜାର ପିଲା ଅଧ୍ୟୟନ କରୁଛନ୍ତି। ସରକାର ସେମାନଙ୍କୁ ସମସ୍ତ ପାଠ୍ୟ ପୁସ୍ତକ ମାଗଣାରେ ପ୍ରଦାନ କରୁଛନ୍ତି। ୭ମ ଶ୍ରେଣୀ ପିଲାଙ୍କ ପାଇଁ ସାମାଜିକ ବିଜ୍ଞାନ ଏକ ପ୍ରମୁଖ ପାଠ୍ୟକ୍ରମ ରହିଥିବା ବେଳେ ସେମାନଙ୍କୁ ଏଯାଏ ବହି ମିଳିନାହିଁ। ଅନ୍ୟପଟେ ୧ମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କୁ ହସଖେଳ-୨ୟ ଭାଗ ପ୍ରଦାନ କରାଯାଇଥିବା ବେଳେ ପ୍ରଥମ ଭାଗ ମିଳିନାହିଁ। ଫଳରେ ପିଲାମାନେ ପ୍ରଥମ ଭାଗର ପାଠ୍ୟକ୍ରମ ପରିବର୍ତ୍ତେ ଦ୍ୱିତୀୟ ଭାଗ ପାଠ ପଢୁଛନ୍ତି। ଏହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ରାଉରକେଲା ବିଶ୍ରା ବ୍ଲକ ଶିକ୍ଷାଧିକାରୀ ବେଣୁଧର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ମୁ କିଛିଦିନ ହେଲା ଦାୟିତ୍ୱ ଗ୍ରହଣ କରିଛି। ମୋ ଜାଣିବାରେ ଏଯାଏ ବିଶ୍ରା ଶିକ୍ଷାଞ୍ଚଳ ସରକାରୀ ସ୍କୁଲମାନଙ୍କରେ ୭ମ ଶ୍ରେଣୀ ପିଲାଙ୍କୁ ସାମାଜିକ ବିଜ୍ଞାନ ବହି ଦିଆଯାଇନାହିଁ। ୧ମ ଓ ୨ୟ ଶ୍ରେଣୀ ପିଲାଙ୍କ ପାଠ୍ୟପୁସ୍ତକ ବିଷୟରେ ସେ ଜାଣି ନ ଥିବା କହିଥିଲେ।

# ୟୁସିସି ସପକ୍ଷରେ ୬୨୮୫ ମତାମତ ପଠାଇଲା ଭିଏଚ୍‌ପି

**ରାଉରକେଲା, ୧୪।୭(ସଙ୍ଗୀତା ଜେନା)**

ଜୁନ୍ ୧୪ ତାରିଖରେ ରାଷ୍ଟ୍ରୀୟ ବିଧି ଆୟୋଗ ସମାନ ନାଗରିକ ସଂହିତା ସମ୍ପର୍କରେ ସାଧାରଣ ଜନତା, ବୁଦ୍ଧିଜୀବୀ ଓ ଧାର୍ମିକ ସଙ୍ଗଠନଗୁଡ଼ିକଠାରୁ ମତାମତ ଲୋଡିଥିଲେ। ଏଥିପାଇଁ ୩୦ ଦିନ ସମୟସୀମା ନିର୍ଦ୍ଧାରିତ କରାଯାଇଥିଲା। ଏହା ଶୁକ୍ରବାର ଶେଷ ହୋଇଥିବା ବେଳେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସୁନ୍ଦରଗଡ଼ ଜିଲାର ୩ଟି ଉପଖଣ୍ଡରୁ ଇ-ମେଲ ଜରିଆରେ ରାଷ୍ଟ୍ରୀୟ ବିଧି ଆୟୋଗକୁ ୬୨୮୫ ଖଣ୍ଡ ମତାମତ ପଠାଯାଇଛି। ଏ ନେଇ ଭିଏଚ୍‌ପି ପଶ୍ଚିମ ଓଡ଼ିଶା ସମରସତ୍ତା ବିଭାଗ ମୁଖ୍ୟ ଶାନ୍ତନୁ କୁସୁମ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପରେ ମଧ୍ୟ ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ସମାନ ଆଇନ ପ୍ରଣୟନ ନ ହୋଇପାରିବା ବେଶ୍ ଉଦ୍‌ବେଗଜନକ ଅଟେ। ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସମାନ ନାଗରିକ ସଂହିତା ସପକ୍ଷରେ ରାଷ୍ଟ୍ରିୟ ବିଧି ଆୟୋଗକୁ ଜିଲାର ସଦର ଉପଖଣ୍ଡରୁ ୧୬୨୩, ପାନପୋଷ ଉପଖଣ୍ଡରୁ ୨୭୮୪, ବଣାଇ ଉପଖଣ୍ଡରୁ ୧୮୭୮ଟି ମତାମତ ପଠାଯାଇଛି। ଆୟୋଗ ଅତିଶୀଘ୍ର ସମାନ ନାଗରିକ ସଂହିତା ପ୍ରଣୟନ ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ଭିଏଚ୍‌ପି ନେତା କୁସୁମ ମତବ୍ୟକ୍ତ କରିଛନ୍ତି।

# ରାସ୍ତାରେ ନିର୍ମାଣ ସାମଗ୍ରୀ, ଯାତାୟାତରେ ବାଧା

**ରାଉରକେଲା,୧୪।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଛେଣ୍ଡ ବିଏସ୍‌ଏନ୍‌ଏଲ୍ ଛକରୁ ଛେଣ୍ଡ ଡୁପ୍ଲେକ୍ସ କଲୋନୀକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଟ୍ରିପ ଟ୍ରିପ୍ ବାଲି, ଗେଟି ଆଦି ନିର୍ମାଣ ସାମଗ୍ରୀ ଗଦା ହୋଇଛି। ଫଳରେ ଛେଣ୍ଡ ଡୁପ୍ଲେକ୍ସରେ ରହୁଥିବା ୨୦ଟି ପରିବାର ଅସୁବିଧା ହେଉଛନ୍ତି। ସେହିପରି ରାସ୍ତାରେ ଟ୍ରାଫିକ ଜାମ୍ ହେଉଛି। ରାସ୍ତାରେ ନିର୍ମାଣ ସାମଗ୍ରୀ ଗଚ୍ଛିତ ରଖିଲେ ଆର୍‌ଏମ୍‌ସି ଓ ସ୍ମାର୍ଟସିଟି ପକ୍ଷରୁ ଆର୍ଥିକ ଜରିମାନା ନିୟମ ଅଛି। ମାତ୍ର ଏଠାରେ ସରକାରୀ ବିଭାଗ ନିର୍ମାଣ ସାମଗ୍ରୀ ଗଦା କରିଥିବାରୁ ଏହି ନିୟମ ଲାଗୁ ହେଉନାହିଁ। ତୁରନ୍ତ ରାସ୍ତାରୁ ବାଲି, ଗେଟି ହଟାଇବା ପାଇଁ ଡୁପ୍ଲେକ୍ସ ନିକଟରେ ରହୁଥିବା ସନ୍ଧ୍ୟା ମହାନ୍ତି, ବି.ଏସ୍ ଚାଣ୍ଡେଲ, ଡ. ଖାନ, ଏସ.ଏନ ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ବାଲି ଗେଟି ହଟାଇବା ପାଇଁ ନିର୍ମାଣ ବିଭାଗକୁ କୁହାଯିବ ଏବଂ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ସଡ଼କ ସୁରକ୍ଷା ପାଇଁ ଶପଥ ନେଲେ ଛାତ୍ରୀ



ଛାତ୍ରୀମାନେ ସଡ଼କ ସୁରକ୍ଷା ଉପରେ ଶପଥ ନେଉଛନ୍ତି।

**ରାଉରକେଲା, ୧୪।୭(ସଙ୍ଗୀତା ଜେନା)**

ରାଉରକେଲା ସେକ୍ଟର-୨ ସୁଶୀଳାବତୀ ସରକାରୀ ମହିଳା କଲେଜରେ ଶୁକ୍ରବାର ଜାତୀୟ ସଡ଼କ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ସହଯୋଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଓ ରାଜ୍ୟ ପରିବହନ ପ୍ରାଧିକରଣ କର୍ତ୍ତୃପକ୍ଷ ପକ୍ଷରୁ ଏହି ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାକ୍ତନ ପୋଲିସ ଅଧିକାରୀ ସୁମନ ଦତ୍ତ ମୁଖ୍ୟ ଅତିଥି, ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ (ଏନ୍‌ଏଚଏଆଇ)ର ଏସ୍‌ଇ ସଚିନ୍ଦ୍ର ଚୌଧୁରୀ, ଆର୍‌ଏସ୍‌ପି ପ୍ରାକ୍ତନ ଅଧିକାରୀ ସି.ଏସ୍. ଶତପଥୀ, କଲେଜର ସହାୟକ ପ୍ରଫେସର ମନୋଜ ବେହେରା, ନଳିନୀକାନ୍ତ ଧର, ବିବେକ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କଲେଜର ଅଧ୍ୟକ୍ଷା ପ୍ରଫେସର ପଦ୍ମଜା ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଏନ୍‌ଏନ୍‌ଏସ୍ ଅଧିକାରୀ ଅଧ୍ୟାପିକା ଭାରତୀ ମିର୍ଦ୍ଧା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଦର୍ଶ ଅନୁଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ବିଦ୍ୟାଧର ତ୍ରିପାଠୀ ଶିବିର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର, ଯୁବଗୋଷ୍ଠୀ ଗାଡ଼ି ଚାଳନାରେ ସମସ୍ତ ସଡ଼କ ସୁରକ୍ଷା ପାଳନ, ଗାଡ଼ିଚାଳନା ବେଳେ ମୋବାଇଲ ବାରଣ, ବେପରୁଆ ଗାଡ଼ି ଚାଳନା ଆଦି ନ କରିବାକୁ ଅତିଥମାନେ ପରାମର୍ଶ ଦେଇଥିଲେ। ଶେଷରେ ସମସ୍ତେ ସଡ଼କ ସୁରକ୍ଷା ସମ୍ପର୍କରେ ଶପଥ ପାଠ କରିଥିଲେ। ଅଧ୍ୟାପିକା ସୋନିଆ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁନର୍ବସତି ଅଞ୍ଚଳ ଲୋକପ୍ରତିନିଧିଙ୍କ ସହ ମତ ବିନିମୟ




କାର୍ଯ୍ୟକ୍ରମରେ ଉପସ୍ଥିତ ଜନପ୍ରତିନିଧି ଓ ଆର୍‌ଏସ୍‌ପି ଅଧିକାରୀଗଣ।

**ରାଉରକେଲା,୧୪।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଇସ୍ପାତ କାରଖାନାର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଗତ ୧୧ ତାରିଖରେ ପାର୍ଶ୍ୱାଞ୍ଚଳ ଗ୍ରାମଗୁଡିକର ଲୋକପ୍ରତିନିଧିଙ୍କ ସହିତ ଏକ ମତବିନିମୟ କାର୍ଯ୍ୟକ୍ରମ 'ମେଲ୍ ମିଳାପ' ଅନୁଷ୍ଠିତ ହୋଇଥିଲା। ସିଏସ୍‌ଆର କାର୍ଯ୍ୟଧାରାରେ ଜନ ସହଭାଗିତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ ଅଧିବେଶନରେ ସହର ପ୍ରଶାସନ ଓ ସିଏସ୍‌ଆର୍ ବିଭାଗର ସିଜିଏମ ପି. କେ. ସ୍ୱାଇଁ ଅଧକ୍ଷତା କରିଥିଲେ। ଡିଆଇସି ସଚିବାଳୟର ଜିଏମ୍ ପି. କେ. ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ, ସୁଶ୍ରୀ ମୁନମୁନ୍ ମିତ୍ର, ଏଜିଏମ୍ ଏ.ଏନ. ପତି ଓ ଟି.ବି ଟପ୍ପୋ ଉପସ୍ଥିତ ଥିଲେ। ଉଶ୍ରା ଆର୍‌ଏସ୍ କଲୋନୀ, ବାଙ୍କିବାହାଲ ଓ ଜୟଡେଗା ଆର୍‌ଏସ୍ କଲୋନୀର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଉକ୍ତ ପୁନର୍ବସତି କଲୋନୀର ଲୋକ ପ୍ରତିନିଧିମାନେ ସେମାନଙ୍କ ପାଇଁ ପିଚୁ ଓ କଂକ୍ରିଟ୍ ରାସ୍ତା, ସୌର ଆଲୋକ, କମ୍ୟୁନିଟି ସେଣ୍ଟର, ମନ୍ଦିର। ଜଳାଶୟରେ ମାଛ ଯାଆଁଳ ଛଡାଯିବା, ଡ୍ରେନେଜ ଭଳି ସୁବିଧା ଯୋଗାଇ ଦେଇଥିବାରୁ ଆର୍‌ଏସ୍‌ପିକୁ ପ୍ରଶଂସା କରିଥିଲେ। ସୁଶ୍ରୀ ମୁନମୁନ ମିତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବନ୍ଦ ଘରୁ ସୁନାଗହଣା ଚୋରି

**ରାଉରକେଲା,୧୪।୭(ସଙ୍ଗୀତା ଜେନା)**

ଛେଣ୍ଡ ଥାନା ଅନ୍ତର୍ଗତ ଫୁଟୋ ମଲ୍ ନିକଟରେ ଥିବା ବ୍ୟାଙ୍କ କଲୋନୀରେ ଜଣେ ବ୍ୟାଙ୍କ ଅଧିକାରୀଙ୍କ ବନ୍ଦ ଘରୁ ସୁନାଗହଣା ଓ ନଗଦ ଟଙ୍କା ଚୋରି ହୋଇଛି। ଏ ନେଇ ଅଭିଯୋଗ ହୋବ ପରେ ପୋଲିସ ମାମଲା (ନଂ.୯୬/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ବ୍ୟାଙ୍କ କଲୋନୀ କ୍ୱାର୍ଟର ନମ୍ବର-୩୭ର ମହାଲି ଏକ୍କା ଜୁନ ୩୦ ତାରିଖରେ ନିଜ ଗ୍ରାମକୁ ଯାଇଥିଲେ ଏବଂ ତାଙ୍କ ପଡୋଶୀ କାହ୍ନୁଚରଣ ସୋରେନଙ୍କୁ ଘର ଦେଖିବାକୁ କହି ଯାଇଥିଲେ। ଗତ ୧୧ ତାରିଖରେ ଘର ତାଲା ଭଙ୍ଗାଯାଇଥିବା ଏବଂ ନଗଦ ୩୦ ହଜାର ଟଙ୍କା ସହ ପ୍ରାୟ ୩ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା କାହ୍ନୁ ଦେଖିଥିଲେ। ଗୁରୁବାର ରାତିରେ ସେ ଏତଲା ଥାନାରେ ଦେଇଥିଲେ ।

# ଜଗଦାରେ ଜବରଦଖଲ ଉଚ୍ଛେଦ

**ରାଉରକେଲା, ୧୪।୭(ସଙ୍ଗୀତା ଜେନା)**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଟାଉନ ସର୍ଭିସେସ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଜଗଦାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ସେକ୍ଟର-୩ ଥାନା ପୋଲିସ ଉପସ୍ଥିତିରେ କର୍ତ୍ତୃପକ୍ଷ ଏହି ସ୍ଥାନ ଖାଲି କରାଇଥିଲେ। ଏଠାରେ ଥିବା ୩ ଜଣ ଦୋକାନୀଙ୍କୁ ୨ ଦିନ ତଳେ ଜାଗା ଖାଲି କରିବାକୁ କୁହାଯାଇଥିଲା। ଶୁକ୍ରବାର ଜେସିବି ସାହାଯ୍ୟରେ ଉଚ୍ଛେଦ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଏହି ପ୍ରକ୍ରିୟାରେ ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ଜଳଖିଆ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ବିଧବା ମହିଳା ମଙ୍ଗଳି କମାର(୫୦)ଙ୍କ ଦୋକାନକୁ ଉଚ୍ଛେଦ କରାଯାଇଛି। ମଙ୍ଗଳି କହିଛନ୍ତି, ଅଙ୍କୁରପାଲୀ ବାଲିମୁଣ୍ଡା ଗ୍ରାମରେ ତାଙ୍କ ଘର। ଦୀର୍ଘବର୍ଷ ତଳେ ସେ ସ୍ୱାମୀଙ୍କ ସହ ରାଉରକେଲା ଚାଲିଆସିଥିଲେ। ସ୍ୱାମୀ ଚେତେ କମାର ରୋଗରେ ପଡ଼ି ପ୍ରାୟ ୯ବର୍ଷ ତଳେ ଆରପାରିକୁ ଚାଲିଗଲେ। ପୁଅ ବିବାହ ପରେ ତାଙ୍କୁ ଘରୁ ତଡ଼ିଦେଲା। ଦୋକାନକୁ ସାହାରା କରି ସେ ଚଳୁଥିଲେ। ଦୋକାନରେ ଚା' ଜଳଖିଆ ବିକି ସେଠାରେ ରହିଯାଉଥିଲେ। ତେବେ ଜବରଦଖଲ ଉଚ୍ଛେଦ ଯୋଗୁ ରୋଜଗାର ବନ୍ଦ ହୋଇଗଲା। ସେହିପରି ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ପାନଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ସୁପ୍ରିୟନୁସ ଯୋଯୋ ମଧ୍ୟ କ୍ଷତି ସହିଥିବା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ଦୋକାନ ରୋଜଗାରର ଏକମାତ୍ର ପନ୍ଥା ଥିଲା। ଜବରଦଖଲ ଉଚ୍ଛେଦ ହେଲା, କିଛି ଆପତ୍ତି ନାହିଁ। ହେଲେ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ଥଇଥାନ ଆଶ୍ୱାସନା ମିଳିଲାନାହିଁ। ଅନ୍ୟସ୍ଥାନରେ ଜବରଦଖଲ ଉଚ୍ଛେଦ ହେଲେ ଲୋକଙ୍କୁ ଥଇଥାନ କରାଯାଇଥାଏ। ସେହିପରି ଆମକୁ ମଧ୍ୟ ଥଇଥାନ କରାଯାଉ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସେକ୍ଟର-୧ରୁ ଜଗଦା ଅଞ୍ଚଳରେ ବହୁ ଉଠାଦୋକାନ ଗଢ଼ିଉଠିଥିଲା। ଆର୍‌ଏସ୍‌ପି ପ୍ରଶାସନ ପକ୍ଷରୁ ସେଗୁଡ଼ିକୁ ମେ ମାସରେ ଉଚ୍ଛେଦ କରାଯାଇଥିଲା। ହେଲେ ଜଗଦା କମ୍ୟୁନିଟି ସେଣ୍ଟର ଓ ଯୋଡ଼ା ପାଣିଟାଙ୍କି ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ୩ଟି ପୁରାତନ ଦୋକାନକୁ ବାଦ୍ ଦିଆଯାଇଥିଲା। ଆଜି ସେଗୁଡିକୁ ଭଙ୍ଗାଯାଇଛି।



ଜଗଦା ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଛି।

# ୧୧୫୦ ଚାରା ଲଗାଇଲେ ଛାତ୍ରୀଛାତ୍ର

## ଆର୍‌ଏସ୍‌ପିର ଗଣ ବୃକ୍ଷରୋପଣ ଉତ୍ସବ

**ରାଉରକେଲା,୧୪।୭(ବିପ୍ଳବ ରଞ୍ଜନ ଦାଶ)**




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଆରଏସପି ପକ୍ଷରୁ ସେକ୍ଟର-୧ ସ୍ଥିତ ଇସ୍ପାତ ବୃକ୍ଷ ବିହାରରେ ଗୁରୁବାର ଗଣ ପରିବେଶ ସଚେତନତା ଓ ବୃକ୍ଷରୋପଣ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ବିଦ୍ୟାଳୟର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ଏବଂ ସିଆଇଏସ୍‌ଏଫ୍ ଅଂଶଗ୍ରହଣ କରିଥିଲେ। ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡାକ୍ତର ଏ. କେ. ମିଶ୍ର, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡାକ୍ତର ଅନୁପ ମଲ୍ଲିକ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ଖଣି ବିଭାଗର ସିଜିଏମ୍ ଇନଚାର୍ଜ ପି. କେ. ରଥ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଇନଚାର୍ଜ ଏ. କେ. ବେହୁରିଆ, ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ଅଶୋକ ଜଲ୍ଲାନିଆଙ୍କ ସମେତ ବହୁ ମୁଖ୍ୟ ପ୍ରବନ୍ଧକ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭୌମିକ ପ୍ରଥମ ଚାରା ରୋପଣ କରିବା ପରେ ପ୍ରାୟ ୨ଏକର ପରିମିତ ଜମିରେ ଅଶୋକ, ନିମ୍ବ, ଛତିଆନା, କର, ଅର୍ଜୁନ, ପଡୁଲି, ଜାମୁନ, ମହୋଗାନି, ପଣସ, କଇଁଥ, ଶିଶୁ, ବକୁଳ, ଫଣାଫଣ, ମୁଚୁକୁନ୍ଦା, ଅଶ୍ୱସ୍ତ, ବରଗଛ, ମାଙ୍କଡ କେନ୍ଦୁ ଓ ଲାଲ ଚନ୍ଦନ କିସମର ପ୍ରାୟ ୧୧୫୦ ବୃକ୍ଷରୋପଣ କରାଯାଇଥିଲା। ସହର ଇଞ୍ଜିନିୟରିଂ ଉଦ୍ୟାନ କୃଷି ବିଭାଗର ଡିଜିଏମ ଡାକ୍ତର ଅଭିଜିତ ବିଶ୍ୱାସ ବୃକ୍ଷରୋପଣ କାର୍ଯ୍ୟଧାରା ଉପରେ ଅତିଥିମାନଙ୍କୁ ଅବଗତ କରାଇଥିଲେ। ସେକ୍ଟର-୨୦ର ଇସ୍ପାତ ଇଂରାଜୀ ମାଧମ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପରିବେଶ ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ। ଉଦ୍ୟାନ କୃଷି ବିଭାଗର ସିନିୟର ମ୍ୟାନେଜର ଡାକ୍ତର ସତ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ଆର୍‌ଏସ୍‌ପି ଇସ୍ପାତ ସହର ଓ ଏହାର ଆଖପାଖ ଅଞ୍ଚଳରେ ଅଦ୍ୟାବଧି ୫୨ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିଛି। ଚଳିତ ବର୍ଷ ଉଭୟ କାରଖାନା ଏବଂ ଶିଳ୍ପାଞ୍ଚଳରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଚାରା ଲଗାଇବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି।

## ସ୍କୁଲକୁ ଉତ୍ସବ ପରିବାରର ସହାୟତା

ସମ୍ବଲପୁର,(ଶୁଭାଶିଷ ପାଢୀ): ଯୁଯୁମୁରାର ସାମାଜିକ ଅନୁଷ୍ଠାନ ଉତ୍ସବ ପରିବାର ଗୁରୁବାର ନାକଟିଦେଉଳ ବ୍ଲକ କିସିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ସହାୟତା ସ୍ୱରୂପ ରୋଷେଇ ଉପକରଣ ପ୍ରଦାନ କରିଛି। ଏହା ସହ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଯଥା ସମ୍ଭବ ସହାୟତା କରିବେ ବୋଲି କର୍ମକର୍ତ୍ତା ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସ୍କୁଲର ସଭାପତି ପ୍ରିୟରଞ୍ଜନ ପ୍ରଧାନ ଓ ଗୁରୁମା, ଗୁରୁଜୀ ଉପସ୍ଥିତ ରହିଥିଲେ। ଉତ୍ସବ ପରିବାର ପକ୍ଷରୁ ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ମୁକେଶ ଜରିୱାଲ, ଅଜୟ ବେହେରା, ରାଜେଶ ସାହୁ, ଟାମ୍ପରଗଡ ସରପଞ୍ଚ କ୍ଷିରୋଦ ରାଉଳ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ବର୍ଷା ନାହିଁ: ଶୁଖିବାକୁ ବସିଲାଣି ଧାନତଳି

ପଡିଆବାହାଲ, ୧୪।୭(ରାଧାମୋହନ ଷଡ଼ଙ୍ଗୀ): ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଡିଆବାହାଲ ଅଞ୍ଚଳରେ ବର୍ଷା ଅଭାବରୁ ଚାଷକାମ ଆଗେଇପାରୁ ନାହିଁ। ପ୍ରଥମ ମୌସୁମୀ ବର୍ଷାରେ ଚାଷୀ ତଳି ପକାଇଥିଲେ ମଧ ତାହା ଶୁଖିବାକୁ ବସିଲାଣି। ତଥାପି ଟେକାପାଣି ଦେଇ କୌଣସିମତେ ତଳି ବଞ୍ଚାଇବାକୁ ଚେଷ୍ଟା ଜାରି ରଖିଛି। ଉଠା ଜଳସେଚନର ସୁବିଧା ନାହିଁ। ବର୍ଷାକୁ ଚାହିଁ ଚାଷୀ ହତାଶ ହୋଇ ବସିଛି। ବାହାମ, ଖଲିଆପାଲି, ପଧାନପାଲି, ବଡ଼ତୁରାଙ୍ଗ, କଦଳିମୁଣ୍ଡା, ଲାଲମୁନି, ବାରିବନ୍ଧ ଆଦି ଅଞ୍ଚଳର ଚାଷୀମାନେ ବର୍ଷାକୁ ଅନାଇ ହତାଶ ହୋଇପଡିଛନ୍ତି। ଜଳାଭାବରୁ ପରିବା ଚାଷ ମଧ ଆରମ୍ଭ ହୋଇପାରି ନାହିଁ।

### କେଶୈଇବାହାଲ ହାଇସ୍କୁଲରେ ବନମହୋତ୍ସବ

ଜମନକିରା,୧୪।୭ (ରବୀନ୍ଦ୍ର ପ୍ରସାଦ ଦାନି): ବାମରା ବ୍ଲକ କେଶୈଇବାହାଲ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷୟିତ୍ରୀ ବଲ୍ଲଭୀ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ଅବସରପ୍ରାପ୍ତ ଅଧକ୍ଷ ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇ ଶପଥପାଠ କରାଇଥିଲେ। ପରିବେଶବିତ୍ ରବୀନ୍ଦ୍ର କୁମାର ଦାସ ମୁଖ୍ୟବକ୍ତା, ସାମାଜିକ କର୍ମୀ ଅମୂଲ୍ୟ ରାୟ, ପଣ୍ଡିତ ଅଲେଖ କୁମାର ପତି, ବୀଣାପାଣି ନାଏକ, ମିନାକ୍ଷୀ ଦ୍ୱିବେଦୀ, ନିରୁପମା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ। ପରେ ରୋହିତ ପଟେଲ, ପରି ନାଏକ, ଉଦୟ ଦ୍ୱିବେଦୀ, ପଦ୍ମ ଲୋଚନ ଗୁରୁ, ତୁଳସୀ ମଞ୍ଜରୀ ବହିଦାର ପ୍ରମୁଖଙ୍କ ପରିଚାଳନାରେ ଶତାଧିକ ଚାରା ରୋପଣ କରାଯାଇଥିଲା। ଶେଷରେ ପ୍ରତ୍ୟେକ ଚାରାର ଯତ୍ନନେବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କ ମଧରେ ଦାୟିତ୍ୱ ବାଣ୍ଟିଥିଲେ।

### ଲୋକନାଟକରେ ଆଦିତ୍ୟଙ୍କୁ ଯୁବ ସ୍କଲାରଶିପ

ସମ୍ବଲପୁର,୧୪।୭(ବି.ଶଙ୍କର): ଲୋକନାଟକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସମ୍ବଲପୁରର ଯୁବମଞ୍ଚ କଳାକାର ଆଦିତ୍ୟ ସାହା ସ୍କଲରଶିପ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୦୨୧-୨୨ ବର୍ଷ ସକାଶେ ସେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଚୟନ ହୋଇଛନ୍ତି। ପ୍ରଥମ ଲୋକ ରଙ୍ଗମଞ୍ଚ ସିସିଆରଟି ଅନୁଭାଗରେ ସେ ପ୍ରଥମ ପ୍ରୟାସରେ ସଫଳତା ହାସଲ କରିଛନ୍ତି। ଓଡ଼ିଶାର କେବଳ ଦୁଇଜଣ ଛାତ୍ର ଏହି ସଫଳତା ହାସଲ କରିଛନ୍ତି। ସେ ଦୁଇବର୍ଷ ସକାଶେ ଏହି ସ୍କଲାରଶିପ ପାଇବେ। ସୂଚନାଯୋଗ୍ୟ, ନାଟ୍ୟ ନିର୍ଦ୍ଦେଶକ ଅତିଶ କୁମାର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଦିତ୍ୟ ପ୍ରଶିକ୍ଷଣ ନେଉଛନ୍ତି। ସେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟ ବିଭାଗର ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପ୍ରାୟ ୧୩ବର୍ଷ ହେବ ଅଦୃଶ୍ୟ ନାଟ୍ୟ ଆଶ୍ରମ ସହିତ ଜଡିତ ଅଛନ୍ତି।

### ୫-ଟି ସଚିବଙ୍କ ଗସ୍ତକୁ ନେଇ କୁଚିଣ୍ଡା ଚଳଚଞ୍ଚଳ

କୁଚିଣ୍ଡା,୧୪।୭(ବିରଞ୍ଚି ଦର୍କା): ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଶନିବାର କୁଚିଣ୍ଡା ଗସ୍ତକୁ ନେଇ କୁଚିଣ୍ଡା ଚଳଚଞ୍ଚଳ ହୋଇଉଠିଛି। କାର୍ଯ୍ୟକ୍ରମ ସଫଳ କରିବାକୁ କୁଚିଣ୍ଡା ପ୍ରଶାସନ ରାତିଦିନ ଲାଗିପଡ଼ିଛି। ଏହି ଗସ୍ତ ସମୟରେ ସଚିବ କୁଚିଣ୍ଡା ହାଇସ୍କୁଲସ୍ଥିତ ନିର୍ମାଣାଧୀନ ଇଣ୍ଡୋର ଷ୍ଟାଡିୟମ ପରିଦର୍ଶନ, ଫରେଷ୍ଟପାର୍କ ମିଶନ ଶକ୍ତି କାଫେ ପରିଦର୍ଶନ ସହ ଏସ୍ଏଚ୍‌ଜିଙ୍କ ସହ ଆଲୋଚନା, ମୁକୁନ୍ଦି ଷ୍ଟାଡିୟମରେ ଅଭିଯୋଗ ଗ୍ରହଣ ସଭାସ୍ଥଳ ଓ କଲେଜ ପଡିଆ ହେଲିପ୍ୟାଡ, ବାମରା ବ୍ଲକର ଘନସରା ହେଲିପ୍ୟାଡ, ଗଡପୋଷସ୍ଥିତ ନିର୍ମାଣାଧୀନ ହକି ଷ୍ଟାଡିୟମ ପରିଦର୍ଶନ କରିବେ। ଏସବୁର ପ୍ରସ୍ତୁତିରେ ଯେଭଳି କୌଣସି ତ୍ରୁଟିବିଚ୍ୟୁତି ନ ହୁଏ ସେଥିନିମନ୍ତେ ପ୍ରଶାସନ ପକ୍ଷରୁ ସମୀକ୍ଷା କରାଯାଇଛି। ଏହା ସରକାରୀ କାର୍ଯ୍ୟକ୍ରମ କୁହାଯାଉଥିଲେ ହେଁ ବିଜେଡି କର୍ମକର୍ତ୍ତା କାର୍ଯ୍ୟକ୍ରମ ଯେଭଳି ସଫଳ ହେବ ସେଥିରେ ଲାଗିପଡ଼ିଛନ୍ତି।

# ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାମ ସାର

## ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବଙ୍କ ସମୀକ୍ଷା

ସମ୍ବଲପୁର,୧୪।୭(ବି.ଶଙ୍କର)


ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟରକୁ ଉଦ୍‌ଘାଟନ କରୁଛନ୍ତି ଶକ୍ତି ବିଭାଗ ଅତିରିକ୍ତ ସଚିବ।

ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଶୁକ୍ରବାର ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏଥିସହ ସେ କମ୍ପାନୀ ଦ୍ୱାରା ନିର୍ମିତ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟରର ଶୁଭ ଉଦ୍‌ଘାଟନ କରିଥିଲେ। ପରେ ଟିପିଡବ୍ଲ୍ୟୁଓଡିଏଲ ଓ ଓପିଟିସିଏଲ୍‌ର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ସଚିବ ଧଳ ଅଧକ୍ଷତା କରି ସରକାରୀ ଅନୁଦାନ ତଥା ପ୍ରକଳ୍ପଗୁଡିକ ବିଷୟରେ ଆଲୋଚନା କରିଥିଲେ। ନିର୍ଦ୍ଧାରିତ ସମୟ ମଧରେ ସମସ୍ତ ପ୍ରକଳ୍ପ ଶେଷ ହେବା ନେଇ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ଟିପିଡବ୍ଲ୍ୟୁଓଡିଏଲ୍ ଓ ଓପିଟିସିଏଲ୍ ଅଧିକାରୀଙ୍କ ସହ ଗୋଶାଳାସ୍ଥିତ ଟ୍ରେନିଂ ସେଣ୍ଟର, ସମ୍ବଲପୁର ପାଞ୍ଚଗଛିଆ କଲ ସେଣ୍ଟର ଓ ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ଓଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ଉପସ୍ଥିତ ଥିଲେ।

# ଉଠାଜଳସେଚନ ପ୍ରକଳ୍ପ ପାଇପ୍ ମରାମତି ଦାବି

ସମ୍ବଲପୁର,୧୪।୭(ବି.ଶଙ୍କର)

ମାନେଶ୍ୱର ବ୍ଲକ ଧମା ଗ୍ରାମପଞ୍ଚାୟତ ଚାରପାଲି ଗ୍ରାମର ଉଠାଜଳସେଚନ ପ୍ରକଳ୍ପ ପାଇପ୍ ଫାଟିଯାଇଥିବାରୁ ଚାଷକାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପ୍ରାୟ ୧୦ବର୍ଷ ହେବ ଏହାର ମରାମତି ପାଇଁ ଦାବି ହୋଇଆସୁଥିଲେ ମଧ ସୁଫଳ ମିଳିନାହିଁ। ଶୁକ୍ରବାର ଏ ନେଇ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସମ୍ବଲପୁର ବିନାଖଣ୍ଡିସ୍ଥିତ ଉଠାଜଳସେଚନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ବିହିତ ପଦକ୍ଷେପ ନେବାକୁ ଦାବି କରିଥିଲେ। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ହରିହର ମହାନନ୍ଦ, ପ୍ରଦୀପ ସୂପକାର, ଭବାନୀ ଶଙ୍କର, ରଞ୍ଜିତ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ବୃକ୍ଷ ରୋପଣ କରି ଜନ୍ମ ଦିନ ପାଳନ

ଜମନକିରା,୧୪।୭ (ରବୀନ୍ଦ୍ର ପ୍ରସାଦ ଦାନି)

ସମ୍ବଲପୁର ଜିଲା କୁସୁମୀ ଅଞ୍ଚଳର ସାମାଜିକ କର୍ମୀ ଅମୂଲ୍ୟ ରାୟ ଅଁଳାପୋଷି ଗ୍ରାମ୍ୟ ଜଙ୍ଗଲରେ ବୃକ୍ଷରୋପଣ କରି ତାଙ୍କର ଏକମାତ୍ର କନ୍ୟା ଆରାଧାର ୧୧ତମ ଜନ୍ମଦିନ ପାଳନ କରିଛନ୍ତି। ଏହାସହ କୁଚିଣ୍ଡା ରେଡକ୍ରସ ଭବନରେ ରକ୍ତଦାନ ଶିବିର ମଧ ଆୟୋଜନ କରିଥିଲେ। ଅବସରପ୍ରାପ୍ତ ଅଧକ୍ଷ ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। ରଙ୍ଗିଆଟିକିରା ସରପଞ୍ଚ ସମୀର ବରିହା, ନିରାକାର ରାୟ, ଯତୀନ ଗୌଡ଼, ତପନ ଗୌଡ଼, ଯତୀନ ଗୌଡ଼, ଅମୂଲ୍ୟ ରାୟ, ତପନ ସାମନ୍ତ, ଯତୀନ ଗୌଡ଼ ପ୍ରମୁଖ ରକ୍ତଦାନ କରିଥିଲେ। ସେହିପରି ତାପସ ମହାନ୍ତି, ବିନ୍ଦୁସାଗର ପଟେଲ, ଶୁଭମ ରାୟ, ମାତା ଗୀତା ନାଏକ, ତରୁଣ ନାଏକ, ପୂର୍ଣ୍ଣଚନ୍ଦ୍ର ଲୁହା, ଲିପୁନ ଗୌଡ଼, ଆଶିଷ ନାୟକ ସଲିମ କିଶାନ ପ୍ରମୁଖ ଶାଗୁଆନ, ଜମ୍ବୁ, ଆମ୍ବ, ବଡ ଚାକୁଣ୍ଡା ଆଦି ଶତାଧିକ ଚାରା ରୋପଣ କରିଥିଲେ।


ଚାରା ରୋପଣ କରୁଛନ୍ତି ଛାତ୍ରୀଛାତ୍ର।

# ଲୋକାର୍ପଣ ହେଲା ଜିଏମ୍‌ୟୁ ପ୍ରେକ୍ଷାଳୟ



ଲୋକାର୍ପଣ ଉତ୍ସବରେ ଅତିଥିମାନେ।

ସମ୍ବଲପୁର,୧୪।୭(ଶୁଭାଶିଷ ପାଢୀ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ନବନିର୍ମିତ ପ୍ରେକ୍ଷାଳୟ ଶୁକ୍ରବାର ଲୋକାର୍ପିତ ହୋଇଛି। ଆଭାସୀ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଡିହୋଇ ଜୟ ମା' ସମଲେଇ, ସମସ୍ତଙ୍କୁ ଜୁହାର, ଆଜି ପଶ୍ଚିମ ଓଡିଶାରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଆରମ୍ଭ ହେଲା। ଏହି ପ୍ରେକ୍ଷାଳୟରେ ଅତ୍ୟାଧୁନିକ ସୁବିଧା ରହିଛି। ସଭା କାର୍ଯ୍ୟକ୍ରମ କରିବାରେ ସୁବିଧା ହେବ। ପଶ୍ଚିମ ଓଡିଶାର ବିକାଶରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଜିଏମ୍‌ୟୁ ପରିସରରେ ଉଦ୍‌ଘାଟନୀ ଉତ୍ସବରେ କୁଳପତି ପ୍ରଫେସର ଏନ୍ ନାଗାରାଜୁ, ଆରଡିସି ଡ. ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଅନନ୍ୟା ଦାସ, କୁଳସଚିବ ଯୁଗଲେଶ୍ୱରୀ ଦାଶ ଉପସ୍ଥିତ ରହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟ, ୨୦୧୭ରେ ଅଡିଟୋରିୟମ୍ ପାଇଁ ମୂଳଦୁଆ ପକାଯାଇଥିଲା। କିନ୍ତୁ ପ୍ରକଳ୍ପର କାର୍ଯ୍ୟ ୨୦୧୯ ମସିହା ମେ ମାସରେ ଆରମ୍ଭ ହୋଇଥିଲା।

# ନିହାଲ ସିଂଙ୍କୁ ରେଡ୍‌କ୍ରସ ମେରିଟ୍ ସାର୍ଟିଫିକେଟ

ସମ୍ବଲପୁର,୧୪।୭(ଶୁଭାଶିଷ ପାଢୀ)

ସମ୍ବଲପୁରର ସମାଜିକ କର୍ମୀ ନିହାଲ ସିଂଙ୍କୁ ରେଡକ୍ରସ୍ ମେରିଟ୍ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଏ ନେଇ ସୂଚନା ମିଳିବା ପରେ ସିଂ ଗୁରୁବାର ଦିଲ୍ଲୀ ଗସ୍ତ କରିଛନ୍ତି। ଆସନ୍ତା ୧୭ ତାରିଖରେ ରାଷ୍ଟ୍ରପତି ଭବନରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ସିଂ ୨୦୧୭ରେ ଜିଲା ରେଡକ୍ରସ ପକ୍ଷରୁ ଶ୍ରେଷ୍ଠ ସାମାଜିକ କର୍ମୀ ଭାବେ ସମ୍ମାନ ଗ୍ରହଣ କରିଥିଲେ। ଦୈବଦୁର୍ବିପାକ,ଅସହାୟ ରୋଗୀଙ୍କ ସେବାଠାରୁ ରକ୍ତଦାନ ଶିବିର ଭଳି ଆୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥାନ୍ତି। କୋଭିଡ୍ ସମୟରେ ସମ୍ବଲପୁର ଓ ବୁର୍ଲାଠାରେ କୋଭିଡ୍ ରୋଗୀଙ୍କ ସେବାଠାରୁ ଶବ ସତ୍କାର ଯାଏ ବହୁ ସେବା ପ୍ରଦାନ କରି ପ୍ରଶଂସା ସାଉଁଟିଥିଲେ।

# ବିଦ୍ୟୁତ ତାର ଚୋରି ଅଭିଯୋଗ: ୭ ଗିରଫ

କୁଚିଣ୍ଡା,୧୪।୭(ବିରଞ୍ଚି ଦର୍କା)



ଗିରଫ ଅଭିଯୁକ୍ତମାନେ।

କୁଚିଣ୍ଡା ଥାନା ଅନ୍ତର୍ଗତ ଜମନକିରା ବ୍ଲକ ମହଦା ଜଙ୍ଗଲ ଅଞ୍ଚଳରୁ ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନେ ଏବେ ଜେଲ ହାଜତରେ ଅଛନ୍ତି। ସେମାନେ ହେଲେ ସମ୍ବଲପୁର ଜିଲା ଶାସନ ଥାନା ଖୁଲିଆ ଗ୍ରାମର ଆକାଶ ମୁଣ୍ଡା(୨୨), ମିଳନ ବାର୍ଲା(୩୩), ଅରବିନ୍ଦ ବେସନ(୩୨), ଫକିର ମୋହନ ଆଇନ୍ଦ(୨୧), ରାହୁଲ ପାଇକ(୨୦), ବେଦବ୍ୟାସ ମୁଣ୍ଡା(୨୩) ଓ ଉକ୍ତ ଶାସନ ଥାନା ଅଧୀନ ମାଲଗୁନ୍ଦ ଗ୍ରାମର ସମ୍ପଦ ମୁଣ୍ଡା(୨୩)। ତାର ଚୋରି ସମ୍ପର୍କରେ କୁଚିଣ୍ଡା ଉପଖଣ୍ଡ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୁବ୍ରତ ପଣ୍ଡାଙ୍କ ପରାମର୍ଶ କ୍ରମେ ଗତ ୧୨ ତାରିଖରେ ଜମନକିରା କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ସାହୁ କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୭/୨୩) ରୁଜୁ କରିଥିଲା। ରୁଜୁ ହୋଇଥିବା ମାମଲାକୁ ପୋଲିସ ୩୭୯/୩୪ ଆଇପିସିରେ ରୂପାନ୍ତର କରି ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଗିରଫ ୭ ଅଭିଯୁକ୍ତଙ୍କ ସହ ସମ୍ବଲପୁରର ଅନ୍ୟ ଦୁଇଜଣ ବ୍ୟକ୍ତି ଗତ ୧୧ ତାରିଖ ରାତିରେ ମହଦା ଜଙ୍ଗଲ ଅଞ୍ଚଳକୁ ଆସି ୧୪ଗୋଟି ବିଦ୍ୟୁତ ଖୁଣ୍ଟରୁ ଆଲୁମିନିୟମ ତାର କାଟି ଚୋରି କରିଥିଲେ। ତଦନ୍ତ ପରେ ପୋଲିସ ଚୋରି ତାରକୁ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।

# କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଛାତ୍ର ଅଳଙ୍କରଣ ସମାରୋହ

ସମ୍ବଲପୁର,୧୪।୭(ବି.ଶଙ୍କର)

ସମ୍ବଲପୁଲ ବୁର୍ଲାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଛାତ୍ର ଅଳଙ୍କରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୭୮ ସଦସ୍ୟ ବିଶିଷ୍ଟ ଛାତ୍ର ପରିଷଦ ଗଠନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପ୍ରବନ୍ଧନ ସମିତିର ସଦସ୍ୟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ରାମନରେଶ ମହାଲିଙ୍ଗ ମୁଖ୍ୟଅତିଥି, ବିଦ୍ୟାଳୟ ଅଧକ୍ଷ ଗଣେଶ ପଧାନ, ବରିଷ୍ଠ ଶିକ୍ଷକ ସନାତନ ବାଞ୍ଜି, ସୁଧାଂଶୁ ଶେଖର ଭୋଇ, ଗାୟତ୍ରୀ ମିଶ୍ର, ରୀନା ସିଂହ ଯୋଗଦେଇଥିଲେ। ବିଦ୍ୟାଳୟ କ୍ୟାପଟେନ ଭାବେ ଛାତ୍ର ବର୍ଗରେ ଅଭିଷେକ ସିଂହ ଓ ଛାତ୍ରୀ ବର୍ଗରେ ଶ୍ରେୟା ମହାକୁଡ଼ଙ୍କୁ ଚୟନ କରାଯାଇଛି।

# ଧନୁପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପକରଣ ପ୍ରଦାନ

ସମ୍ବଲପୁର,୧୪।୭(ଶୁଭାଶିଷ ପାଢୀ)

ସମ୍ବଲପୁର ଧନୁପାଲି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦାନ୍ୟ ବ୍ୟକ୍ତିବିଶେଷ ବିଭିନ୍ନ ଉପକରଣ ପ୍ରଦାନ କରିଛନ୍ତି। ରୋଗୀ ଦେଖିବା ପାଇଁ ଦୁଇଟି ଟେବୁଲ, ତିନି ସିଟ୍ ବିଶିଷ୍ଟ ୨ଟି ଚେୟାର, ୨ଟି ଡଷ୍ଟ ବିନ୍, ୯ଖଣ୍ଡ ବେଡସିଟ୍, ଗୋଟିଏ ଫ୍ରିଜ୍ ପ୍ରଦାନ କରିଥିଲେ। ଆଗକୁ ମଧ ସ୍ୱାସ୍ଥ୍ୟକେନ୍ଦ୍ର ସହ ଜଡିତ ରହି ସୁବିଧା ଅସୁବିଧା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ରାହୁଲ ରାଜ, ପଙ୍କଜ ଅଗ୍ରୱାଲ, ରୋସନ ଗୋୟଲଙ୍କ ସମେତ ମେଡିକାଲ ଅଫିସର ଡା. ମୋନିକା ନନ୍ଦ, ଜନଆରୋଗ୍ୟ ସମିତି ସଦସ୍ୟ ନରୋତ୍ତମ ଗୁରୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ଧନୁପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପକରଣ ଦିଆଯାଉଛି।

# ଗଞ୍ଜେଇ ଜବତ, ଜଣେ ଗିରଫ

ରେଢାଖୋଲ,୧୪।୭ (ଅଚ୍ୟୁତାନନ୍ଦ ପୁରୋହିତ)

ବୌଦ୍ଧ-ରେଢାଖୋଲ ରାସ୍ତାର କନ୍ଧରା ଗ୍ରାମ ନିକଟରେ ଶୁକ୍ରବାର ଅବକାରୀ ବିଭାଗ ଚଢାଉ କରି ୨କେଜି ଗଞ୍ଜେଇ ସହ ଏକ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ବୌଦ୍ଧ ଥାନା ବଘିଆପଡା ଗ୍ରାମର ମୋହନ କୁମ୍ଭାର (୨୮)ଙ୍କୁ ଗିରଫ କରାଯାଇଥିବା ଅବକାରୀ ନିରୀକ୍ଷକ ଯାଦବ ପ୍ରଧାନ କହିଛନ୍ତି। ଏ ନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ସ୍ଥାନୀୟ ଏଡିଜେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବୌଦ୍ଧ ଅଞ୍ଚଳରୁ ବାଇକ (ଓଡି ୨୭ସି-୭୬୨୨) ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ଅବକାରୀ ଏଏସ୍‌ଆଇ ବିନୋଦିନୀ ବେହେରା, କନଷ୍ଟେବଳ ଶାନ୍ତନୁ ବେହେରା, ଶ୍ୟାମ ଭୋଇ ପ୍ରମୁଖ ଚଢାଉ କରିଥିଲେ।


ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍।

# 'ସାହସ ଅଛି ତ ଚାକିରି ଛାଡି ରାଜନୀତି କର'

ସମ୍ବଲପୁର,୧୪।୭(ଶୁଭାଶିଷ ପାଢୀ)



ଖବରଦାତା ସମ୍ମିଳନୀରେ ଦଳୀୟ ନେତାମାନେ।

## ୫-ଟି ସଚିବଙ୍କ ଗସ୍ତକୁ ଭାଜପାର ବିରୋଧ

ଶନିବାର ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ଏହାକୁ ଭାଜପା ବିରୋଧ କରିଛି। କଚେରି ରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଦଳ ପକ୍ଷରୁ ଶୁକ୍ରବାର ଏକ ଖବରଦାତା କରି କୁହାଯାଇଛି, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସରକାରୀ ଖର୍ଚ୍ଚରେ ସବୁ ସ୍ଥାନକୁ ଯାଇ ଦଳୀୟ ପ୍ରଚାର କରୁଛନ୍ତି। ନେତା ହେବାରେ କୌଣସି ସମସ୍ୟା ନାହିଁ। ଯଦି ସତ୍‌ସାହସ ଅଛି ସରକାରୀ ଚାକିରି ଛାଡି ସିଧାସଳଖ ରାଜନୀତିକୁ ଆସନ୍ତୁ। ଜନପ୍ରତିନିଧି ସଚିବଙ୍କ ପାଇଁ ଲୋକ ଏକାଠି କରୁଛନ୍ତି। ଦଳୀୟ ନେତା, ମନ୍ତ୍ରୀଙ୍କ ସହ ପୁରା ଶାସନ କଳ ଖୁସି କରିବାକୁ ଲାଗି ପଡିଛନ୍ତି। ଅଭିଯୋଗ ଶୁଣାଣି ନାମରେ ବିକାଶକୁ ଆଳ କରି ଦଳୀୟ ପ୍ରଚାର ପ୍ରସାର କରାଯାଉଛି। ଭାରତର ଗଣତନ୍ତ୍ର ମଜଭୁତ, ସକ୍ରିୟ, ଶାଣିତ ଓ ବୁଦ୍ଧିବନ୍ତ ହେଉଥିବା ବେଳେ ଆମ ରାଜ୍ୟରେ ଏହାର ବ୍ୟତିକ୍ରମ ଘଟିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୀର୍ଘ ୨୩ବର୍ଷ ଧରି ରାଜ୍ୟରେ ନୀରଙ୍କୁଶ ଶାସନ ଚାଲିଛି। ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଥିଲେ ବି ସେ କେବେ ଆସି ନାହାନ୍ତି। ଲକ୍ଷାଧିକ ଅଭିଯୋଗ ସମାଧାନ ନ ହୋଇ ପଡିରହିଛି। ଏବେ ଅଭିଯୋଗ ଶୁଣିବାକୁ ମୁଖ୍ୟମନ୍ତ୍ରୀ ଅଫିସ ଆସୁଛି ବୋଲି ଲୋକଙ୍କୁ ଭୂଆଁ ବୁଲାଇ ନିଜ ଛବି ତିଆରି କରୁଛନ୍ତି। ସମ୍ବଲପୁରେ ଜିଲାରେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଘୋଷଣା କରିଥିଲେ। ଏବେ ଆଉ ଗୋଟିଏ ନିର୍ବାଚନ ଆସିଗଲା, ହେଲେ କାମ ହେଲା ନାହିଁ। ଏବେ ନିର୍ବାଚନ ଥିବାରୁ ପୁଣି ଘୋଷଣା ଓ ପ୍ରତିଶ୍ରୁତି ଦଦିଆଯାଉଛି। ମୁଖ୍ୟମନ୍ତ୍ରୀଙ୍କୁ ଗୃହ ବନ୍ଦୀ କରି ରଖାଯାଇଛି। ଜଣେ ଅଣଓଡିଆ ସଚିବ ସ୍ତରର ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କୁ ଗୃହବନ୍ଦୀ ରଖି ସମଗ୍ର ରାଜ୍ୟର ଶାସନ ବ୍ୟବସ୍ଥାକୁ ଅକ୍ତିଆର କରିବାକୁ ଚେଷ୍ଟା କରୁଛନ୍ତି। ମନ୍ତ୍ରୀ, ଏମ୍‌ପି, ବିଧାୟକ, ପୌରାଧକ୍ଷ, ସରପଞ୍ଚ, କାଉନସିଲରଙ୍କୁ ଅପମାନିତ କରାଯାଉଛି। ରାଜ୍ୟ ରାଜକୋଷ ଅର୍ଥରେ ବ୍ୟୟବହୁଳ ଗସ୍ତ କରି ସରକାରୀ କାର୍ଯ୍ୟକ୍ରମ ବାହାନାରେ ଦଳୀୟ ପ୍ରଚାର ଯୁକ୍ତିଯୁକ୍ତ ନୁହେଁ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ରେଙ୍ଗାଲି ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରୀ ନାଏକ, ଜିଲା ସଭାପତି ଗିରିଶ ପଟେଲ, ପୂର୍ବତନ ବିଧାୟକ ରବି ନାରାୟଣ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ପୂର୍ବତନ ଜିଲା ସଭାପତି ରାମଚନ୍ଦ୍ର ମେହେର, ମାନସ ରଞ୍ଜନ ବକ୍ସି, ସୁଶୀଲ କୁମାର, ଫଣି ଭୂଷଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ଜଣେ ମୃତ

ଦେବଗଡ଼, ୧୪।୭(ଶଶାଙ୍କ ଶେଖର ଝାଙ୍କର): ଦେବଗଡ ଜିଲା ରିଆମାଳ ବ୍ଲକ ବିଲେଇଘଟି ଗ୍ରାମରେ ଶୁକ୍ରବାର ଚିତିସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ବିଲେଇଘଟି ଗ୍ରାମର ସନ୍ତୋଷ ବାରୱା(୫୫) ଅନ୍ୟ ଦିନ ମାନଙ୍କ ଭଳି ଗୁରୁବାର ମଧ୍ୟ ନିଜ ଘରେ ଚଟାଣରେ ଶୋଇଥିଲେ। ରାତି ପ୍ରାୟ ୧୨ଟାରେ ଏକ ବିଷାକ୍ତ ଚିତି ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ସନ୍ତୋଷଙ୍କୁ ପ୍ରଥମେ ଘରୋଇ ଚିକିତ୍ସା କରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସକାଳ ପ୍ରାୟ ୮ଟାରେ ପରିବାର ଲୋକ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ଉଚ୍ଚ ଚିକିତ୍ସା ପାଇଁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମାତ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଖଣିଜ ପଦାର୍ଥ ପାଣ୍ଠିରୁ ଦେବଗଡ଼ ଜିଲାକୁ ମିଳୁ ୨୦ ପ୍ରତିଶତ ଅର୍ଥ

ଦେବଗଡ଼, ୧୪।୭(ଶଶାଙ୍କ ଶେଖର ଝାଙ୍କର)

ଚାଷ ଉପରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ ବାସ କରୁଥିବା ଅନୁନ୍ନତ ଦେବଗଡ଼ ଜିଲାର ଚତୁଃପାର୍ଶ୍ୱରେ ଖଣି ଖାଦାନ ପରିପୂର୍ଣ୍ଣ ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼, ଅନୁଗୋଳ ଓ କେନ୍ଦୁଝର ଜିଲା ରହିଛି। ସରକାର ଉପରୋକ୍ତ ଜିଲାଗୁଡିକୁ ମୋଟ ଲାଭାଂଶର ୩୦ ପ୍ରତିଶତ ଅର୍ଥ ସମ୍ପୃକ୍ତ ଅଞ୍ଚଳର ବିକାଶ ନିମନ୍ତେ ଖର୍ଚ୍ଚ କରୁଛନ୍ତି। ଅନ୍ୟପକ୍ଷରେ ଦେବଗଡ ଜିଲା ଦେଇ ପ୍ରତ୍ୟହ ବହୁ ପରିମାଣର ଲୁହା ପଥର ଓ କୋଇଲା ଆଦି ମୂଲ୍ୟବାନ ଖଣିଜ ସମ୍ପଦ ଆମଦାନୀ ଓ ରପ୍ତାନୀ ହେଉଥିବାରୁ ଏହା ଦ୍ୱାରା ଦେବଗଡ଼ ଜିଲାର ପ୍ରାକୃତିକ ପରିବେଶ ପ୍ରଦୂଷିତ ହେବାସହ ଏହାର କୁପ୍ରଭାବ ଚାଷ କାର୍ଯ୍ୟ ଉପରେ ମଧ୍ୟ ପଡୁଛି। ଏପରିକି ଲୁହାଗୁଣ୍ଡ ଓ କୋଇଲାଗୁଣ୍ଡ ଉଡି ଜିଲାବାସୀଙ୍କ ସ୍ୱାସ୍ଥ୍ୟହାନୀ ମଧ୍ୟ ହେଉଛି। ମାତ୍ର ସରକାର ଖଣିଜ ପଦାର୍ଥ ପାଣ୍ଠିରୁ ଦେବଗଡ଼ ଜିଲାକୁ କୌଣସି ଲାଭାଂଶ ନ ଦେବା ବିଡମ୍ବନାର ବିଷୟ ବୋଲି ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯିବା ସହ ଏହି ଜିଲାର ବିକାଶ ପାଇଁ ଖଣିଜ ପଦାର୍ଥ ପାଣ୍ଠିରୁ ଅନ୍ୟୁନ ୨୦ ପ୍ରତିଶତ ଅର୍ଥ ପ୍ରଦାନ ପାଇଁ ଦାବି କରାଯାଇଛି।



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଓ ଅନ୍ୟମାନେ ମଞ୍ଚାସୀନ।

## ଜିଲା କଂଗ୍ରେସ କମିଟିର ଦାବି

ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦେବଗଡ଼ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଉପରୋକ୍ତ ଅଭିଯୋଗ କରିବା ସହ ଦାବି ଜଣାଇଛନ୍ତି। ଏଥିସହ ଖଣିଜ ପଦାର୍ଥ ପାଣ୍ଠିରୁ ଅନ୍ୟୁନ ୨୦ ପ୍ରତିଶତ ଅର୍ଥ ପ୍ରଦାନ ପାଇଁ ଦାବି କରିଛନ୍ତି। ହେମ୍ବ୍ରମ କହିଛନ୍ତି ଯେ, ଦେବଗଡ଼ ଜିଲାକୁ ଯଦି ଖଣିଜ ପଦାର୍ଥ ପାଣ୍ଠିରୁ ୨୦ ପ୍ରତିଶତ ଅର୍ଥ ପ୍ରଦାନ କରାଯାଏ ତେବେ ଦେବଗଡ ଜିଲାକୁ ପାଖାପାଖି ଏକ ହଜାର କୋଟି ଟଙ୍କା ମିଳିବ ଓ ଏହାଦ୍ୱାରା ଜିଲାର ବିଶେଷ ଉନ୍ନତି ହୋଇପାରିବ। ଏହି ଅର୍ଥରେ କାର୍ଯ୍ୟ ନିମନ୍ତେ ଜଳ ସେଚନର ସୁବିଧା, ପିଲାଙ୍କର ପାଠ ପଢା ନିମନ୍ତେ ସ୍କୁଲ , କଲେଜ ଓ ୟୁନିଭର୍ସିଟି ସ୍ଥାପନ ସାଙ୍ଗକୁ ମେଡିକାଲ କଲେଜ ମଧ୍ୟ ସ୍ଥାପନ କରାଯାଇ ପାରିବ ବୋଲି ହେମ୍ବ୍ରମ ମତବ୍ୟକ୍ତ କରିଥିଲେ। ଏଣୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ୨ ଦିନିଆ ଦେବଗଡ଼ ଜିଲା ଗସ୍ତରେ ଆସୁଥିବାରୁ ଏହି ଦାବି ସମେତ ଜିଲାର ସାମୂହିକ ବିକାଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ଜଣାଇଥିଲେ। ଅନ୍ୟପକ୍ଷରେ ଏଥିପାଇଁ ପୂର୍ବରୁ ନିର୍ବାଚିତ ଲୋକ ପ୍ରତିନିଧିମାନେ କୌଣସି ଦାବି ନ ଉଠାଇବା ଦୁର୍ଭାଗ୍ୟଜନକ ବୋଲି ମଧ୍ୟ ସେ ଏହି ଅବସରରେ ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମଙ୍କ ସମେତ ଜିଲା କଂଗ୍ରେସ ଉପସଭାପତି ସୁବାସ ଚନ୍ଦ୍ର ଭୋଇ ଓ ଜିଲା କଂଗ୍ରେସ ଏସସି ସେଲ ସଭାପତି ମଞ୍ଜୁଳ କୁମାର ନାୟକ ମଞ୍ଚାସୀନ ଥିଲେ।

# ଦେବଗଡ଼ ଜିଲା କୃଷକ ସଂଘର ବୈଠକ




ଦେବଗଡ, ୧୪।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ମାରୱାଡି ଧର୍ମଶାଳାରେ ଜିଲା କୃଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ କୃଷକଙ୍କ ବିଭିନ୍ନ ସମସ୍ୟାର ଆଲୋଚନା କରାଯାଇଛି। ଜିଲା କୃଷକ ସଂଘର ସଭାପତି ପ୍ରମୋଦ ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ଉପଦେଷ୍ଟା ବିଭୂତି ଗଙ୍ଗଦେବ, ରାଜକିଶୋର ନାୟକ, ସନ୍ତୋଷ କୁମାର ସାହୁ ବାରକୋଟ ବ୍ଲକ ସଭାପତି ବିନୋଦ ବିହାରୀ ନାୟକ, ତିଲେଇବଣୀ ବ୍ଲକ ସଭାପତି ଆଚ୍ୟୁତନନ୍ଦ ନାୟକ, ସମ୍ପାଦକ ପ୍ରମୋଦ ସାହୁ, ରିଆମାଳ ବ୍ଲକ ସଭାପତି ପବିତ୍ର ମୋହନ ପ୍ରଧାନ, ସମ୍ପାଦକ ଯୋଗେଶ୍ୱର ବିଶ୍ୱାଳ ଓ ଉପେନ୍ଦ୍ର କୁମୁରାଙ୍କ ସମେତ ବହୁ ଚାଷୀ ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ଦେବଗଡ ଜିଲାରେ ଶୀତଳଭଣ୍ଡାର ସ୍ଥାପନ, ହାଇଟେକ ସର୍ଭେକୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ଦୂର ଦୂରାନ୍ତରୁ ଆସୁଥିବା ଚାଷୀଙ୍କ ରହିବା ପାଇଁ ଜିଲା ସଦର ମହକୁମାରେ କୃଷକ ଭବନ ନିର୍ମାଣ, ଅଟକି ରହିଥିବା ବମ୍ପରଡାରେ ଫଳ ପ୍ରକ୍ରିୟାକରଣ ପ୍ରକଳ୍ପ କାର୍ଯ୍ୟକ୍ଷମ, ଗୋହିରା ବନ୍ଧ ଓ କେନାଲର ପୁନରୁଦ୍ଧାର, ବାରକୋଟ ବ୍ଲକର ଡିପି କେନାଲ ମରାମତି ସହ ରାଶନ କାର୍ଡ ପାଇ ନ ଥିବା ଚାଷୀଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ସାମିଲ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏଥିସହ ଆଗାମୀ ଦିନରେ ଦେବଗଡ଼ ଗସ୍ତରେ ଆସୁଥିବା ୫-ଟି ସଚିବଙ୍କୁ ଏହି ସବୁ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା।

# ଖବରଦାତାଙ୍କ ଭାଇଙ୍କ ଅକାଳ ବିୟୋଗ

ଦେବଗଡ଼, ୧୪।୭(ଶଶାଙ୍କ ଶେଖର ଝାଙ୍କର)


ନିହାରରଞ୍ଜନ ଝାଙ୍କର।

ଦେବଗଡ଼ର ଖବରଦାତା ଶଶାଙ୍କ ଶେଖର ଝାଙ୍କରଙ୍କ କାକାପୁଅ ଭାଇ ତଥା ଦେବଗଡ଼ ସହର ୩ନଂ. ୱାର୍ଡ ମଠସାହିର ବାସିନ୍ଦା ପବିତ୍ର ଝାଙ୍କର ଓ ଝରଣା ଝାଙ୍କରଙ୍କ ବଡପୁଅ ନିହାର ରଞ୍ଜନ ଝାଙ୍କର (ରୋଶନ)ଙ୍କ ୨୯ବର୍ଷ ବୟସରେ ଅକାଳ ବିୟୋଗ ହୋଇଯାଇଛି। ଖବର ପ୍ରଘଟ ହେଲା ପରେ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି। ନିହାରରଞ୍ଜନ ଜଣେ ଚାଟାର୍ଡଆକାଉଣ୍ଟାଣ୍ଟ ଭାବେ କାମ କରୁଥିଲେ। ସେ ଦେବଗଡ଼ ଓ କୁଚିଣ୍ଡାରେ ମଧ୍ୟ ଅଫିସ କରିଥିଲେ। ଦେବଗଡ଼ରୁ କାମ ସାରି ସୋମବାର କୁଚିଣ୍ଡା ଫେରିଥିଲେ। ମଙ୍ଗଳବାର ହଠାତ ପେଟରେ ଯନ୍ତ୍ରଣା ହେଉଥିବାରୁ ତାଙ୍କୁ ପରିବାର ଲୋକେ ବୁର୍ଲାର ଏକ ମେଡିକାଲକୁ ନେଇଥିଲେ। କିନ୍ତୁ ସେଇଠି ହୃଦଘାତ ହେବାରୁ ମୃତ୍ୟୁବରଣ କରିଥିଲେ। ବୁଧବାର ଦେବଗଡ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ପୁତୁରା ସୟମ ଶ୍ରୀଝାଙ୍କର ମୁଖାଗ୍ନି ହେଇଥିଲେ।

# ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଉଦ୍‌ଘାଟିତ

ଦେବଗଡ଼, ୧୪।୭(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ଼ ମହାବିଦ୍ୟାଳୟ ପରିସରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରୁ ୩କୋଟି ୯୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବହୁ ପ୍ରତିକ୍ଷୀତ ତଥା ଅତ୍ୟାଧୁନିକ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ (ଅଡିଟୋରିୟମ) ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରୁ ଏକ କୋଟି ୪୯ ହଜାର ବ୍ୟୟରେ ପୁନରୁଦ୍ଧାର ହେବାକୁ ଥିବା ଛାଲବାହାଦୁର ପୁଷ୍କରିଣୀର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡରେ ଉପରୋକ୍ତ ପ୍ରେକ୍ଷାଳୟର ଶୁଭ ଉଦଘାଟନ ଓ ପୁଷ୍କରିଣୀର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଦେବଗଡ଼ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ଏଲଇଡି ସ୍କ୍ରିନ ମାଧ୍ୟମରେ ଉଦଘାଟନୀ ଏବଂ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମର ଲାଇଭ ଦୃଶ୍ୟ ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମଞ୍ଚାସୀନ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିବା ବେଳେ ଦେବଗଡ ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ, ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ ଓ ଦେବଗଡ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମଧ୍ୟ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧରେ ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟ ଭୁପେନ୍ଦ୍ର ପ୍ରସାଦ ନାୟକ, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ପାତ୍ର , ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ ଓ ଦେବଗଡ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସୁଦାମ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଦେବଗଡ କଲେଜ ଏନସିସି କ୍ୟାଡେଟ, ଏନଏସଏସ ଓ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନେ ସକ୍ରୀୟ ସହଯୋଗ କରିଥିଲେ।

## ପୁଷ୍କରିଣୀର ଭିତ୍ତିପ୍ରସ୍ତର ସ୍ଥାପନ



# ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ତରଫରୁ କଳାବ୍ୟାଜ୍ ପରିଧାନ

ଦେଓଗାଁ, ୧୪।୭
(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ନିଷ୍ପତ୍ତି କ୍ରମେ ୬ଟି ମୁଖ୍ୟ ଦାବି ପୂରଣ ପାଇଁ ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିଥିବା ସୂଚନା ଦେଇଛନ୍ତି। ଶୁକ୍ରବାର ପ୍ରଥମେ ବ୍ଲକ କୃଷିସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପରେ ସମସ୍ତ କୃଷି କର୍ମଚାରୀ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ ଆରମ୍ଭ କରିଥିଲେ। ମୁଖ୍ୟ ଦାବି ମଧ୍ୟରୁ ପଦବୀ ପୁନର୍ଗଠନ, ପଦବୀର ନାମ ପରିବର୍ତ୍ତନ, ୨ହଜାର ଟଙ୍କା ଗ୍ରେଡପେରୁ ୪୨ଶହକୁ ବୃଦ୍ଧି କରିବା, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ତିନି (ବିଜ୍ଞାନ) ଓ କମ୍ପ୍ୟୁଟର ଜ୍ଞାନ ରହିବା, ଗ୍ରାମ୍ୟ କୃଷି କର୍ମୀଙ୍କୁ ୪ଟି ପଦୋନ୍ନତି, ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା ଆଦି ଦାବି ରହିଥିବାବେଳେ ୨୦ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଅଗଷ୍ଟ ୧ରୁ ସମୂହ ଛୁଟିରେ ରହିବା ପାଇଁ ନିଷ୍ପତ୍ତି ହୋଇଥିବା ସୂଚନା ଦିଆଯାଇଛି। ଏ ଅବସରରେ ଗ୍ରାମ୍ୟକୃଷି କର୍ମଚାରୀ ରଞ୍ଜିତ କରୁଆଁ, ହିମାଂଶୁ ନାଏକ, କୋକିଳ ନାଏକ, ସନ୍ତୋଷ ମେହେର, ମୁନେଶ ପ୍ରଧାନ, ମୀନା ମାଝୀ, ତପସ୍ୱିନି ନାଏକ, ଆରତୀ ସାହୁ, ମାମିନା ଦେହୁରୀ, ଶୁଭ୍ରାଂଶୁ ଶେଖର ରାଉତ, ମମତା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ ।


## DISTRICT OFFICE, MAYURBHANJ, BARIPADA
(Social Welfare Section)

Notice No. 2593 Dt.13.07.2023

**ADVERTISEMENT FOR THE POST OF ICDS SUPERVISORS & JUNIOR ASSISTANT (STATISTICS)**

No. g-52: Applications are invited from the intending retired Govt. Employees for re-engagement as ICDS Supervisors and Junior Assistant (Statistics) for smooth functioning of the DSWO and CDPO Offices in Mayurbhanj district. The re-engagement shall be made initially for a period of two years or till regular posting of such base level post, whichever is earlier. For more details kindly visit: **https://mayurbhanj.nic.in**.

OIPR-19015/11/0002/2324 Sd./- District Social Welfare Officer, Mayurbhanj

## कार्यपालक अभियंता का कार्यालय ग्रामीण विकास विशेष प्रमंडल, हजारीबाग

ई– निविदा आमंत्रण सूचना

ई– निविदा सूचना संख्या – RDD/SD/HZB/08/2023-24

1. कार्य की विस्तृत विवरणीः

| क्र० सं० | आईडेन्टीफिकेशन संख्या / ग्रुप संख्या | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि | अभ्युक्ति |
|---|---|---|---|---|---|---|---|
| 1 | RDD/SD/HZB/08/01/2023-24 | हजारीबाग जिला के बड़कागांव प्रखण्ड में तलसवार पंचायत के ग्राम तलसवार से सदबहिया के बीच हहारो नदी पर उच्चस्तरीय पुल निर्माण। | 47406900.00 | 948200.00 | 10000.00 | 18 माह | |
| 2 | RDD/SD/HZB/08/02/2023-24 | हजारीबाग जिला के बड़कागांव प्रखण्ड अंतर्गत बादम पंचायत में राउतपारा से बादम के बीच स्थित बदमाही नदी पर पुल निर्माण। | 53546400.00 | 1071000.00 | 10000.00 | 24 माह | |

2. वेबसाईट में निविदा प्रकाशन की तिथि :– 25.07.2023
3. ई–निविदा प्राप्ति की अंतिम तिथि एवं समय :–दिनांक 25.07.2023 से दिनांक 03.08.2023 को अपराह्न 5.00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय 07.08.2023 अपराह्न 05:00 बजे तक।
5. निविदा शुल्क एवं अग्रधन की राशि जमा करने का स्थान:–
i) ग्रामीण विकास विशेष प्रमंडल, हजारीबाग (जिला नियंत्रण कक्ष)
ii) अधीक्षण अभियंता, ग्रामीण विकास विशेष अंचल, हजारीबाग
iii) e-procurement cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ० एफ० पी० भवन, धुर्वा, राँची।
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जाएगी।
7. निविदा खोलने का स्थान:– कार्यपालक अभियंता कार्यालय, ग्रामीण विकास विशेष प्रमण्डल, हजारीबाग।
8. निविदा खोलने का स्थान एवं समय – 08.08.2023 अपराह्न 2:00 बजे।
9. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग।
10. ई–निविदा प्रकोष्ठ का दूरभाष सं० – 9430154806
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, हजारीबाग के पदनाम से देय हो, देना होगा।
12. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, हजारीबाग

PR 302361 (Rural Development) 23-24 (D)

## OFFICE OF THE EXECUTIVE ENGINEER (AGRIL.), AGRIL ENGG. DIVISION, NAYAGARH

E-mail ID - eeagril.nayargarh@gmail.com

INVITATIONS FOR BIDS THROUGH e-Procurement

**CORRIGENDUM**

Bid Identification No./e - Procurement Notice No.-590 Date -07/07/2023

E.E. (AGRIL.), Nayagarh-01/2023-24

**No.L-57:** The Executive Engineer (Agril.), Nayagarh Division, Nayagarh on behalf of Governor of Odisha invites **Percentage** Rate Bids in **Single cover** system for the works as detailed in table below.

| Sl. No. | Name of the Work | Approximate Estimated Cost put to Tender (Excluding GST) (Rs.) | Cost of Bid Documents (in Rs.) | EMD (in Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Extension of FIAC at Odagaon, Dist-Nayagarh | 18,29,106.00 | 6,000.00 | 18291.00 | C & D with electrical LT/MV/HT License | 06 (Six) Calendar Months |
| 2. | Extension of FIAC at Ranapur, Dist-Nayagarh | 18,29,204.00 | 6,000.00 | 18292.00 | C & D with electrical LT/MV/HT License | 06 (Six) Calendar Months |
| 3. | Extension of FIAC at Nayagarh, Dist-Nayagarh | 18,29,054.00 | 6,000.00 | 18291.00 | C & D with electrical LT/MV/HT License | 06 (Six) Calendar Months |
| 4. | Extension of FIAC at Khandapada, Dist-Nayagarh | 18,30,879.00 | 6,000.00 | 18309.00 | C & D with electrical LT/MV/HT License | 06 (Six) Calendar Months |
| 5. | Extension of FIAC at Dasapalla, Dist-Nayagarh | 18,29,439.00 | 6,000.00 | 18294.00 | C & D with electrical LT/MV/HT License | 06 (Six) Calendar Months |
| 6. | Extension of FIAC at Bhubaneswar, Dist-Khordha | 18,29,634.00 | 6,000.00 | 18296.00 | C & D with electrical LT/MV/HT License | 06 (Six) Calendar Months |
| 7. | Extension of FIAC at Khordha, Dist-Khordha | 18,29,221.00 | 6,000.00 | 18292.00 | C & D with electrical LT/MV/HT License | 06 (Six) Calendar Months |
| 8. | Extension of FIAC at Banapur, Dist-Khordha | 18,32,681.00 | 6,000.00 | 18327.00 | C & D with electrical LT/MV/HT License | 06 (Six) Calendar Months |
| 9. | Extension of FIAC at Tangi, Dist-Khordha | 18,31,496.00 | 6,000.00 | 18315.00 | C & D with electrical LT/MV/HT License | 06 (Six) Calendar Months |

The bidders have to participate in ONLINE bidding only. The web-site for "ONLINE BIDDING" is **http://tendersodisha.gov.in.** . Bid documents will be available in above website from **Dt.12.07.2023 at 11.00 AM to Dt.24.07.2023 up to 5.00 P.M** for "ONLINE BIDDING". **Date of original bid documents submission from Dt. 13.07.2023 at 11.00 A.M. to 25.07.2023 up to 5.00 P.M.** Bids shall be opened at 11.00 AM on **Dt.26.07.2023**. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e- Procurement website **www.tendersodisha.gov.in.**

***N.B: Subsequent corrigendum /addendum if required shall be available in the website as indicated above***

OIPR-01449/11/0002/2324 **Executive Engineer (Agril.), Nayagarh Division, Nayagarh**

## कार्यपालक अभियंता का कार्यालय ग्रामीण विकास विशेष प्रमंडल, बोकारो

ई–निविदा आमंत्रण सूचना

ई– निविदा सूचना सं०–RDD/SD/BOKARO/11/2023-24

1.कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के गोमिया प्रखण्ड में गोपो एवं पालू के बीच भुकभुकिया नाला पर उच्चस्तरीय पुल निर्माण।(लम्बाई 44.76 मी) | 31235900.00 | 625000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 24.07.2023
3. ई–निविदा प्राप्ति की तिथि एवं समय – दिनांक 24.07.2023 पूर्वाह्न 10:00 बजे से दिनांक 02.08.2023 को अपराह्न 05:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय– दिनांक 03.08.2023अपराह्न 05:00 बजे तक।
5. निविदा शुल्क एवं अग्रधन की राशि जमा करने का स्थान :–
i) ग्रामीण विकास विशेश प्रमण्डल, बोकारो।
ii) ग्रामीण विकास विशेश अंचल, हजारीबाग।
iii) e-procurement cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ०एफ०पी०भवन, धुर्वा राँची।
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
7. निविदा खोलने का स्थान – e-procurement cell, कार्यपालक अभियंता का कार्यालय, ग्रामीण विकास विशेष प्रमण्डल, प्रथम तल, महिला छात्रावास, कैम्प– I I, बोकारो।
8. निविदा खोलने की तिथि एवं समय –05.08.2023 अपराह्न 2:00 बजे।
9. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
10. ई–निविदा प्रकोष्ठ का दूरभाष सं० – 9304777144
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, बोकारो के पदनाम से देय एवं बोकारो में भुगतेय हो देना होगा।
12. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो।

PR 302320 Rural Development(23-24)D

## PANCHAYAT SAMITI OFFICE, BANSAPAL
At/P.O.- BANSAPAL, Dist.: Keonjhar, Pin- 758085
E-Mail id: ori-BANSAPAL@nic.in

TENDER CALL NOTICE No.3/2023-24

No.i-235:- The Block Development Officer, BANSAPAL invites sealed percentage rate Composite bid on behalf of Governor of Odisha from registered and eligible Contractors of the State PWD (R&B)/ Water Resource / Rural Works / M.I./C.P.W.D. Conformity with the DTCN are invited from the "C&B" Class contractors for execution of works (Composite work i.e. Civil Work, El work & PH work) under Panchayat Samiti, BANSAPAL as detailed in Annexure-I.

ANNEXURE-I

| Sl. No. | Name of the work | Scheme | Est. cost put to tender in Rs. | EMD | Cost of tender paper in Rs. | Period of completion & class of contractor | Type of bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of proposed Sub Centre building at Talchampei under BANSAPAL block for the year 2023-24 | OMBADC (NHM) | 3898247.00 | 39000.00 | 6000.00 | 9 months C & B class contractor | Composite bid (Civil + El + PH) |
| 2 | Construction of proposed Sub Centre building at Padakasdada under BANSAPAL block for the year 2023-24 | OMBADC (NHM) | 3898296.00 | 39000.00 | 6000.00 | 9 months C & B class contractor | Composite bid (Civil + El + PH) |
| 3 | Construction of proposed Sub Centre building at Jantari under BANSAPAL block for the year 2023-24 | OMBADC (NHM) | 3898290.00 | 39000.00 | 6000.00 | 9 months C & B class contractor | Composite bid (Civil + El + PH) |
| 4 | Construction of proposed Sub Centre building at Ichinda under BANSAPAL block for the year 2023-24 | OMBADC (NHM) | 3898244.00 | 39000.00 | 6000.00 | 9 months C & B class contractor | Composite bid (Civil + El + PH) |
| 5 | Construction of proposed Sub Centre building at Karangadihi under BANSAPAL block for the year 2023-24 | XVFC (NHM) | 3898262.00 | 39000.00 | 6000.00 | 9 months C & B class contractor | Composite bid (Civil + El + PH) |
| 6 | Construction of Block level Mini Stadium ( 2 Nos. of Galleries & Changing Room with Toilet at Bansapal Block) | DMF | 2872194.00 | 30000.00 | 6000.00 | 6 months C & B class contractor | Only Civil work |
| 7 | Construction of additional class room building (2 Nos.) at Khajurimundi UGHS | SS | 1971011.76 | 20000.00 | 6000.00 | 6 months D & C class contractor | Only Civil work |

1) The tender document (DTCN & BOQ) can be obtained from district NIC Website (www.kendujhar.nic.in) from Dt.14.07.2023 to 31.07.2023 till 5.00 P.M.
2) The tender document (DTCN & BOQ) duly signed by the Contractors should be accompanied with the self attested photo copy of valid GST Clearance Certificate, PAN card, Registration Certificate and requisite EMD in shape of Demand Draft drawn in favour of "BDO, BANSAPAL" payable at "Keonjhar" from any Nationalized Bank and NSC/ KVP/ Time Deposit duly pledged.
3) The tender document (DTCN & BOQ) should accompanied with requisite tender paper cost in shape of Demand Draft drawn in favour of "BDO, BANSAPAL" payable at "Keonjhar" from any Nationalized Bank.
4) The Civil Contractor in order to take part in the Composite tender should enter into a sub-contract agreement with eligible Registered Electrical Contractors having valid M.V. / H.T. Licence (Associate with the sub-contractor) and a copy of such agreement for the work after due registration should be attached with the tender in original along with the copy of the M.V./ H.T. licence and this shall also form a part of the tender. If the Civil Contractor is having registration in Electrical works under the same name and style, the question of joint venture does not arise. Non-furnishing of sub-contract agreement with illegible registered electrical contractor having valid MV/HT licence the bid will be summarily rejected.
5. The tenders will be received upto Dt.31.07.2023 till 5.00 P.M. and addressed to O/o Block Development Officer, BANSAPAL, Keonjhar, 758085 through Registered / Speed Post only.
6) The tender is scheduled to be opened on Dt.01.08.2023 at 11.00 A.M. at Block Conference Hall, O/o the Block Development Officer, BANSAPAL Keonjhar, 758085 in presence of the tenderers or their authorized representatives.
7) All bidders shall have to submit an affidavit in support of authenticity of documents / credentials.
8) The detail terms and conditions can be seen at NIC Website (www.kendujhar.nic.in).
9) The name of the work should be written on the top of the envelope.
10) The undersigned reserves the right to cancel the tender without assigning any reason thereof.

OIPR-19083/11/0002/2324 Sd./- Block Development Officer, BANSAPAL

## ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆରଏମ୍/ଇଏନ୍‌ଜିଜି, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ୱେଷ୍ଟ-୨୩-୨୪-୧୭, ତାରିଖ: ୧୨।୦୭।୨୦୨୩ ।** **କାର୍ଯ୍ୟର ନାମ:** ସିକେପି ଡିଭିଜନରେ ଏସ୍ଏସ୍ଇ (ପି.ୱେ)/ଜିପି, ଏସ୍ଏସ୍ଇ (ପି.ୱେ)/କେଏସ୍‌ଜି ଏବଂ ଏଡିଇଏନ୍/ଆରୱୟୁଙ୍କ ଅଧୀନରେ ଟ୍ରାକ୍‌ର ପ୍ରି ଟାମ୍ପିଂ ଏବଂ ପୋଷ୍ଟ ଟାମ୍ପିଂ ଏବଂ ତତ୍-ସମ୍ପର୍କିତ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ₹୩,୧୯,୦୯,୬୬୬.୯୨; ଇଏମ୍‌ଡି: ₹୩,୦୯,୬୦୦/-।** **ଟେଣ୍ଡର ଫର୍ମ ମୂଲ୍ୟ: ₹୦ । ଖୋଲାଯିବା ତାରିଖ:** ତା୦୩।୦୮।୨୦୨୩ରିଖ । ଟେଣ୍ଡର **http://www.ireps.gov.in** ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (ପ୍ରାଧିକରଣ- ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) **(PR-405)**

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIVBBS 2023031, ତା.04.07.2023ରିଖ

**କାର୍ଯ୍ୟର ନାମ :** ଶାସନ-ସରଲା ତୃତୀୟ ଏବଂ ଚତୁର୍ଥ ଲାଇନ୍‌ର ନିର୍ମାଣ ସମ୍ବନ୍ଧୀୟ ତୃତୀୟ ଲାଇନ୍‌ରେ ଫର୍ମେସନ, ଛୋଟ ପୋଲ, ସିଏଚ୍. 551879 m ସ୍ଥିତ ବଡ଼ ପୋଲ ନଂ. 53 (4x18.3m କମ୍ପୋଜିଟ୍ ଗର୍ଡ଼ର), ସିଏଚ୍. 552493 m ସ୍ଥିତ ପୋଲ ନଂ. 54 (1x12.2m କମ୍ପୋଜିଟ୍ ଗର୍ଡ଼ର), ସିଏଚ୍. 554224 m ସ୍ଥିତ ପୋଲ ନଂ. 58 (1x12.2m କମ୍ପୋଜିଟ୍ ଗର୍ଡ଼ର), ସିଏଚ୍. 556107 m ସ୍ଥିତ ପୋଲ ନଂ. 62 (1x12.2m କମ୍ପୋଜିଟ୍ ଗର୍ଡ଼ର) ଏବଂ ସିଏଚ୍. 551849 m ସ୍ଥିତ ପୋଲ ନଂ. 53 (1x12.2m କମ୍ପୋଜିଟ୍ ଗର୍ଡ଼ର), ସିଏଚ୍. 551895 m ସ୍ଥିତ ପୋଲ ନଂ. 53A (1x12.2m କମ୍ପୋଜିଟ୍ ଗର୍ଡ଼ର), ସିଏଚ୍. 552493 m ସ୍ଥିତ ପୋଲ ନଂ. 54 (1x12.2m କମ୍ପୋଜିଟ୍ ଗର୍ଡ଼ର) ଏବଂ ସିଏଚ୍. 554224 m ସ୍ଥିତ ପୋଲ ନଂ. 58 (1x12.2m କମ୍ପୋଜିଟ୍ ଗର୍ଡ଼ର)ରେ ମାଟି କାମ ଏବଂ ଝାରସୁଗୁଡ଼ା-ସମ୍ବଲପୁର ସେକ୍ସନରେ ଶାସନ ଏବଂ ସରଲା ଷ୍ଟେସନ ୟାର୍ଡ଼ (ତୃତୀୟ ଲାଇନ୍‌ରେ କି.ମି. 552.165 ଠାରୁ କି.ମି. 554.765 ପର୍ଯ୍ୟନ୍ତ ବ୍ୟତୀତ) ସହିତ କି.ମି. 548/4 ଠାରୁ କି.ମି. 556/2 F/HWH ପର୍ଯ୍ୟନ୍ତ ଅନ୍ୟ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 7601.03 ଲକ୍ଷ, EMD : ₹ 39,50,500/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.08.2023ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G & G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-42/CG/23-24

## ବସ୍-କଣ୍ଟେନର ମୁହାଁମୁହିଁ ଧକ୍କା, ୨ ଆହତ

କୋକସରା,(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ): କଳାହାଣ୍ଡି ଜିଲା ଜାତୀୟ ରାଜପଥ ୨୬ କୋକସରା ବ୍ଲକ ସୀମାନ୍ତ ଆମପାଣି ଘାଟିରେ ଯାତ୍ରୀବାହୀ ବସ ଓ କଣ୍ଟେନର ମଧ୍ୟରେ ଶୁକ୍ରବାର ମୁହାଁମୁହିଁ ଧକ୍କାରେ ୨ଜଣ ଆହତ ହୋଇଥିବା ବେଳେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଆହତଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆମପାଣି ଘାଟିରେ ସକାଳ ୬ଟାରେ ହାଇଦ୍ରାବାଦରୁ କଳମପୁର ଆସୁଥିବା ବସ ବିପରୀତ ଦିଗରୁ ଆସୁଥିବା କଣ୍ଟେନର ସହ ମୁହାଁମୁହିଁ ଧକ୍କା ହୋଇଛି। ବସ କଣ୍ଡକ୍ଟର ସମେତ କଣ୍ଟେନର ଡ୍ରାଇଭର ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି।

## ସଂକ୍ଷେପରେ

### ବିପଦ ସଙ୍କୁଳ ଅବସ୍ଥାରେ ପୁରୁଣା ଭଙ୍ଗାଦଦରା କୋଠା



**ଖଡ଼ିଆଳ,୧୪।୭(ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ସହର ଆଜାଦ ଛକ ନିକଟରେ ୱାର୍ଡ ନମ୍ବର ୩ ଦଳପଡ଼ା ରାସ୍ତା ତଥା ଖଡ଼ିଆଳରୁ ସିନାପାଲି ମୁଖ୍ୟ ରାସ୍ତା କ ସ୍ଥିତ ୫୦ ରୁ ୬୦ ବର୍ଷ ପୁରୁଣା ଭଙ୍ଗା ଦଦରା କୋଠା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଦଳପଡ଼ାବାସୀ ତଥା ଜନସାଧାରଣଙ୍କ ଅଭିଯୋଗ ଯେ କିଛି ଅଘଟଣ ହେବା ଆଗରୁ ତାର ପ୍ରତିକାର କରାଯାଉ। ଏ ବାବଦ ନେଇ ଦଳପଡ଼ାବାସୀ ଖଡ଼ିଆଳ ଏନଏସି କର୍ତ୍ତୃପକ୍ଷ, ତହସିଲ ଅଫିସ କର୍ତ୍ତୃପକ୍ଷ ଏବଂ ଘର ମାଲିକଙ୍କୁ ତାର ପ୍ରତିକାର ପାଇଁ କହିବା ସତ୍ତ୍ୱେ ଆଜି ଯାଏଁ ସେଇ ଅବସ୍ଥାରେ ପଡ଼ିରହିଛି। କିଛି ଅଘଟଣ ହେବା ପୂର୍ବରୁ ତାର ସୁବ୍ୟବସ୍ଥା କରାଯାଉ ବୋଲି ଦଳପଡ଼ାବାସୀଙ୍କ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

### ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କୋକସରା,୧୪।୭(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗରେ ନୂତନ ବିଇଓ ସୁଶ୍ରୀ ରଶ୍ମିତା ନେତମଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। କୋକସରା ବାଳିକା ଉଚ୍ଚ ବିଦ୍ୟାପୀଠରେ ରାଜ୍ୟ ଏନପିଏସ ଶିକ୍ଷକ ସଂଘ ସାଙ୍ଗଠାନିକ ସମ୍ପାଦକ ସତ୍ୟବାନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଜିଲା ସମ୍ପାଦକ ତଥା ନୋଡାଲ ସିଆରସିସି ବୈକୁଣ୍ଠ ଜାଲ, ପ୍ରଧାନ ଶିକ୍ଷକ ସଞ୍ଜିବ କୁମାର ପାଢ଼ୀ, ସମ୍ପାଦକ ଚନ୍ଦ୍ରମୋହନ ପୂଝାରୀ, ବ୍ଲକ ସଭାପତି ଗଗନ ବିହାରୀ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଆରସିସି ତୋଫାନ ମାଝି ଉପସ୍ଥିତ ଥିଲେ। ସଭା ମିଡ଼ିଆ ସେଲ ପ୍ରଭାରୀ ଈଶ୍ୱରୀ ପ୍ରସାଦ ଅଗସ୍ତି ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଜୟଶ୍ରୀବାଳା ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଦେବିସିଂ ମାଝି, ବେଣୁଧର ନାଏକ, ବ୍ୟାପ୍ତି ନାଏକ, ରୁନି ନାଏକ, ଭାଗ୍ୟବାନ ବାଗ, ତ୍ରିନାଥ ନାଗ, କ୍ଷୀରୋଦ କୁମାର ପଣ୍ଡାଙ୍କ ସମେତ ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ୱାଟର ପ୍ଲାଣ୍ଟରୁ ନିମ୍ନମାନର ପିଇବା ପାଣି ଯୋଗାଣ



**ଖଡ଼ିଆଳ,୧୪।୭(ସୁଜିତ୍ ପ୍ରଧାନ):** ନୂଆପଡା ଜିଲାର ପ୍ରମୁଖ ସହର ଖଡ଼ିଆଳରେ ପାନୀୟ ଜଳର ବହୁତ ସଙ୍କଟ ଦେଖାଦେଇଥାଏ। ତେଣୁ ଜନସାଧାରଣ ପ୍ରତ୍ୟେକ ଦିନ ବିଭିନ୍ନ ୱାଟର ପ୍ଲାଣ୍ଟର ବିଶୁଦ୍ଧ ଜଳ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ଯେ ୱାଟର ପ୍ଲାଣ୍ଟ ଏହି ସହରକୁ ପାନୀୟ ଜଳ ଯୋଗାଉଛନ୍ତି ତାହା ଏତେ ଅଶୁଦ୍ଧ ଯେ କହିଲେ ନସରେ। ପ୍ରତ୍ୟେକ ୱାଟର ପ୍ଲାଣ୍ଟରେ ବ୍ୟବହୃତ ପ୍ଲାଷ୍ଟିକ ଜାର ବହୁତ ଶୋଚନୀୟ ଅବସ୍ଥାରେ ଆସି ପହଞ୍ଚିଲାଣି। ବର୍ଷ ବର୍ଷ ଧରି ସେହି ପ୍ଲାଷ୍ଟିକ ଜାରକୁ ପ୍ଲାଣ୍ଟ ମାଲିକମାନେ ବ୍ୟବହାର କରିଆସୁଛନ୍ତି। ଏହାକୁ ଭଲ ଭାବେ ସଫା ମଧ କରୁନାହାନ୍ତି। ତଦ୍ୱାରା ଜାର ଭିତରେ ଶିଉଳି ଲାଗି ଗଲାଣି। ହେଲେ ଜିଲା ଖାଦ୍ୟ ପରିମଳ ନିୟନ୍ତ୍ରଣ ଅଧିକାରୀଙ୍କ ନଜର ପଡୁନାହିଁ। ଖଡ଼ିଆଳ ସହରରେ ଥିବା ବିଭିନ୍ନ ୱାଟର ପ୍ଲାଣ୍ଟ ପରିଦର୍ଶନ କରି ମାଲିକମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଖାଦ୍ୟ ପରିମଳ ନିୟନ୍ତ୍ରଣ ଅଧିକାରୀଙ୍କଠାରେ ଲୋକେ ଦାବି କରିଛନ୍ତି। ଆଇଏସଆଇ ରେଜିଷ୍ଟ୍ରେସନ ହୋଇଛି ନା ନାହିଁ ଏବଂ ଜାର ଉପରେ ପ୍ଲାଣ୍ଟର ଲେବୁଲ ଅଛିନାନାହିଁ ଏହାର ମଧ ତଦାରଖ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

# ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ନୂଆପଡ଼ା,୧୪।୭(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ଆଶ୍ରମ ବିଦ୍ୟାଳୟ ସହ ଶିକ୍ଷକଙ୍କୁ ବଦଳି ଦାବିରେ ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି ଓ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଜିଲା ଶିକ୍ଷା ବିଭାଗ ଦ୍ୱାରା କାର୍ଯ୍ୟରତ ସହ ଶିକ୍ଷକ ହିମାଂଶୁ ବିଶ୍ୱାଳ ମିଛାପାଲି ଆଶ୍ରମ ବିଦ୍ୟାଳୟରେ ଅବସ୍ଥାପିତ ଅଛନ୍ତି। ଜଣେ ଶିକ୍ଷକଙ୍କୁ ୬ ବର୍ଷ ପରେ ବଦଳି ହେବାର କଥା। ସେହି ବିଦ୍ୟାଳୟରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟରତ ଥାଇ ମଧ୍ୟ ବଦଳି କରାଯାଉନାହିଁ। ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ଗୁଣାତ୍ମକ ମାନ କମି ଯାଉଛି। ବିଦ୍ୟାଳୟରେ ପାଠପଢା ହେଉନାହିଁ। ତାଙ୍କ ନାମରେ ବିଭିନ୍ନ ସମୟରେ ଅନେକ ଅଭିଯୋଗ ଆସିଛି। ଗତ ୩ ତାରିଖରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବଦଳି ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗକୁ ଆଧାର କରି ଜିଲାପାଳ ହେମକାନ୍ତ ସାଏ ଜିଲା ମଙ୍ଗଳ ଅଧିକାରୀ ନନ୍ଦ କିଶୋର ତାଣ୍ଡିଙ୍କୁ ଚିଠି କରି ହିମାଂଶୁ ବିଶ୍ୱାଳଙ୍କୁ ବଦଳି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲା ମଙ୍ଗଳ ଅଧିକାରୀ ତାଣ୍ଡି ହିମାଂଶୁଙ୍କୁ ବଦଳି କରିବା ପାଇଁ ଚିଠି ନ ଲେଖି ବିଦ୍ୟାଳୟର ବିରେନ୍ଦ୍ର ବିଶ୍ୱାଳଙ୍କୁ ଅନ୍ୟତ୍ର ବଦଳି ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଥିଲେ। ହିମାଂଶୁ ସ୍ଥାନରେ ବିରେନ୍ଦ୍ରଙ୍କୁ ବଦଳି କରାଯାଇଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷା ବିଭାଗର ଖାମଖିଆଲି ନୀତିକୁ ବିରୋଧ କରି ଜିଲା ଆଦିବାସୀ କଲ୍ୟାଣ ସଂଘ ଓ ବିଦ୍ୟାଳୟ ପରିଚାଳନା କମିଟି ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଯେଉଁ ପର୍ଯ୍ୟନ୍ତ ହିମାଂଶୁଙ୍କୁ ବଦଳି କରା ନ ଯାଇଛି, ସେହି ପର୍ଯ୍ୟନ୍ତ ଆମେ ଧାରଣାରୁ ଉଠିବୁ ନାହିଁ ବୋଲି ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମଙ୍ଗଳ ଅଧିକାରୀ ତାଣ୍ଡିଙ୍କୁ ପଚାରିବାରୁ ମୁଁ ନିଜେ ଯାଇ ତଦନ୍ତ କରିବି ଓ ଅଭିଯୋଗ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ସମୟରେ ଜିଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ବାଳକୃଷ୍ଣ ଶବର, ଜୟରାମ ଶବର, ଭକ୍ତବନ୍ଧୁ ଧରୁଆ, ଜ୍ଞାନେଶ୍ୱର ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ୍ୱର ମାଝି, ମକରଧ୍ୱଜ ଧରୁଆ, କନକ ସିଂ ମାଝି, ଅର୍ଜୁନ ମାଝି, ପୁଷ୍ପାଞ୍ଜଳି ମାଝି, ରାମକି ଅଡବଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।



ଧାରଣାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ଓ ବିଦ୍ୟାଳୟ ପରିଚାଳନା କମିଟି।

### ଶିକ୍ଷକ ବଦଳି ଦାବି

# ପଦ୍ମଶ୍ରୀ ପଟାୟତ ସାହୁଙ୍କୁ ନାଗରିକ ସମ୍ମାନ




ପଦ୍ମଶ୍ରୀ ପଟାୟତ ସାହୁଙ୍କୁ ସମ୍ମାନିତ କରାଯାଉଛି।

**ଜୁନାଗଡ଼,୧୪।୭(ସୁନୀଲ କୁମାର ସିଂହ)**

### ଜୁନାଗଡ଼ରେ ଏବିଭିପିର ଛାତ୍ର ନେତା ସମ୍ମିଳନୀ

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶୁକ୍ରବାର ଛାତ୍ର ନେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାସହ ପଦ୍ମଶ୍ରୀ ପଟାୟତ ସାହୁଙ୍କୁ ନାଗରିକ ସମ୍ମାନ ସମ୍ମାନିତ କରାଯାଇଥିଲା। ବିଦ୍ୟାର୍ଥୀମାନଙ୍କୁ ପରିବେଶ ପାଇଁ ସମ୍ବେଦନଶିଳ ହେବାକୁ ପଦ୍ମଶ୍ରୀ ସାହୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲା ସଂଘଚାଳକ ନବ କିଶୋର ପାଢ଼ୀ, ଜୁନାଗଡ଼ ପିଆଇ ମହାବିଦ୍ୟାଳୟ ଅଧକ୍ଷ ବିଭୂତି ଭୂଷଣ ମେହେର, ସାମାଜିକ କର୍ମୀ ମନୋଜ ମେହେର, କାଞ୍ଚନ ବାଗ ପ୍ରମୁଖ ଯୋଗଦେଇଥିଲେ। ଏବିଭିପି ବିଭାଗ ସଂଯୋଜକ କେଶବ ସାହୁ ଏବିଭିପିର ଲକ୍ଷ୍ୟ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଜୁନାଗଡ଼ର ଛାତ୍ର ନେତା ତଥା ଏବିଭିପି ରାଜ୍ୟ କ୍ରୀଡ଼ା ସଂଯୋଜକ ସୌରଭ ମିଶ୍ର ଓ ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ ଛାତ୍ର ନେତା ଓଁକାର ଦଣ୍ଡସେନା ସ୍ୱାଗତ ଅଭିଭାଷଣ ରଖିଥିଲେ। ଜିଲା ସଂଯୋଜକ ତନ୍ମୟ ବିଶି ମଞ୍ଚ ପରିଚାଳନ କରିଥିଲେ। ଛାତ୍ରୀ ନେତ୍ରୀ କାଜଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଜୁନାଗଡ଼ ମହାବିଦ୍ୟାଳୟ ଛାତ୍ରୀ ନେତ୍ରୀ ଶୋବିତା କୈବର୍ତ୍ତ, ତାନିଶା ଦୀପ, ଛାତ୍ର ନେତା ଲାବଣ୍ୟ ଦାସ, ଭୂଷଣ ମେହେର, ସଞ୍ଜୀବ ମାଝି, ଶୁଭମ ବାରିକ ପ୍ରମୁଖ ପରିଚଳନା କରିଥିଲେ। ରାଷ୍ଟ୍ର କାର୍ଯ୍ୟରେ ନିରନ୍ତର ଲିପ୍ତ ରହିବା ପାଇଁ ଜିଲା ସଂଯୋଜକ ତନ୍ମୟ ବିଶି ସନ୍ଦେଶ ଦେଇଥିଲେ।

# ଯୋଗାଣ ସହାୟକଙ୍କୁ ବଦଳି ପାଇଁ ଦାବିପତ୍ର




ଦାବିପତ୍ର ଦେବା ପାଇଁ ଆସିଥିବା ମହିଳା ଓ ପୁରୁଷମାନେ।

**ନୂଆପଡ଼ା,୧୪।୭(ମକାରୁ ବେମାଲ)**

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ପଲସଦା ପଞ୍ଚାୟତର ଯୋଗାଣ ସହାୟକ ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହି ପଞ୍ଚାୟତ ଜମି ଜୋରଜବରଦସ୍ତ ଜବରଦଖଲ କରୁଛନ୍ତି। ତାଙ୍କ ବିରୋଧରେ ଶୁକ୍ରବାର ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଞ୍ଚାୟତରେ ହେଉଥିବା ଦୁର୍ନୀତି ଓ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଥମେ ଡମଝର ପଞ୍ଚାୟତ ରହିଥିଲା। ୨୦୧୬ରେ ନୂତନ ପଞ୍ଚାୟତ ଭାବେ ପଲସଦା ଗଠନ ହେବା ଦିନଠାରୁ ଲକ୍ଷ୍ମୀକାନ୍ତ ଜଗତ ଜେଓଟେଗ ଭାବେ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କ ରହିବା ସମୟରେ ୨୦୨୦-୨୧ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ଅନେକ ହିତାଧିକାରୀଙ୍କ କାର୍ଯ୍ୟାଦେଶ ପାଇ ଘର କାମ ଆରମ୍ଭ କରିଥିଲେ। ଯେଉଁ ହିତାଧିକାରୀ ହାତଗୁଞ୍ଜା ଦେଉଥିଲେ, ତାଙ୍କର ବିଲ ହେଉଥିଲା। ଯିଏ ନ ଦେଲେ ବିଲ ହେଉ ନାହିଁ ବୋଲି ଅନେକ ଥର ଅଭିଯୋଗ ହୋଇଛି। ୨୦୨୩ ମାର୍ଚ୍ଚ ୩ରେ ଖଡିଆଳ ଓ ୨୦୨୩ ମେ ୨୯ରେ ସିନାପାଲିଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଜିଲା ପ୍ରଶାସନ ତାଙ୍କ ବିରୋଧରେ କୌଣସି ପଦକ୍ଷେପ ନେଇନାହାନ୍ତି। ଯୋଗାଣ ସହାୟକ ହେବା ପରେ ୩ ମାସର ରାଶନ ଚାଉଳ ହଡପ କରିଥିଲେ। ପଞ୍ଚାୟତରେ ତାଲା ଦେଇ ଘେରାଉ କରି କିଛି ଦିନ ପରେ ଚାଉଳ ମିଳିଛି। ପଲସଦା ପଞ୍ଚାୟତରେ ଯୋଗାଣ ସହାୟକ ନାମରେ ଅଭିଯୋଗ ପରେ ଅଭିଯୋଗ ଆସୁଥିଲେ ମଧ୍ୟ ପ୍ରଶାସନ ଶୁଣୁ ନ ଥିବାରୁ ପଞ୍ଚାୟତବାସୀ ପୁଣି ଜିଲାପାଳଙ୍କୁ ଗୁହାରୀ କରିଛନ୍ତି। ପଲସଦା ନୂତନ ପଞ୍ଚାୟତ ହେବା ସମୟରେ କାର୍ଯ୍ୟାଳୟ ନିର୍ମାଣ କରିବା ଚିହ୍ନଟ ସରକାରୀ ଜମିକୁ ଯୋଗାଣ ସହାୟକଙ୍କ ଜଣେ ସମ୍ପର୍କୀୟ ଜବରଦଖଲ କରିଛନ୍ତି। ଲୋକଙ୍କୁ କେସ ମକଦ୍ଦମା କରି ଭୟଭିତ କରୁଥିବା ଅଭିଯୋଗ କରିଛନ୍ତି। ତତ୍କାଳିନ ଜିଲାପାଳ ସରକାରୀ ଜମି ଛାଡିବା ପାଇଁ ବିଜ୍ଞପ୍ତି ଜାରି କରିଥିଲେ ମଧ୍ୟ ଭ୍ରୂକ୍ଷେପ ନ କରି ଜମିକୁ ନିଜ ଅକ୍ତିଆରରେ ରଖିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ସରକାରୀ ଜମିକୁ ପୁଣି ଥରେ ଚିହ୍ନଟ କରି ପଞ୍ଚାୟତକୁ ହସ୍ତାନ୍ତର କରାଯାଉ ଓ ଯୋଗାଣ ସହାୟକଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି ପଞ୍ଚାୟତବାସୀ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଖଡିଆଳ-ବୋଡେନ ରାସ୍ତା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅବରୋଧ କରି ଧାରଣାରେ ବସିବୁ ବୋଲି ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କ୍ରିଷ୍ଣ ଚନ୍ଦ୍ର ବେହେରା, ନିରଞ୍ଜନ ମଲ୍ଲିକ, ମନବୋଧ ବେହେରା, ଉଦେ ମଲ୍ଲିକ, ସସ୍ମିତା ପ୍ରଧାନୀ, ତସି ମଲ୍ଲିକ, ଅକୁର ମଲ୍ଲିକ, ନରନ୍ତି ମଲ୍ଲିକ, ରୋଦନ୍ତି ମଲ୍ଲିକ, ଲିଙ୍ଗ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଖଡ଼ିଆଳ ଏନ୍ଏସି ଆଦର୍ଶ ସହରୀ ଯୋଜନା ନେଇ ଚୁକ୍ତି ସ୍ୱାକ୍ଷର

**ଖଡ଼ିଆଳ,୧୪।୭(ସୁଜିତ୍ ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଆଦର୍ଶ ସହରୀ ଯୋଜନା ନେଇ ଚୁକ୍ତି ସ୍ୱାକ୍ଷର କରିଛି। ଶୁକ୍ରବାର ସମ୍ମିଳନୀ କକ୍ଷଠାରେ କ୍ଷେଟଲି ସିଷ୍ଟମ ଲିମିଟେଡ ପ୍ରତିନିଧି ସହ ଖଡିଆଳ ନଗରପାଳକ ଉଜ୍ଜଳ ଗୁପ୍ତା ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ସ୍ୱାକ୍ଷର ବେଳେ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଉପାଧକ୍ଷ ଶକୁନ୍ତଳା ରାଉତ, ୱାର୍ଡ ସଭ୍ୟ ସୁବେର ସିଂଦେଓ, ଚନନ୍ଦ ସାହୁ, ସାମାଜିକ କର୍ମୀ ଅନିଲ ସିନ୍ଦୁର ପ୍ରମୁଖ ଉପସ୍ଥିତ ରହିଥିଲେ। ଖଡ଼ିଆଳ ଏନଏସି ସହ ପାଖାପାଖି ୮ଟି ଗ୍ରାମର ୩୦ ବର୍ଗ କିଲୋମିଟର ପରିସୀମାରେ ଯୋଜନା ହେବା ସହ ବିଭିନ୍ନ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ। ସେହିପରି ଖଡ଼ିଆଳ ଜନସଂଖ୍ୟା ଦୃଷ୍ଟିରୁ ନଗରପାଳିକା ହେବାର ଯୋଗ୍ୟ ବିବେଚିତ। ନଗରପାଳିକା ପାଇଁ ଅନେକ ସହାୟକ ହେବ ବୋଲି ନଗର ଅଧକ୍ଷ ଉଜ୍ଜଳ ଗୁପ୍ତା ପ୍ରକାଶ କରିଛନ୍ତି। ଆସନ୍ତା ୧୬ ମାସରେ ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରିବା ପାଇଁ ଚୁକ୍ତିରେ ଉଲ୍ଲେଖ ରହିଛି। ୭ଟି ଗ୍ରାମ ମଧ୍ୟରେ କୋଟିପଦର, ରାଣୀପୁର, ବିଜେପୁର, ପଦମପୁର, ଗଡ୍ରାମୁଣ୍ଡା, ଲୋହରାପାଲି, ବାଦୀ ତିନି ୟୁନିଟ ସାମିଲ।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କ କଳାବ୍ୟାଜ୍ ଧାରଣ, ପ୍ରତିବାଦ




ଗ୍ରାମ୍ୟ କୃଷି କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି।

**ମଦନପୁର/ଏମ୍.ରାମପୁର,୧୪।୭ (ସନ୍ତୋଷ କୁମାର ଦଣ୍ଡସେନା /ଶଶିଭୂଷଣ ପ୍ରହରାଜ)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଶୁକ୍ରବାର ଓଡିଶା ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ତଥା ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ନିର୍ଦ୍ଦେଶ ଅନୁଯାୟୀ ଗୋଷ୍ଠୀ କୃଷି ଅଧିକାରୀ ମ.ରାମପୁରଠାରେ ବ୍ଲକ କାର୍ଯ୍ୟରତ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ କଳା ବ୍ୟାଜ୍ ଧାରଣ କରି ପ୍ରତିବାଦ ଜଣାଇଥିଲେ। ସେମାନେ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ଧାରଣ କରିବେ। ଯଦି ସେହି ସମୟ ମଧ୍ୟରେ ଗ୍ରେଡ୍ ପେ ୨୦୦୦ରୁ ୪୨୦୦କୁ ବୃଦ୍ଧି କରିବା, ପଦବୀର ନାମ ପରିବର୍ତ୍ତନ କରିବା, କ୍ୟାଡର୍ ପୁର୍ନଗଠନ, ଠିକା ନିଯୁକ୍ତି ସମୟର ୬ ବର୍ଷକୁ ମୂଳ ଚାକିରିରେ ଗଣନା ସହିତ ୬ଟି ନୋସ୍ନାଲ ଇନକ୍ରିମେଣ୍ଟ ପ୍ରଦାନ ଦାବିଗୁଡିକ ଯଦି ସରକାର ଜୁଲାଇ ମାସ ଶେଷ ସୁଦ୍ଧା ପୂରଣ ନ କରନ୍ତ ତା ହେଲେ ଅଗଷ୍ଟ ୧ରୁ ସମୂହ ଛୁଟିରେ ଯିବେ। ଚାଷ ସମୟରେ ଯାହା କ୍ଷତି ହେବ ସରକାର ଦାୟୀ ରହିବେ ବୋଲି ମ.ରାମପୁର ବ୍ଲକର ମଦନପୁର ଭିଏଡବ୍ଲ୍ୟୁ ବୁଦ୍ଧଦେବ ସାହୁ, କୁମେରପଟା ଭିଏଡବ୍ଲ୍ୟୁ ଅନିଲ କୁମାର ଦୋରା, ଗୌଡକେଲା ଭିଏଡବ୍ଲ୍ୟୁ ରାଜେନ୍ଦ୍ର ନାରାୟଣ ମାଝି, ସିଙ୍ଗପୁର ଭିଏଡବ୍ଲ୍ୟୁ ନନ୍ଦଲାଲ ଭୋଇ ଓ ଡମ୍ କର୍ଲାଖୁଣ୍ଟା ଭିଏଡବ୍ଲ୍ୟୁ ଅମିୟ ରନ୍ଜନ ମାଝି ପ୍ରକାଶ କରିଥିଲେ।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**ନୂଆପଡ଼ା,୧୪।୭(ମକାରୁ ବେମାଲ)**

ନୂଆପଡ଼ା ଜିଲାରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା କୃଷି କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଦୀର୍ଘ ଦିନରୁ ରାଜ୍ୟ ସରକାରଠାରେ ଦାବି କରି ଆସିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ପୂରଣ ହୋଇ ନ ଥିବାରୁ ଶୁକ୍ରବାରଠାରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ଆସନ୍ତା ୨୦ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି ସେବା ଯୋଗାଇ ସହ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରାଯିବ। ଏହା ପରେ ମଧ୍ୟ ସରକାର ଦାବି ଉପରେ କୌଣସି ନିଷ୍ପତ୍ତି ନେବାରେ ଅବହେଳା କଲେ ଅଗଷ୍ଟ ୧ରୁ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ସମୂହ ଛୁଟିରେ ଯାଇ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ। ଏଥିପ୍ରତି ଯାହା କ୍ଷତି ହେବ ବିଭାଗ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି। ଦାବିଗୁଡିକ ହେଲା ଗ୍ରାମ୍ୟ କୃଷି କର୍ମଚାରୀ ପଦବୀର ନାମ ପରିବର୍ତ୍ତନ କରିବା, ଗ୍ରେଡ ପେ ୨ ହଜାରରୁ ୪୨ଶହ ଟଙ୍କାକୁ ବୃଦ୍ଧି, ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ଚାକିରୀ କାଳ ମଧ୍ୟରେ ସର୍ବନିମ୍ନ ୩ ରୁ ୪ ଟି ପଦୋନ୍ନତି ଅବଧିର ସଂକୋଚନ ବା ଉଚ୍ଛେଦ ପାଇଁ କ୍ୟାଡର ନିୟମର ପୁନଗଠନ କରିବା ଆଦି ଦାବି ରହିଛି। ଦୀପକ ପାଣ୍ଡେ, ସୁଶୋଭନ ଭୋଇ, ମୋତିଲାଲ ଶବର, ଗିରୋଡ ପ୍ରବୀର, ନୂତନ ଲାଲ ସାହୁ, ସୋନି ଲୋହାଗିର, ସୁଲୋଚନା ପଟ୍ଟନାୟକ, ଆଶାରାଣୀ ପାତ୍ର, ଭବାନୀ ଶବର, ତପସ୍ୱିନୀ ବେହେରା, ବିକାଶ୍ରୀ ମହାନନ୍ଦ ପ୍ରମୁଖ ସାମିଲ ହୋଇଛନ୍ତି।




କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି କୃଷି କର୍ମଚାରୀ।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଆନ୍ଦୋଳନ

**ଭବାନୀପାଟଣା/ଲାଞ୍ଜିଗଡ଼,୧୪।୭ (ଉତ୍ତମ କୁମାର ଦାଶ/ ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲାରେ ଗତ କିଛି ଦିନ ହେଲା ଖରିଫ ଚାଷ ପାଇଁ କୃଷକମାନେ ଅଣ୍ଟା ଭିଡ଼ିଛନ୍ତି। କୃଷି ଓ କୃଷକଙ୍କ ସହିତ ସବୁବେଳେ ଜଡିତ ଥିବା ଗ୍ରାମ୍ୟ କୃଷି କର୍ମଚାରୀ (ଭିଏଡବ୍ଲ୍ୟୁ)ମାନଙ୍କୁ ସରକାର ଅଣଦେଖା କରୁଥିବା ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରି ସ୍ଥଳେ ଶୁକ୍ରବାର ରାଜ୍ୟ ସଂଘ ଆହ୍ୱାନକ୍ରମେ ୪ ଦଫା ଦାବି ନେଇ କଳାହାଣ୍ଡି ଜିଲାର ୧୩ଟି ବ୍ଲକର ୧୩୩ ଗ୍ରାମ୍ୟ କୃଷି କର୍ମଚାରୀ ସ୍ଥାନୀୟ ବ୍ଲକ କୃଷି କାର୍ଯ୍ୟାଳୟଠାରେ କଳାବ୍ୟାଚ ପିନ୍ଧି ଆନ୍ଦୋଳନ କରିଛନ୍ତି। ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଗ୍ରେଡ ପେ ୪୨୦୦କୁ ବୃଦ୍ଧି, ପଦୀର ନାମ ପରିବର୍ତ୍ତନ, କ୍ୟାଡ଼ର ପୁନର୍ଗଠନ, ଠିକା ସମୟରେ ୬ ବର୍ଷକୁ ମୂଳ ଚାକିରିରେ ଗଣନା ସହିତ ୬ଟି ନ୍ୟାଶନାଲ ଇଂକ୍ରିମେଣ୍ଟ ପ୍ରଦାନ ଆଦି ଦାବି ରହିଛି। କର୍ମଚାରୀମାନେ ଶୁକ୍ରବାରଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସାମୂହିକ କଳାବ୍ୟାଚ ପରିଧାନ କରି ବିକ୍ଷୋଭ କରିବା ସହ କାମ ମଧ କରିବେ। ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ସରକାରଙ୍କୁ ଦାବି ପୁରୁଣ ପାଇଁ ସମୟ ଦେବେ। ଯଦି ୩୦ ତାରିଖ ସୁଦ୍ଧା ସରକାର ଦାବି ପୁରୁଣ ନ କରନ୍ତି ତାହେଲେ ଆସନ୍ତା ଅଗଷ୍ଟ ୧ରୁ ଗ୍ରାମ୍ୟ କୃଷି କର୍ମଚାରୀମାନେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଛୁଟିରେ ଯିବା ପାଇଁ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଜିଲାରେ ଜିଲା ସଭାପତି ଶମ୍ଭୁଦତ୍ତ ନାଏକ ଓ ଜୁନାଗଡ଼ରେ ବ୍ଲକ ସଭାପତି ସମୀର ରଞ୍ଜନ ପଟ୍ଟଯୋଶୀ ଏହାର ନେତୃତ୍ୱ ନେଉଛନ୍ତି। ଜୁନାଗଡ଼ ବ୍ଲକରେ ୨୧ଜଣ ଗ୍ରାମ୍ୟ କୃଷି କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେହିପରି ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର କୃଷି ସୂଚନା ପରାମର୍ଶ କେନ୍ଦ୍ରଠାରେ କୃଷି କର୍ମଚାରୀମାନେ କଳାବ୍ୟାଜ ପରିଧାନ ପ୍ରତିବାଦ କରିଛନ୍ତି। ବିଶ୍ୱନାଥପୁରଠାରେ ଗ୍ରାମ୍ୟ କୃଷି କର୍ମଚାରୀ କଳାହାଣ୍ଡି ଶାଖା ସାଧାରଣ ସମ୍ପାଦକ ଭାସ୍କର ମାଝିଙ୍କ ନେତୃତ୍ୱରେ ମହିଳା ଓ ପୁରୁଷ ଗ୍ରାମ୍ୟ କୃଷି କର୍ମଚାରୀମାନେ ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ର ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଥିବା ଜଣାପଡିଛି। ଏଥିରେ ଜିଲା ସାଧାରଣ ସମ୍ପାଦକ ଭାସ୍କର ମାଝି ଓ ସଦସ୍ୟ ଧର୍ମେନ୍ଦ୍ର ଶବର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**କୋକସରା,(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ):** କୋକସରା କୃଷି କାର୍ଯ୍ୟାଳୟ ପରିସରରେ ବ୍ଲକ ସଭାପତି ଉପେନ୍ଦ୍ର ଜାଲଙ୍କ ସଭାପତିତ୍ୱରେ ବ୍ଲକର କାର୍ଯ୍ୟରତ କୃଷି ବିଭାଗ କର୍ମଚାରୀମାନେ ବିଭିନ୍ନ ଦାବି କଳାବ୍ୟାଜ୍ ପରିଧାନ କରି ସମୁହ ପ୍ରତିବାଦ କରିଛନ୍ତି। ବ୍ଲକ କୃଷି ବିଭାଗର କର୍ମଚାରୀଙ୍କ ମଧ୍ୟରେ ବ୍ଲକ ସମ୍ପାଦକ ବିଶ୍ୱ ରଞ୍ଜନ ବୋଡକିଆ, ଅଜିତ କୁମାର ସାହୁ, ଅବିନାଶ ଠାକୁର, ଭକ୍ତ ଚନ୍ଦ୍ର ମାଝି, ଟିକଚନ ଦଳପତି, ଧନିରାମ ମାଝି, ଧନସାଇ ମାଝି, କଲ୍ୟାଣି ନାଏକ, ଇନ୍ଦୁ ପାଣିଗ୍ରାହୀ, ଇତିଶ୍ରୀ ପାଣିଗ୍ରାହୀ, ଚନ୍ଦ୍ରକଳା ମେହେର ପ୍ରମୁଖ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦରେ ସାମିଲ ହୋଇଛନ୍ତି।



କୃଷି କର୍ମଚାରୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

### ଦାବି ପୂରଣ ନ ହେଲେ ୧ ରୁ ଅନିର୍ଦ୍ଦିଷ୍ଟକାଳ ଛୁଟିରେ ଯିବେ

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**କନ୍ଧମାଳ,୧୪।୭( ଆଦିତେଶ୍ୱର ମିଶ୍ର):** ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ସାହୁପଡାଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୁଶିଲ କୁମାର ଦାସ (୩୩) । ପ୍ରକାଶ ଯେ, ବାଉଁଶୁଣୀ ଥାନା ଅନ୍ତର୍ଗତ ଜୁରାମୁଣ୍ଡା ଗ୍ରାମର ସୁଶିଲ କୁମାର ରାତିରେ ଏକ ମୋଟର ସାଇକେଲ ଯୋଗେ ବୌଦ୍ଧ ପଟୁ ମନମୁଣ୍ଡା ଆଡକୁ ଯାଉଥିବା ବେଳେ ସାହୁପଡା ମେହୁରୁଣୀ ନାଳ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ମନମୁଣ୍ଡା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନାକୁ ପଠାଇଛି । ଏନେଇ ମନମୁଣ୍ଡା ଥାନାରେ ନଂ ୧୭୦/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ବିଜୁ ପଟ୍ଟନାୟକ ପାର୍କର ସ୍ଥିତି ଅନୁଧ୍ୟାନ

**ବିନିକା,୧୪।୭(ରାମ ଗୋପାଳ ବାଘ):** ବିନିକା ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୋଇ ସୁବର୍ଣ୍ଣପୁର ଜିଲା ବିନିକା-ଚଢେଇପଙ୍କ ମହାନଦୀ ସେତୁ ରାସ୍ତାରେ ଥିବା ବିଜୁ ପଟ୍ଟନାୟକ ପାର୍କର ସ୍ଥିତି ଗୁରୁବାର ଅନୁଧ୍ୟାନ କରିଛନ୍ତି। ଶିଶୁମାନଙ୍କ ମନୋରଞ୍ଜନ ପାଇଁ ପାର୍କରେ ଥିବା ବିଭିନ୍ନ ପ୍ରକାରର ସରଞ୍ଜାମ କିପରି ରହିଛି ତାହା ଦେଖିଥିଲେ। ତାଙ୍କ ସହିତ କନିଷ୍ଠ ଯନ୍ତ୍ରୀ ରଞ୍ଜନ ଗାଇଗରିଆ, ଏନଏସି କର୍ମଚାରୀ ପୃଥୀରାଜ ପଧାନ, ରାଜା ପଧାନ, ସତ୍ୟ ରାଜହଂସ, ସରୋଜ ବାଘ ଉପସ୍ଥିତ ରହିଥିଲେ। ଏହି ଅବସରରେ ଜିମ୍‌ରେ ବ୍ୟାୟାମ କରୁଥିବା ଯୁବପୀଢି ଓ ପାର୍କରେ ଶିଶୁମାନଙ୍କୁ ଉତ୍ସାହିତ କରିବା ସହିତ ଭରପୁର ମଜା ନେବାକୁ ଅଧକ୍ଷ ଭୋଇ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଉକ୍ତ ପାର୍କ ପରିସରରେ ବିଭିନ୍ନ ପ୍ରକାରର ଫୁଲ ଗଛ ରୋପଣ କରାଯାଇ ସୌନ୍ଦର୍ଯ୍ୟକରଣ ପ୍ରତି ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ୬୦ ୟୁନିଟ ରକ୍ତ ସଂଗ୍ରହ

**ଅମରପାଲି,୧୪।୭(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଓଡ଼ିଶା ମୋ ପରିବାର ଓ ବୀରମହାରାଜପୁର କଲେଜର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ସମୁଦାୟ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧରେ ଜିଲା ଜୀବନ ବିନ୍ଦୁ ସଂଯୋଗ ତଥା ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, କଲେଜ ପରିଚାଳନା କମିଟି ସଭାପତି ତଥା ବିଜୁଜନତା ଦଳ ବ୍ଲକ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ପୂର୍ବତନ ବ୍ଲକ ଅଧକ୍ଷ ବିବେକାନନ୍ଦ ପ୍ରଧାନ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦି, କଲେଜ ଅଧକ୍ଷ ସୁଦାମ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ କର୍ମୀ ଓ କଲେଜର ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ରକ୍ତଦାତାଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ବଣ୍ଟନ କରାଯାଇଥିଲା । ସୁବର୍ଣ୍ଣପୁର ବ୍ଲଡ ବ୍ୟାଙ୍କର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟରେ ସହଯୋଗ କରିଥିଲେ।

# ଉଚ୍ଚଶିକ୍ଷା ବିଭାଗ ନୀତିକୁ ଅଧ୍ୟାପକ, କର୍ମଚାରୀ ସଂଘର ବିରୋଧ

**ସୋନପୁର,୧୪।୭(ମୃତ୍ୟୁଞ୍ଜୟ ଶତପଥୀ)**

- ପଶ୍ଚିମ ଓଡିଶା କଲେଜ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ
- ଅଣ ଅନୁଦାନପ୍ରାପ୍ତ ଓ ଅନୁଦାନପ୍ରାପ୍ତ କଲେଜର ସମସ୍ତ କର୍ମଚାରୀଙ୍କୁ ଅନୁଦାନ ଦାବି



ବୈଠକରେ ମଞ୍ଚାସୀନ ସଂଘର କର୍ମକର୍ତ୍ତା ବୃନ୍ଦ ।

ସୋନପୁରର ଏକ ହୋଟେଲ ସମ୍ମିଳନୀ କକ୍ଷରେ ପଶ୍ଚିମ ଓଡିଶା ଅଣ ଅନୁଦାନପ୍ରାପ୍ତ ଓ ଅନୁଦାନପ୍ରାପ୍ତ କଲେଜ(ଯୁକ୍ତ ୨ ଓ ଯୁକ୍ତ ୩) ଅଧ୍ୟାପକ-କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଚ୍ଚଶିକ୍ଷା ବିଭାଗର ଟାଳଟୁଳ ନୀତିକୁ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ତେବେ ସରକାରଙ୍କ ପକ୍ଷରୁ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ ନିଷ୍ପତ୍ତିକୁ ସଂଘ ସ୍ୱାଗତ କରିଛି। ଜୁନ୍ ୨୦୦୮ରୁ ନଭେମ୍ବର ୩୦ ତାରିଖ ମଧରେ ପ୍ରତିଷ୍ଠିତ ହୋଇଥିବା ଉଚ୍ଚ ମାଧମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ପ୍ରସ୍ତାବିତ ନୂତନ ଅନୁଦାନ ନୀତିରେ ସମ୍ପୃକ୍ତ କରିବା, ଚାକିରି ସର୍ତ୍ତାବଳୀ ଲାଗୁ କରିବା ସହିତ ଯଥାଶୀଘ୍ର ବିଭାଗୀୟ ନିର୍ଦ୍ଦେଶନାମା ଜାରି କରିବା ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ନିକଟରେ ଅନୁରୋଧ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ କଳାହାଣ୍ଡି, ନବରଙ୍ଗପୁର, ବରଗଡ, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା ଗସ୍ତ ସମୟରେ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାର ଏ ସମ୍ପର୍କରେ ବିଚାର କରିବା ସହ ତ୍ୱରିତ ପଦକ୍ଷେପ ନେବେ ବୋଲି ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ସଂଘ ଆନ୍ଦୋଳନରୁ ନିବୃତ ରହିଛି। ପୂର୍ବରୁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ କର୍ମଚାରୀଙ୍କ ବିଭିନ୍ନ ତଥ୍ୟ ପାଇଁ ଲିଖିତ ଆକାରରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ। କିନ୍ତୁ ୭୨ ଘଣ୍ଟା ପରେ ନିର୍ଦ୍ଦେଶନାମାକୁ ଅବୈଧାନିକ ଦର୍ଶାଇ ପ୍ରତ୍ୟାହାର କରାଗଲା। ଯାହାକୁ ସଂଘ ବିରୋଧ କରିଛି। ସଂଘ ସହ କୌଣସି ଆଲୋଚନା ନ କରି ଏଭଳି ପଦକ୍ଷେପ ନେବା ଘଟଣାକୁ ସଂଘ ବିରୋଧ କରିଛି। ନୂତନ ଅନୁଦାନ ନୀତି ପ୍ରଣୟନ କରିବା ସହିତ ବିଭାଗୀୟ ନିର୍ଦ୍ଦେଶନାମା ଜାରି କରିବା ପାଇଁ ସଂଘ ଦାବି କରିଛି। ବୈଠକରେ ସଂଘର ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ଧନଞ୍ଜୟ ସାହୁ, ପଶ୍ଚିମ ଓଡିଶା ସଂଘ ସଭାପତି ସୁରେନ୍ଦ୍ର ମୋହନ ସାହୁ, ଉପସଭାପତି ବ୍ରଜେନ୍ଦ୍ର ତ୍ରିପାଠୀ, ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ମହାକୁଡ, ବଲାଙ୍ଗୀର ଜିଲା ସଭାପତି ମହେଶ ଦତ୍ତା କର୍ମୀ, କଳାହାଣ୍ଡି ଜିଲା ସଭାପତି ରବିନ ନନ୍ଦ, ବୌଦ୍ଧ ଜିଲାରୁ ମଧୁସୂଦନ ବାରିକ, ସୁବର୍ଣ୍ଣପୁର ଜିଲାରୁ ନାରାୟଣ ବରର୍ତ୍ତି, ପବିତ୍ର ବାରିକ, ସୀତାକାନ୍ତ ଭୋଇ, ପୂର୍ଣ୍ଣଚନ୍ଦ୍ର ମେହେର, ବାଙ୍କ ବିହାରୀ ପଣ୍ଡା, ରବି ମାଝୀ, ବସନ୍ତ ସାହୁ, ନରେଶ ବିଶି ଓ ଲୋକନାଥ ବାଗଙ୍କ ସମେତ ବହୁ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ


ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଅତିଥିବୃନ୍ଦ ।

**ଘଣ୍ଟାପଡ଼ା,୧୪।୭(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ବନ୍ଧଗୋରାରେ ପଶ୍ଚିମଓଡିଶା ବିକାଶ ପରିଷଦ ଅନୁଦାନ ପାଣ୍ଠିରେ ବୌଦ୍ଧ ଜିଲା ଦୁଗ୍ଧ ସଂଘର ତତ୍ତ୍ୱାବଧାନରେ ୧୦୦୦ ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ ଯନ୍ତ୍ର ସ୍ଥାପନ ସହିତ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କଣ୍ଟାମାଳ ବିଡିଓ କଳାକୃଷ୍ଣ ପ୍ରଧାନଙ୍କ ଦ୍ୱାରା ହୋଇଯାଇଛି। ଫଳରେ ଏହି ଅଞ୍ଚଳର ସମସ୍ତ ଗୋଚାଷୀ ଉପକୃତ ହେବେ। ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ବିମଳ କୁମାର ଚୌଧୁରୀ, ଖୁଣ୍ଟିଗୋରା ସରପଞ୍ଚ ସୁନୀତା ମାଝୀ, ସମ୍ବଲପୁର ସମଲେଶରୀ ଆଞ୍ଚଳିକ ଦୁଗ୍ଧ ସଂଘର ପି. ଏଣ୍ଡ ଆଇ ଇନଚାର୍ଜ ଡା.ସଞ୍ଜୀବ କୁମାର ଶତପଥୀ, ବୌଦ୍ଧ ଜିଲା ନୋଡାଲ ଅଫିସର ଅର୍ଜୁନ ସାହୁ ଯୋଗ ଦେଇଥିଲେ । ସନ୍ତୋଷ କୁମାର ମହାନ୍ତି, ଅଞ୍ଚଳ ଇନଚାର୍ଜ ସନ୍ତୋଷ ମାହାକର, ସୋନପୁର-ବିଏମପୁର ଦୁଗ୍ଧ ମାର୍ଗର କ୍ଷେତ୍ର ପରିଦର୍ଶକ ସହଦେବ ଶତପଥୀ ଉପସ୍ଥିତ ରହିଥିଲେ।

# ହିତାଧିକାରୀଙ୍କ ଆମରଣ ଅନଶନ ପ୍ରତ୍ୟାହୃତ


ଜିଲା ଉନ୍ନୟନ ଅଧିକାରୀ ଆନ୍ଦୋଳନକାରୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଉଛନ୍ତି ।

**ତରଭା,୧୪।୭(ମାନଭଞ୍ଜନ ମିଶ୍ର)**

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ୍ ପଡିବା ଘଟଣା**

- ଜଣେ ମହିଳାଓ ଦୁଇ ଜଣ ପୁରୁଷ ଡାକ୍ତରଖାନାରେ ଭର୍ତ୍ତି ହେଲେ

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧୀନ ମରାଡୁଗୁଛା ଓ ସିଂହାରୀ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ହିତାଧିକାରୀମାନେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ପୂର୍ବାହ୍ନ ୧୦ଟାରେ ପୂର୍ବତନ ସମିତି ସଭ୍ୟ ମିତ୍ରବ୍ରତ ମିଶ୍ର, ସରପଞ୍ଚ ମନମୋହନ ସାହୁ, ସମିତି ସଭ୍ୟ ମାର୍କଣ୍ଡ ନାଗ, ଭୋଳା ବର୍ମାଙ୍କ ନେତୃତ୍ୱରେ ୩୫ଜଣ ମହିଳା ଓ ପୁରୁଷ ଆମରଣ ଅନଶନରେ ବସିଥିଲେ। କେତେଜଣ ମହିଳା ତାଙ୍କର ଛୋଟ ଶିଶୁଙ୍କୁ କୋଳରେ ଧରି ଅନଶନରେ ବସିଥିବା ଦେଖାଯାଇଥିଲା। ତେବେ ୩୫ ଜଣଙ୍କ ମଧ୍ୟରୁ ୧୦ଜଣ ସ୍ୱାସ୍ଥ୍ୟଗତ କାରଣରୁ ଅନଶନରୁ କିଛି ସମୟ ପରେ ଓହରି ଯାଇଥିଲେ। ସନ୍ଧ୍ୟା ୬ଟାରେ ଗୁହିରାଘାଟ ଗ୍ରାମର ଛୁଆନନୀ ସୁନା(୫୦)ଙ୍କ ସ୍ୱାସ୍ଥ୍ୟ ବିଗିଡି ଯିବାରୁ ତାଙ୍କୁ ତରଭା ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ପରେ ରାତି ୮ଟାରେ ସ୍ୱାସ୍ଥ୍ୟ ଖରାପ ହେବାରୁ ଲକ୍ଷ୍ମୀମୁଣ୍ଡାର ଦୈତାରୀ କୁଅଁର(୩୩) ଓ ସଞ୍ଜୀବ କୁମ୍ଭାର (୨୬)ଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ମରାଡୁଗୁଛା ଓ ସିଂହାରୀ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବହୁ ଯୋଗ୍ୟ ହିତାଧିକାରୀ ବାଦ ପଡିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ମଙ୍ଗଳବାରଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀମାନେ ଗଣଧାରଣାରେ ବସିଥିଲେ। ଦାବି ପୂରଣ ନ ହେଲେ ଶୁକ୍ରବାର ଠାରୁ ସାମୁହିକ ଭାବେ ଆମରଣ ଅନଶନରେ ବସିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଥିଲେ। ଗୁରୁବାର ସୋନପୁର ପିଡ଼ି ନିହାର ରଞ୍ଜନ କହଁର ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରଥିଲେ ହେଁ ଆନ୍ଦୋଳନକାରୀମାନେ ଦାବି ପୂରଣ ଜିଦରେ ଅଟଳ ରହିଥିଲେ। ତେବେ ଶୁକ୍ରବାର ରାତିରେ ପିଡି କହଁର ପୁଣି ତରଭାକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ସେ କହିଥିଲେ, ଏକ ତଦନ୍ତ ଟିମ୍ ଗଠନ କରାଯିବ। ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବରଙ୍କୁ ଏହି ଟିମ୍‌ରେ ସାମିଲ କରାଯିବା ସହ ସେମାନଙ୍କ ଉପସ୍ଥିତିରେ ଯୋଗ୍ୟ ହିତାଧିକାରୀ ଚୟନ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଯୋଗ୍ୟ ହିତାଧିକାରୀ ଚୟନ କରାଯାଇ ଘର ଯୋଗାଇ ଦେବାକୁ ପିଡି କହଁର ଲିଖିତ ପ୍ରତିଶ୍ରୁତି ଦେବା ସହ ଅନଶନକାରୀଙ୍କୁ ଫଳରସ ପିଆଇବା ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ବୌଦ୍ଧ,୧୪।୭(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବାଲ୍ୟ ବିବାହ ନିଷେଧ ଟାସ୍କଫୋର୍ସର ତ୍ରୈମାସିକ ବୈଠକ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଅଧକ୍ଷତା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସୁବାଶ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବାଲ୍ୟ ବିବାହ ନିଷେଧ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାସ ଗତ ତ୍ରୈମାସିକ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଓ ତାହା ଉପରେ ହୋଇଥିବା କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଜିଲାପାଳ ସ୍ୱାଇଁ ବାଲ୍ୟବିବାହ ରୋକାଯାଇ ଉଦ୍ଧାର କରାଯାଉଥିବା ପ୍ରତ୍ୟେକ ପିଲାଙ୍କର ବ୍ୟକ୍ତିଗତ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ ମିଶନ ବାତ୍ସଲ୍ୟ କାର୍ଯ୍ୟକ୍ରମ ଓ ବେଟି ବଚାଓ, ବେଟି ପଢାଓ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜୟକୃଷ୍ଣ ମିଶ୍ର ବାଲ୍ୟ ବିବାହ ରୋକିବା ଓ ସଚେତନତା କାର୍ଯ୍ୟକ୍ରମରେ ଆଶାମାନଙ୍କୁ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ରବୀନ୍ଦ୍ର କୁମାର ରାଉତ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶ୍ୱିନୀ କୁମାର ମେହେର, ଜିଲା ଶିଶୁ ମଙ୍ଗଳ ଅଧକ୍ଷ ଦାମଦୋର ସାହୁ, ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା, ସୁଶାନ୍ତ କୁମାର ନାଏକ, ସୁଧାଂଶୁ ପୁରୋହିତ, ଘନଶ୍ୟାମ ମେହେର, ପ୍ରଫୁଲ୍ଲ କୁମାର ସାହୁ, ସିଡିପିଓ ହରଭଙ୍ଗା ନିରୁପମା ପାଣି, ବୌଦ୍ଧ ସିଡିପିଓ ମିନତୀ ଦେଓ, ୱାନଷ୍ଟପ୍ ସେଣ୍ଟର ଲିଗାଲ ଅଫିସର ଅମ୍ରିତ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଶ୍ରୀରାମ କଲେଜରେ ବନମହୋତ୍ସବ



ବୃକ୍ଷରୋପଣରେ ମହାବିଦ୍ୟାଳୟର କର୍ମଚାରୀ ଓ ବିଦ୍ୟାର୍ଥୀ ।

**ଡୁଙ୍ଗୁରିପାଲି,୧୪।୭(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟ, ରାମପୁରରେ ଅଧକ୍ଷ ତରଣୀସେନ ବେହେରାଙ୍କ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ଉଭୟ କର୍ମଚାରୀ ଓ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଛାତ୍ରାବାସ ଓ ମହାବିଦ୍ୟାଳୟର ଚତୁଃପାର୍ଶରେ ବିଭିନ୍ନ ପ୍ରଜାତିର ଶତାଧିକ ବୃକ୍ଷରୋପଣ କରାଯାଇଛି। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ମୀନକେତନ ପାତ୍ର ଉଦ୍ଭିଦର ଉପକାରିତା ବିଷୟରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇଥିଲେ। ଡେମୋଷ୍ଟ୍ରେଟର ଟୋପେଶ୍ୱର ପାତ୍ର ଚାରା ଯୋଗାଣ କରିଥିଲେ। ମହାବିଦ୍ୟାଳୟର ବିଦ୍ୟାର୍ଥୀମାନେ ରୋପଣ କରାଯାଇଥିବା ସମସ୍ତ ବୃକ୍ଷକୁ ବଞ୍ଚାଇବା ପାଇଁ ସଙ୍କଳ୍ପ ନେଇଥିଲେ ।

# ତଦନ୍ତ ନିର୍ଦ୍ଦେଶ ଦେଲେ ଡିଏଫଓ

**ବୌଦ୍ଧ,୧୪।୭(ଅଜିତ କୁମାର ବାରିକ)**

**ବାଙ୍କମୁଣ୍ଡି ସଂରକ୍ଷିତ ଜଙ୍ଗଲରୁ ଗଛ କଟା ଘଟଣା**



ସରକାର ବନୀକରଣ ନାମରେ ବ୍ୟାପକ ଅର୍ଥ ଖର୍ଚ୍ଚ କରି ଗଛ ଲଗାଉଥିବା ବେଳେ ବୌଦ୍ଧ ଜିଲାରେ ଜଙ୍ଗଲକୁ ସୁରକ୍ଷିତ ରଖିବାରେ ବନ ବିଭାଗ ବିଫଳ ହୋଇଥିବା ଜଣାପଡିଛି। ଜିଲାରେ କାଠ ମାଫିଆମାନେ ଦିନ ଦ୍ୱିପ୍ରହରରେ ବ୍ୟାପକ ଗଛ କାଟିବା ସହ ଜଙ୍ଗଲ ଧ୍ୱଂସ କରୁଛନ୍ତି। କିନ୍ତୁ ବନବିଭାଗ କୌଣସି ଟେର ପାଇପାରୁନାହିଁ। ଜିଲାର ବୌଦ୍ଧ ରେଞ୍ଜର ଦେବଗଡ ନିକଟରେ ଥିବା ବାଙ୍କମୁଣ୍ଡି ସଂରକ୍ଷିତ ଜଙ୍ଗଲରୁ ନିକଟରେ ଦୁର୍ବୃତ୍ତମାନେ ଅବାଧରେ ଗଛ କାଟି ନେଇଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ଦେବଗଡ ଗ୍ରାମବାସୀ ଶେଷରେ ବୌଦ୍ଧ ଡିଏଫଓଙ୍କ ପାଖରେ ଅଭିଯୋଗ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ପାଇବା ପରେ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏନେଇ ଏସିଏଫ ଆଶିଷ କହଁରଙ୍କ ନେତୃତ୍ୱରେ ଏକ ଟିମ୍ ଜଙ୍ଗଲରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି । କେତେ ଗଛ କଟାଯାଇଛି ଓ କଟା ଯାଇଥିବା ଖୁଣ୍ଟା ଗଣତି କାର୍ଯ୍ୟ ଚାଲିଛି। ଟିମ୍‌ରେ ଫରେଷ୍ଟର ସ୍ୱାଧୀନ ସାମଲ, ଫରେଷ୍ଟ ଗାର୍ଡ ଦୀପକ ନାଏକ ସାମିଲ ହୋଇଛନ୍ତି।

# ଛାତ୍ରୀଛାତ୍ରଙ୍କ ସଫଳତାରେ ଶିକ୍ଷାନୁଷ୍ଠାନର ହୁଏ ଗୌରବ ବୃଦ୍ଧି

**ଅମରପାଲି,୧୪।୭(ପୀତାମ୍ବର ସାହୁ)**



ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ।

**ବୀରମହାରାଜପୁର କଲେଜର ୪୩ତମ ପ୍ରତିଷ୍ଠା ଦିବସ ପାଳନ**

ଶିକ୍ଷାୟତନର ଭିତ୍ତିଭୂମି ପାଇଁ ଅର୍ଥର ଅଭାବ ରହିବ ନାହିଁ। ସୁବର୍ଣ୍ଣପୁରର ସମସ୍ତ କଲେଜ ୫-ଟିରେ ସାମିଲ ହୋଇଥିବାରୁ ଖୁବଶୀଘ୍ର କଲେଜଗୁଡିକର ଭିତ୍ତିଭୂମି ବଦଳି ଯିବ। ଛାତ୍ରୀଛାତ୍ରମାନେ ମନ ଦେଇ ପାଠ ପଢିଲେ ଜୀବନରେ ସଫଳତା ପାଇବେ ଏବଂ ପିଲାଙ୍କ ସଫଳତାରେ କଲେଜର ଗୌରବ ବଢ଼ିଥାଏ ବୋଲି କଲେଜର ୪୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ନିମନ୍ତ୍ରିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କଲେଜର ଅଧକ୍ଷ ସୁଦାମ ଚରଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ କଲେଜ ପରିଚାଳନା ସମିତିର ସଭାପତି ତଥା ଆଇନଜୀବୀ ସ୍ୱୟମ୍ଭୁନାଥ ଖଣ୍ଡଗିରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ଅଧ୍ୟାପକ ଡ.ହିମାଂଶୁ ଶେଖର ପାଢୀ ଙ୍କ ସଂଯୋଜନାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ କଲେଜର ପ୍ରତିଷ୍ଠାତା ସଭପତି ସ୍ୱର୍ଗତ ହୃଷୀକେଶ ହୋତା ଓ ସମ୍ପାଦକ ସ୍ୱର୍ଗତ କାର୍ତ୍ତିକ ପ୍ରସାଦ ତରିଆଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହାସହିତ ଗତ ଯୁକ୍ତ ଦୁଇ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୪ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅଧ୍ୟାପିକା ବନ୍ଦିତା ବିଶ୍ୱାଳ, ଯାମିନୀ ଦାଶ, ଅଧ୍ୟାପକ ଜିତେନ୍ଦ୍ର ସାହୁ, ଦୀପକ ଟପ୍ପୋ, ନରେନ୍ଦ୍ର ଝା, ପ୍ରଭାତ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। କଲେଜର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଖେଳ ପଡିଆରେ ବୃକ୍ଷ ରୋପଣ କରାଯାଇଥିଲା। ଶେଷରେ ଆଧ୍ୟାପିକା ହରପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ବୀରମହାରାଜପୁର କଲେଜ ୧୯୮୧ ମସିହାରେ ଅଞ୍ଚଳବାସୀ ଙ୍କ ସହଯୋଗରେ ପ୍ରତିଷ୍ଠା ହୋଇ ଉଚ୍ଚ ଶିକ୍ଷା ବିକାଶ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛି। ଚଳିତବର୍ଷ ଉକ୍ତ କଲେଜର ଛାତ୍ରୀ ସୌଭାଗ୍ୟବତୀ ଥନାପତି ୮୭ ପ୍ରତିଶତ ନମ୍ବର ରଖି ଯୁକ୍ତ ଦୁଇ କଳା ବିଭାଗରେ ସୁବର୍ଣ୍ଣପୁର ଜିଲାରେ ଟପ୍ପର ହୋଇଛନ୍ତି। ପ୍ରତିଷ୍ଠା ଦିବସରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, କଲେଜ ପରିଚାଳନା କମିଟିର ସଦସ୍ୟ ,ପୂର୍ବତନ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଯୋଗ ଦେଇଥିଲେ।

# ଜିଲାରେ ବିଭାଗୀୟ ଭିତ୍ତିଭୂମି ନେଇ ସମୀକ୍ଷା

**ବୌଦ୍ଧ/ବଘିଆପଡା,୧୪।୭ (ଅଜିତ କୁମାର ବାରିକ/ଶ୍ରୀକାନ୍ତ ସାହୁ)**

**ରାଜ୍ୟ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଉପଦେଷ୍ଟାଙ୍କ ବୌଦ୍ଧ ଗସ୍ତ**


ରଜ୍ୟ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଉପଦେଷ୍ଟା ଅନୁଭବ ପଟ୍ଟନାୟକ ବଘିଆପଡାର ଏକ ମୋ ସେବା କେନ୍ଦ୍ର ବୁଲି ଦେଖୁଛନ୍ତି ।

ରାଜ୍ୟ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଗୁରୁବାର ଦିନ ଦିକିଆ ବୌଦ୍ଧ ଜିଲା ଗସ୍ତରେ ଆସି ବିଭାଗୀୟ ଭିତ୍ତିଭୂମି ନେଇ ଅନୁଧ୍ୟାନ କରିବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲାରେ ମୋ ସେବା କେନ୍ଦ୍ର, ଆଧାରକାର୍ଡ କେନ୍ଦ୍ର, ବ୍ଲକଗୁଡିକର ଭିସି କକ୍ଷ, ଓସ୍ୱାନ କକ୍ଷ, ରୁପାନ୍ତରିତ ବିଦ୍ୟାଳୟଗୁଡିକରେ ପ୍ରଯୁକ୍ତି ବିଦ୍ୟାର ସୁବିଧା ସୁଯୋଗ, ପ୍ରତ୍ୟେକ ପଞ୍ଚାୟତକୁ ଇଣ୍ଟରନେଟ ସୁବିଧା. ବ୍ୟାଙ୍କିଂ ସୁବିଧା, ଆଭାସୀ ସମ୍ମିଳନୀ କକ୍ଷ ଆଦି ସଂପର୍କରେ ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାର ୧୯୭ ଗୋଟି ଯୋଜନା ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଓ ସେବା ଯୋଗାଇ ଦେଉଥିବା ବେଳେ ଜିଲାପାଳ ସ୍ୱାଇଁ ଲୋକଙ୍କୁ ପ୍ରତ୍ୟେକ ପଞ୍ଚାୟତରେ ଏହିସବୁ ସୁବିଧା ଯୋଗାଇ ଦିଆଯାଇପାରିଲେ ସମସ୍ତ ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରାମାଞ୍ଚଳରେ ଶ୍ରମିକମାନେ ଯେପରି ଠିକ ଭାବରେ ଶ୍ରମିକ ଜବକାର୍ଡ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବା ସହିତ ଏଥିପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା କରିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ବୈଠକରେ ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଉପଦେଷ୍ଟା ପଟ୍ଟନାୟକ କହିଥିଲେ ଯେ, ଜିଲାରେ ୪୨ଟି ବିଦ୍ୟାଳୟରେ ଇଣ୍ଟରନେଟ ସଂଯୋଗ ଥିଲେ ମଧ୍ୟ ସେବା ଉପଲବ୍ଧ ହୋଇପାରୁ ନାହିଁ । ସେହିପରି ୨୦ ଟି ପଞ୍ଚାୟତରେ ଇଣ୍ଟରନେଟ ସେବା ଥାଇ ଉପଲବ୍ଧ ନ ଥିବା ବେଳେ ୧୨ ଗୋଟି ପଞ୍ଚାୟତରେ ଇଣ୍ଟରନେଟ ସେବା ଆଦୌ ନ ଥିବା ସମୀକ୍ଷା ବୈଠକରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ଜିଲାପାଳ ଏକମାସ ମଧ୍ୟରେ ପ୍ରତ୍ୟେକ ପଞ୍ଚାୟତକୁ ଇଣ୍ଟରନେଟ ସୁବିଧା ସୁନିଶ୍ଚିତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ମୋ ସେବା କେନ୍ଦ୍ର କାର୍ଯ୍ୟ କରାଯିବାକୁ ନିର୍ଦ୍ଦେଶ ଦିଆଯିବା ସହିତ ବାହାରେ କାର୍ଯ୍ୟ କରୁଥିବା ମୋ ସେବା କେନ୍ଦ୍ରଗୁଡିକ ପଞ୍ଚାୟତ କାର୍ଯ୍ୟାଳୟ ମଧକୁ ଉଠାଇ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ଓକାକ୍ର ଇଷ୍ଟେଟ ଅଧିକାରୀ ବିକାଶ କୁମାର ନାଏକ, ମୋ ସେବା କେନ୍ଦ୍ର ପ୍ରକଳ୍ପ ମୁଖ୍ୟ ସୁରତ କୁମାର ଜେନା, ଜିଲା ସଂଯୋଜକ ରଜତ କୁମାର ଚୌହାନ, ଜିଲା ପଞ୍ଚାୟତ ଅଧିକାରୀ ଲକ୍ଷ୍ମଣ କୁମାର ଓରାମ, ସମୀର କୁମାର ନାଏକ, ବିଏସଏନଏଲ ସହକାରୀ ଯନ୍ତ୍ରୀ, ଶ୍ରମ ବିଭାଗ ଅଧିକାରୀଙ୍କ ସମେତ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ସବ୍‌ଡେଗା,୧୪।୭ (ଅନନ୍ତ ପଟେଲ):** ସୁନ୍ଦରଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ବିର୍ତ୍ତୁଲା ଯୋଗୀଯୋଗିଆଣୀ ବୁଲାଣିଠାରେ ଶୁକ୍ରବାର ସକାଳେ ଏକ ଡାଲା ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ିଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଜିଲା ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ତେବେ ଖବର ଲେଖାହେଲା ପର୍ଯ୍ୟନ୍ତ ସେମାନଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ଡାଲା ଅଟୋଟି କରମଡିହି ଗ୍ରାମର ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଅଟୋ କରମଡ଼ିହିରୁ ସବ୍‌ଡେଗା ଯାଉଥିବା ବେଳେ ଯୋଗୀଯୋଗିଆଣୀ ବୁଲାଣିଠାରେ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ି ଚାଳକ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାରେ ୨ ଗାଡ଼ି ଚୂର୍‌ମାର ହୋଇଯାଇଛି।

### ବନୀକରଣ କାର୍ଯ୍ୟକ୍ରମ



**ଲହୁଣୀପଡା,୧୪।୭(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟୁଗାଁ ପଞ୍ଚାୟତ ପକ୍ଷରୁ ବିଭିନ୍ନ ସ୍ଥାନରେ ବନୀକରଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ସୁମିତ୍ରା ଚାରଡ଼ିଆ, ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ସେଠୀ, କୁଲିପୋଷ ରେଞ୍ଜର ଡେପୁଟି ରେଞ୍ଜର ଜୟ କୁମାର ପ୍ରଧାନ, ଫରେଷ୍ଟର ପ୍ରଦୀପ କୁମାର ଭୋଇ, ସମିତି ସଭ୍ୟା ଅରୁଣୀ ପାତ୍ର ଯୋଗଦେଇଥିଲେ। ବୃକ୍ଷ ରୋପଣ କରିବା ଦ୍ୱାରା ଜୀବ ଜଗତର କି ଉପକାର ହୋଇଥାଏ ସେ ସମ୍ପର୍କରେ ସୂଚନା ଦେବା ସହିତ ବୃକ୍ଷ ହିଁ ଜୀବନ, ତେଣୁ ବୃକ୍ଷକୁ ନ କାଟି ରୋପଣ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ପୂଜାର୍ଚ୍ଚନା କରି ପଞ୍ଚାୟତ ତରଫରୁ କରାଯାଇଥିବା ଫଳ ବଗିଚାରେ ଗଛ ଲଗେଇବା ସହିତ ଶିଶୁ ଉଦ୍ୟାନ ଓ ପଞ୍ଚାୟତ ପରିସରରେ ମଧ ବୃକ୍ଷ ରୋପଣ କରାଯାଇଥିଲା। ଏହି ବନୀକରଣ କାର୍ଯ୍ୟକ୍ରମରେ ପଞ୍ଚାୟତର ୱାର୍ଡ ମେମ୍ବର, ଗାଁ ସାଥୀ ଓ ଗ୍ରାମବାସୀ ଉପସ୍ଥିତଥିଲେ।

### ଆଜି ଟ୍ରକ୍ ମାଲିକ ସଂଘ ନିର୍ବାଚନ

**ରାଜଗାଙ୍ଗପୁର,୧୪।୭(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଟ୍ରକ୍ ମାଲିକ ସଂଘର ବାର୍ଷିକ ନିର୍ବାଚନ ଆଜି ଅନୁଷ୍ଠିତ ହେବାକୁ ଯାଉଛି। ସଭାପତି ପଦବୀ ପାଇଁ ରାକେଶ ନନ୍ଦା ଓ ମନୋଜ ବାଙ୍କରାଙ୍କ ମଧ୍ୟରେ ପ୍ରତିଯୋଗିତା ରହିଛି। ଉଭୟେ ଜିତିବା ପାଇଁ ନିଜର ରଣକୌଶଳ ଜାରି ରଖିଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦବୀ ପାଇଁ ୩ ଏବଂ କାର୍ଯ୍ୟକାରୀ ସଭାପତି ପଦବୀ ପାଇଁ ୩ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିଛି। ଅନ୍ୟାନ୍ୟ ପଦବୀ ପାଇଁ ୨ ଜଣ ଲେଖାଏଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

### ବରଗଡ଼ ଏସ୍‌ଡିପିଓଙ୍କ ବଦଳି

**ବରଗଡ଼,୧୪।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଏସ୍‌ଡ଼ିପିଓ ଅମ୍ରିତ କୁମାର ପଣ୍ଡାଙ୍କ ବଦଳି ହୋଇଛି । ତାଙ୍କୁ ଭୁବନେଶ୍ୱର ଡିଏସ୍‌ପି (ଏସ୍‌ଓଜି) ଭାବେ ବଦଳି କରାଯାଇଛି। ସେହିପରି ଜିଲା ପୋଲିସ ମୁଖ୍ୟାଳୟରେ ଡିଏସ୍‌ପି (ଆଇୟୁସିଏଡବ୍ଲ୍ୟୁ) ଭାବେ କାର୍ଯ୍ୟରତ ସୁଧାକର ସାହୁଙ୍କୁ ଶରଣକୁଳ ଏସ୍‌ଡ଼ିପିଓ ଭାବେ ବଦଳି ହୋଇଛି ।



ସୁନ୍ଦରଗଡ଼ ସରକାରୀ ମହିଳା କଲେଜ ଛକରେ ଆବର୍ଜନା ଗଦା ହୋଇପଡ଼ିଛି।

# ପାଇପ୍ ବିଛାଇବାକୁ ରାସ୍ତା ଖୋଳିଦେଲେ

- ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ
- ଟ୍ରାଫିକ ଜାମ,ଦୁର୍ଘଟଣା ଆଶଙ୍କା

**ସୁନ୍ଦରଗଡ,୧୪।୭(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସହରରେ ବିଭିନ୍ନ ସ୍ଥାନରେ ଜଳଯୋଗାଣ ପାଇଁ ପାଇପ୍ ବିଛା କାର୍ଯ୍ୟ ଚାଲିଛି। ହେଲେ ପାଇପ୍ ବିଛା କାର୍ଯ୍ୟ ନେଇଥିବା ଓଡିଶା ବାହାର ଠିକାସଂସ୍ଥାର ମନମୁଖି କାର୍ଯ୍ୟ ଯୋଗୁଁ ସହରର ମୁଖ୍ୟ ରାସ୍ତା ଗୁଡିକ ଶୋଚନୀୟ ହୋଇପଡିଛି। ଫଳରେ ଏହି ରାସ୍ତା ଗୁଡିକରେ ଯାନବାହନ ଚଳାଚଳ ସହିତ ପଥଚାରୀଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ବର୍ଷା ଦିନରେ ପାଇପ୍ ବିଛାଇବା ପାଇଁ ରାସ୍ତା ଗୁଡିକ ଖୋଳି ଏପରି ଅବସ୍ଥାରେ ଛାଡି ଦେବାପରେ ରାସ୍ତା ମରାମତି ପାଇଁ ୱାଟକୋ କିମ୍ବା ପୂର୍ତ୍ତ ବିଭାଗର ନିରବତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୁନ୍ଦରଗଡ ସରକାରୀ କଲେଜ ଠାରୁ ରଙ୍ଗାଢିପା ଏବଂ ହସ୍ପିଟାଲ ଛକରେ ଏହି ପାଣି ପାଇବ ବିଛାକାର୍ଯ୍ୟ ପରେ ଏହି ରାସ୍ତାରେ ଯାତାୟତରେ ଅସୁବିଧା ସୃଷ୍ଟି ହେଉଛି। ରାସ୍ତା ଅଣ ଓସାରିଆ ହୋଇଥିବାବେଳେ ରାସ୍ତା ପାର୍ଶ୍ୱରେ ପାଇପ ବିଛା ଠିକା ସଂସ୍ଥା ମାଟି



ଖୋଳା ହୋଇଥିବା ରାସ୍ତା।

ଗଦା କରି ପକାଇଥିବାରୁ ଅଧିକାଂଶ ସମୟରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍ ରହୁଛି। ଏପରିକି କିଛିଦିନ ତଳେ ରଙ୍ଗାଢିପା ପୋଷ୍ଟ ଅଫିସ ନିକଟରେ ଏକ ଯାତ୍ରୀ ବାହୀ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହି ରାସ୍ତାଦେଇ ସ୍କୁଲ, କଲେଜ, ଅଫିସ, କଚେରୀ ଯିବା ଆସିବା ପାଇଁ ଟାଙ୍ଗରପାଲି, ଲେଫ୍ରିପଡା, ହେମଗିର, ବାଲିଶଙ୍କରା ଏମ୍‌ସିଏଲ ଅଞ୍ଚଳରୁ ପ୍ରତ୍ୟେହ ବହୁ ଲୋକ ଯା' ଆସ କରିଥାନ୍ତି। ହେଲେ ବର୍ତ୍ତମାନ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଥିବାରୁ ସମସ୍ୟା ଦେଖାଦେଇଛି। ରାସ୍ତା ଅବସ୍ଥା ସ୍ୱାଭାବିକ କରିବା ପାଇଁ କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ତେଣୁ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ରାଉରକେଲା ୱାଟକୋ ଜେନେରାଲ ମ୍ୟାନେଜର ପ୍ରତାପ କେଶରୀ ମହାନ୍ତିଙ୍କୁ ପଚାରିବାରୁ, ଏହି ପାଇପ ବିଛା କାର୍ଯ୍ୟ ତ୍ୱରାନିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ପରେ ଏହି କାର୍ଯ୍ୟ କରାଯାଉଛି। ନଷ୍ଟ ହୋଇଥିବା ରାସ୍ତାର ମରାମତି ପାଇଁ ପୂର୍ତ୍ତ ବିଭାଗଠାରେ ଆବଶ୍ୟକ ଅର୍ଥ ୱାଟକୋ ପକ୍ଷରୁ ପୈଠ ହୋଇଛି ବୋଲି ସେ କହିଛନ୍ତି।

# ବଢ଼ୁଛି ମଶା ବଂଶ

- ସଫା ହେଉନି ନାଳ ନର୍ଦ୍ଦମା
- ଡେଙ୍ଗୁ, ମ୍ୟାଲେରିଆ ହେବା ଆଶଙ୍କା ବୃଦ୍ଧି

**କୁଆଁରମୁଣ୍ଡା,୧୪।୭(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସଦର ଟାଉନ୍ ଅଞ୍ଚଳରେ ଥିବା ନାଳ, ନର୍ଦ୍ଦମାଗୁଡିକ ମାସ ମାସ ଧରି ସଫା ହେଉନାହିଁ । ଫଳରେ ମଶା ବଂଶ ବୃଦ୍ଧି ପାଉଛି । ବର୍ଷାଦିନେ ଉକ୍ତ ନାଳଗୁଡିକରେ ଭଲଭାବେ ଜଳ ନିଷ୍କାସନ ହେଉ ନ ଥିବାରୁ ମଶା, ମାଛିଙ୍କ ବଂଶ ବୃଦ୍ଧି ପାଉଛି। କୁଆଁରମୁଣ୍ଡା ଚେକ୍‌ଗେଟ୍, ଭାଟିଟୋଲି, କୁଆଁରମୁଣ୍ଡା ପୁରୁଣାବସ୍ତି, ତହସିଲବସ୍ତି, ସିଟି ସ୍କୁଲ ରୋଡ, କୃଷି କାର୍ଯ୍ୟାଳୟ ଗଳି, ସରବେରଣୀ ଆଦି ଅଞ୍ଚଳ ଦେଇ ଯାଇଥିବା ଡ୍ରେନଗୁଡିକରୁ ବର୍ଷା ଜଳ ନିଷ୍କାସନ ନ ହୋଇ ଜମି ରହୁଛି। ଏଥିଯୋଗୁ ଲୋକଙ୍କୁ ଡେଙ୍ଗୁ, ମ୍ୟାଲେରିଆ ହେବାର ଯଥେଷ୍ଟ ସମ୍ଭାବନା ରହୁଛି। ସରକାରଙ୍କ ତରଫରୁ ଅଳିଆ, ଆବର୍ଜନାପୂର୍ଣ୍ଣ ସ୍ଥାନ ତଥା ପାଣି ଜମି ରହୁଥିବା ସ୍ଥାନଗୁଡିକୁ ଚିହ୍ନଟ କରାଯାଇ ସେଠାରେ ମଶାମରା ତେଲ, ମଶା ଧୂଆଁ ଇତ୍ୟାଦି ଛଡା ଗଲେ ମଶା,ମାଛି ବଂଶ ବୃଦ୍ଧିକୁ ରୋକାଯାଇପାରିବ। ଏ ନେଇ ସଂସ୍କାର ସ୍ୱେଚ୍ଛାସେବୀ ସଂଗଠନ ସମ୍ପାଦକ ଅମୂଲ୍ୟ କୁମାର ଜେନା କୁହନ୍ତି, ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ନାଳ ନର୍ଦ୍ଦମାଗୁଡିକ ସଫା ହେଉ ନ ଥିବାରୁ ମଶା,ମାଛିଙ୍କ ବଂଶ ବୃଦ୍ଧି ପାଉଛି । ଏ ନେଇ ସରକାରୀସ୍ତରରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜେନା ଦାବି କରିଛନ୍ତି। ସେହିପରି କୁଆଁରମୁଣ୍ଡା ନାଗରିକ କମିଟି ସଦସ୍ୟ ରାଜୁ ତିୱାରି କହିଛନ୍ତି, ଡ୍ରେନଗୁଡିକରେ ସରକାରଙ୍କ ପକ୍ଷରୁ ଫିନାଇଲ, ଡିଡିଟି, ମଶା ତେଲ ଇତ୍ୟାଦି ପକାଯିବା କଥା । କିନ୍ତୁ ତାହା କରାଯାଉ ନାହିଁ । ଫଳରେ ମଶାଙ୍କ ଯୋଗୁ ଅଞ୍ଚଳରେ ଡେଙ୍ଗୁ,ମ୍ୟାଲେରିଆ ଇତ୍ୟାଦି ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି । ସ୍ଥାନୀୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ତିୱାରୀ ଦାବି କରିଛନ୍ତି। ଏ ନେଇ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ ସୁପରିଟେଣ୍ଡେଣ୍ଟ ଡା.ଶ୍ରୀମନ୍ତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ, ଗତ ଏକ ସପ୍ତାହ ହେଲା ଆଶା କର୍ମୀମାନେ କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳର ଲୋକଙ୍କ ଘରକୁ ଘର ବୁଲି ମ୍ୟାଲେରିଆ, ଡେଙ୍ଗୁ ପରୀକ୍ଷା କରୁଛନ୍ତି। ଏହି ସର୍ଭେ ଏକ ମାସ ଧରି ଚାଲିବ । ଯେଉଁ ସ୍ଥାନରେ ପାଣି ଜମି ରହୁଥିବ ସେହିସବୁ ସ୍ଥାନଗୁଡିକ ଚିହ୍ନଟ କରି ମଶାଙ୍କ ବଂଶ ଲୋପ କରିବା ପାଇଁ ମଶା ଅଣ୍ଡା ଖିଆ ମାଛ ଯାଆଁଳ ଛାଡିବାକୁ ଆଶା କର୍ମୀଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି ବୋଲି ଡା.ପଟ୍ଟନାୟକ କହିଛନ୍ତି।

# ନର୍ସିଂ କଲେଜର କମ୍ପ୍ୟୁଟର ବିଭାଗ ଉଦ୍‌ଘାଟିତ

**ବଡ଼ଗାଁ,୧୪।୭(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ସମିତି କଲେଜ ନିକଟରେ ନବନିର୍ମିତ ବଡ଼ଗାଁ ନର୍ସିଂ କଲେଜ ଚଳିତ ବର୍ଷଠାରୁ ଆରମ୍ଭ ହେବ। ଏହାର ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ ହୋଇଥିବାବେଳେ ଶୁକ୍ରବାର କମ୍ପ୍ୟୁଟର ବିଭାଗକୁ ଉଦ୍‌ଘାଟନ କରାଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବିଡିଓ କ୍ଷମାନିଧି ଭୋଇ, ତହସିଲଦାର ସରୋଜ କୁମାର ପୃଷେଟ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବଡ଼ଗାଁ ଡିଗ୍ରୀ କଲେଜ ଅଧ୍ୟକ୍ଷା ବନଜାରାଣୀ ଷଡ଼ଙ୍ଗୀ, ଅଧ୍ୟାପକ ହେମନ୍ତ କୁମାର ପଣ୍ଡା, ସତ୍ୟନାରାୟଣ ନାୟକ ଯୋଗଦେଇଥିଲେ। କଲେଜ ମୁଖ୍ୟ ଡ. ଅରୁଣ କୁମାର ନାୟକ, ସମ୍ପାଦକ ରାମଚନ୍ଦ୍ର ନାୟକ ଅତିଥିଙ୍କୁ କମ୍ପ୍ୟୁଟର ବିଭାଗର ବିଭିନ୍ନ ବ୍ୟବସ୍ଥା ଉପରେ ଜଣାଇଥିଲେ। କମ୍ପ୍ୟୁଟର ବିଭାଗରେ ୩ ଶହ ଛାତ୍ରୀଛାତ୍ର ଏକକାଳୀନ ପରୀକ୍ଷା ଦେଇପାରିବେ ଏବଂ ସିବିଟି ମାଧ୍ୟମରେ କାର୍ଯ୍ୟ ହୋଇପାରିବ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷଠାରୁ ଏଏନ୍‌ଏମ୍ ଏବଂ ଜିଏନ୍‌ଏମ୍ ଟ୍ରେନିଂ ଆରମ୍ଭ ହେବ। ଏ ସମ୍ପର୍କରେ ସଂସ୍ଥାର ସମ୍ପାଦକ ରାମଚନ୍ଦ୍ର ନାୟକଙ୍କୁ ପଚାରିବାରୁ, ବର୍ତ୍ତମାନ ୧୦୦ଟି କମ୍ପ୍ୟୁଟର ଅଛି। ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର ଟ୍ରେନିଂ ନେବାରେ ଆଉ ଅସୁବିଧା ହେବନାହିଁ। ବଡ଼ଗାଁ ଅଞ୍ଚଳର ଛାତ୍ରୀଛାତ୍ର ଓ ଅନ୍ୟମାନେ ମଧ୍ୟ ଏହାର ସଦୁପଯୋଗ କରିପାରିବେ ବୋଲି ସେ କହିଛନ୍ତି।



ପଞ୍ଚାୟତ ସମିତି ଅଧ୍ୟକ୍ଷା କମ୍ପ୍ୟୁଟର ବିଭାଗକୁ ଉଦ୍‌ଘାଟନ କରୁଛନ୍ତି।

# ବିଜେଡି ସାଧାରଣ ସମ୍ପାଦିକାଙ୍କ ରାଉରକେଲା ଗସ୍ତ

**ରାଉରକେଲା, ୧୪।୭(ସଙ୍ଗୀତା ଜେନା)**

ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ତଥା ଆକାଂକ୍ଷା ଓ ଅନ୍ୱେଷା କାର୍ଯ୍ୟକ୍ରମର ରାଜ୍ୟ ଉପଦେଷ୍ଟା ଏଲିନା ଦାସ ଶୁକ୍ରବାର ରାଉରକେଲା ଗସ୍ତ କରିଥିଲେ। ସେ ଉଦିତନଗର ସ୍ଥିତ ଆକାଂକ୍ଷା ଓ ଅନ୍ୱେଷା ହଷ୍ଟେଲଗୁଡ଼ିକ ପରିଦର୍ଶନ କରିବା ସହ ଅନ୍ତେବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ତାଙ୍କୁ ସେକ୍ଟର-୫ ପାନ୍ଥନିବାସରେ ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ସହ ଜିଲା ସମାଜ ମଙ୍ଗଳ ଅଧିକାରୀ ପବିତ୍ର ପ୍ରଧାନ, କୁତ୍ରା ବିଜେଡିର ବିନୋଦ ଟପ୍ପୋ, ଏସ୍‌ଡ଼ିସିର ଉପସଭାନେତ୍ରୀ ସୁଶୀଳା ଟପ୍ପୋ, ସୁନ୍ଦରଗଡ଼ ବିଜେଡି ଯୁବନେତା ଦେବେନ୍ଦ୍ର ମାଝୀ,



ବିଜେଡି ସାଧାରଣ ସମ୍ପାଦିକା ଏଲିନା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଅନ୍ୱେଷା ଓ ଆକାଂକ୍ଷାର ପ୍ରମୋଦ ପଟେଲ, ରାଉରକେଲା ବିଜେଡି ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅଞ୍ଚଳ କଲେଜରେ ବନୀକରଣ

**ପଦ୍ମପୁର,୧୪।୭(ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ଟାଉନ୍ କ୍ଲବ ଆନୁକୂଲ୍ୟରେ ଅଞ୍ଚଳ କଲେଜଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଛାତ୍ରୀଛାତ୍ରଙ୍କ ସହ ପ୍ରାଧ୍ୟାପକ ଲଲାଟେନ୍ଦୁ ନାୟକ ଓ ଅନ୍ୟ ଅଧ୍ୟାପକ ଯୋଗଦେଇଥିଲେ। ଟାଉନ କ୍ଲବ ତରଫରୁ ପ୍ରୀତେଶ କୁମାର ବହିଦାର, ଅଶୋକ କୁମାର ମିଶ୍ର, ସୁନିଲ ଅଗ୍ରୱାଲ, ହରି ସିଂ, ଆଦିତ୍ୟ ରଥ, ଅମିତ ଗର୍ଗ, କୁନାଲ ପାଣିଗ୍ରାହୀ, ଶେଖ ୱାରିସ ରଜା, ଅଖିଳ ପଟ୍ଟନାୟକ, ଅଦର୍ଶ ନାଥ, ସୋମେଶ ଚନ୍ଦ୍ର ମହାନ୍ତି, ମଣ୍ଟୁ ପାଣ୍ଡେ, ଦିନେଶ ବାରିକ, ଦୀପକ ବାରିକ, ଅର୍ଜୁନ ସହା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ସହ କ୍ଲବର ସଦସ୍ୟମାନେ ମିଶି କଲେଜ ପରିସରରେ ବୃକ୍ଷ ରୋପଣ କରିଥିଲେ।

# ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ରାଜଗାଙ୍ଗପୁର ଗସ୍ତ

**ରାଜଗାଙ୍ଗପୁର,୧୪।୭(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ଅରବାନ ଡେଭଲପମେଣ୍ଟ ଏଜେନ୍ସିର ପ୍ରକଳ୍ପ ନିର୍ଦ୍ଦେଶକ ଲଳିତ ସରେଙ୍ଗ ଶୁକ୍ରବାର ରାଜଗାଙ୍ଗପୁର ପୌର କାର୍ଯ୍ୟାଳୟ ଗସ୍ତ କରିଥିଲେ। କାଉନସିଲରଙ୍କ ସହ ଉପସ୍ଥିତ ରହି ମୁକ୍ତା ଯୋଜନାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସେ ବିସ୍ତୃତ ସୂଚନା ଦେଇଥିଲେ। ୨୦୨୩ -୨୪ ବର୍ଷ ପାଇଁ ୩ କୋଟି ୧୭ ଲକ୍ଷ ଟଙ୍କାର ପାଣ୍ଠି ପୌରପରିଷଦକୁ ଦିଆଯିବା ପାଇଁ ସ୍ଥିରୀକୃତ ହୋଇଛି। ସମସ୍ତ କାର୍ଯ୍ୟ ଏସ୍‌ଏଚଜି ଗ୍ରୁପ୍ ମାଧ୍ୟମରେ କରାଯିବ। କାଉନସିଲରଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ କରିବା ପାଇଁ ପୌରପରିଷଦର ବିଭାଗୀୟ ଅଧିକାରୀଙ୍କୁ ସେ କହିଥିଲେ। ସୂଚନାଯୋଗ୍ୟ, ପୌରପରିଷଦର କେତେକ କାଉନସିଲର ଗତ ୭ରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ବିଭିନ୍ନ ଅଭିଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ, ଓଡ଼ିଶାରେ ଲହୁଣୀପଡ଼ା ବ୍ଲକ ପ୍ରଥମ

**ଲହୁଣୀପଡା,୧୪।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ବଡ ପୁରୁଣାପଣି ପଞ୍ଚାୟତ ଜୁନିଆନି ଗ୍ରାମର ମେହେରୁନ ନିଶା ଧାର୍ଯ୍ୟ ତାରିଖ ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରି ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଶୁକ୍ରବାର ନୂତନ ଗୃହର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଲହୁଣୀପଡା ବିଡିଓ ଅନୁରାଗ ମିଶ୍ର, ବଡ ପୁରୁଣାପଣି ସରପଞ୍ଚ ଚାଙ୍ଗ ଓରାମ ଓ ବ୍ଲକ କର୍ମଚାରୀମାନେ ଯୋଗଦେଇ ମେହେରୁନ ନିଶାଙ୍କୁ ବୋନସ ବାବଦକୁ ଏକ ଚେକ ପ୍ରଦାନ କରିଥିଲେ। ମେହେରୁନ ଆନୁଷ୍ଠାନିକଭାବେ ଫିତା କାଟି ଗୃହ ପ୍ରବେଶ କରିଥିଲେ। ଧାର୍ଯ୍ୟ ତାରିଖ ପୂର୍ବରୁ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବାରେ ମେହେରୁନ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରି ଲହୁଣୀପଡା ବ୍ଲକ




ପାଇଁ ଗୌରବ ଆଣି ଦେଇଛନ୍ତି ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଅନୁସାରେ, ଲହୁଣୀପଡା ବ୍ଲକର ୧୭ ପଞ୍ଚାୟତର ବିଭିନ୍ନ ଗ୍ରାମର ପ୍ରାୟ ୨୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିପାଇଁ ପର୍ଯ୍ୟାୟକ୍ରମେ ବ୍ଲକର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିବା ସହିତ ଧାର୍ଯ୍ୟ ତାରିଖ ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କଲେ ୨୦ ହଜାର ଟଙ୍କା ବୋନସ ମିଳିବ ବୋଲି ସୂଚନା ଦିଆଯାଇଥିଲା।

# ବର୍ଷେ ନ ପୂରୁଣୁ ଧସୁଛି ଇଟା

- ନିମ୍ନମାନର ସୋକ୍‌ପିଟ ନିର୍ମାଣ

**କୁତ୍ରା,୧୪।୭(ଦେବାଶିଷ ସାହୁ)**

ଲୋକଙ୍କ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ତାହା ଲୋକଙ୍କ ପାଖରେ ଠିକ୍‌ଭାବେ ପହଞ୍ଚୁଛି କି ନାହିଁ ତଦାରଖ କରିବା ପାଇଁ କେହି ନାହାନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କନ୍ଧେଇମୁଣ୍ଡା ପଞ୍ଚାୟତ କୁରୁଙ୍ଗା ଗ୍ରାମରେ। ନଳକୂପଗୁଡ଼ିକର ପାଣି ନଷ୍ଟ ନ ହେବା ପାଇଁ ସରକାରଙ୍କ ପକ୍ଷରୁ ପ୍ରତି ନଳକୂପ କଡ଼ରେ ସୋକ୍‌ପିଟ ନିର୍ମାଣ କରାଯାଇଛି। ହେଲେ ନିମ୍ନମାନର କାମ ଯୋଗୁ ବର୍ଷେ ନ ହେଉଣୁ ତାହା ଧସିବାକୁ ଲାଗିଲାଣି। ସାମାନ୍ୟ ବର୍ଷାରେ ଏହାର ଅବସ୍ଥା ଏଭଳି ଆଗକୁ ଆହୁରି ପ୍ରଚୁର ବର୍ଷା ହେଲେ



ଭାଙ୍ଗିଥିବା ସୋକ୍‌ପିଟ୍‌।

ଏହାର ଅବସ୍ଥା କ'ଣ ହେବ ତାହା ଅନୁମାନ କରିବା ମୁସ୍କିଲ। ସୋକ୍‌ପିଟ ଉପରେ ଢାଙ୍କୁଣି ଦେବା କଥା, କିନ୍ତୁ ତାହା ମଧ ଦିଆଯାଇ ନାହିଁ। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରାରେ ଏଭଳି କାର୍ଯ୍ୟ ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ତେବେ ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ, ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯିବ ବୋଲି କହିଥିଲେ।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ (ଶୁକ୍ରବାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷ କରି ଶୁକ୍ରବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍ସେକ୍ସ ୫୦୨ (୫୦୨.୦୧) ପଏଣ୍ଟ ବୃଦ୍ଧି ଘଟି ୬୬,୦୬୧ (୬୬,୦୬୦.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୫୧ (୧୫୦.୭୫) ପଏଣ୍ଟ ବଢ଼ି ୧୯,୫୬୪ (୧୯,୫୬୪.୫୦) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବଜାରରେ କିଆ ଇଣ୍ଡିଆର ଦି ନ୍ୟୁ ସେଲଟସ୍




ଭୁବନେଶ୍ୱର,୧୪।୭(ଅଭୟ ଦାଶ)

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ମିଡ ସାଇଜ ଏସୟୁଭି 'ଦି ନ୍ୟୁ କିଆ ସେଲଟସ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସେଣ୍ଟ୍ରାଲ କିଆ ଭୁବନେଶ୍ୱର ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ଆଞ୍ଚଳିକ ପ୍ରବନ୍ଧକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ କିଆର ଜିଏମ ପ୍ରଶାନ୍ତ ବେହେରାଙ୍କ ଶୋରୁମର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଦି ନ୍ୟୁ କିଆ ସେଲଟସ୍‌ରେ ଅନେକଗୁଡ଼ିଏ ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ବର୍ତ୍ତମାନର ଫିଚର ଏବଂ ସୁବିଧା ଉପଲବ୍ଧ ରହିଛି। ସେହିଭଳି ଉକ୍ତ ମଡେଲ ନୂଆ ରୂପରେ ଉନ୍ମୋଚିତ ସହ ବଜାର ପ୍ରବେଶ ହୋଇଥିବାବେଳେ ଏକ ଆକର୍ଷଣୀୟ ଡିଜାଇନ ଏବଂ ଉନ୍ନତ ବୈଶିଷ୍ଟ୍ୟରେ ସୁସଜ୍ଜିତ ରହିଛି। ଉଲ୍ଲେଖଯୋଗ୍ୟ, ଦି ନ୍ୟୁ ସେଲଟସ୍ ଉଭୟ ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଉପଲବ୍ଧ ହେଉଥିବାବେଳେ ଅନେକଗୁଡ଼ିଏ ଅ୍ୟାଧୁନିକ ବୈଶିଷ୍ଟ୍ୟ ସାମିଲ ରହିଛି। ସେହିଭଳି ୮ଟି ମୋନଟୋନ କଲର ସହ ୨ଟି ଡୁଆଲ କଲର ଏବଂମ୍ୟାଟେ ଫିନିସ କଲରରେ ଉପଲବ୍ଧ। ସୂଚନାଯୋଗ୍ୟ,୨୦୨୩ ଜୁଲାଇ ୧୪ରୁ ଦି ନ୍ୟୁ କିଆ ସେଲଟସ୍‌ର ସର୍ବଭାରତୀୟ ବୁକିଂ ଆରମ୍ଭ ହୋଇଥିବାବେଳେ ଏହାର ଗ୍ରାହକମାନେ ଉଭୟ ଅନଲାଇନ ଏବଂ ଅଫଲାଇନ ଜରିଆରେ ମଧ୍ୟ ଉକ୍ତ ମଡେଲବୁକିଂ କରିପାରିବେ। ଏପରିକି ଗ୍ରାହକମାନେ ଉଭୟ କିଆର ଅଫିସିଆଲ ୱେବସାଇଟ ଏବଂ ସ୍ୱୀକୃତିପ୍ରାପ୍ତ ଡିଲରପଏଣ୍ଟଗୁଡିକରେ ମଧ୍ୟ ବୁକିଂ କରିପାରିବେ ବୋଲି କିଆ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି।

# ଟାଟା ଷ୍ଟିଲ୍‌ର ସ୍ପ୍ରିଣ୍ଟ ଟୁ ଜିରୋ ଚ୍ୟାଲେଞ୍ଜ ଅଭିଯାନ

ଭୁବନେଶ୍ୱର,୧୪।୭

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଟାଟା ଷ୍ଟିଲ୍ ପକ୍ଷରୁ ଏକ ଅଭିନବ ଅଭିଯାନ 'ଟାଟା ଷ୍ଟିଲ୍-ସ୍ପ୍ରିଣ୍ଟ ଟୁ ଜିରୋ-୨୦୨୩ ଚ୍ୟାଲେଞ୍ଜ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଶିଳ୍ପ କ୍ଷେତ୍ରର ନିରନ୍ତର ଭବିଷ୍ୟତ ଲାଗି ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରଯୁକ୍ତିର ମୁକାବିଲା ପାଇଁ ପ୍ରଯୁକ୍ତିଭିତ୍ତିକ ସମାଧାନ ପ୍ରଦାନ କରିବା ନିମନ୍ତେ ଏଭଳି ଏକ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକିଏହିଘୋଷଣା ହେଉଛି, ବ୍ରିଟେନ୍-ଭାରତ ହାଇଡ୍ରୋଜେନ୍ ସହଭାଗିତାର ଏକ ପ୍ରମୁଖ ଅଂଶ। ବ୍ରିଟେନ୍‌ର ବିଜ୍ଞାନ ମନ୍ତ୍ରୀ ଜର୍ଜ ଫ୍ରିମ୍ୟାନ୍ ଓ ଟାଟା ଷ୍ଟିଲ୍‌ର ଉପସଭାପତି (ପ୍ରଯୁକ୍ତି ଓ ଆର୍ ଆଣ୍ଡ୍ ଡି) ଡ. ଦେବାଶିଷ ଭଟ୍ଟାଚାର୍ଯ୍ୟ ମିଳିତ ଭାବେ ଆଇଆଇଏସ୍‌ସି ବେଙ୍ଗାଲୁରୁଠାରେ ଏହି ଘୋଷଣା କରିଛନ୍ତି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଉପସଭାପତି ଭଟ୍ଟାଚାର୍ଯ୍ୟ କହିଛନ୍ତି, ବର୍ତ୍ତମାନ ଇସ୍ପାତ ଶିଳ୍ପର ପ୍ରାଥମିକତା ହେଉଛି, ଡିକାର୍ବନାଇଜେସନ୍ ଏବଂ ତାହାକୁ ଏଭଳି ଭାବେ କରିବାକୁ ହେବ, ଯାହା ଉଭୟ ପ୍ରଯୁକ୍ତି ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଦୀର୍ଘସ୍ଥାୟୀ ହେବ। ବିଶେଷ କରି ଇସ୍ପାତ କ୍ଷେତ୍ରରେ ବର୍ତ୍ତମାନର କାର୍ବନ ଫୁଟ୍‌ପ୍ରିଣ୍ଟ ଦୀର୍ଘସ୍ଥାୟୀ ନ ଥିବା ବେଳେ ଉପଲବ୍ଧ ସ୍ୱଚ୍ଛ ହାଇଡ୍ରୋଜେନ୍ କ୍ଷେତ୍ରରେ ପରିଚାଳନା ଖର୍ଚ୍ଚ ଓ ଶକ୍ତି କ୍ଷତି ଭଳି ଅନେକ ଆହ୍ୱାନ ରହିଛି। ଏହି ଆହ୍ୱାନଗୁଡ଼ିକର ସମାଧାନ ପାଇବା ଲାଗି ଆମେ ପ୍ରତିବଦ୍ଧ ରହିଛୁ ଏବଂ ଏହି ଉଦ୍ୟମରେ ଶିକ୍ଷା ଓ ଶିଳ୍ପ ଜଗତର ଶ୍ରେଷ୍ଠ ପ୍ରତିଭା ଯେଭଳି ହାତ ମିଳାଇବେ ତାହା ନିଶ୍ଚିତ କରିବା ଲାଗି 'ଟାଟା ଷ୍ଟିଲ୍-ସ୍ପ୍ରିଣ୍ଟ ଟୁ ଜିରୋ ୨୦୨୩' ଭଳି ପ୍ଲାଟ୍‌ଫର୍ମ ସୃଷ୍ଟି କରିଛୁ। ବ୍ରିଟେନ୍ ସରକାରଙ୍କ ସହ ମିଶି ସ୍ପ୍ରିଣ୍ଟ ଅଭିଯାନର ଶୁଭାରମ୍ଭ କରିଥିବାରୁ ଆମେ ବହୁତ ଖୁସି ଏବଂ ଭାରତ ଓ ବ୍ରିଟେନ୍‌ର ନବସୃଜନ ନୀତି ନିର୍ଦ୍ଧାରକ, ଆର ଆଣ୍ଡ ଡି କମ୍ପାନୀ, ଷ୍ଟାର୍ଟଅପସ୍, ନିବେଶକ ଏବଂ ଗବେଷଣା ଦଳ ସହ କାର୍ଯ୍ୟ କରିବାକୁ ଆମେ ଚାହିଁରହିଛୁ। ସେହିଭଳି ବ୍ରିଟେନ୍‌ର ବିଜ୍ଞାନ, ନବସୃଜନ ଓ ପ୍ରଯୁକ୍ତି ବିଭାଗର ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଫ୍ରିମ୍ୟାନ୍ କହିଛନ୍ତି, ସାରା ଦୁନିଆ ପାଇଁ ଅର୍ଥନୀତିର ମେରୁଦଣ୍ଡ ଭାବେ ଇସ୍ପାତକୁ ବିଚାର କରାଯାଉଛି। ଏପରିକି ଇସ୍ପାତ ତିଆରିରେ ବ୍ୟାପକ ଶକ୍ତି ଓ କାର୍ବନ ବ୍ୟବହାର ହୋଇଥାଏ ଏବଂ ବିଶ୍ୱ ତାପନକୁ ହ୍ରାସ କରିବା ଲାଗି ଇସ୍ପାତ ଶିଳ୍ପକୁ ସ୍ୱଚ୍ଛ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତର ଇସ୍ପାତ ଶିଳ୍ପ ସହିତ ବ୍ରିଟେନ୍‌ର ଲୋ କାର୍ବନ ଉତ୍ପାଦନ ବିଶେଷତାର ସମ୍ମିଶ୍ରଣ ଏବଂ ଟାଟା ଷ୍ଟିଲ୍ ଭଳି ଏକ ପ୍ରଗତିଶୀଳ ଇସ୍ପାତ କମ୍ପାନୀ ସହ କାର୍ଯ୍ୟ କରି ଆମେ ଇସ୍ପାତ ଶିଳ୍ପ ଓ ଆମ ସମସ୍ତଙ୍କ ପାଇଁ ଏକ ପରିବେଶ ଦୀର୍ଘସ୍ଥାୟୀ ଭବିଷ୍ୟତ ପ୍ରଦାନ କରିବ।



# ରିଲାଏନ୍ସ ଡିଜିଟାଲରେ 'ଡିଜିଟାଲ ଇଣ୍ଡିଆ ସେଲ୍'




ଭୁବନେଶ୍ୱର,୧୪।୭

ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ 'ଡିଜିଟାଲ ଇଣ୍ଡିଆ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡର ସବୁଠାରୁ ବଡ଼ ଇଲେକ୍ଟ୍ରୋନିକ୍ସ ସେଲ୍‌ର ପ୍ରଥମ ପର୍ଯ୍ୟାୟ ୨୦୨୩ ଜୁଲାଇ ୧୪ରୁ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଗ୍ରଣୀ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଉପରେ ଅନେକ ଆକର୍ଷଣୀୟ ଅଫର ଏବଂ ରିହାତି ସହ ଅନେକ ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏପରିକି ୧୦,୦୦୦ଟଙ୍କା ପର୍ଯ୍ୟନ୍ତ ତତ୍କ୍ଷଣାତ ରିହାତି ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏହା ସହ ପ୍ରାଇସ୍ ମ୍ୟାଚ୍‌ର ଗ୍ୟାରେଣ୍ଟି ମଧ୍ୟ ଦିଆଯାଉଛି। ଫଳରେ ଗ୍ରାହକମାନେ ଏହି ସୀମିତ ଅବଧି ଅଫରଗୁଡ଼ିକୁ ୨୦୨୩ ଜୁଲାଇ ୧୬ ପର୍ଯ୍ୟନ୍ତ ଦେଶର ଯେକୌଣସି ରିଲାଏନ୍ସ ଡିଜିଟାଲ ଷ୍ଟୋର କିମ୍ବା ମାଇ ଜିଓ ଷ୍ଟୋରରୁ ପାଇପାରିବେ। ସେହିଭଳି ଗ୍ରାହକଙ୍କୁ ସହଜ ବୀମା (ଇଜି ଫାଇନାନ୍ସିଂ) ଏବଂ ଋଣ ବିକଳ୍ପ ସାଥିରେ ମଧ୍ୟ ଗ୍ରାହକମାନେ ବିଭିନ୍ନ ପ୍ରକାର ଉତ୍ପାଦ ଉପରେ ଲେଟେଷ୍ଟ ଟେକ୍, ଦ୍ରୁତତମ ଡେଲିଭରି ଏବଂ ଇନ୍‌ଷ୍ଟାଲେଶନ ସୁବିଧା ମଧ୍ୟ ପାଇପାରିବେ। ବିଶେଷକରି ଡିଜିଟାଲ ଇଣ୍ଡିଆ ସେଲ୍‌ରେ ଗ୍ରାହକ ଅନେକ ଆକର୍ଷଣୀୟ ଅଫର ଉପଭୋଗ କରନ୍ତୁ। ମାତ୍ର ୩୯,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ନୂଆ ଓପୋ ରେନୋ ୧୦ପ୍ରୋ ୫ଏ ସିରିଜ୍‌କୁ ଏକ୍ସପ୍ଲୋର୍ କରିପାରିବେ। ସେହିପରି ମାତ୍ର ୧,୦୬,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ସାମ୍‌ସଙ୍ଗ୍ ଗାଲାକ୍ସି ଏସ୍୨୩ ଅଲ୍‌ଟ୍ରାକୁ ଅପ୍‌ଗ୍ରେଡ୍ କରନ୍ତୁ। ଏପରିକି ମାତ୍ର ୪୯,୪୯୯ ଟଙ୍କାରେ ଉପଲବ୍ଧ ଇଣ୍ଟେଲ ୧୧ତମ ଜେନ୍ କୋର୍ ଆଇ୫, ୮ଜିବି ରାମ୍ ଏବଂ ୫୧୨ ଜିବି ଷ୍ଟୋରେଜ୍ ସାଥିରେ ଡେଲ୍ ଇନ୍ସପିରେସନ୍ ୩୫୧୧ ଭଳି ଚମତ୍କାର ଲ୍ୟାପ୍‌ଟପ୍ ଡିଲ୍ ଆବିଷ୍କାର କରନ୍ତୁ କିମ୍ବା ଇଣ୍ଟେଲ ୧୨ତମ ଜେନ୍ କୋର୍ ଆଇ୫, ୧୬ଜିବି ରାମ୍ ଏବଂ ୫୧୨ ଜିବି ଷ୍ଟୋରେଜ୍ ସହ ଏକ ଏଚ୍‌ପି ପାଭିଲିୟନ୍ ୧୫ କିଣନ୍ତୁ, ଯାହାର ମୂଲ୍ୟ ମାତ୍ର ୫୩,୪୯୯ ଟଙ୍କା (ଏକ୍ସଚେଞ୍ଜ ପ୍ରୋଗ୍ରାମ, କ୍ୟାଶବ୍ୟାକ୍, ଏବଂ ପ୍ରୋମୋ ପରର ମୂଲ୍ୟ) ରହିଛି। ଅପରପକ୍ଷରେ ୪୬,୯୯୦ ଟଙ୍କାରୁ ଆରମ୍ଭ (ମୂଲ୍ୟ ପୋଷ୍ଟ ବ୍ୟାଙ୍କ କ୍ୟାଶ୍‌ବ୍ୟାକ୍) ଏକ ୬୫ ୟୁଏଚ୍‌ଡି ଟିଭି ଦ୍ୱାରା ନିଜର ମନୋରଞ୍ଜନ ଅଭିଜ୍ଞତାକୁ ପରିବର୍ତ୍ତନ କରନ୍ତୁ ଏବଂ କେବଳ ସେତିକି ନୁହେଁ, ଚୟନିତ ୱାଶିଂ ମେଶିନ୍ କିଣନ୍ତୁ ଏବଂ ୩,୮୫୦ ଟଙ୍କା ମୂଲ୍ୟର ଏକ ମାଗଣା ମିକ୍ସର ଗ୍ରାଇଣ୍ଡର ପାଆନ୍ତୁ କିମ୍ବା ରେଫ୍ରିଜରେଟର ବାଛନ୍ତୁ ଏବଂ ୭,୯୯୦ ମୂଲ୍ୟର ଏକ ମାଗଣା ସ୍ମାର୍ଟୱାଚ୍ ପାଆନ୍ତୁ।

**40th Marriage Anniversary**



ଭାରତ କିଶୋର କର - ଉତ୍କଳିନୀ ପତି
Plot No.- E/77 Sector-7, CDA,
Cuttack-753014, Odisha
ତୁମ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ପୁତ୍ର: ମନୋଜ ରଞ୍ଜନ କର
D-0751

CLASSIFIED DISPLAY — ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 8637280816, 7894447167, 9338229625

**ଲୋନ୍! ଲୋନ୍! ଲୋନ୍!**
**Global Finance**
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
**9473748805**

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଚେତକ ଏକ୍ସପେରିଏନ୍ସ ସେଣ୍ଟର ଉଦ୍‌ଘାଟିତ




ଭୁବନେଶ୍ୱର,୧୪।୭

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ବଜାଜ ଅଟୋର ପ୍ରିମିୟମ ବ୍ରାଣ୍ଡ ଚେତକର ଏକ୍ସପେରିଏନ୍ସ ସେଣ୍ଟର ଶୁକ୍ରବାର ଭୁବନେଶ୍ୱର ରସୁଲଗଡ଼ ଛକ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ବଜାଜ ଅଟୋର ସ୍ୱୀକୃତିପ୍ରାପ୍ତ ଚେତକ ଡିଲର ସନ୍ଥାଳିଆ ମୋଟର୍ସ ଆନୁକୂଲ୍ୟରେ ଉଭୟ ଚେତକ ଏକ୍ସପେରିଏନ୍ସ ସେଣ୍ଟର ଆଣ୍ଡ ଏକ୍ସକ୍ଲୁସିଭ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସନ୍ଥାଳିଆ ମୋଟର୍ସର ଏମ୍‌ଡି ସୌରଭ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଚେତକ ଟେକ୍ନୋଲୋଜି ଲିମିଟେଡ୍‌ର ଏଏସ୍ଏମ୍ (ସେଲ୍‌ସ ଆଣ୍ଡ ସର୍ଭିସ୍) ଗୋପାଳ ଶ୍ରୀବାସ୍ତବଙ୍କ ସମେତ ଉଭୟ ଚେତକ ଓ ସନ୍ଥାଳିଆ ମୋଟର୍ସର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଉକ୍ତ ସେଣ୍ଟର ଓ ଶୋ'ରୁମ୍ ଜରିଆରେ ଗ୍ରାହକମାନେ ଚେତକର ବିଭିନ୍ନ ଭାରିଆଣ୍ଟର ଇ ସ୍କୁଟର ଓ ଅନ୍ୟ ସୁବିଧା ଓ ସେବା ପାଇପାରିବେ। ସନ୍ଥାଳିଆ ମୋଟର୍ସର ଏମ୍‌ଡି ଅଗ୍ରୱାଲ କହିଛନ୍ତି, ଗତ କିଛି ମାସ ମଧ୍ୟରେ ଚେତକର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତାକୁ ନଜରରେ ରଖି ଆମେ ଏହି ଏକ୍ସପେରିଏନ୍ସ ସେଣ୍ଟର ସହ ଏକ୍ସକ୍ଲୁସିଭ ଶୋ'ରୁମ୍‌ର ଶୁଭାରମ୍ଭ କରିଛୁ। ଏହା ଜରିଆରେ ଓଡ଼ିଶାର ଗ୍ରାହକଙ୍କ ଆବଶ୍ୟକତା ପୂରଣ ସହ ବିକ୍ରି ପରବର୍ତ୍ତୀ ସେବା ଯୋଗାଇଦେବୁ ବୋଲି ଅଗ୍ରୱାଲ ମତପ୍ରକାଶ କରିଛନ୍ତି।

# ଆଜିଠାରୁ ତନିସ୍କରେ 'ଫେଷ୍ଟିଭାଲ ଅଫ୍ ଚେନ୍ସ'

ଭୁବନେଶ୍ୱର,୧୪।୭

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତନିସ୍କର ବହୁ ପ୍ରତୀକ୍ଷିତ ତଥା ସ୍ୱତନ୍ତ୍ର ଚେନ୍ କଲେକ୍ସନ 'ଫେଷ୍ଟିଭାଲ ଅଫ୍ ଚେନ୍ସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଶନିବାରଠାରୁ ତନିସ୍କରେ ଆକର୍ଷଣୀୟ ଓ ଡିଜାଇନ ଚେନ୍‌ର ବ୍ୟାପକ ସମ୍ଭାର ପ୍ରଦର୍ଶନ ହେଉଛି। ଅପରପକ୍ଷରେ ଆକର୍ଷଣୀୟ ରିହାତି ସହିତ ବ୍ୟାପକ ଡିଜାଇନ ଏବଂ ଷ୍ଟାଇଲର ଚେନ୍ ଉପଲବ୍ଧ ରହିଛି। ଏହି ପରିପ୍ରେକ୍ଷୀରେ ସୁନା ଗହଣାର ଗଢ଼ା ମୂଲ୍ୟ ଏବଂ ହୀରା ଗହଣାର ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ସେହିଭଳି ଅନ୍ୟ ଗହଣା ଦୋକାନରୁ କିଣାଯାଇଥିବା ପୁରୁଣା ସୁନାଗହଣାର ବଦଳ ଉପରେ ମଧ୍ୟ ଗ୍ରାହକ ୧୦୦% ବଦଳ ମୂଲ୍ୟ ପାଇବେ। ତନିସ୍କର ଏହି ସ୍ୱତନ୍ତ୍ର ଅଫର ୨୦୨୩ ଜୁଲାଇ ୧୫ରୁ ୨୪ ପର୍ଯ୍ୟନ୍ତ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ୨୦୨୩ ଜୁଲାଇ ୧୫ (ଶନିବାର) ରୁ ଚେନ୍ ମେଳା (ଫେଷ୍ଟିଭାଲ ଅଫ୍ ଚେନ୍ସ) ତନିସ୍କର ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଏବଂ ମାଷ୍ଟର କ୍ୟାଣ୍ଟିନ ଷ୍ଟୋର ସମେତ କଟକର କ୍ୟାଣ୍ଟନ୍‌ମେଣ୍ଟ ଛକ ଓ ଅନୁଗୋଳର ପ୍ରିମିୟମ ଶୋ'ରୁମ୍‌ରେ ଉପଲବ୍ଧ ରହିଛି। ସେହିପରି ଉପରୋକ୍ତ ସହରଗୁଡ଼ିକର ଗ୍ରାହକମାନେ ଆକର୍ଷଣୀୟ ଡିଜାଇନର ଚେନ୍ କିଣିବାର ଅପୂର୍ବ ସୁଯୋଗ ସହ ଆକର୍ଷଣୀୟ ରିହାତିରେ ଲାଭ ଉଠାଇପାରିବେ ବୋଲି ତନିସ୍କ ପକ୍ଷରୁ କୁହାଯାଇଛି। ବିଶେଷକରି ୨ଗ୍ରାମ୍‌ରୁ ଆରମ୍ଭକରି ୫୦ଗ୍ରାମ ଏବଂ ତଦୂର୍ଦ୍ଧ୍ୱ ଓଜନର ଚେନ୍ ତନିସ୍କର ଉପରୋକ୍ତ ସମସ୍ତ ଷ୍ଟୋରରେ ଉପଲବ୍ଧ ରହିଛି। ଅପରପକ୍ଷରେ ମହିଳା, ଶିଶୁ ଏବଂ ପୁରୁଷମାନଙ୍କ ପାଇଁ କିଛି ନା କିଛି ସୁବିଧା ଓ ଉତ୍ପାଦ ଉପଲବ୍ଧ ରହିଥିବା ଶୋ'ରୁମ୍ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ମେଶିନ ଏବଂ ହାତ ତିଆରି ଆକର୍ଷଣୀୟ ଡିଜାଇନର ବ୍ୟାପକ ଚେନ୍ ବର୍ଗମାଳା ତନିସ୍କରେ ଉପଲବ୍ଧ। ବିଶେଷ କରି ଆକର୍ଷଣୀୟ ଡିଜାଇନ୍ ଏବଂ ଜଟିଳ କାରୁକାର୍ଯ୍ୟରେ ଲିଙ୍କ୍, କର୍ବ, ଏନାମେଲ ବିଡ୍ ଚେନ୍, ରୋପ୍ ଚେନ୍ ଆଦି ଅନେକ ଡିଜାଇନ ଉପରୋକ୍ତ ଶୋରୁମ୍‌ଗୁଡିକରେ ଉପଲବ୍ଧ ରହିଛି। ଏପରିକି ବ୍ୟାପକ ବିକଳ୍ପ ସହ ତନିସ୍କ ଗହଣାପ୍ରେମୀଙ୍କୁ ଆନନ୍ଦଦାୟକ ଶପିଂ ଅନୁଭୂତି ଦେବା ନେଇ ତନିସ୍କ ନିଶ୍ଚିତ ରହିଛି।



**Classified Everyday**
**0674-2580101, 2549949**



REAL ESTATE
**SALE**

ଭୁବନେଶ୍ୱର କଣ୍ଟାବାଡ଼ ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74886

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

ଭୁବନେଶ୍ୱର ପିତାପଲ୍ଲି ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner- 9090963952.** D-74885

ଜୟଦେବ ବିହାରରୁ ନନ୍ଦନକାନନ ରୋଡ୍ ରଘୁନାଥପୁରରେ 2/3BHK complet eflat ବିକ୍ରିହେବ। 9776866520. D-74890

C.V. Raman ଛକରୁ 3 Km. ଦୂରରେ BIIT College backside 30 ft. Road ଥାଇ ପ୍ଲଟ୍ ମିଳୁଅଛି । 7978676652. D-74889

**2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891.** D-0819

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**Body massage by experience, good looking therapist @999/-. (Bhubaneswar) 9078484455.** D-0759

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75004

Newly open SPA positively health benefits with expert therapist. 9040286886. D-75130

Newly open health benefits SPA special offer @ 799 Jaydev Vihar. 8018429809. D-75128

Newly opened (one 8 SPA)/ (Salon service) with export therapist. 9938843929. D-75129

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Notary, Jharsuguda, I Umesh Kumar Srivastav, R/o. At- Budhijam, Orient Colliery, Qr. No. B/37, Shaktinagar, PO/ PS. Brajarajnagar, Dist. Jharsuguda declare that I want to correction of my son's name from Shrub Kumar Srivastav to Swaraj Srivastav and his DOB from 20.08.2009 to 11.08.2009 for all purposes. D-0824

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Krushnapriya Mohanty, D/o Patitapaban Mohanty, W/o KL Satyajit Guruprasad Routray, R/o At- Jagannathpur, PO- Naindipur, PS- Patkura, Dist.- Kendrapara, Odisha have changed my name after marriage to Krushnapriya Mohanty Routray. D-0823

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ଊନବିଂଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ବିଷ୍ଣୁପ୍ରିୟା ମହାନ୍ତି**
ଆବିର୍ଭାବ: ୨୫।୦୪।୧୯୩୦
ତିରୋଧାନ: ୧୩।୦୮।୨୦୦୪
'ମା' ତୁ ଚାଲିଯିବାର ୧୯ବର୍ଷ ବିତିଗଲା। ଆଜିର ଏହି ପବିତ୍ର ଦିନରେ ତୋର ସ୍ନେହଭରା କଥା ଓ ଆଶୀର୍ବାଦକୁ ପାଥେୟ କରି ଆମେ ସମସ୍ତେ ଚାଲୁଅଛୁ।
-::ଶୋକସନ୍ତପ୍ତ::-
ପୁତ୍ର: ମୁନା, ବୋହୂ: ରିନି, ଝିଅ: ରୁନି, ରୁଜି, ରେବା, ଜ୍ୱାଇଁ: ଅନିମେଷ, ଗଗନ, ସୁବ୍ରତ, ନାତୁଣୀ, ନାତି: ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍।
ଧ-୦୮୨୧

# ଆଇଜିଆଇଟି ସରାଙ୍ଗ ସହ ଟାଟା ପାୱାରର ବୁଝାମଣା

ଭୁବନେଶ୍ୱର,୧୪।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଟାଟା ପାୱାର ଏବଂ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଜିଆଇଟି), ସରାଙ୍ଗ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ବିଶେଷକରି ଶିକ୍ଷା ଓ ନିଯୁକ୍ତି ହାସଲ କ୍ଷମତା ମଧ୍ୟରେ ରହିଥିବା ଅନ୍ତର ଦୂରକରିବା ଲାଗି ଉକ୍ତ ବୁଝାମଣା ହୋଇଥିବା ଉଭୟ ପକ୍ଷରୁ କୁହାଯାଇଛି। ଏପରିକି ଟାଟା ପାୱାର ଓ ଆଇଜିଆଇଟି ସରାଙ୍ଗର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଟାଟା ପାୱାରର କ୍ଲଷ୍ଟର ବ୍ୟବସାୟ ମୁଖ୍ୟ ଏଚ୍ଆର୍ (ଟି ଆଣ୍ଡ ଡି) ସୁବୀର ବର୍ମା ଓ ଆଇଜିଆଇଟି, ସରାଙ୍ଗର ନିର୍ଦ୍ଦେଶକ ଡ.ସତ୍ୟବ୍ରତ ମହନ୍ତ ଉକ୍ତ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏ ସମ୍ପର୍କରେ ଟାଟା ପାୱାରର କ୍ଲଷ୍ଟର ମୁଖ୍ୟ ବିଜ୍‌ନେସ୍ ଏଚ୍ଆର୍ (ଟିଆଣ୍ଡଡି) ସୁବୀର ବର୍ମା କହିଛନ୍ତି, ବିଦ୍ୟୁତ୍ ଶକ୍ତି ଭଳି ଉଦୀୟମାନ କ୍ଷେତ୍ର ସମେତ ସବୁ ଶିଳ୍ପ କ୍ଷେତ୍ର ଅନିଶ୍ଚିତ ଆହ୍ୱାନର ଦ୍ରୁତ ସମାଧାନ ଲାଗି ଯୋଗ୍ୟ ଓ ପ୍ରସ୍ତୁତ ରହିଥିବା ଶ୍ରମଶକ୍ତି ଉପଲବ୍ଧତା ଆବଶ୍ୟକ କରନ୍ତି। ସ୍ୱତନ୍ତ୍ର ମଡ୍ୟୁଲ, ବାସ୍ତବ ସମୟ ଲାଇଭ୍ ପ୍ରକଳ୍ପ, ଫାକଲ୍‌ଟି ଓ ମେଣ୍ଟର ଭାବେ ବରିଷ୍ଠ ପ୍ରବନ୍ଧକ ପ୍ରଦାନ କରି ୬ମାସରେ ଓଡ଼ିଶାର ସ୍ଥାନୀୟ ଶିକ୍ଷିତ ଲୋକମାନଙ୍କୁ ଶିଳ୍ପ ପାଇଁ ପ୍ରସ୍ତୁତ କରିବା ଲାଗି ଆମ ବିଶେଷତା ପ୍ରଦାନ କରିବାକୁ ଆମେ ଚାହୁଁଛୁ।

# ଦେଶ ବିକାଶରେ ଯୁବ ଦକ୍ଷତା



## ବିଶ୍ୱ ଯୁବ ଦକ୍ଷତା ଦିବସ

ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଏବେ ବିକାଶଶୀଳ ରାଷ୍ଟ୍ରର ମୁଖ୍ୟ ଅସ୍ତ୍ର । ଏଥିପାଇଁ ପ୍ରଯୁକ୍ତିବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହି ଜ୍ଞାନକୌଶଳରୁ ପ୍ରସ୍ତୁତ ଉପକରଣରେ ଜଟିଳ କାର୍ଯ୍ୟକୁ ସରଳ ଓ ସୁବିଧାରେ କରିହେଉଛି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିସ୍ତୃତ ସମ୍ଭାବନାକୁ ନେଇ ପ୍ରତିବର୍ଷ ଜୁଲାଇ ୧୫ ତାରିଖକୁ ବିଶ୍ୱ ଯୁବ ଦକ୍ଷତା ଦିବସ (ୱାର୍ଲଡ ୟୁଥ୍ ସ୍କିଲ୍ ଡେ) ଭାବେ ପାଳନ କରାଯାଉଛି । ଯୁବ ଉଦ୍ଭାବକଙ୍କୁ ଉତ୍ସାହିତ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ସେମାନଙ୍କ ସ୍ୱପ୍ନକୁ ସଫଳ କରିବାରେ ସହଯୋଗର ଡେଣା ଯୋଗାଇଦେବା ଓ ଉଚ୍ଚ ଉଡ଼ାଣ ନିମନ୍ତେ ଉତ୍ସାହିତ କରିବା ପାଇଁ ସରକାରୀସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଯେକୌଣସି ଦେଶର ବିକାଶରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ଏନେଇ ସେମାନଙ୍କର ଦକ୍ଷତା ବିକାଶର ଆବଶ୍ୟକତା ଜରୁରୀ।

ମିଳିତ ଜାତିସଂଘର ସାଧାରଣ ସଭା (ୟୁଏନ୍‌ଜିଏ) ଯୁବଦକ୍ଷତା ବିକାଶରେ ବିନିଯୋଗର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବାକୁ ନଭେମ୍ବର ୨୦୧୪ରେ ଏହି ଦିବସ ପାଳନ ପାଇଁ ଘୋଷଣା କରିଥିଲା। ବିଶ୍ୱ ଯୁବ ଦକ୍ଷତା ଦିବସ ହେଉଛି ଯୁବବର୍ଗମାନଙ୍କୁ ରୋଜଗାର କ୍ଷମତା, ଉଦ୍ୟୋଗିକତା ଏବଂ ଆତ୍ମନିଯୁକ୍ତି ପାଇଁ ଦକ୍ଷତା ଆଦି ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବାର ଏକ ଦିନ। ଯୁବପିଢ଼ିଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ବିଷୟରେ ବାର୍ତ୍ତାଳାପ ଆରମ୍ଭ କରିବା ପାଇଁ ଏହି ଦିନଟି ହେଉଛି ଉପଯୁକ୍ତ ସମୟ । ପ୍ରତିବର୍ଷ ବିଶ୍ୱ ଯୁବ ଦକ୍ଷତା ବିକାଶ ଦିବସ ପାଳନ ଅବସରରେ ବହୁ ପ୍ରତିଷ୍ଠିତ ବିଶ୍ୱ ସଙ୍ଗଠନ ଅଂଶଗ୍ରହଣ କରନ୍ତି। ଯୁବବର୍ଗଙ୍କ ପାଇଁ ବୈଷୟିକ ଧନ୍ଦାମୂଳକ ଶିକ୍ଷା ଏବଂ ତାଲିମ ଅଭାବର ବିଶ୍ୱସ୍ତରରେ ସୃଷ୍ଟି ହେଉଥିବା ଆହ୍ୱାନକୁ ସମାଧାନ କରିବାକୁ ସରକାର, ନିଯୁକ୍ତିଦାତା, ଶିଳ୍ପ, ତାଲିମ ପ୍ରଦାନକାରୀ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କୁ ଉତ୍ସାହିତ କରିବାକୁ ଏହି ଦିବସ ପାଳନ ଅବସରରେ ଲକ୍ଷ୍ୟ ରଖାଯାଇଥାଏ। ୟୁନେସ୍କୋର ପୂର୍ବତନ ମହାନିର୍ଦ୍ଦେଶକ ଇରିନା ବୋକୋଭା ଏହାକୁ ବିପଦରେ ପକାଇବାର ଏକ ପ୍ରମୁଖ ସୁଯୋଗ ବୋଲି ବର୍ଣ୍ଣନାକରି ଯୁବବର୍ଗଙ୍କୁ ସାମାଜିକ, ଅର୍ଥନୈତିକ ସଶକ୍ତୀକରଣ ଏବଂ ସମ୍ମାନର ଭାବନା କିପରି ଯୋଗାଇ ଦିଆଯିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ୧୫ ଜୁଲାଇ ୨୦୧୫ ରେ ପ୍ରଥମ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ କରାଯାଇଥିଲା।

ପ୍ରତିବର୍ଷ ବିଶ୍ୱ ଯୁବ ଦକ୍ଷତା ଦିବସ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ହୋଇଥାଏ। ଚଳିତ ବର୍ଷ ୨୦୨୩ରେ ଏହି ଦିବସର ବିଷୟବସ୍ତୁ ହେଉଛି, ଏକ ପରିବର୍ତ୍ତନଶୀଳ ଭବିଷ୍ୟତ ପାଇଁ ଶିକ୍ଷକ, ପ୍ରଶିକ୍ଷକ ଏବଂ ଯୁବବର୍ଗଙ୍କ ଦକ୍ଷତା ବିକାଶ (ସ୍କିଲିଂ ଟିଚର, ଟ୍ରେନର ଆଣ୍ଡ ୟୁଥ୍ ଫର୍ ଏ ଟ୍ରାନ୍ସଫର୍ମେଟିଭ୍ ଫ୍ୟୁଚର)।

## ମୀନା କୁମାରୀଙ୍କ ବାୟୋପିକ୍‌ରେ କ୍ରିତି



**ମୁମ୍ବାଇ:** ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ୭୦ ଦଶକର ସବୁଠୁ ଲୋକପ୍ରିୟ ନାୟିକା ହେଉଛନ୍ତି ମୀନା କୁମାରୀ। ତାଙ୍କୁ ଇଣ୍ଡଷ୍ଟ୍ରିର 'ଟ୍ରାଜେଡି କୁଇନ' ବୋଲି କୁହାଯାଏ। ଏହି ଚର୍ଚ୍ଚିତ ନାୟିକାଙ୍କ ବାୟୋପିକ୍ ନିର୍ମାଣ କରିବାକୁ ଯାଉଛନ୍ତି ଫ୍ୟାଶନ୍ ଡିଜାଇନର ମନୀଷ ମାଲହୋତ୍ରା। ଏହା ତାଙ୍କ ପ୍ରଥମ ନିର୍ଦ୍ଦେଶିତ ଫିଲ୍ମ ହେବାକୁ ଯାଉଛି। ଏହା ଜରିଆରେ ମନୀଷ ନିର୍ଦ୍ଦେଶନା କ୍ଷେତ୍ରରେ ଡେବ୍ୟୁ କରିବାକୁ ଯାଉଛନ୍ତି। ମୀନାଙ୍କ ଚରିତ୍ରରେ କ୍ରିତି ସାନନ ଅଭିନୟ କରିବେ ବୋଲି ଏବେ ଚର୍ଚ୍ଚା ହେଉଛି। କିନ୍ତୁ ଏ ନେଇ କୌଣସି ଅଫିସିଆଲ୍ ଆନାଉନ୍ସମେଣ୍ଟ କରାଯାଇନାହିଁ। ମୀନାକୁମାରୀ ନିଜ ଜୀବନକାଳ ମଧ୍ୟରେ ୯୦ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଛନ୍ତି।

**ନିର୍ଦ୍ଦେଶନାରେ ଡେବ୍ୟୁ କରିବେ ମନୀଷ**

ମାତ୍ର ୩୮ ବର୍ଷ ବୟସରେ ତାଙ୍କ ଅକାଳ ବିୟୋଗ ଘଟିଥିଲା। କୁହାଯାଏ ମଦ୍ୟପାନ ଯୋଗୁ ସେ ଯକୃତଜନିତ ରୋଗରେ ଆକ୍ରାନ୍ତ ଥିଲେ। ମନୀଷ ମାଲହୋତ୍ରା ପ୍ରକାଶ କରିଛନ୍ତି ଯେ ମୀନା କୁମାରୀ ବାୟୋପିକ୍ ତିଆରି କରିବା ତାଙ୍କ ଦୀର୍ଘ ଦିନର ସ୍ୱପ୍ନ।

**VEER SURENDRA SAI UNIVERSITY OF TECHNOLOGY**
**(A Unitary University Established by Govt. of Odisha)**
PO- ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/1614 Dated: 12.07.2023

**CORRIGENDUM**

**Recruitment of Non-Teaching Posts**

No. KK-104:- This has reference to the Advertisement published vide Notification No. VSSUT/Estt/1591 date 10.07.2023. In the said advertisement, the following modifications have been made.
1. In Category No.01, for the post of Assistant Registrar, the vacancy position may be read as 02 (Two) in place of 01 (One). One post will be reserved for Women (UR).
2. In Category No. 06, for the post of Junior Stenographer, the scale of pay may be read as Level-07, Rs.25,500-81,100 in place of Level - 04, Rs.19,900-63,200.
3. The minimum qualification and experience for the post of Assistant Registrar in Category No.-1 (i) may be read as "**PB-II**" in place of "**PB-II GP of Rs.4800**"

All other contents of the earlier Advertisement/ Notification will remain unchanged.

OIPR-44006/11/0016/2324 **Sd./- REGISTRAR**

# ପ୍ରେମରେ ପାଗଳ ବିଜୟ



ମୁମ୍ବାଇ

ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ବର୍ତ୍ତମାନ ବିଜୟ ବର୍ମା ଓ ତମନ୍ନା ଭାଟିଆଙ୍କୁ ନେଇ ଜୋର ଚର୍ଚ୍ଚା। ତମନ୍ନାଙ୍କ ପ୍ରେମରେ ବିଜୟ ପାଗଳ ପାଲଟିଥିବା ଆମେରିକୀୟ ଜିକ୍ୟୁ ମାଗାଜିନ୍‌କୁ ଇଣ୍ଟରଭ୍ୟୁରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଅନେକ କ୍ୱାଲିଟି ସମୟ ଏକାଠି କାଟି ସାରିବା ପରେ ଏବେ ବିଜୟ ଜାଣିପାରିଛନ୍ତି ଯେ ସେ ତମନ୍ନାଙ୍କୁ ଡେଟ୍ କରୁଛନ୍ତି। ସବୁବେଳେ ଖଳନାୟକ ଚରିତ୍ରରେ ଅଭିନୟ କରୁଥିବା ବିଜୟ କିନ୍ତୁ ଅସଲ ଜୀବନରେ ଦିନକୁ ଦିନ ରୋମାଣ୍ଟିକ୍ ହେବାରେ ଲାଗିଛନ୍ତି। ତମନ୍ନାଙ୍କ ସହ ଖୁସିରେ ଥିବାବେଳେ ଏବେ ସେ ତାଙ୍କ ପ୍ରେମରେ ପାଗଳ ବୋଲି ଇଣ୍ଟରଭ୍ୟୁରେ କହିଛନ୍ତି। ଦୁହେଁ ନିଜ ସମ୍ପର୍କକୁ ନେଇ ଗଣମାଧ୍ୟମରେ ଖୋଲାଖୋଲି ଭାବେ କହି ନଥିବାବେଳେ କିନ୍ତୁ କୌଣସି ସାକ୍ଷାତ୍‌କାରରେ ପରସ୍ପରକୁ ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। ତମନ୍ନା ପ୍ରଥମେ ବିଜୟଙ୍କୁ ଡେଟ୍ କରିବା କଥା ମିଡିଆ ସାମ୍ନାରେ ସ୍ୱୀକାର କରିଥିଲେ। ଓଟିଟି 'ଲଷ୍ଟ ଷ୍ଟୋରି-୨'ରେ ସେମାନେ ପରସ୍ପରର ନିକଟତର ହୋଇଥିବା କୁହାଯାଉଛି। ସେହିପରି ଦୀର୍ଘ ଦିନଧରି ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରୁଥିବା ତମନ୍ନା ସ୍କ୍ରିନ୍‌ରେ କିସିଂ ସିନ୍ କରିବାକୁ ମନା କରୁଥିବାବେଳେ ବିଜୟଙ୍କ ସହ ସେ କିସିଂ ସିନ୍ କରିଛନ୍ତି। ଆଗାମୀ ଦିନରେ ବିଜୟ 'ଡିଭୋଶେନ୍ ଅଫ୍ ସସ୍ପେକ୍ଟ ଏକ୍ସ'ରେ ନଜରକୁ ଆସିବେ। ସେହିପରି ଆଗକୁ ତମନ୍ନାଙ୍କ ଫିଲ୍ମ, ଭୋଲା ଶଙ୍କର, ଜେଲର ମୁକ୍ତିଲାଭ ଅପେକ୍ଷାରେ ରହିଛି।

**Government of Odisha** No. O-379

**"e" Procurement Notice**

**Bid Identification No. 03 of 2023-24**

| | | | |
|---|---|---|---|
| 1 | Number of Works | : | 1 No. Building & 1 No. Road |
| 2 | Estimated Cost (Approx.) | : | Rs.58.82 lakh & Rs.54.54 lakh |
| 3 | Period of Completion | : | 6 Calendar months & 3 months |
| 4 | Date & time of availability of Bid documents in the portal | : | 21.07.2023 at 11.00 hrs. |
| 5 | Last date & time for receipt of Bids in the portal | : | 04.08.2023 at 17.00 hrs. |
| 6 | Date of Opening of Tender | : | 05.08.2023 at 11.00 hrs. |
| 7 | Name and address of the Officer Inviting Bid | : | Executive Engineer, Rural Works Division, Jagatsinghpur |

Further details can be seen from the Government website: **www.tendersorissa.gov.in**.

**Sd./- Executive Engineer**
**Rural Works Division, Jagatsinghpur**
**OIPR-25056/11/0007/2324**

ଓଡ଼ିଶା
**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: ୧୦୭୨୮ IND-II-PH-1140 **ବିଜ୍ଞାପନ** ତାରିଖ: ୦୭।୦୭।୨୦୨୩

No. CAD-1232:- ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତହସିଲଦାର, ହରଭଙ୍ଗା, ଓଡ଼ିଶାର ବୌଦ୍ଧ ଜିଲ୍ଲା, ହରଭଙ୍ଗା (ଚାରିଛକ) ତହସିଲ ଅନ୍ତର୍ଗତ ବଡ଼ ବାଙ୍କପଡ଼ା ଗ୍ରାମରେ ୫.୪୬୩ ହେକ୍ଟର ପରିମିତ ଅଞ୍ଚଳରେ ଖାତା ନଂ. ୧୧୩, ପ୍ଲଟ୍ ନଂ. ୩୭୨ ଏବଂ ୩୫୫ ସ୍ଥିତ ବଡ଼ ବାଙ୍କପଡ଼ା ବାଲିଘାଟ ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)] ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୭।୦୮।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ବୌଦ୍ଧ ଜିଲ୍ଲା, ବଡ଼ ବାଙ୍କପଡ଼ା ଗ୍ରାମରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ବୌଦ୍ଧ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ବୌଦ୍ଧ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ବଲାଙ୍ଗୀର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବଲାଙ୍ଗୀରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ

OSPCB-PH-MISC-0006-2023/4/2023 OIPR-08012/11/0055/2324

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 5662/PSC Dt.14.07.2023**
**(DR - IV) (2PL-01-2023-24)**

No. D-84: It is for information of all provisionally qualified candidates relating to recruitment for the post of **Insurance Medical Officer** pursuant to Advertisement No. 14 of 2022-23 that the Document Verification will commence on **29.07.2023 & 31.07.2023** as per the following programme.
The candidates are required to reach the office of OPSC at 19, Dr. P.K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS**

| Date of Verification | Time of Verification | Roll Nos. of Candidates to be verified | Team to Verify |
|---|---|---|---|
| 29.07.2023 | 10.30 A.M. To 12.00 P.M. | 100003, 100005, 100012, 100016, 100017, 100019, 100020, 100022, 100026, 100033, 100039, 100048, 100053, 100056, 100068 = **15 Candidates** | Team - I |
| | | 100079, 100107, 100108, 100110, 100116, 100125, 100145, 100146, 100147, 100148, 100152, 100154, 100164, 100178, 100179 = **15 Candidates** | Team - II |
| | 12.00 P.M. To 01.30 P.M. | 100181, 100183, 100184, 100187, 100189, 100190, 100192, 100197, 100199, 100215, 100233, 100242, 100247, 100258, 100264 = **15 Candidates** | Team - I |
| | | 100269, 100273, 100283, 100291, 100293, 100300, 100305, 100307, 100310, 100320, 100323, 100342, 100348, 100350, 100356 = **15 Candidates** | Team - II |
| | 02.30 P.M. To 04.00 P.M. | 100360, 100364, 100365, 100369, 100371, 100375, 100381, 100392, 100393, 100406, 100409, 100419, 100436 = **13 Candidates** | Team - I |
| | | 100441, 100442, 100447, 100451, 100455, 100458, 100465, 100477, 100489, 100498, 100500, 100513 = **12 Candidates** | Team - II |
| | 04.00 P.M. To 05.30 P.M. | 100534, 100536, 100537, 100543, 100548, 100550, 100552, 100554, 100568, 100574 = **10 Candidates** | Team - I |
| | | 100580, 100586, 100587, 100593, 100599, 100602, 100611, 100632, 100638, 100655 = **10 Candidates** | Team - II |
| 31.07.2023 | 10.30 A.M. To 12.00 P.M. | 100662, 100664, 100676, 100685, 100692, 100694, 100697, 100700, 100704, 100709, 100727, 100742, 100747, 100752, 100753 = **15 Candidates** | Team - I |
| | | 100757, 100760, 100764, 100771, 100773, 100777, 100781, 100785, 100788, 100795, 100819, 100830, 100832, 100837, 100841 = **15 Candidates** | Team - II |
| | 12.00 P.M. To 01.30 P.M. | 100857, 100860, 100861, 100865, 100868, 100870, 100877, 100881, 100893, 100904, 100907, 100909, 100913, 100914, 100917 = **15 Candidates** | Team - I |
| | | 100922, 100924, 100928, 100933, 100940, 100943, 100947, 100957, 100962, 100963, 100968, 100974, 100977, 100979, 100991 = **15 Candidates** | Team - II |
| | 02.30 P.M. To 04.00 P.M. | 100994, 100997, 100998, 101006, 101008, 101015, 101027, 101031, 101036, 101038, 101046, 101056 = **12 Candidates** | Team - I |
| | | 101058, 101059, 101070, 101071, 101072, 101085, 101088, 101089, 101095, 101097, 101109, 101112 = **12 Candidates** | Team - II |
| | 04.00 P.M. To 05.30 P.M. | 101114, 101126, 101128, 101130, 101135, 101141, 101142, 101149, 101158, 101161 = **10 Candidates** | Team - I |
| | | 101171, 101172, 101179, 101181, 101187, 101192, 101196, 101205, 101211, 101212 = **10 Candidates** | Team - II |

It is also made clear that the candidature of these candidates for the above recruitment is purely provisional. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION:-**

1. Hard copy of online application form mentioning Roll No. at the Top Right-Hand corner. Application Forms are available in the website of the Commission. The candidates are required to download the same using their respective Username and Password/ OTP etc. through Online Recruitment Management System via www.opscrecruitment.in.
2. Three (03) passport size photographs tagged with the Application Form.
3. H.S.C. or Equivalent Certificate in support of declaration of age.
4. MBBS Degree Certificate and Marksheets from any recognized University in India including fail marks.
5. Conversion Certificate/ Conversion Formula in case of award of grades/ credits/ hours in MBBS Degree.
6. Housemanship/ Compulsory Rotatory Internship Completion Certificate issued within 17.02.2023.
7. Permanent Medical Registration Certificate under the State of Odisha (OCMR) issued within 17.02.2023.
8. Required Odia Test Pass Certificate issued within 17.02.2023.
9. Certificate relating to passing of the Screening Test conducted by the National Board of Examination as prescribed by the Medical Council of India vide Notification No. MCI-203(9) Regn.2001, dated 13.02.2002 for Medical Graduates passing out from a Foreign University;
10. Caste Certificate by birth in Support of claim as SCs/ STs/S.E.B.Cs (Please see and refer Note- 2 of the Advertisement) issued within 17.02.2023.
11. Recent SEBC Certificate (issued within 18.02.2020 to 17.02.2023), wherever applicable.
12. Permanent Disability Certificate indicating percentage of disability (i.e., 40% and more) issued within 17.02.2023.
13. Discharge Certificates in case of Ex-Servicemen issued by the Commanding Officer of the Unit last served issued within 17.02.2023. Ex-Servicemen candidates must submit an affidavit undertaking that he has not been appointed against any civil post after retirement from military service.
14. No Objection Certificate issued by the Competent Authority in case of in-service candidates; wherever applicable.
15. Any proof of photo Identity.
16. Attestation Form duly filled-in by the candidate and signed by a Gazetted Officer (to be downloaded from the website of the Commission).
17. The candidates are required to mention "Submitted by me" and put their full signature and date of verification on each Xerox copy of documents.
18. Any other documents as per Para-10 of the Advertisement.
19. The candidates are required to full up the Declaration Form enclosed herewith mentioning the marks secured by them in each professional examination (including only pass marks, not fail marks) and sign at the space provided with date of document verification.

**OIPR-12002/11/0060/2324** **Sd./- Secretary**

# ବର ଖୋଜିଦେଲେ ୪ ଲକ୍ଷ



ୱାଶିଂଟନ

ଆମେରିକାର ଲସ୍‌ଏଞ୍ଜେଲ୍ସରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ବର ଖୋଜିଦେଲେ ଟଙ୍କା ଦେବେ ବୋଲି ଜଣେ ଯୁବତୀ କହୁଛନ୍ତି। ଯେଉଁ ବ୍ୟକ୍ତି ତାଙ୍କ ପାଇଁ ଉପଯୁକ୍ତ ବରପାତ୍ରଟିଏ ଯୋଗାଡ଼ କରିଦେବେ ସେ ତାଙ୍କୁ ୫୦୦୦ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୪,୧୦,୪୬୨ ଟଙ୍କା ଦେବେ। ସ୍ଥାନୀୟ ଖବର ଅନୁଯାୟୀ, ଲସଏଞ୍ଜେଲ୍ସର ୩୫ ବର୍ଷୀୟା ଓକିଲ ଇଭ ଟିଲି-କୁଲସନ ସୋସିଆଲ ମିଡିଆରେ ଏକ ଭିଡିଓ ଅପଲୋଡ କରି ତାଙ୍କ ଭାବି ସ୍ୱାମୀଙ୍କୁ ଖୋଜିବାରେ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି। ସୋସିଆଲ ମିଡିଆରେ ତାଙ୍କର ୧୦ ଲକ୍ଷରୁ ଅଧିକ ଫଲୋର୍ସ ରହିଛନ୍ତି। ଡେଟିଂରେ ଇଭ ବିଫଳ ହେବା ପରେ ଏମିତି କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଆହୁରି ମଧ କହିଛନ୍ତି, ବରପାତ୍ର ଡେଙ୍ଗା ହେବା ଦରକାର, ଯାହାଙ୍କ ବୟସ ୨୭ରୁ ୪୭ ବର୍ଷରେ ହୋଇଥିବା ଆବଶ୍ୟକ। ଉଚ୍ଚତା ୫ ଫୁଟ ୧୧ ଇଞ୍ଚ ହେବା ଜରୁରୀ। ସେ କହିଛନ୍ତି, ମୁଁ ଡେଙ୍ଗା। ତେଣୁ ମୋ' ପାଇଁ ଡେଙ୍ଗା ବରପାତ୍ର ଆବଶ୍ୟକ।



ଶୁକ୍ରବାର ଇଟାଲିର ଜାନିକ ସିନରଙ୍କ ବିପକ୍ଷ ସେମିଫାଇନାଲ ଅବସରରେ ସର୍ବିଆର ନୋଭାକ୍ ଜୋକୋଭିଚ୍।

# ଫାଇନାଲରେ ଜୋକୋଭିଚ୍

**ଉିମ୍ବଲଡନ ଟେନିସ**

**ଲଣ୍ଡନ, ୧୪।୭**

ସର୍ବିଆର ନୋଭାକ୍ ଜୋକୋଭିଚ୍ ଚଳିତ ଉିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ଏହି ୨ ନମ୍ବର ଖେଳାଳି ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ୮ମ ସିଡ୍ ଇଟାଲିର ଜାନିକ ସିନରଙ୍କୁ ୬-୩, ୬-୪, ୭-୬ (୭/୪) ସେଟ୍‌ରେ ପରାସ୍ତ କରିଛନ୍ତି। ଜୋକୋଭିଚ୍ ପ୍ରଥମ ଦୁଇ ସେଟ୍‌କୁ ସହଜରେ ଜିତିଥିଲେ ମଧ୍ୟ ତୃତୀୟ ସେଟ୍‌ରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ସିନର। ଫଳରେ ଟାଇବ୍ରେକର ମାଧ୍ୟମରେ ଏହି ସେଟ୍ ନିର୍ଣ୍ଣିତ ହୋଇଥିଲା। ଏଥିରେ ଅଭିଜ୍ଞତାର ଉପଯୋଗ କରି ବାଜି ମାରିଥିଲେ ଜୋକୋଭିଚ୍।

ଜୋକୋଭିଚ୍ ଏହାକୁ ମିଶାଇ ୯ମ ଥର ଉିମ୍ବଲଡନ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ସେ ୨୦୧୧, ୨୦୧୪, ୨୦୧୫, ୨୦୧୮, ୨୦୧୯, ୨୦୨୧ ଓ ୨୦୨୨ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୩ରେ ରନରଅପ୍ ହୋଇଥିଲେ। ଏହା ବ୍ୟତୀତ ସେ ୧୦ ଥର ଅଷ୍ଟ୍ରେଲିଆନ ଓପନ, ୩ ଥର ଫ୍ରେଞ୍ଚ୍ ଓପନ ଏବଂ ୩ ଥର ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମଥରପାଇଁ ଉିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଥିବା ସିନରଙ୍କ ଅଭିଯାନ ଏହିଠାରୁ ଶେଷ ହୋଇଛି। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଏହାଥିଲା ତାଙ୍କର ଶ୍ରେଷ୍ଠ ସଫଳତା। ଏହା ପୂର୍ବରୁ ସେ କେବେହେଲେ କୌଣସି ଗ୍ରାଣ୍ଡସ୍ଲାମର ସେମିଫାଇନାଲରେ ପ୍ରବେଶ କରିପାରି ନ ଥିଲେ।

## ମହିଳା ଡବଲ୍ସ

ଉିମ୍ବଲଡନ ଗ୍ରାଣ୍ଡସ୍ଲାମ ମହିଳା ଡବଲ୍ସର ୨ଟି ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ସାରା ସୋରିବେସ ଟୋର୍ମୋ ଓ ମାରି ବୌଜକୋଭା ଯୋଡ଼ିଙ୍କୁ ୬-୪, ୬-୧ ସେଟ୍‌ରେ ହରାଇ ହସି ସୁ-ୱେଇ ଓ ବାର୍ବରା ଷ୍ଟ୍ରାଇକୋଭା ଯୋଡ଼ି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଏଲିସେ ମେର୍ଟେନ୍ସ ଓ ଷ୍ଟର୍ମ ସାଣ୍ଡର୍ସ ଯୋଡ଼ି ୬-୧, ୬-୧ରେ ଝାଙ୍ଗ ଶୁଇ ଓ କାରୋଲିନ ଡୋଲେହିଡ୍‌ଙ୍କୁ ପରାସ୍ତ କରି ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି।



**ଉିମ୍ବଲଡନରେ ଇଂଲଣ୍ଡ ଅଭିନେତ୍ରୀ ଇଣ୍ଡିଆ ରିଆ ଆମାର୍ଟିଫିଓ।**
ସେ ଶୁକ୍ରବାର ନୋଭାକ ଜୋକୋଭିଚ୍-ଜାନେକ ସିନରଙ୍କ ମଧ୍ୟରେ ଅନୁଷ୍ଠିତ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ମ୍ୟାଚ ଉପଭୋଗ କରିଥିଲେ।

# ଦକ୍ଷିଣ ଆଫ୍ରିକା ଯିବ ଭାରତ

**ନୂଆଦିଲ୍ଲୀ, ୧୪।୭ (ପି.ଟି.)**

ଭାରତର ପରବର୍ତ୍ତୀ ଦକ୍ଷିଣ ଆଫ୍ରିକା ଟୁର୍ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ସହ ଡିସେମ୍ବର ୧୦ରୁ ଆରମ୍ଭ ହେବ। ଏହାପରେ ୩ଟି ଅନ୍ତର୍ଜାତୀୟ ଦିନିକିଆ ଏବଂ ଦୁଇଟି ଟେଷ୍ଟ ମ୍ୟାଚ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ତରଫରୁ ଶୁକ୍ରବାର ଘୋଷଣା କରାଯାଇଛି। ଓପନିଂ ମ୍ୟାଚ ଡର୍ବାନଠାରେ ଖେଳାଯିବ। ଦ୍ୱିତୀୟ ଓ ତୃତୀୟ ଅନ୍ତର୍ଜାତୀୟ ଟି୨୦ ଡିସେମ୍ବର ୧୨ ଓ ୧୪ରେ ଯଥାକ୍ରମେ ଜିକ୍ବେବର୍‌ହା ଓ ଜୋହାନ୍ସବର୍ଗଠାରେ ହେବ। ଜୋହାନ୍ସବର୍ଗରେ ଆହୁରି ମଧ୍ୟ ଡିସେମ୍ବର ୧୭ରୁ ହେବାକୁଥିବା ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ ଖେଳାଯିବ। ପରେ ଡିସେମ୍ବର ୧୯ ଓ ୨୧ରେ ଜିକ୍ବେବରହା ଓ ପାର୍ଲରେ ଯଥାକ୍ରମେ ଅନୁଷ୍ଠିତ ହେବ। ଟେଷ୍ଟ ମ୍ୟାଚଗୁଡ଼ିକ ଫ୍ରିଡମ୍ ସିରିଜ ଗାନ୍ଧୀ-ମଣ୍ଡେଲା ଟ୍ରଫି ନାମରେ ପରିଚିତ ହେବ। ଏହା ଯଥାକ୍ରମେ ସେଞ୍ଚୁରିଅନ ଓ କେପ୍ ଟାଉନଠାରେ ଡିସେମ୍ବର ୨୬-୩୦ ଓ ଜାନୁୟାରୀ ୩-୭ରେ ଖେଳାଯିବ। ଗତଥର ଭାରତ ୨୦୨୧-୨୨ରେ ଦକ୍ଷିଣ ଆଫ୍ରିକାରେ ଏକ ଟେଷ୍ଟ ସିରିଜ ୨୦୨୧-୨୨ରେ ଖେଳିଥିଲା। ସେମାନେ ୧-୨ରେ ହାରିଯାଇଥିଲେ। ସେତେବେଳେ ତତକାଳୀନ ଅଧିନାୟକ ବିରାଟ କୋହଲି ଅପ୍ରତ୍ୟାଶିତ ଭାବେ ପଦ ତ୍ୟାଗ କରିଥିଲେ। ତାଙ୍କ ସ୍ଥାନରେ ରୋହିତ ଶର୍ମାଙ୍କ ଲାଗି ପଥ ପରିଷ୍କାର ହୋଇଯାଇଥିଲା। ଗତ ଟୁର୍‌ରେ ଭାରତ ସେଞ୍ଚୁରିଅନ୍‌ଠାରେ ଓପନିଂ ଟେଷ୍ଟ ୧୧୩ ରନରେ ବିଜୟୀ ହୋଇଥିଲା। ମାତ୍ର ପରବର୍ତ୍ତୀ ଦୁଇ ଟେଷ୍ଟ ହାରିଯାଇଥିଲା। ଏହାଛଡ଼ା ସେତେବେଳେ ଖେଳାଯାଇଥିବା ଦିନିକିଆ ସିରିଜ ୦-୩ରେ ପରାସ୍ତ ହୋଇଥିଲା।

# ସିନ୍ଧୁ, ସେନ୍ କ୍ୱାର୍ଟରରେ

**କାଉନ୍‌ସିଲ ବ୍ଲଫ୍ସ (ୟୁଏସ୍), ୧୪।୭ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ୍ ସିଧାସଳଖ ଗେମ୍‌ରେ ବିଜୟ ହାସଲ କରି ଏଠାରେ ଚାଲିଥିବା ୟୁଏସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ତୃତୀୟ ସିଡ୍ ଅଲିମ୍ପିକ ଡବଲ୍ସ ପଦକ ବିଜେତା ସିନ୍ଧୁ କୋରିଆର ସଙ୍ଗ୍ ଶୁଓ ୟୁନ୍‌ଙ୍କୁ ୨୧-୧୪, ୨୧-୧୨ରେ ହରାଇ ଦେଇଛନ୍ତି। ଗତ ସପ୍ତାହରେ ସାନି କାନାଡା ଓପନ ସୁପର ୫୦୦ ଟାଇଟଲ ଜିତିଥିବା ସେନ୍ ୨୧-୮, ୨୩-୨୧ରେ ଚେକ୍ ରିପବ୍ଲିକର ଜାନ୍ ଲୋଡାଙ୍କୁ ମାତ୍ର ୩୯ ମିନିଟ୍‌ରେ ପରାସ୍ତ କରିଛନ୍ତି। ସିନ୍ଧୁ ବର୍ତ୍ତମାନ ଚାଇନାର ଗାଓ ଫାଙ୍ଗ୍ ଜିଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସରେ ଏକ ଅଲ୍ ଇଣ୍ଡିଆନ ମୁକାବିଲାରେ ତୃତୀୟ ସିଡ୍ ସେନ୍ ଉଦୀୟମାନ ଚେନ୍ନାଇର ୧୯ବର୍ଷୀୟ ଏସ୍. ଶଙ୍କର ମୁଥୁସ୍ୱାମୀଙ୍କୁ ଭେଟିବେ। ମୁଥୁସ୍ୱାମୀ ହେଉଛନ୍ତି, ୨୦୨୨ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ରୌପ୍ୟ ବିଜେତା। ସେ ଇସ୍ରାଏଲ୍‌ର ମିଶା ଜିଲ୍‌ବରମାନ୍‌ଙ୍କ ବିପକ୍ଷରେ ୨୧-୧୮, ୨୧-୨୩, ୨୧-୧୩ରେ ଏକ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି।

# ଭାରତ ୮ ଉଇକେଟରେ ବିଜୟୀ

**ଏସିସି ଏମର୍ଜିଂ କପ୍**

**କଲମ୍ବୋ, ୧୪।୭(ପି.ଟି.)**

ଏସିସି ପୁରୁଷ ଏମର୍ଜିଂ କପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) 'ଏ'କୁ ୮ ଉଇକେଟରେ ପରାସ୍ତ କରଛି। ଅଧିନାୟକ ୟାଶ ଧୂଲଙ୍କ ଦ୍ରୁତ ଅପରାଜିତ ଶତକ ଏବଂ ହର୍ଷିତ ରାଣାଙ୍କ ଚମତ୍କାର ବୋଲିଂ ଯୋଗୁ ଦଳ ସହଜ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ଧୂଲ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ନିଷ୍ପତ୍ତି ଯଥାର୍ଥ ଥିଲା ବୋଲି ପ୍ରମାଣିତ ହୋଇଥିଲା ଡାହାଣହାତୀ ପେସ୍ ବୋଲର ରାଣା ଚମତ୍କାର ବୋଲିଂ କରି ୪୧ ରନ ବିନିମୟରେ ୪ଉଇକେଟ ଅକ୍ତିଆର କରିଥିଲେ। ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ ଆନ୍ଧ୍ର ପେସର ନୀତୀଶ କୁମାର ରେଡ୍ଡୀ (୨/୩୨) ଓ ବାମହାତୀ ରକ୍ଷଣଶୀଳ ବୋଲର ମାନବ ସୁତାର (୨/୨୮)। ନିର୍ଦ୍ଧାରିତ ୫୦ ଓଭରରେ ୟୁଏଇ 'ଏ'ର ସ୍କୋର ୧୭୫/୯ରେ ସୀମିତ ହୋଇଯାଇଥିଲା। ଦଳର ମାତ୍ର ୩ଜଣ ବ୍ୟାଟରଙ୍କ ବିଶେଷ ଅବଦାନ ଥିଲା। ସେମାନେ ହେଲେ ଅଶ୍ୱନ୍ତ ଭାଲ୍‌ଥାପା (୪୬ ରନ), ଓପନର ଆର୍ଯ୍ୟାଂଶ ଶର୍ମା (୩୮) ଓ ମହମ୍ମଦ ଫାରାଜୁଦ୍ଦିନ (୩୫)। ୧୭୬ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଭାରତ 'ଏ' ପ୍ରଥମ ୬ ଓଭରରେ ଦୁଇ ଓପନର ସାଇ ସୁଦର୍ଶନ (୮) ଓ ଅଭିଷେକ ଶର୍ମା (୧୯)ଙ୍କ ଉଇକେଟ ହରାଇଥିଲା। କିନ୍ତୁ ଧୂଲ (୧୦୮*) ଓ ନିକିନ୍ ଜୋସ୍ (୪୧*) ତୃତୀୟ ଉଇକେଟରେ ୧୩୮ରନ ଯୋଗ କରି ଦଳକୁ ସହଜ ବିଜୟ ଦେଇଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ଧୂଲ ତାଙ୍କ ଇନିଂସରେ ମାତ୍ର ୮୪ଟି ବଲ୍ ସାମ୍ନା କରି ୨୦ ଚୌକା ଓ ଗୋଟିଏ ଛକା ଲଗାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ୟୁଏଇ 'ଏ':** ୫୦ ଓଭରରେ ୧୭୫/୯ (ଅଶ୍ୱନ୍ତ ଭାଲ୍‌ଥାପା-୪୬, ଆର୍ଯ୍ୟାଂଶ ଶର୍ମା-୩୮, ମହମ୍ମଦ ଫାରାଜୁଦ୍ଦିନ- ୩୫; ହର୍ଷିତ ରାଣା-୪/୪୧, ମାନବ ସୁତାର-୨/୨୮, ନୀତୀଶ ରେଡ୍ଡୀ-୨/୩୨)। **ଭାରତ 'ଏ':** ୨୬.୩ ଓଭରରେ ୧୭୯/୨ (ୟାଶ ଧୂଲ-୧୦୮*, ନିକିନ ଜୋସ୍-୪୧*, ଅଲି ନାସିର-୧/୧୪)।

# ସଚିନଙ୍କ ନୂଆ ଏସିଆନ ରେକର୍ଡ

**ପାରା ଆଥ୍‌ଲେଟିକ୍ସ ବିଶ୍ୱ ଚାମ୍ପିୟନଶିପ୍**

**ନୂଆଦିଲ୍ଲୀ, ୧୪।୭**

ପ୍ୟାରିସରେ ଚାଲିଥିବା ପାରା ଆଥ୍‌ଲେଟିକ୍ସ ବିଶ୍ୱ ଚାମ୍ପିୟନଶିପ୍‌ର ପୁରୁଷ ଶଟ୍‌ପୁଟ୍ ଏଫ୍୪୬ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ସଚିନ ସର୍ଜେରାଓ ଖିଲାରି। ଶୁକ୍ରବାର ୧୬.୨୧ ମିଟର ଦୂରକୁ ଥ୍ରୋ କରି ସେ ନୂଆ ଏସିଆନ ରେକର୍ଡର ଅଧିକାରୀ ହେବା ସହ ପ୍ୟାରିସ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଆମେରିକାର ଜୋଶୁଆ ଚିନାମୋ ମାତ୍ର ୦.୨୧ ମିଟର କମ୍ ଥ୍ରୋ କରି ରୌପ୍ୟ ଏବଂ ଦକ୍ଷିଣ ଆଫ୍ରିକାର କେରୱିନ ନୋଏମ୍‌ଡୋ ୧୫.୩୦ ମିଟର ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗୁରୁବାର ପାରାଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ସୁମିତ ଆଣ୍ଟିଲ ବିଶ୍ୱ ଚାମ୍ପିୟନଶିପ୍‌ର ଏଫ୍୬୪ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ୭୦.୮୩ ମିଟର ଥ୍ରୋ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ।

# ବକ୍ସିଂ ଚାମ୍ପିୟନ ଡେଭିନ୍ ହେନି ଗିରଫ

**ଲସ୍‌ଏଞ୍ଜେଲ୍ସ, ୧୪।୭(ଏପି)**

ଅପ୍ରତିଦ୍ୱନ୍ଦ୍ୱୀ ଲାଇଟ୍‌ୱେଟ୍ ଚାମ୍ପିୟନ ଡେଭିନ୍ ହେନି ଲସ୍‌ଏଞ୍ଜେଲ୍ସରେ ଗିରଫ ହୋଇଛନ୍ତି। ସେ ତାଙ୍କ କାର୍‌ରେ ବେଆଇନ ଅସ୍ତ୍ର ଲୁଚାଇକରି ରଖିଥିଲେ। ୨୪ ବର୍ଷୀୟ ହେନି କିନ୍ତୁ ପରେ ୩୫,୦୦୦ ଜାମିନ ମୁଚାଲିକାରେ ଛାଡ଼ ପାଇଛନ୍ତି। ଅଗଷ୍ଟ ୩ରେ ମ୍ୟୁନିସିପାଲ୍ କୋର୍ଟରେ ଏହି ମାମଲାର ଶୁଣାଣି ହେବ। ହେନି କାର୍‌ର ପଛ ସିଟ୍‌ରେ ବସିଥିଲେ। ବକ୍ସରଙ୍କ ସହିତ ପିତା ତଥା ଟ୍ରେନର ଓ ମ୍ୟାନେଜର ବିଲ୍ ହାନି ରହିଥିଲେ। ବିଲ୍ କହିଛନ୍ତି, ଭୁଲ ବୁଝାମଣା ହୋଇଛି। ଡେଭିନ୍ ଯେତେବେଳେ କୋର୍ଟରେ ହାଜର ହେବେ ସବୁ ସମାଧାନ ହୋଇଯିବ। ପାଖରେ ଅସ୍ତ୍ର ରଖିବାର ଲାଇସେନ୍ସ ଥାଇ ସୁଦ୍ଧା ଡେଭିନ୍ ଗିରଫ ହେବା ଦୁର୍ଭାଗ୍ୟଜନକ। ସୂଚନାଯୋଗ୍ୟ, ଗତ ମେ' ମାସରେ ଲାସ୍ ଭେଗାସ୍‌ଠାରେ ବିଚାରକମଣ୍ଡଳୀର ଏକ ସର୍ବସମ୍ମତି ନିଷ୍ପତ୍ତି କ୍ରମେ ଭାସିଲି ଲୋମାଚେଙ୍କୋଙ୍କୁ ହରାଇ ହାନି ଟାଇଟଲ ବଜାୟ ରଖିବା ସହ ତାଙ୍କ ରେକର୍ଡ (୩୦-୦)ରେ ଉନ୍ନତି ଆଣିଛନ୍ତି।

# ତୁର୍ ଟାଇଟଲ ବଜାୟ ରଖିଲେ, ପାରୁଲଙ୍କୁ ସ୍ୱର୍ଣ୍ଣ

**ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

**ବ୍ୟାଙ୍କକ୍, ୧୪।୭ (ପି.ଟି.)**

ଏଠାରେ ଚାଲିଥିବା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତର ତାଜିନ୍ଦରପାଲ ସିଂ ତୁର୍ ନିଜ ଶଟ୍‌ପୁଟ୍ ଟାଇଟଲ ବଜାୟ ରଖିଛନ୍ତି। ସେହିପରି ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ପାରୁଲ ଚୌଧାରୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶୁକ୍ରବାର ଦ୍ୱିତୀୟ ରାଉଣ୍ଡରେ ତୁର୍ ସ୍ୱର୍ଣ୍ଣ ବିଜୟୀ ପ୍ରଦର୍ଶନ ଦେବା ପରେ ସେ ଆହତ ସମସ୍ୟା ଯୋଗୁ ଓହରି ଯାଇଥିଲେ। ଏହି ଏସିଆନ ରେକର୍ଡଧାରୀ ନିଜ ଦ୍ୱିତୀୟ ଉଦ୍ୟମରେ ଲୌହ ବଲ୍‌କୁ ୨୦.୨୩ ମିଟର ଥ୍ରୋ କରିଥିଲେ, ଯାହାକି ସ୍ୱର୍ଣ୍ଣ ପଦକ ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇଥିଲା। ମାତ୍ର ଏହି ଥ୍ରୋ ପରେ ସେ ଛୋଟେଇ ଛୋଟେଇ ପଡ଼ିଆରୁ ଚାଲି ଯାଇଥିଲେ ଏବଂ ଆଉ ଥ୍ରୋ କରି ନ ଥିଲେ। ଇରାନର ସବେରି ମେହଦି ୧୯.୯୮ ମିଟର ଓ କାଜାଖସ୍ତାନର ଇଭାନ ଉଭାନୋଭ ୧୯.୮୭ ମିଟର ଥ୍ରୋ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ଏସିଆନ ଚାମ୍ପିୟନଶିପ୍ ଇତିହାସରେ ୨୮ ବର୍ଷୀୟ ତୁର୍ ତୃତୀୟ ଆଥ୍‌ଲେଟଭାବେ ଶଟ୍‌ପୁଟ୍ ଟାଇଟଲ ବଜାୟ ରଖିଥିଲେ। ପ୍ରଥମ ଉଦ୍ୟମରେ ସେ ୧୯.୮୦ ମିଟର ଦୂରକୁ ଥ୍ରୋ କରିଥିଲେ। ପୂର୍ବରୁ କେବଳ କାତାରର ବିଲାଲ ସାଦ୍ ମୁବାରକ କ୍ରମାଗତ ୨ ଥର ୧୯୯୫, ୧୯୯୮ ଏବଂ ପୁଣି ୨୦୦୨, ୨୦୦୩ରେ ଟାଇଟଲ ଜିତିଥିଲେ। କୁଏଟର ମହମ୍ମଦ ଘରିବ ଅଲ୍ ଜିଙ୍କାୱି ୧୯୭୯, ୧୯୮୧ ଓ ୧୯୮୩ରେ ଟାଇଟଲ ଜିତି ହ୍ୟାଟ୍ରିକ କରିଥିଲେ। ତୁରଙ୍କ ପୂର୍ବରୁ ୭ ଜଣ ଭାରତୀୟ ଏସିଆନ ଚାମ୍ପିୟନଶିପ୍‌ର ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରକାଶଯୋଗ୍ୟ ଯେ, ତୁର୍ ଗତ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ଆନ୍ତଃ-ରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୨୧.୭୭ ମିଟର ଥ୍ରୋ କରି ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ତେବେ ଆଗାମୀ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନକୁ ମାତ୍ର ଏକମାସ ଥିବାରୁ ତାଙ୍କ ଅଂଶଗ୍ରହଣକୁ ନେଇ ଚିନ୍ତା ବଢ଼ିଛି। ଗ୍ରୋଇନ୍ ଷ୍ଟ୍ରେନ୍ ପାଇଁ ସେ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ଅଂଶଗ୍ରହଣ କରିପାରି ନ ଥିଲେ।

## ପାରୁଲଙ୍କୁ ପ୍ରଥମ

ପାରୁଲ ଏସିଆନ ଚାମ୍ପିୟନଶିପ୍‌ରେ ପ୍ରଥମଥର ପାଇଁ ୩୦୦୦ ମିଟର ଷ୍ଟିପଲ୍‌ଚେଜ୍ ଟାଇଟଲ ଜିତିଛନ୍ତି। ସେ ୯:୩୮.୭୬ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଚାଇନାର ଶୁଆଙ୍ଗଶୁଆଙ୍ଗ ଜୁ ୯:୪୪.୫୪ ଓ ଜାପାନର ୟୋଶିମୁରା ରେଇମି ୯: ୪୮.୪୮ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପାରୁଲଙ୍କର ଏହାଥିଲା ପ୍ରଥମ ସ୍ୱର୍ଣ୍ଣିମ ସଫଳତା। ତାଙ୍କର ଏହି ପ୍ରଦର୍ଶନ ବଳରେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୫ରେ ପହଞ୍ଚିଯାଇଛି। ଯୁବ ଲଙ୍ଗଜମ୍ପର ଶାଇଲି ସିଂ ମଧ୍ୟ ନିଜ କ୍ୟାରିୟରରେ ଏକ ବଡ଼ ପ୍ରତିଯୋଗିତାରେ ପ୍ରଥମଥର ପାଇଁ ପଦକ ହାସଲ କରିଛନ୍ତି। ସେ ଏଠାରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ ଭାରତର ପଦକ ସଂଖ୍ୟା ୯ରେ ପହଞ୍ଚିଛି। ଏହା ମଧ୍ୟରେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ସାମିଲ। ବୁଧବାର ଗୋଟିଏ ବ୍ରୋଞ୍ଜ ପଦକ ପାଇଥିବା ଭାରତ ଗୁରୁବାର ୩ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତର ସମସ୍ତ ସ୍ୱର୍ଣ୍ଣ ପଦକ ବିଜେତା ଆସନ୍ତା ଅଗଷ୍ଟ ୧୯ରୁ ୨୭ ପର୍ଯ୍ୟନ୍ତ ହଙ୍ଗେରିର ବୁଦାପେଷ୍ଟରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ସମ୍ଭାବନା ରହିଛି। ପାରୁଲ ପୂର୍ବରୁ ୨୦୧୭ ଓ ୨୦୧୯ ପ୍ରତିଯୋଗିତାରେ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଥିଲେ।



ତାଜିନ୍ଦରପାଲ ସିଂ ତୁର୍



ଉିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ଡବଲ୍ସ ଫାଇନାଲରେ ପ୍ରବେଶ କରିଥିବା ହସି ସୁ-ୱେଇ ଓ ବାର୍ବରା ଷ୍ଟ୍ରାଇକୋଭା।

# 'ମୁକାବିଲା ପାଇଁ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରୁହ'

## ଛାତ୍ରକର୍ମୀଙ୍କୁ ନବୀନଙ୍କ ପରାମର୍ଶ





ଶଙ୍ଖଭବନଠାରେ ଶୁକ୍ରବାର ଅନୁଷ୍ଠିତ ବିଜୁ ଛାତ୍ର ଜନତା ଦଳର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ କମିଟି ବୈଠକରେ ଉପସ୍ଥିତ ନେତୃବୃନ୍ଦ।

ଭୁବନେଶ୍ୱର,୧୪।୭(ଅନିଲ ଦାସ)

ଛାତ୍ରମାନେ ଦେଶର ଭବିଷ୍ୟତ। ଛାତ୍ରମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ଶିକ୍ଷା ଓ ତାଲିମ ଉପରେ ଗୁରୁତ୍ୱ ଦେଉଛନ୍ତି। ଲୋକମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ବିରୋଧୀ ଦଳ ଅନେକ ଭ୍ରମ ସୃଷ୍ଟି କରୁଛନ୍ତି। ଭୁଲ ସୂଚନାକୁ ପ୍ରତିହତ କରିବାକୁ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବାକୁ ହେବ। ଏହାକୁ ପ୍ରତିହତ କରିବା ସହ ଲୋକମାନଙ୍କ ନିକଟରେ ପ୍ରକୃତ ସୂଚନା ପହଞ୍ଚାଇବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରକର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଶୁକ୍ରବାର ଶଙ୍ଖଭବନଠାରେ ଅନୁଷ୍ଠିତ ବିଜୁ ଛାତ୍ର ଜନତା ଦଳର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ କମିଟି ବୈଠକକୁ ଭର୍ଚୁଆଲରେ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜୁ ଜନତା ଦଳ କାମରେ ବିଶ୍ୱାସ କରେ । 'ମୋ ସରକାର' ଆଜି ସାଧାରଣ ଲୋକଙ୍କୁ ସଶକ୍ତ କରିଛି। ସରକାର ଲୋକଙ୍କ ଦୁଆରେ ସେବା ଯୋଗାଉଛନ୍ତି। ରାଜ୍ୟର ଶିକ୍ଷା ଭିତ୍ତିଭୂମିକୁ ମଜଭୁତ କରାଯାଉଛି। ଆମର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଦେଶର ଅନ୍ୟ ଏକ ଉତ୍କୃଷ୍ଟ କାର୍ଯ୍ୟକ୍ରମ। ୨୦୦୦ ମସିହାରେ ରାଜ୍ୟରେ ୬ଟି ବିଶ୍ୱବିଦ୍ୟାଳୟ ଥିଲା। ଏବେ ୧୮ଟି ବିଶ୍ୱବିଦ୍ୟାଳୟ ହୋଇଛି। ସେତେବେଳେ ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଏବେ ୧୧ଟି ସରକାରୀ ମେଡିକାଲ କଲେଜ ହୋଇଛି । ଆହୁରି ଅନେକ ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜ ଖୋଲିବା ଅପେକ୍ଷାରେ ରହିଛି। ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ବୃତ୍ତିରେ ବୃଦ୍ଧି କରାଯାଇଛି। ଓଡ଼ିଆ ଭାଷାର ପ୍ରସାର ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟ ଶିକ୍ଷା କରୁଥିବା ପିଲାମାନଙ୍କ ପାଇଁ ଫକୀରମୋହନ ଛାତ୍ରବୃତ୍ତି ଯୋଜନା

### ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟକାରିଣୀ ବୈଠକ

କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଉଚ୍ଚଗୁଣଯୁକ୍ତ ଗବେଷଣାକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ମାସରେ ମୁଖ୍ୟମନ୍ତ୍ରୀ ଗବେଷଣା ଓ ଅଭିନବ ଫେଲୋଶିପ୍ କାର୍ଯ୍ୟକ୍ରମ ଜରିଆରେ ମାସକୁ ୩୦ ହଜାର ଟଙ୍କା ଦେବାର ବ୍ୟବସ୍ଥା କରିଛନ୍ତି। ଏଥିସହିତ ସ୍କୁଲ ସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ଷ୍ଟୁଡେଣ୍ଟସ୍ ଏକାଡେମିକ ଆୱାର୍ଡ, ଷ୍ଟୁଡେଣ୍ଟସ୍ ଲିଡରଶିପ୍ ଆୱାର୍ଡ ଏବଂ ଷ୍ଟୁଡେଣ୍ଟସ୍ ମେରିଟ କମ୍ ସ୍କଲାରଶିପ୍ ଆୱାର୍ଡ ପ୍ରଦାନ କରାଯାଉଛି।

ସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କ ପାଇଁ ଇଞ୍ଜିନିୟରିଂ ଓ ମେଡିକାଲ କଲେଜରେ ୧୫ ପ୍ରତିଶତ ସଂରକ୍ଷଣ ରଖାଯାଇଛି। ୫-ଟି ସ୍କୁଲ ରୂପାନ୍ତରରେ ରାଜ୍ୟର ୪୩୦୦ରୁ ଅଧିକ ସ୍କୁଲର ଭିତ୍ତିଭୂମିରେ ରୂପାନ୍ତର ହୋଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂଆ ଆଶା, ନୂଆ ସ୍ୱପ୍ନ ଜାଗିଛି। ଆଗକୁ କଲେଜ ଭିତ୍ତିଭୂମିରେ ମଧ୍ୟ ୫-ଟି କାର୍ଯ୍ୟକ୍ରମରେ ରୂପାନ୍ତର ହେବ। ନିଯୁକ୍ତି ସବୁବେଳେ ମୋର ଫୋକସ ହୋଇ ରହିଛି। ସରକାରୀ ବିଭାଗଗୁଡ଼ିକରେ ଏବେ ନିଯୁକ୍ତି ଚାଲିଛି।

ପୁଞ୍ଜିନିବେଶ ପାଇଁ ଓଡ଼ିଶା ଦେଶର ଦ୍ୱିତୀୟ ସର୍ବୋତ୍କୃଷ୍ଟ ରାଜ୍ୟରେ ପରିଣତ ହୋଇଛି। ଆମେ ୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ପାଇଛୁ। ଯେଉଁଥିରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ମଧ୍ୟ ବହୁ ସୁଯୋଗ ଅପେକ୍ଷାକରି ରହିଛି। ଆଇବିଏମ୍ ଓ ଡେଲୋଏଟ୍ ଭଳି ବିଶ୍ୱସ୍ତରୀୟ ସଂସ୍ଥା ଭୁବନେଶ୍ୱରରେ ସେମାନଙ୍କର ଉତ୍କର୍ଷ କେନ୍ଦ୍ର ଖୋଲିଛନ୍ତି। ଆହୁରି ଅନେକ ସଂସ୍ଥା ଆସୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏସବୁ ସଫଳତାକୁ ବନ୍ଧୁମାନଙ୍କ ପାଖରେ ପହଞ୍ଚାନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି।

ବିଜୁ ଛାତ୍ର ଜନତା ଦଳର କଲେଜ କମିଟି କଲେଜଗୁଡ଼ିକରେ ଭଲ ସେବା ଯୋଗାଉଛି। ଏହାକୁ ଆହୁରି ମଜଭୁତ କରିବାକୁ ପଡ଼ିବ। ଓଡ଼ିଶା ମୋ ପରିବାର ପାଇଁ ଛାତ୍ରମାନେ ନିଃସ୍ୱାର୍ଥପର ସେବା ଯୋଗାଉଛନ୍ତି। ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି। ବାହାନଗା ରେଳ ଦୁର୍ଘଟଣା ବେଳେ ରକ୍ତଦାନ ଶିବିରକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ପ୍ରାକୃତିକ ଦୁର୍ବିପାକ ହେଉ କିମ୍ବା ଜରୁରୀ ସମୟରେ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଛାତ୍ରକର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକାରିଣୀରେ ପାରିତ ହୋଇଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ବିଜେଡି ସଭାପତିଙ୍କୁ ଅବଗତ କରାଯାଇଛି। ବୈଠକରେ ରାଜନୈତିକ, ସାଙ୍ଗଠନିକ, ସଂକଳ୍ପ ଓ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଛି ।

ଓଡ଼ିଶାରେ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତ ରାୟଙ୍କ ସମେତ ବହୁ ଛାତ୍ର କର୍ମୀମାନେ ଯୋଗ ଦେଇଥିଲେ।

# ସତ ଲୁଚାଇବାକୁ ବହୁ ପରିଶ୍ରମ କରାଯାଇଛି: ପୂଜାରୀ

### ନବ ଦାସ ହତ୍ୟାକାଣ୍ଡ ଘଟଣାର ଚାର୍ଜସିଟ୍ ଦାଖଲ ପରେ ...

■ ହତ୍ୟାର ସତ୍ୟତା ଖୋଜିବାକୁ ତତ୍ପରତା ଦେଖାଯାଇନି: ବିଜୟ

**ଭୁବନେଶ୍ୱର, ୧୪।୭(ସୁନିତ୍ ମିଶ୍ର):** ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ଘଟଣାର ଚାର୍ଜସିଟ୍ କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ କରାଯିବା ପରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ବିରୋଧୀ ଏହି ପ୍ରସଙ୍ଗରେ ସିଧାସଳଖ ଶାସକ ଦଳ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ପଶ୍ଚିମ ଓଡ଼ିଶାର ଟାଣୁଆ ନେତା ନବ କିଶୋର ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ଦାଖଲ କରିଥିବା ଚାର୍ଜସିଟ୍‌କୁ ରଦି କାଗଜ ବୋଲି ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ପୂଜାରୀ କହିଛନ୍ତି, ହତ୍ୟାକାଣ୍ଡର କାରଣ ଖୋଜିବାକୁ କ୍ରାଇମବ୍ରାଞ୍ଚ ଯେତିକି ଚେଷ୍ଟା ନ କରିଛି କଥାର ସତ୍ୟକୁ ଲୁଚାଇବାକୁ ବହୁ କଷ୍ଟ କରିଛି। ନବ ଦାସ ହତ୍ୟା ମାମଲାର ତଦନ୍ତ ଗୋପାଳ ଦାସଠାରୁ ଆରମ୍ଭହୋଇ ଗୋପାଳ ପାଖରେ ଶେଷ ହୋଇଛି। ତଦନ୍ତ ଆରମ୍ଭରୁ ବାଟବଣା ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ହତ୍ୟାର ଉଦ୍ଦେଶ୍ୟ ଜଣାପଡୁ ନାହିଁ। ହତ୍ୟାକାଣ୍ଡ ସମ୍ପର୍କରେ ଯାହା କୁହାଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ପୂଜାରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଚାର୍ଜସିଟ୍ ତଥ୍ୟ ଅନୁସାରେ ଗାଡ଼ି ପାର୍କିଂକୁ ନେଇ ନବ ଦାସ ସମର୍ଥକଙ୍କ ସହ ଗୋପାଳ ଦାସଙ୍କର ପାଟିତୁଣ୍ଡ ହୋଇଥିଲା। ଏହା କିନ୍ତୁ ପର୍ଯ୍ୟାପ୍ତ ନୁହେଁ। କେବେ ସେହି ଘଟଣା ଘଟିଥିଲା ସେନେଇ କିଛି ଉଲ୍ଲେଖ ନାହିଁ। କେବେ ଛୋଟ ବଚସାକୁ ନେଇ ହତ୍ୟାକାଣ୍ଡ ହୁଏ କି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ହତ୍ୟାକାଣ୍ଡର ସତ୍ୟାସତ୍ୟ ଜାଣିବା ପାଇଁ ଗୋପାଳ ଓ ନବଙ୍କ ମୋବାଇଲ୍ ଟ୍ରାକ୍ କରାଯାଇଥିଲା ନା ନାହିଁ। କଲ୍ ରେକର୍ଡକୁ ତଦନ୍ତ ପରିସରଭୁକ୍ତ କରାଯାଇଥିଲା କି ଏଭଳି କିଛି ପ୍ରଶ୍ନ ଉଠାଇଛନ୍ତି। ନବଙ୍କୁ ଭେଦ କରିଥିବା ଗୁଳି ଏ ପର୍ଯ୍ୟନ୍ତ ମିଳିନାହିଁ। ଏଥିରୁ ଜଣାପଡୁଛି ତଥ୍ୟ ସଂଗ୍ରହରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି। ତଦନ୍ତ ସମାଧିସ୍ଥ ହୋଇଛି ବୋଲି ପୂଜାରୀ କହିଛନ୍ତି। କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି , ଜଣେ ଏଏସ୍‌ଆଇ ସ୍ତରର କର୍ମଚାରୀ ନବ ଦାସଙ୍କ ଭଳି ରାଜ୍ୟର ପ୍ରଭାବଶାଳୀ ମନ୍ତ୍ରୀଙ୍କୁ କିପରି ହତ୍ୟା କରିପାରିଲେ ଏହା ସହଜରେ ଗ୍ରହଣ କରାଯାଇପାରୁ ନାହିଁ। ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ରହିଥିବାର ସନ୍ଦେହ ରହିଛି। ଯାହାକୁ ବାହାର କରିବା ଲାଗି ଏବଂ ଲୋକଲୋଚନକୁ ଆଣିବା ପାଇଁ କ୍ରାଇମ ବ୍ରାଞ୍ଚ ଜମା ବି ତତ୍ପରତା ଦେଖାଇ ନାହିଁ ବୋଲି ସେ କହିଛନ୍ତି।

## ଭାଜପା ହାରିଥିବା ୧୩ ଲୋକ ସଭା ଆସନ

# ସ୍ଥିତି ସଜାଡ଼ିବାକୁ ଉଦ୍ୟମ

ଭୁବନେଶ୍ୱର, ୧୪।୭(ସୁନିତ୍ ମିଶ୍ର)

ରାଜ୍ୟରେ ଭାଜପା ସଙ୍ଗଠନକୁ କିପରି ଅଧିକ ମଜଭୁତ କରି ହେବ ସେନେଇ ଦଳର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଘନ ଘନ ବୈଠକ କରୁଛନ୍ତି। ୨ ଦିନିଆ ଗସ୍ତରେ ଆସିଥିବା ବଂଶଲ ଶୁକ୍ରବାର ରାଜ୍ୟରେ ଭାଜପା ହାରିଥିବା ୧୩ ଲୋକ ସଭା ଆସନର ସ୍ଥିତି ଉପରେ ମୁଖ୍ୟତଃ ବିସ୍ତୃତ ଆଲୋଚନା କରିଛନ୍ତି। ୧୩ ଲୋକ ସଭା ଆସନ ଲାଗି ନିଯୁକ୍ତ ପ୍ରଭାରୀ, ସହପ୍ରଭାରୀ ଏବଂ ବିସ୍ତାରକମାନଙ୍କ ସହ ବଂଶଲ ଆଲୋଚନା କରିବା ସମୟରେ ବର୍ତ୍ତମାନ ଉକ୍ତ ଆସନଗୁଡ଼ିକର ବାସ୍ତବ ସ୍ଥିତି କିପରି ରହିଛି ତା'ର ରିପୋର୍ଟ ନେଇଥିଲେ। ସେହିପରି ଗତ ମାସରେ ଦଳ ପକ୍ଷରୁ ଆୟୋଜିତ ମହାଜନସମ୍ପର୍କ ପଦଯାତ୍ରା ସମୟରେ କେତେଜଣ କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଆସି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେତେବେଳେ ଉକ୍ତ ଲୋକ ସଭା ଆସନର ସ୍ଥିତି ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଉକ୍ତ ରିପୋର୍ଟ ଉପରେ ମଧ୍ୟ ବଂଶଲ ସମୀକ୍ଷା କରିଛନ୍ତି। ଆଗକୁ ଦଳ କିପରି ଏହି ଆସନ ଗୁଡ଼ିକରେ ଜିତିପାରିବ ଏବଂ ଯେଉଁ ଦାୟିତ୍ୱ ଦିଆଯାଇଥିଲା ତାହା କେତେ ଦୂର କାର୍ଯ୍ୟକାରୀ ହୋଇଛି ସେନେଇ ମଧ୍ୟ ଆଲୋଚନା କରାଯାଇଛି।

ମିଳିଥିବା ସୂଚନା ମୁତାବକ, ଗତ ମହାଜନସମ୍ପର୍କ ପଦଯାତ୍ରା ସମୟରେ କେନ୍ଦ୍ରମନ୍ତ୍ରୀମାନଙ୍କ ଓଡ଼ିଶା ଗସ୍ତର ପ୍ରଭାବ ଏବଂ ଆଉ କେଉଁସବୁ କାର୍ଯ୍ୟକ୍ରମ ରାଜ୍ୟରେ ହେବା ଆବଶ୍ୟକ ସେନେଇ ମଧ୍ୟ ଆଲୋଚନା ହୋଇଛି। ନିକଟରେ ଗୁଆହାଟୀରେ ହୋଇଥିବା ଦଳର ସାଙ୍ଗଠନିକ ବୈଠକରେ ନିଆଯାଇଥିବା ନିଷ୍ପତ୍ତି କିପରି ରାଜ୍ୟରେ କାର୍ଯ୍ୟକାରୀ ହୋଇପାରିବ ସେନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଛି। ଏହାସହ ଭୋପାଳ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋ ବୁଥ୍ ସବୁଠୁ ମଜଭୂତ କାର୍ଯ୍ୟକ୍ରମରେ ଯେଉଁ ମନ୍ତ୍ର ଦେଇଥିଲେ ତାକୁ କେତେଦୂର ରାଜ୍ୟରେ କାର୍ଯ୍ୟକାରୀ ବିସ୍ତାରକମାନେ କରିଛନ୍ତି ସେନେଇ ମଧ୍ୟ ପୁନର୍ବାର ଆଲୋଚନା ହୋଇଛି। ଏହାସହ ବଂଶଲ ଆଉ କିଛି ନୂଆ ଦାୟୀତ୍ୱ ବାଣ୍ଟିଥିବା ଜଣାପଡିଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ଏବଂ ଅନ୍ୟ କେତେଜଣ ବରିଷ୍ଠ ନେତା ବୈଠକରେ ଉପସ୍ଥିତ ଥିଲେ।

# ଅପରାଜିତାଙ୍କ ୪ର୍ଥ ବର୍ଷର ରିପୋର୍ଟ କାର୍ଡ

**ଭୁବନେଶ୍ୱର, ୧୪।୭(ସୁନିତ୍ ମିଶ୍ର):** ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ତାଙ୍କ ୪ର୍ଥ ବର୍ଷର ରିପୋର୍ଟ କାର୍ଡ ଉପସ୍ଥାପିତ କରିଛନ୍ତି। ଅପରାଜିତା ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ଏନେଇ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଯେଉଁମାନେ ତାଙ୍କୁ ଭୋଟ୍ ଦେଇ ପାର୍ଲାମେଣ୍ଟ ପଠାଇଛନ୍ତି ସେମାନଙ୍କ ଅଞ୍ଚଳରେ ନିର୍ଦ୍ଦିଷ୍ଟ ଭାବେ କି କାମ ସବୁ ହୋଇଛି ତାହା ଜାଣିବାର ଅଧିକାର ରହିଛି। ଏନ୍‌ଏଚଏଆଇ ପକ୍ଷରୁ ୬୪୬୨ କୋଟି ଟଙ୍କାର ପ୍ରକଳ୍ପ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଆରମ୍ଭ ହୋଇଛି। ୩୦ଟି ଗାଡି ଯିବା ଲାଗି ଅଣ୍ଡର ପାସ୍, ୯ଟି ଫ୍ଲାଇଓଭର, ୪ଟି ଫୁଟ୍ ଓଭରବ୍ରିଜ ଏବଂ କ୍ୟାପିଟାଲ୍ ରିଜନ ରିଙ୍ଗରୋଡ୍ ହେବ। ଏହି ରିଙ୍ଗରୋଡ୍ ଦ୍ୱାରା ରାମେଶ୍ୱର-ଖୋର୍ଦ୍ଧା ଠାରୁ ଟାଙ୍ଗୀ-କଟକ ପର୍ଯ୍ୟନ୍ତ ୧୧୧ କୋଟି ଟଙ୍କାର କାମ ଆରମ୍ଭ ହୋଇଛି। ଖୋର୍ଦ୍ଧା ଟାଉନରୁ ବାଇପାସ୍ ରୋଡ୍ କିପରି ହେବ ଏହା ସବୁଠାରୁ ବଡ ଚିନ୍ତା ଥିଲା। ଏହି କାମ ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏନ୍‌ଏଚ୍-୫୭ ଖୋର୍ଦ୍ଧା ବାଇପାସ୍ ରୋଡ୍‌ର କାମ ମଧ୍ୟ ଆରମ୍ଭ ହୋଇଯାଇଛି ବୋଲି ସେ କହିଥିଲେ।

# ରାଜ୍ୟ ସରକାର ଛାତ୍ର ସ୍ୱାର୍ଥ ବିରୋଧୀ : କଂଗ୍ରେସ

**ଭୁବନେଶ୍ୱର, ୧୪।୭(ସୁନିତ୍ ମିଶ୍ର):** ରାଜ୍ୟରେ ସମ୍ପୂର୍ଣ୍ଣଭାବେ ଏକ ଛାତ୍ର ସ୍ୱାର୍ଥ ବିରୋଧୀ ସରକାର ୨୪ ବର୍ଷ ହେଲା ଶାସନ କରୁଛି। ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ବିଜେଡି ସରକାର ସରକାର ଭୁଆଁ ବୁଲାଉଛନ୍ତି। ବିଜୁ ଛାତ୍ର ଜନତା ଦଳ ଏ ପର୍ଯ୍ୟନ୍ତ ଓଡ଼ିଶାର ଛାତ୍ରମାନଙ୍କ ସ୍ୱାର୍ଥ ପାଇଁ କେବେହେଲେ ବି ମୁହଁ ଖୋଲିନାହିଁ। କେବଳ ରାଜ୍ୟ ସରକାରଙ୍କର ଏକ ଗୋଡ଼ାଣିଆ ଅନୁଷ୍ଠାନ ଭାବେ ପରିଚିତି ସୃଷ୍ଟି କରିଛି। ଜଣେ ଛାତ୍ର ପାଠପଢ଼ାର ସମାପ୍ତି ପରେ ନିଯୁକ୍ତି ଖୋଜେ। ମାତ୍ର ବର୍ଷକୁ ୨ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି ଦେଇଥିବା ନବୀନ ସରକାର ଏ ପର୍ଯ୍ୟନ୍ତ ତାଙ୍କର ପ୍ରତିଶ୍ରୁତି ପୂରଣରେ ସମର୍ଥ ହୋଇନାହାନ୍ତି। ଏଭଳି ପରିସ୍ଥିତିରେ ଛାତ୍ର ବିଜେଡି ନବୀନ ସରକାରର ଗୁଣ କୀର୍ତ୍ତନ କରୁଛି। ବିରୋଧୀ ଦଳଗୁଡ଼ିକର କଣ୍ଠରୋଧ କରିବା ପାଇଁ ନବୀନ ସରକାର ୫ ବର୍ଷ ହେଲା ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି। ନିର୍ବାଚନ କରିବା ପାଇଁ ଛାତ୍ର ବିଜେଡି ଏପର୍ଯ୍ୟନ୍ତ ନିଜ ସରକାର ପାଖରେ ଦାବି କଲାଣି କି ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୟାସିର କହିଛନ୍ତି, ଗୋଟିଏ ପଟେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଦେଉଥିବା ବେଳେ ଅନ୍ୟପଟେ ବିଜେଡି ପକ୍ଷରୁ କ୍ୟାମ୍ପସ କମିଟି ଗଠନ କରାଯିବା ଦୁର୍ଭାଗ୍ୟଜନକ। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କୁହାଯାଇଥିଲା କ୍ୟାମ୍ପସ କମିଟିର ଉଦ୍ଦେଶ୍ୟ ହେଉଛି କଲେଜରେ ଶୃଙ୍ଖଳା ରଖିବା, ଦୁର୍ନୀତିକୁ ବିରୋଧ କରିବା, ଅଣଛାତ୍ର ପ୍ରବେଶ ରୋକିବା, ନିଶାମୁକ୍ତ କ୍ୟାମ୍ପସ ଗଠନ କରିବା ଏବଂ ଛାତ୍ରମାନଙ୍କର ସ୍ୱାର୍ଥସାଧନ ପାଇଁ କାମ କରିବା। କିନ୍ତୁ ବିଜୁ ଛାତ୍ର ଜନତା ଦଳର କ୍ୟାମ୍ପସ କମିଟି ବାସ୍ତବ କ୍ଷେତ୍ରରେ ଯେଉଁ କାର୍ଯ୍ୟ କରୁଛି ତାହାକୁ ଓଡ଼ିଶାବାସୀ ଦେଖୁଛନ୍ତି। ଆଜି ବିଜୁ ଛାତ୍ର ଜନତା ଦଳର କ୍ୟାମ୍ପସ କମିଟିର ଦୌରାତ୍ମ୍ୟରେ କଲେଜ ଏବଂ ୟୁନିଭର୍ସିଟିର ଛାତ୍ରୀମାନେ ଅସୁରକ୍ଷିତ। ଏସବୁ କଥା ସହ ରାଜ୍ୟରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି ଯାହା ଛାତ୍ର ବିଜେଡି କାର୍ଯ୍ୟକାରିଣୀରେ ଉଠିଛି ନା ନାହିଁ ବୋଲି ୟାସିର ପ୍ରଶ୍ନ ଉଠାଇଛନ୍ତି। ଯଦି ନ ଉଠିଛି ତେବେ ଏ ରାଜ୍ୟର ଛାତ୍ରମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରିଣୀରେ ଏ ସମ୍ପର୍କରେ ଆଲୋଚନା କରୁ ଏବଂ ଛାତ୍ରସ୍ୱାର୍ଥ ପାଇଁ ରାଜ୍ୟ ସରକାର ଆଗରେ ମୁହଁ ଖୋଲୁ ବୋଲି ସେ କହିଛନ୍ତି।

# ୧୮ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଲାଣି: ଅମିୟ

ଭୁବନେଶ୍ୱର, ୧୪।୭(ସୁନିତ୍ ମିଶ୍ର)

ମୌସୁମୀ ଆସିବାରେ ବିଳମ୍ବ ଓ ସ୍ୱଳ୍ପ ବୃଷ୍ଟି ଯୋଗୁ ରାଜ୍ୟର ୧୮ ଜିଲାର ବିଭିନ୍ନ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଲାଣି। ୧୨ ଜିଲାର ସ୍ଥିତି ଉଦ୍‌ବେଗଜନକ ରହିଛି। ଲକ୍ଷାଧିକ ହେକ୍ଟର ଚାଷଜମି ପଡ଼ିଆ ପଡ଼ିଛି। ଶ୍ରାବଣ ମାସ ଅଧା ହେଲାଣି ଅନେକ ଅଞ୍ଚଳରେ ରୁଆ ବେଉଷଣ ହୋଇପାରିନାହିଁ। ଏଥିନେଇ ଚାଷୀମାନେ ଶଙ୍କାକୁଳ ଅବସ୍ଥାରେ ଅଛନ୍ତି। ସରକାର ଏଥିପ୍ରତି ଯେତିକି ପ୍ରାକ୍ ପ୍ରସ୍ତୁତ ରହିବା କଥା ସେତିକି ରହିନାହାନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ଏବେ ସୁଦ୍ଧା ସରକାର ଚାଷୀଙ୍କୁ ସଅଳ କିସମ ଧାନ ଓ ଅଣଧାନ ବିହନ ନିର୍ଦ୍ଧାରିତ ସମୟରେ ଯୋଗାଇଦେଇ ପାରିନାହାନ୍ତି। ଅଞ୍ଚଳୱାରି ମରୁଡ଼ି ପରିସ୍ଥିତି ସମୀକ୍ଷା କରାଯାଉନାହିଁ। ମରୁଡ଼ି ସାଙ୍ଗକୁ କୃଷି କର୍ମଚାରୀଙ୍କ ମରୁଡ଼ି ଚାଷୀକୁଳକୁ ବ୍ୟଥିତ କରିଛି। କୃଷିକ୍ଷେତ୍ର ଅଧିକାରୀଙ୍କୁ କ୍ଷେତରେ ଦେଖିବାକୁ ମିଳୁନାହିଁ। ଖରିଫ ଚାଷ ପାଇଁ କେନାଲରେ ପାଣି ଛଡ଼ାଯାଉନାହିଁ। ବିଭାଗୀୟ ପଦସ୍ଥ ଅଧିକାରୀମାନେ କେବଳ ଭୁବନେଶ୍ୱରରେ ଶୀତତାପ ନିୟନ୍ତ୍ରଣ କୋଠରିରେ ବସି ସରକାରଙ୍କ ପାଇଁ ପ୍ରଚାର କାର୍ଯ୍ୟ ଚଳାଇଛନ୍ତି ବୋଲି ଅମିୟ କହିଛନ୍ତି।

# ଅଡୁଆ କରିପାରନ୍ତି ଅସନ୍ତୁଷ୍ଟ

## ଗୁଣପୁର ନିର୍ବାଚନ ମଣ୍ଡଳୀ

## ୨୦୨୪ କସରତ

■ କଂଗ୍ରେସରେ ୩ ଆଶାୟୀ, ଭାଜପାରେ ପ୍ରାର୍ଥୀ ସଙ୍କଟ, ବିଜେଡି ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା

ଗୁଣପୁର,୧୪।୭ (ପ୍ରଦୀପ କୁମାର ପାଢ଼ୀ)

୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ରାୟଗଡ଼ା ଜିଲାର ରାଜନୈତିକ ବାତାବରଣ ସେତେ ଉଷ୍ମ ହେବାରେ ଲାଗିଛି। କେଉଁ ଦଳ ଏଥର ବାଜିମାତ୍ କରିବ ସେ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ଆଗାମୀ ସାଧାରଣ ନିର୍ବାଚନରେ ଗୁଣପୁର ନିର୍ବାଚନ ମଣ୍ଡଳୀରେ ଅସନ୍ତୁଷ୍ଟ ଗୋଷ୍ଠୀ ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି ବୋଲି ଆଲୋଚନା ହେଉଛି। ଗତ ନିର୍ବାଚନରେ ବିଜେଡିରୁ ବିଦା ହୋଇଥିବା ଶିବ ପ୍ରସାଦ ଗୌଡ଼ଙ୍କ ଗୋଷ୍ଠୀ ଏବେ ଗୁଣପୁର ରାଜନୀତିରେ ବେଶ ସକ୍ରିୟ ଅଛନ୍ତି । କାରଣ ଗତ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ବିଜେଡିର ତୁଙ୍ଗନେତାଙ୍କ ରଣକୌଶଳ ଏଠାରେ କାମ ଦେଇ ନ ଥିଲା। ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବରିଷ୍ଠ ନେତା ସମସ୍ତେ ଦଳ ପାଇଁ ପ୍ରଚାର କରିଥିଲେ। ହେଲେ ବ୍ଲକର ଦୁଇଟି ଜିଲା ପରିଷଦ ଆସନ କଂଗ୍ରେସ ସପକ୍ଷରେ ଯାଇଥିଲା। ସେହିଭଳି ପୌର ନିର୍ବାଚନରେ ନିଜେ ଉପାଧ୍ୟକ୍ଷ ହେବା ସହ ସ୍ତ୍ରୀଙ୍କୁ ଅଧ୍ୟକ୍ଷା କରାଇବାରେ ଶିବ ସଫଳ ହୋଇଛନ୍ତି । ତେଣୁ ସେ ଆଗାମୀ ନିର୍ବାଚନରେ ବିଜେଡି ପାଇଁ କଣ୍ଟା ସାଜିବା ଏକ ପ୍ରକାର ସ୍ପଷ୍ଟ ବାରି ହୋଇପଡିଛି। ତେବେ ସେ କେଉଁ ଦଳକୁ ଯିବେ ନା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ସ୍ପଷ୍ଟ କହୁ ନ ଥିଲେ ମଧ୍ୟ ବିଜୟର ନିର୍ଣ୍ଣାୟକ ଭୂମିକାରେ ରହିବେ ବୋଲି ଆଲୋଚନା ହେଉଛି।

ଗତ ୨ଥରର ନିର୍ବାଚନରେ ବିଜେଡି ତା'ର ପ୍ରାର୍ଥୀ ପରିବର୍ତ୍ତନ କରିଛି। ୨୦୦୯ ନିର୍ବାଚନରେ ବିଜେଡିର ରାମମୂର୍ତ୍ତି ମୁତ୍ତିକା ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ। ଦଳ କନ୍ଦଳ ଯୋଗୁ ୨୦୧୪ ନିର୍ବାଚରେ ସେ ବାଦ୍ ପଡ଼ିଥିଲେ, ଆଉ ତାଙ୍କ ସ୍ଥାନରେ ତ୍ରିନାଥ ଗମାଙ୍ଗଙ୍କୁ ଦଳ ପ୍ରାର୍ଥୀ କରିଥିଲା। ସେ ମଧ୍ୟ ବିଜୟ ଲାଭ କରିଥିଲେ। ହେଲେ ୨୦୧୯ ବେଳକୁ ତାଙ୍କୁ ବାଦ୍ ଦିଆଯାଇ ରଘୁନାଥ ଗମାଙ୍ଗଙ୍କୁ ବିଧାୟକ ପ୍ରାର୍ଥୀ କରାଯାଇଥିଲା। ଏହାର ପ୍ରତିବାଦରେ ତ୍ରିନାଥ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ହୋଇଥିଲେ। ସେ ୨୬, ୩୨୧ ଖଣ୍ଡ ଭୋଟ ପାଇଥିଲେ। ସେଥିପାଇଁ ତାଙ୍କୁ ଏବଂ ତାଙ୍କ ସମର୍ଥକ ଥିବା ଶିବଙ୍କୁ ଦଳରୁ ବାହାର କରାଯାଇଥିଲା। ଏପରି ରାଜନୈତିକ ଘଟଣାକ୍ରମରେ ସେହି ପରମ୍ପରା ଜାରି ରହୁଛି ନା ରଘୁନାଥଙ୍କୁ ପୁଣି ଥରେ ବିଜେଡି ବିଧାୟକ ପ୍ରାର୍ଥୀ କରୁଛି ତା ଉପରେ ଏବେ ସମସ୍ତଙ୍କ ନଜର। ବିଧାୟକ ରଘୁନାଥଙ୍କର ଜିଲା ସଭାପତିଙ୍କ ସହ ଭଲ ସମ୍ପର୍କ ରହିବା ସହ ବିଭିନ୍ନ ଅଞ୍ଚଳ ଗସ୍ତକରି ସଂଗଠନ କାର୍ଯ୍ୟ କରୁଛନ୍ତି । ଅପରପକ୍ଷେ ତାଙ୍କ ସମ୍ମୁଖରେ ଗୁଣପୁର ଥେରୁବାଲି ରେଳପଥ, ବଂଶଧାରା ନଦୀର



ଉପରମୁଣ୍ଡରେ ପ୍ରକଳ୍ପ ଭଳି ଅନେକ ଆହ୍ୱାନ ରହିଛି।

କଂଗ୍ରେସ ଗତ ଦୁଇଟି ନିର୍ବାଚନରେ ୬ ରୁ ୭ହଜାର ଭୋଟ ବ୍ୟବଧାନରେ ବିଜେଡିଠାରୁ ପରାଜିତ ହୋଇଛି। ସ୍ୱର୍ଗତ ପୁରୁଷୋତ୍ତମ ଗମାଙ୍ଗ ବିଜେଡିକୁ କଡା ଟକ୍କର ଦେଇଥିଲେ, ହେଲେ ତାଙ୍କ ମୃତ୍ୟୁ ପରେ ଦଳରେ କିଏ ପ୍ରାର୍ଥୀ ହେବେ ତାକୁ ନେଇ ଆରମ୍ଭ ହୋଇଛି ଛକାପଞ୍ଝା। ଜିଲା ସଭାପତି ଥିବା ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଗମାଙ୍ଗ ବିଧାୟକ ପାଇଁ ଆଶାୟୀ ଅଛନ୍ତି । ଅନ୍ୟପଟେ ଯୁବ ଚେହେରା ଭାବେ ରାମନାଗୁଡା ବ୍ଲକ ଅଧ୍ୟକ୍ଷ ରବି ଗମାଙ୍ଗ ଦାବିଦାର ଥିବାବେଳେ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ଯୁବ ସଭାପତି ସତ୍ୟଜିତ ଗମାଙ୍ଗ ମଧ୍ୟ ଏହି ଦୌଡ଼ରେ ଥିବା ଶୁଣିବାକୁ ମିଳୁଛି।

ଅନ୍ୟପଟେ ଭାଜପାର ପ୍ରାର୍ଥୀ ସଙ୍କଟ ଲାଗି ରହିଛି। ଦଳର ସ୍ଥିତି ଏଠାରେ ନୈରାଶ୍ୟଜନକ ସ୍ଥିତିରେ ଥିବା ଆଲୋଚନା ହେଉଛି। ୨୦୦୦ରେ ମେଣ୍ଟ ପ୍ରାର୍ଥୀ ହୋଇ ଭାଜପାର ରାମମୂର୍ତ୍ତି ଗମାଙ୍ଗ ଥରେ ବିଜୟୀ ହୋଇଥିଲେ। ସେବେଠାରୁ ଦଳ ଏଠାରେ ବଢ଼ିବା ବଦଳରେ ଭୋଟ ପ୍ରତିଶତ କମିବାରେ ଲାଗିବା ସହ ସଂଗଠନ ଦୁର୍ବଳ ହୋଇପଡିଛି। ବିଗତ ନିର୍ବାଚନରେ ଦଳ ନିଜ ନେତା ତଥା କର୍ମୀଙ୍କ ଅପେକ୍ଷା ବାହାରୁ ଆସୁଥିବା ନେତାମାନଙ୍କ ଉପରେ ଆସ୍ଥା ପ୍ରକଟ କରୁଥିବାବେଳେ ଶେଷ ମୁହୂର୍ତ୍ତରେ ପ୍ରାର୍ଥୀ କରୁଥିବା ନଜିର ରହିଛି। ୨୦୦୯ରେ ଦଳରେ ବହୁ ଦାବିଦାର ଥିଲେ । କିନ୍ତୁ ଶେଷ ମୁହୂର୍ତ୍ତରେ ବିଜେଡି ଛାଡି ଭାଜପାରେ ଯୋଗଦେଇ ଥିବା ଅଶ୍ୱିନୀ ଗମାଙ୍ଗଙ୍କୁ ଦଳ ପ୍ରାର୍ଥୀ କରିଥିଲା। ସେହିଭଳି ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିବା ରାମମୂର୍ତ୍ତି ଗମାଙ୍ଗ ପୁଣି ଥରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପରେ ୨୦୧୪ରେ ଭାଜପା ତାଙ୍କୁ ପ୍ରାର୍ଥୀ କରିଥିଲା। ୨୦୧୯ ନିର୍ବାଚନରେ ଶିଶିର ଗମାଙ୍ଗ ଏବଂ ବିଜେଡିରୁ ଆସି ଭାଜପାରେ ଯୋଗଦେଇ ସଂଗଠନ ଚଳାଇଥିବା ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁତ୍ତିକା ୨ ଜଣ ବିଧାୟକ ପ୍ରାର୍ଥୀ ପାଇଁ ପ୍ରମୁଖ ଦାବିଦାର ଥିଲେ। ହେଲେ ଦଳ ଶିଶିରଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲା। ଏହାର ପ୍ରତିବାଦରେ ରାମମୂର୍ତ୍ତି ବିଦ୍ରୋହୀ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇ ନିର୍ବାଚନ ଲଢି ପରାଜିତ ହୋଇଥିଲେ। ଡ. ଗିରିଧର ଗମାଙ୍ଗ ଏବଂ ଶିଶିର ବର୍ତ୍ତମାନ ବିଆର୍‌ଏସ୍‌ରେ ଯୋଗଦେଇଥିବାବେଳେ ରାମମୂର୍ତ୍ତିଙ୍କ ଦେହାନ୍ତ ହୋଇଛି। ଦଳ ଭିତରେ ଏପରିସ୍ଥିତି ଯୋଗୁ ଆଦିବାସୀ ନେତା ସକ୍ରିୟ ଭୂମିକାରେ ନାହାନ୍ତି । ଦଳ ପାଇଁ ବର୍ଷତମାମ କାର୍ଯ୍ୟ କରୁଥିଲେ ବି ନିର୍ବାଚନ ସମୟରେ ଅନ୍ୟ ଦଳରୁ ଆସୁଥିବା ନେତାଙ୍କୁ ଭାଜପା ପ୍ରାର୍ଥୀ କରୁଥିବାରୁ ରାଜ୍ୟ ନେତୃତ୍ୱ ଉପରେ ସ୍ଥାନୀୟ ନେତାଙ୍କ ବିଶ୍ୱାସ ରହୁନାହିଁ।

ଆଗାମୀ ସାଧାରଣ ନିର୍ବାଚନ ବିଷୟରେ କଂଗ୍ରେସ ଜିଲା ସଭାପତି ବିଜୟ କୁମାର ଗମାଙ୍ଗଙ୍କୁ ପଚାରିବାରୁ, ଜିଲାର ୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଏଥର ନିଶ୍ଚିତ ବିଜୟ ଲାଭ କରିବା ସହ ଏମ୍‌ପି ଆସନ ମଧ୍ୟ ଦଳ ହାତେଇବ ବୋଲି କହିଛନ୍ତି। ଜିଲାରେ କଂଗ୍ରେସର ସ୍ଥିତି ଭଲ ଥିବାରୁ ଆଶାୟୀ ଅଧିକା ରହିବେ । ହେଲେ ଦଳ ପକ୍ଷରୁ ଠିକ୍ ପ୍ରାର୍ଥୀ ଚୟନ କରାଯିବ ବୋଲି ଜିଲା ସଭାପତି ଗମାଙ୍ଗ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେହିପରି ଗୁଣପୁର ନିର୍ବାଚନମଣ୍ଡଳୀରେ ଭାଜପାର ଶକ୍ତି ବୃଦ୍ଧି ଘଟିଛି। ଏଥର ଦଳ ଏଠାରେ ନିଶ୍ଚିତ ବିଜୟ ଲାଭ କରିବ । ଯେଉଁମାନେ ଦଳ ପାଇଁ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ହିଁ ଦଳ ପ୍ରାର୍ଥୀ କରାଯିବ ବୋଲି ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଏବଂ ସ୍ୱଚ୍ଛ ଶାସନର ବାର୍ତ୍ତା ନେଇ ଆମେ ଲୋକଙ୍କ ନିକଟକୁ ଯାଉଛୁ, ସମସ୍ୟା ବୁଝି ତାର ସମାଧାନ କରୁଛୁ। ଦଳ କାହାକୁ ପ୍ରାର୍ଥୀ କରବ ତାହା ହାଇକମାଣ୍ଡଙ୍କ ନିଷ୍ପତ୍ତି। ଦଳର ସଭାପତି ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ ଶୃଙ୍ଖଳିତ କର୍ମୀ ହିସାବରେ କାର୍ଯ୍ୟ କରିବେ ବୋଲି ବିଧାୟକ ରଘୁନାଥ ଗମାଙ୍ଗ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

GANG ONE SECURITY
ଆବଶ୍ୟକ କରୁଛି ୧୦୦ ଜଣ ସୁରକ୍ଷା କର୍ମୀ, ୨ ଜଣ ସୁପରଭାଇଜର, ୧ ଜଣ ମାର୍କେଟିଙ୍ଗ ମ୍ୟାନେଜର । ରହିବା ଖାଇବା ସୁବିଧା ଅଛି ।
ଦରମା-୫,୦୦୦ ରୁ ୧୫,୦୦୦
ଯୋଗାଯୋଗ-
ନୟାଚୌକ,ମଧୁପାଟଣା, କଟକ
7540970968,9124010568

REQUIRED
LADY OFFICE EXECUTIVE
FOR AN OFFICE
AT CUTTACK AREA
FREE ACCOMMODATION
FREE RICH FOOD+ 15000
7809525452

WANTED
ଭୁବନେଶ୍ୱରର Factory ପାଇଁ କମର୍ସିଆଲ ଯାନ (Pickup) ଡ୍ରାଇଭର (Salary 9000/- ରୁ 14000/-), ରିଟେଲ ମାର୍କେଟିଂ ବିକ୍ରୟପାଇଁ ବିଟ୍ ବଏ- 1No.(Salary 8000/- ରୁ 15000/-), ଉତ୍ପାଦନ ୟୁନିଟ୍ ପାଇଁ ପ୍ଲାଣ୍ଟ ଷ୍ଟାଫ (ITI or +2 or Graduate can apply) (Salary 8000/- ରୁ 26000/-), ଏକ୍ଷ୍ଟ୍ରା ଫୁଡିଂ ପ୍ଲସ ଆକାଉମୋଡେସନ୍ AC Room & Ac hall) ଯୋଗାଯୋଗ: ୭୦୦୮୯୯୧୦୮୯, ୯୩୩୭୭୭୪୩୬୪

See Career Appointment on every Wednesday & Saturday

नालको NALCO
National Aluminium Company Limited
(A Government of India Enterprise)
NALCO Bhawan, Plot No-P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY
NEEDS
SECURITY CONSULTANT
Advt. No. 10230101 Date: 07/07/2023
Navratna CPSE National Aluminium Company Limited (NALCO) requires an outstanding and dynamic Security Consultant with proven track record, to be located and take care of all security related activities of Company's Mines & Refinery Complex, Damanjodi in Koraput District of Odisha. Interested candidates may visit the Career Section of Company's website at www.nalcoindia.com for details.

WALK IN INTERVIEWS
JOIN OUR TEAM
ankura hospital for women & children
9M
India's fastest growing hospital for Women & Children is now recruiting for its upcoming Bhubaneswar center
15th & 16th July | 10am to 5pm
Nursing
Pharmacy, Operations, Quality, OT-Tech, Lab-Tech, HR, Marketing, MOD
(Kindly carry updated CV & Registration Certificate)
Address: Ankura Hospital for Women & Children
Janpath Rd, near Sishu Bhawan Square, Bapuji Nagar, Bhubaneswar, Odisha
9121053131 | job@ankurahospital.com
Scan for Location
Hyderabad | Pune | Vijayawada | Tirupati | Khammam

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁଲାଇ ୧୫/୨୦୨୩ Bhubaneswar, Saturday, July 15/ 2023

# ୪୨୧/୫ରେ ଭାରତର ଇନିଂସ ଘୋଷଣା

ରୋସେଉ (ଡୋମିନିକା), ୧୪।୭

ଯଶସ୍ୱୀ ଜୟସ୍ୱାଲ ଓ ଅଧିନାୟକ ରୋହିତ ଶର୍ମାଙ୍କ ଶତକପରେ ବିରାଟ କୋହଲିଙ୍କ ଅର୍ଦ୍ଧଶତକୀୟ ଇନିଂସ ପରେ ଭାରତ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଏହାର ପ୍ରଥମ ଇନିଂସକୁ ୪୨୧/୫ରେ ଘୋଷଣା କରିଛି। ଫଳରେ ଭ୍ରମଣକାରୀ ଦଳ ୨୭୧ ରନରେ ଅଗ୍ରଣୀଲାଭ କରିଛି। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୧୫୦ ରନ କରିଥିଲା।

## ଜୟସ୍ୱାଲ-କୋହଲିଙ୍କ ଶତକୀୟ ଭାଗୀଦାର

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୩୧୨/୨ରୁ ଖେଳ ଆରମ୍ଭ କରିଥିବା ଭାରତ ଜୟସ୍ୱାଲ ଓ କୋହଲଙ୍କ ମାଧ୍ୟମରେ ଭଲ ଆରମ୍ଭ କରିଥିଲା। ଦୁଇ ଖେଳାଳି ଶତକୀୟ ଭାଗୀଦାରି ଗଢ଼ି ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ।



ଶଟ୍ ଖେଳିବା ଅବସରରେ ବିରାଟ କୋହଲି ଓ ଯଶସ୍ୱୀ ଜୟସ୍ୱାଲ।

### ଟେଷ୍ଟ ପଦାର୍ପଣରେ ଓପନରଙ୍କ ସର୍ବାଧିକ ସ୍କୋର

୨୦୧*: ବ୍ରେଣ୍ଡନ କୁରୁପ୍ପୁ (ଶ୍ରୀଲଙ୍କା) ବନାମ ନ୍ୟୁଜିଲାଣ୍ଡ, କଲମ୍ବୋ, ୧୯୮୭
୨୦୦: ଡେଭନ କନୱେ (ନ୍ୟୁଜିଲାଣ୍ଡ), ବନାମ ଇଂଲଣ୍ଡ, ଲର୍ଡ୍ସ, ୨୦୨୧
୧୮୭: ଶିଖର ଧାୱନ (ଭାରତ), ବନାମ ଅଷ୍ଟ୍ରେଲିଆ, ମୋହାଲି, ୨୦୧୩
୧୭୧: ହାମିଶ୍ ରୁଥରଫୋର୍ଡ (ନ୍ୟୁଜିଲାଣ୍ଡ), ବନାମ ଇଂଲଣ୍ଡ, ଡୁନେଡିନ୍, ୨୦୧୩
୧୭୧: ଯଶସ୍ୱୀ ଜୟସ୍ୱାଲ (ଭାରତ), ବନାମ ୱେଷ୍ଟଇଣ୍ଡିଜ, ରୋସେଉ, ୨୦୨୩

ତୃତୀୟ ଉଇକେଟ ଯୋଡ଼ିରେ ୨୮୩ ବଲ୍‌ରୁ ୧୧୦ ରନ ସଂଗୃହୀତ ହେବାପରେ ଜୟସ୍ୱାଲଙ୍କୁ ଆଉଟ କରି ୱେଷ୍ଟଇଣ୍ଡିଜକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ଆଲଜାରି ଜୋସେଫ। ଜୋସେଫଙ୍କ ଶର୍ଟ୍ ଅଫ୍ ଲେନ୍ଥ ବଲ୍‌କୁ ମାରିବାକୁ ଯାଇ ଉଇକେଟ କିପର ଜୋଶୁଆ ଡା'ସିଲ୍‌ଭାଙ୍କୁ କ୍ୟାଚ ଦେଇଥିଲେ ଜୟସ୍ୱାଲ। ସେ ୩୮୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୭୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ନିଜ ଇନିଂସ ମଧ୍ୟରେ ସେ ୧୬ ଚୌକା ଓ ୧ ଛକା ମାରିଥିଲେ। ଟେଷ୍ଟ ପଦାର୍ପଣରେ ଜଣେ ଓପନରଭାବେ ସର୍ବାଧିକ ସ୍କୋର କରିବାରେ ସେ ୫ମ ସ୍ଥାନରେ ରହିଥିଲେ। ଜୀବନର ପ୍ରଥମ ଟେଷ୍ଟରେ ସର୍ବାଧିକ ସ୍କୋର କରିବାରେ ସେ କିନ୍ତୁ ତୃତୀୟ ଭାରତୀୟ ହୋଇଥିଲେ। ୨୦୧୩ରେ ଶିଖର ଧାୱନ ମୋହାଲିରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୮୭ ରନକରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସେହିବର୍ଷ ରୋହିତ ଶର୍ମା କୋଲକାତାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୭୭ ରନ ସ୍କୋର କରିଥିଲେ। ଭଲ ଆରମ୍ଭ କରି ଅର୍ଦ୍ଧଶତକ ହାସଲ କରିଥିବା କୋହଲି ୭୬ ରନ କରିଥିବାବେଳେ ସ୍ପିନର ରାକିମ କର୍ନୱାଲଙ୍କ ବଲ୍‌କୁ ଖେଳିବାକୁ ଯାଇ ଲେଗ୍ ସ୍ଲିପ୍‌ରେ କ୍ୟାଚ ଦେଇଥିଲେ। ଲେଗ୍ ସ୍ଲିପ୍‌ରେ ଆଲିକ୍ ଅଥାନାଜେ ଥିଲେ ବୋଲି ସମ୍ଭବତଃ କୋହିଲ ଭୁଲି ଯାଇଥିଲେ। ରବୀନ୍ଦ୍ର ଜାଡେଜା ୩୭ ଓ ଇଶାନ କିଶନ ୧ ରନକରି ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କେମର ରୋଚ୍, ଆଲଜାରି ଜୋସେଫ, ଜୋମେଲ ୱାରିକାନ, ରାକିମ କର୍ନୱାଲ ଓ ଆଲିକ ଅଥାନାଜେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୫୦। ଭାରତ ପ୍ରଥମ ଇନିଂସ : ୪୨୧/୫/ଘୋଷଣା (ଯଶସ୍ୱୀ ଜୟସ୍ୱାଲ-୧୭୧, ରୋହିତ ଶର୍ମା-୧୦୩, ବିରାଟ କୋହଲି-୭୬, ରବୀନ୍ଦ୍ର ଜାଡେଜା-୩୭*, କେମର ରୋଚ୍-୧/୪୧, ଆଲଜାରି ଜୋସେଫ-୧/୭୮, ଜୋମେଲ ୱାରିକାନ-୧/୧୦୬, ଆଲିକ ଅଥାନାଜେ-୧/୫୩, ରାକିମ କର୍ନୱାଲ-୧/୩୨)।

### ଟେଷ୍ଟ ପଦାର୍ପଣରେ ୧୫୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିବା କନିଷ୍ଠ ଖେଳାଳି

୧୯ ବର୍ଷ ୧୧୯ ଦିନ: ଜାଭେଦ ମିଆଁଦାଦ (ପାକିସ୍ତାନ) ବନାମ ନ୍ୟୁଜିଲାଣ୍ଡ, ଲାହୋର, ୧୯୭୬
୧୯ ବର୍ଷ ୧୪୯ ଦିନ: ଆର୍ଚି ଜ୍ୟାକସନ (ଅଷ୍ଟ୍ରେଲିଆ), ବନାମ ଇଂଲଣ୍ଡ, ଆଡିଲେଡ, ୧୯୨୯
୧୯ ବର୍ଷ ୩୫୪ ଦିନ: ଡଗ୍ ୱାଲ୍ଟର୍ସ (ଅଷ୍ଟ୍ରେଲିଆ), ବନାମ ଇଂଲଣ୍ଡ, ବ୍ରିସବେନ, ୧୯୬୫
୨୦ ବର୍ଷ ୨୨୬ ଦିନ: ଜର୍ଜ ହେଡ୍‌ଲି (ୱେଷ୍ଟଇଣ୍ଡିଜ), ବନାମ ଇଂଲଣ୍ଡ, ବ୍ରିଜଟାଉନ୍, ୧୯୩୦
୨୧ ବର୍ଷ ୧୯୬ ଦିନ: ଯଶସ୍ୱୀ ଜୟସ୍ୱାଲ (ଭାରତ), ବନାମ ୱେଷ୍ଟଇଣ୍ଡିଜ, ରୋସେଉ, ୨୦୨୩
(ସମ୍ପୃକ୍ତ ଟେଷ୍ଟ ଆରମ୍ଭ ସମୟରେ ଖେଳାଳିଙ୍କ ବୟସ)

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ**

# ହୃଦାନନ୍ଦଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୧୪।୭
(ତପନ ସ୍ୱାଇଁ)

ଉତ୍ତର ପ୍ରଦେଶର ଗ୍ରେଟର ନଏଡାଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଶୁକ୍ରବାର ଓଡ଼ିଶାକୁ ଆଉ ଏକ ସ୍ୱର୍ଣ୍ଣ ପଦକ ମିଳିଛି। ଭାରୋତ୍ତୋଳନ ଏସ୍‌ପିସି ଢେଙ୍କାନାଳ ସବ୍‌ସେଣ୍ଟରର ହୃଦାନନ୍ଦ ଦାସ ୭୩ କେଜି ୟୁଥ୍ ବର୍ଗରେ ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୧୦ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୪୦ ଏହିପରି ମୋଟ ୨୫୦ କେଜି ଉତ୍ତୋଳନ କରି ନିଜ ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ଓଡ଼ିଶା ଭାରୋତ୍ତୋଳନ ଏସ୍‌ପିସି ଆଥ୍‌ଲେଟ ଜ୍ୟୋତ୍ସ୍ନା ଶବର ଓ ମୀନା ଶାନ୍ତା ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଝିଲି ଦଳବେହେରା ରୌପ୍ୟ ପଦକ ହାସଲ କରିଥିଲେ। ଏହି ପ୍ରତିଯୋଗିତା ୧୬ ତାରିଖରେ ଉଦ୍‌ଯାପିତ ହେବ।


ପଦକ ସହ ହୃଦାନନ୍ଦ ଦାସ।

# ରାଧାରମଣ, ୟଙ୍ଗ୍ ଉତ୍କଳ ବିଜୟୀ

**ଫାଓ ଲିଗ୍**

ଭୁବନେଶ୍ୱର, ୧୪।୭
(ବିଜୟ ରଣା)

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଲିଗ୍‌ରେ ଶୁକ୍ରବାର କଟକ ସ୍ଥିତ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଦୁଇଟି ମ୍ୟାଚରେ ରାଧାରମଣ କ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ବିଜୟ ଲାଭ କରିଛନ୍ତି। ରାଧାରମଣ କ୍ଲବ ୫-୧ ଗୋଲ୍‌ରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ବିଜୟ ଦଳ ପକ୍ଷରୁ ଫଗୁ ହେମ୍ବ୍ରମ (୩୬ତମ ଓ ୮୬ତମ ମିନିଟ୍) ଏବଂ ପପୁ ମାଝି (୯୦+୧ ଓ ୯୦+୩) ଦୁଇଟି ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ସୌରଭ ରଞ୍ଜନ ହନୁମାନ (୩୦ତମ) ଗୋଟିଏ ଗୋଲ ଦେଇଥିଲେ। ଓଡ଼ିଶା ପୋଲିସ ପକ୍ଷରୁ ଏକମାତ୍ର ଗୋଲ୍ ଆନନ୍ଦ ସୋରେଙ୍ଗ ଖେଳ ଆରମ୍ଭର ୩ୟ ମିନିଟ୍‌ରେ ଦେଇଥିଲେ। ଅନ୍ୟ ମ୍ୟାଚଟିରେ ୟଙ୍ଗ ଉତ୍କଳ ୨-୧ ଗୋଲ୍‌ରେ ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରିଛି। ଏଥିରେ ଦୀନବନ୍ଧୁ ଦାସ ୩୩ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ୟଙ୍ଗ୍ ଉତ୍କଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପରେ ରାଇଜିଂ ଷ୍ଟୁଡେଣ୍ଟର ରାକେଶ ଓରାମ (୪୫+୨ତମ) ଏକ ଗୋଲ ଦେଇ ମ୍ୟାଚକୁ ୧-୧ସ୍ତରକୁ ନେଇ ଆସିଥିଲେ। ମାତ୍ର ମ୍ୟାଚର ଶେଷ ଭାଗରେ ଆର୍ତ୍ତତ୍ରାଣ ସାମଲ (୮୪ତମ)ଙ୍କ ଗୋଲ୍ ୟଙ୍ଗ ଉତ୍କଳ କ୍ଲବକୁ ବିଜୟୀ କରିଥିଲା।


ଓଡ଼ିଶା ପୋଲିସ-ରାଧାରମଣ କ୍ଲବ୍ ମ୍ୟାଚ୍।




# କ୍ୱିଆଟ୍‌କୋସ୍କି ଜିତିଲେ ୧୩ତମ ଷ୍ଟେଜ୍

କୁଲୋଜ (ଫ୍ରାନ୍ସ), ୧୪।୭

ପୋଲାଣ୍ଡର ମାଇକେଲ କ୍ୱିଆଟ୍‌କୋସ୍କି ଚଳିତ ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ୧୩ତମ ଷ୍ଟେଜ ଜିତିଛନ୍ତି। ତାଙ୍କୁ ୩ ଘଣ୍ଟା ୧୭ ମିନିଟ ୩୩ ସେକେଣ୍ଡ ସମୟ ଲାଗିଥିଲା। ଶୁକ୍ରବାର ଚାଟିଲନ ସୁର୍ ଚାଲାରୋନ୍‌ଠାରୁ କୋଲ୍ ଡୁ ଗ୍ରାଣ୍ଡ କଲମ୍ବିଅର ପର୍ଯ୍ୟନ୍ତ ୧୩୮ କିଲୋମିଟର ବିଶିଷ୍ଟ ଏହି ରେସ୍ ପରେ ଡେନ୍‌ମାର୍କର ଜୋନାସ ଭିଙ୍ଗେଗାର୍ଡ ଓଭର ଅଲ୍ ଲିଡର ଭାବେ ୟେଲୋ ଜର୍ସି ବଜାୟ ରଖିଛନ୍ତି। ରେସ୍‌ରେ ବେଲଜିୟମର ମାକ୍ସିମ ଭାନ୍ ଗିଲ୍ସ ୪୭ ସେକେଣ୍ଡ ପଛରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ସ୍ଲୋଭେନିଆର ଟାଡେଜ ପୋଗାକାର ୫୪ ସେକେଣ୍ଡ ପଛରେ ତୃତୀୟ ସ୍ଥାନରେ ରହିଥିଲେ। ରେସ୍‌ର ଟପ୍ ୧୦ରେ ବ୍ରିଟେନର ୪ଜଣ ରହିଛନ୍ତି। ସେମାନେ ହେଲେ ଟମ୍ ପିଡ୍‌କକ୍ (୫ମ), ଜେମ୍ସ ଶ' (୭ମ), ସିମନ ୟେଟ୍ସ (୯ମ) ଓ ଆଡାମ ୟେଟ୍ସ (୧୦ମ)। ଓଭର ଅଲ୍ ଅଗ୍ରଣୀ ତାଲିକାରେ ଭିଙ୍ଗେଗାର୍ଡଙ୍କ ପଛକୁ ପଛ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଟାଡେଜ ପୋଗାକାର ଓ ଅଷ୍ଟ୍ରେଲିଆର ଜୟ ହିଣ୍ଡ୍‌ଲି ରହିଛନ୍ତି।

# ମହିଳା ଇଭେଣ୍ଟରେ ଟ୍ରାନ୍ସଜେଣ୍ଡରଙ୍କୁ ବାରଣ

**ବିଶ୍ୱ ସାଇକ୍ଲିଂ ପରିଚାଳନା ପରିଷଦର ନିଷ୍ପତ୍ତି**

ଏଗ୍ଲେ (ସୁଇଜରଲାଣ୍ଡ), ୧୪।୭ (ଏପି)

ଏଣିକି ପୁରୁଷରୁ ମହିଳା ହୋଇଥିବା ଟ୍ରାନ୍ସଜେଣ୍ଡର ଆଥଲେଟମାନେ ମହିଳା ସୋଇକ୍ଲିଂ ରେସ୍‌ଗୁଡ଼ିକରେ ଅଂଶଗ୍ରହଣ କରିପାରିବେ ନାହିଁ। ବିଶ୍ୱ ସାଇକ୍ଲିଂ ପରିଚାଳନା ପରିଷଦ (ୟୁସିଆଇ) ପକ୍ଷରୁ ଶୁକ୍ରବାର ସୂଚାଇ ଦିଆଯାଇଛି। ଚଳିତ ବର୍ଷ ପ୍ରାରମ୍ଭରେ ଆମେରିକାର ଅଷ୍ଟିନ କିଲିପ୍ସ ପ୍ରଥମ ମହିଳା ଟ୍ରାନ୍ସଜେଣ୍ଡର ଭାବେ ନାମକ ଜଣେ ଏକ ଅଫିସିଆଲ ସୁଇକ୍ଲିଂ ଇଭେଣ୍ଟ ଜିତିବାପରେ ଏହି ନିଷ୍ପତ୍ତି ନିଆଯାଇଛି। ନୂଆ ନିୟମ ସୋମବାରଠାରୁ କାର୍ଯ୍ୟକାରୀ ହେବ। କିଲିପ୍ସ ଟୁର୍ ଅଫ୍ ଗିଲାର ୫ମ ଷ୍ଟେଜ ଜିତିଥିଲେ। ତାଙ୍କ ବିଜୟକୁ ନେଇ କିଛି ସାଇକ୍ଲିଂ ପ୍ରେମୀ ଓ ପୂର୍ବତନ ରେସ୍‌ର ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରିଥିଲା। ସୂଚନାଯୋଗ୍ୟ, ଗତବର୍ଷ ୟୁସିଆଇ ତରଫରୁ ଟ୍ରାନ୍ସଜେଣ୍ଡରମାନଙ୍କୁ ରେସ୍‌ରେ ସୁଯୋଗ ଦେବା ପରିପ୍ରେକ୍ଷୀରେ ଏକ ନିୟମ କରିଥିଲେ। କୌଣସି ଟ୍ରାନ୍ସଜେଣ୍ଡର ମହିଳା ଇଭେଣ୍ଟରେ ଭାଗ ନେବାକୁ ଚାହୁଁଥିଲେ, ପ୍ରତିଯୋଗିତାର ଅତିକମ୍‌ରେ ୨୪ ମାସ ପୂର୍ବରୁ ଶରୀରରେ ତାଙ୍କ ଟେଷ୍ଟୋଷ୍ଟେରନର ସ୍ତର ୨.୫ରୁ କମ୍ ରହିବା ଆବଶ୍ୟକ। ଏଥିପାଇଁ ଜେଣ୍ଡର ହରମୋନ ଥେରାପିର ସହାୟତା ନିଆଯାଇ ପାରେ। ମାତ୍ର ପରବର୍ତ୍ତୀ ସମୟରେ ଏହା ବୃଦ୍ଧି ନ ପାଇବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ଜଣାପଡ଼ିବା ପରେ ୟୁସିଆଇ ତରଫରୁ ଏହି ନିଷ୍ପତ୍ତି ନିଆଯାଇଛି।


୭ ଉଇକେଟ ନେବା ପରେ ବଲ୍ ପ୍ରଦର୍ଶନ କରୁଛନ୍ତି ବିଦ୍ୱାଥ କଭେରପ୍ପା।

# ଦକ୍ଷିଣାଞ୍ଚଳ ୨୪୮ ରନରେ ଅଗ୍ରଣୀ

**ଦୁଲିପ ଟ୍ରଫି**

ବେଙ୍ଗାଲୁରୁ, ୧୪।୭

ଏଠାରେ ଚାଲିଥିବା ଦୁଲିପ ଟ୍ରଫି କ୍ରିକେଟ ଫାଇନାଲ ନାଟକୀୟ ମୋଡ଼ ନେବାରେ ଲାଗିଛି। ପଶ୍ଚିମାଞ୍ଚଳ ପ୍ରଥମ ଇନିଂସକୁ ୧୪୬ ରନରେ ସୀମିତ ରଖିବା ପରେ ଦକ୍ଷିଣାଞ୍ଚଳ ଶୁକ୍ରବାର ତୃତୀୟ ଦିବସ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୧୮୧ ରନ ମଧ୍ୟରେ ୭ ଉଇକେଟ ହରାଇଛି। ଫଳରେ ୩ ଉଇକେଟ ସୁରକ୍ଷିତ ଥାଇ ଏହି ଦଳ ମୋଟ ୨୪୮ ରନରେ ଅଗ୍ରଣୀଲାଭ କରିଛି। ଖେଳ ଆହୁରି ୨ ଦିନ ଥିବାରୁ ମ୍ୟାଚରୁ ଫଳାଫଳ ମିଳିବା ନିଶ୍ଚିତ ହୋଇଛି। ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୨୧୩ ରନ କରିଥିଲା।

## କଭେରପ୍ପାଙ୍କୁ ୭ ଉଇକେଟ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୨୯/୭ରୁ ଖେଳ ଆରମ୍ଭ କରିଥିବା ପଶ୍ଚିମାଞ୍ଚଳ ତୃତୀୟ ଦିବସରେ ଆଉ ୧୭ ରନ ଯୋଗକରି ଅବଶିଷ୍ଟ ୩ଟି ଉଇକେଟ ହରାଇଥିଲା। ୩ଟି ଯାକ ଉଇକେଟ ନେଇଥିଲେ ଦକ୍ଷିଣାଞ୍ଚଳର ଡାହାଣହାତୀ ମଧ୍ୟମଗତି ବୋଲର ବିଦ୍ୱାଥ କଭେରପ୍ପା। ଫଳରେ ଏହି ଇନିଂସରେ ତାଙ୍କ ବୋଲିଂ ଫିଗର ୧୯-୫-୫୩-୭ ହୋଇଯାଇଥିଲା। ବିଜୟ କୁମାର ବ୍ୟଶକ ୨ଟି ଓ ବାସୁକି କୌଶିକ ଗୋଟିଏ ଉଇକେଟ ନେଇଥିଲେ। ପଶ୍ଚିମାଞ୍ଚଳ ପକ୍ଷରୁ ପୃଥ୍ୱୀ ଶ' ସର୍ବାଧିକ ୬୫ ରନ କରିଥିଲେ। ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣାଞ୍ଚଳ ମାତ୍ର ୮ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ତେବେ ଅଧିନାୟକ ହନୁମା ବିହାରୀଙ୍କ ୪୨, ରିକି ଭୁଇଙ୍କ ୩୭, ମୟଙ୍କ ଅଗ୍ରୱାଲଙ୍କ ୩୫ ଓ ସଚିବ ବାବିଙ୍କ ୨୮ ରନର ଉପଯୋଗୀ ଅବଦାନ ବଳରେ ଦଳର ଇନିଂସରେ ସୁଧାର ଆସିଥିଲା। ଷ୍ଟମ୍ପ ଅପସାରଣ ବେଳକୁ ୱାଶିଂଟନ ସୁନ୍ଦର ୧୦ ଓ ବିଜୟ କୁମାର ବ୍ୟଶକ ୧ ରନରେ ଅପରାଜିତ ଥିଲେ। ପଶ୍ଚିମାଞ୍ଚଳ ବୋଲରଙ୍କ ମଧ୍ୟରେ ଅର୍ଜନ ନାଗ୍ୱାସ୍ୱାଲା, ଅତୀତ ସେଠ୍ ଓ ଧର୍ମେନ୍ଦ୍ରସିନ୍ ଜାଡେଜା ୨ଟି ଲେଖାଏ ଏବଂ ଚିନ୍ତନ ଗାଜାଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ: ୨୧୩। ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୧୪୬/ଅଲ୍‌ଆଉଟ (ପୃଥ୍ୱୀ ଶ'-୬୫, ବିଦ୍ୱାଥ କଭେରପ୍ପା-୭/୫୩, ବିଜୟ କୁମାର ବ୍ୟଶକ-୨/୩୩, ବାସୁକି କୌଶିକ-୧/୨୬)। ଦକ୍ଷିଣାଞ୍ଚଳ ଦ୍ୱିତୀୟ ଇନିଂସ: ୧୮୧/୭ (ହନୁମା ବିହାରୀ-୪୨, ରିକି ଭୁଇ-୩୭, ମୟଙ୍କ ଅଗ୍ରୱାଲ-୩୫, ଅର୍ଜନ ନାଗ୍ୱାସ୍ୱାଲା-୨/୫୨, ଅତୀତ ସେଠ୍-୨/୩୮, ଧର୍ମେନ୍ଦ୍ରସିନ୍ ଜାଡେଜା-୨/୩୭, ଚିନ୍ତନ ଗାଜା-୧/୪୦)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ